ISSN 2583-9543
VOL. NO. 02, ISSUE NO. 02

REFEREED PEER-REVIEWED JOURNAL

# ବାଗୀଶ

BAGEESHA ● ମାର୍ଚ୍ଚ - ଅପ୍ରେଲ ୨୦୨୪



BAGEESHA
# ବାଗୀଶ
ସମାଲୋଚନାଧର୍ମୀ ପତ୍ରିକା
Refereed Peer-Reviewed Journal
ISSN 2583-9543 (ONLINE)

■

ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
ମାର୍ଚ୍ଚ - ଅପ୍ରେଲ୍ ୨୦୨୪

Volume No. 02
Issue No. 02
March - April 2024

■

ଯୋଗାଯୋଗ
ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍,
ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼

E-mail :
bageesha.magazine@gmail.com
Phone No. 9337166172
Visit Us : www.bageesha.in

॥ ଓମ୍ ଗଣନାଥାୟ ନମଃ ॥

---

ପ୍ରତିଷ୍ଠାତା-ସଂପାଦକ
**ବିକେଶ ସାହୁ**

---

Founder & Editor
**Bikesh Sahu**

Edited and Published
By
**Bikesh Sahu**
At - Bhuslad, Po - Dedhagaon,
P.S - Sindhekela
Dist - Balangir - 767035

## BOARD OF PEERS

**Prof. Dash Benhur**
Retired Principal,
S.C.S (Autonomous) College,
Puri

**Prof. B.N Pattnaik**
Retired Prof. of English &
Linguistics,
IIT, Kanpur, India

**Prof. Satya P. Mohanty**
Prof., Department of
English Cornell University,
United States

**Dr. Satyapriya Mahalik**
Principal,
Jamshedpur Workers' College
Jamshedpur, Jharkhand

**Dr. Gopinath Bag**
Asst. Professor, Dept. of Odia
Samabalpur University,
Jyoti Vihar, Burla

**Dr. Bijayalaxmi Dash**
Asst. Professor, Dept. of Odia
Revenshaw University,
Cuttack

**Dr. Rabindra Kumar Das**
Asst. Professor, Dept. of Odia
Visva Bharati University,
Shantiniketan


## ABOUT US

- 'Bageesha' is a bi-monthly research and discussion ISSN recognized refereed peer-reviewed journal.
- The special research section of 'Bageesha' publishes research discussions on Literature, Society, Culture, Art, History, Anthropology, Philosophy, Science, etc.
- 'Bageesha' has been successful in recent years with a unique approach to make the youth research minded and has also prepared a new framework for the future.
- 'Bageesha' is rich in the following directed sections:

  Essay and Discussion Section: You can submit any basic essay and discussion for this section.
  New Book: For this section, a copy of a recently published book should be sent to our address by the author or publisher. A short informative summary of the received book will be presented in the journal. For this section we have reserved one page of the magazine for each book.
  'Bageesha' Barenya: An interview with a senior critic is published by the editorial team in each issue.

Note: Text must be typed in Odia Unicode. Author's name, full address, e-mail, brief introduction of the author (within 4-5 lines), summary of the article (within 7-8 lines), full text MS-Word File (within 12 characters and 10 pages) etc. through our website. To be _sent.

Visit our website www.bageesha.in for details on sending articles and books.

## ସମୀକ୍ଷକ ମଣ୍ଡଳୀ

**ପ୍ରଫେସର ଦାଶ ବେନହୁର**
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସାମନ୍ତ ଚନ୍ଦ୍ର ଶେଖର (ସ୍ୱ.ଶା) ମହାବିଦ୍ୟାଳୟ,
ପୁରୀ

**ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର, ଇଂରାଜୀ ଓ ଭାଷା
ବିଜ୍ଞାନ ବିଭାଗ, ଆଇ.ଆଇ.ଟି,
କାନପୁର

**ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି**
ପ୍ରଫେସର, ଇଂରାଜୀ ସାହିତ୍ୟ ବିଭାଗ,
କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ,
ଆମେରିକା

**ଡ. ସତ୍ୟପ୍ରିୟ ମହାଲିକ**
ଅଧ୍ୟକ୍ଷ,
ଜାମସେଦପୁର ୱାର୍କର୍ସ ମହାବିଦ୍ୟାଳୟ,
ଜାମସେଦପୁର, ଝାଡ଼ଖଣ୍ଡ

**ଡ. ଗୋପୀନାଥ ବାଗ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ବୁର୍ଲା

**ଡ. ବିଜୟଲକ୍ଷ୍ମୀ ଦାଶ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ,
କଟକ

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,
ଶାନ୍ତିନିକେତନ


## ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ISSN ସ୍ୱୀକୃତ ରେଫରିଡ୍ ପିଅର ରିଭିଉଡ୍ ଜର୍ଣ୍ଣାଲ (Refereed Peer-Reviewed Jornal)।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

  **ପ୍ରବନ୍ଧ ଓ ଆଲୋଚନା ବିଭାଗ** : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ।

  **ନୂଆ ବହି** : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

  **'ବାଗୀଶ' ବରେଣ୍ୟ** : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

**ଦ୍ରଷ୍ଟବ୍ୟ** : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡ଼ିଟିପି ହୋଇଥିବା ଆବଶ୍ୟକ। ଲେଖକ ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ ( ୪-୫ ଧାଡ଼ି ଭିତରେ), ଲେଖାର ସାରାଂଶ ( ୭-୮ ଧାଡ଼ି ଭିତରେ ), ସଂପୂର୍ଣ୍ଣ ଲେଖା MS-Word File( ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ ) ଆଦି ଆମକୁ ୱେବସାଇଟ୍ ମାଧ୍ୟମରେ ପଠାଇବାକୁ ହେବ।

ଲେଖା ଓ ବହି ପଠେଇବା ନିମନ୍ତେ ସବିଶେଷ ବିବରଣୀ ପାଇଁ ଆମ ୱେବସାଇଟ୍ www.bageesha.in ପରିଦର୍ଶନ କରନ୍ତୁ।

## ସଂପାଦନା ମଣ୍ଡଳୀ

EDITORIAL BOARD

ସହ-ସଂପାଦକ

**କନକ ବର୍ଦ୍ଧନ ସାହୁ**

କାର୍ଯ୍ୟନିର୍ବାହୀ ସଂପାଦକ

**ରିତମ୍ ମିଶ୍ର**

**ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା**

**ଡ. ବିଦ୍ୟୁଲତା ଷଣ୍ଢ**

ଓଡ଼ିଆ ଅଧ୍ୟାପିକା, ନୟାଗଡ଼(ସ୍ୱ.ଶା) ମହାବିଦ୍ୟାଳୟ, ନୟାଗଡ଼

**ଡ. ସୁଜାତା ସାହାଣୀ**

ଓଡ଼ିଆ ଅଧ୍ୟାପିକା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

**ତୃପ୍ତିମୟୀ ଭୋଇ**

ଓଡ଼ିଆ ଅଧ୍ୟାପିକା, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଜଗତସିଂହପୁର

**ସଙ୍ଘମିତ୍ରା ଦାସ**

ଓଡ଼ିଆ ଅଧ୍ୟାପିକା, ଚୌଦ୍ୱାର ମହାବିଦ୍ୟାଳୟ, ଚୌଦ୍ୱାର, କଟକ

**ସୁବାସ ଚନ୍ଦ୍ର ଭୋଇ**

ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, କଲିକତା

**ପ୍ରଭାସ ଚନ୍ଦ୍ର ଟୋଲଟିଆ**

ଗବେଷକ, ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା


# ଆପଣଙ୍କ ଚିଠି

'ବାଗୀଶ'ର ଦ୍ୱିତୀୟ ବର୍ଷ ପ୍ରଥମ ସଂଖ୍ୟା ପଢ଼ିବାର ସୁଯୋଗ ପାଇଲି । ଓଡ଼ିଆରେ ଗବେଷଣା ଭିତ୍ତିକ ସାହିତ୍ୟ ପତ୍ରିକା ଭାବରେ ଏହାର ଗୁଣବତ୍ତା ଓ ମୌଳିକତା ଉଚ୍ଚମାନ ସମ୍ପନ୍ନ। ଉଚ୍ଚଶିକ୍ଷିତ ଯୁବ ପିଢ଼ିଙ୍କୁ ବିଶେଷତଃ, ଓଡ଼ିଆ ସାହିତ୍ୟର ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ଏହା ନିଶ୍ଚିତ ପ୍ରେରଣା ଯୋଗେଇବ। ଏହି ସଂଖ୍ୟାର ସଂପାଦକୀୟବି ସନୟୋଚିତ ହେବା ସହିତ ସମ୍ପାଦକଙ୍କ ସାହସିକତାକୁ ପ୍ରକାଶ କରିଛି। ସାମାନ୍ୟ ବର୍ଣ୍ଣାଶୁଦ୍ଧି ବ୍ୟତୀତ ଏହାର ମୁଦ୍ରଣ ପରିପାଟୀ ସୁନ୍ଦର । ପତ୍ରିକାଟିର ଦୀର୍ଘାୟୁ କାମନା କରୁଛି।

--- *ଦାଶରଥି ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରାଧ୍ୟାପକ*

ବାଗୀଶର ଜାନୁଆରୀ-ଫେବୃଆରୀ ସଂଖ୍ୟାର ସମସ୍ତ ଆଲେଖ୍ୟ ମନକୁ ଛୁଇଁଲା । ମାଟିର ମହାକବି ସାରଳା ଦାସଙ୍କଠାରୁ ଏକବିଂଶ ଶତାବ୍ଦୀର ସାହିତ୍ୟ ସୃଷ୍ଟି ପର୍ଯ୍ୟନ୍ତ ସମସ୍ତ ରଚନାଗୁଡ଼ିକ ଅତ୍ୟନ୍ତ ଉପାଦେୟ। ବିଶେଷ କରି ଡ଼କ୍ଟର ସ୍ୱପ୍ନାରାଣୀ ସିଂହଙ୍କର ପ୍ରବନ୍ଧ "ଶୂକର ମଣିଷକୁ ସକ୍ରେଟିସଙ୍କ ଶିକ୍ଷା" ଏକ ଅନବଦ୍ୟ ରଚନା । ଚିତ୍ତରଞ୍ଜନ ଦାସଙ୍କର "ଶୂକର ଓ ସକ୍ରେଟିସ" ବହିଟିର ଅମୂଲ୍ୟ ତଥ୍ୟକୁ ଲେଖିକା ଅତି ପ୍ରାଞ୍ଜଳ ଭାବରେ ସରଳ କରି ବୁଝାଇଛନ୍ତି। କ୍ଷେତ୍ରମୋହନ ସାମଲଙ୍କ ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ଆଲେଖ୍ୟ ମଧ୍ୟ ତଥ୍ୟଧର୍ମୀ । ସାକ୍ଷାତକାର ମନଛୁଆଁ ହୋଇପାରିଛି।

--- *ଡ. ଜ୍ୟୋସ୍ନାରାଣୀ କର, ସହକାରୀ ପ୍ରାଧ୍ୟାପିକା*

ସମ୍ପାଦକୀୟ ଲେଖାଟି ଉଚ୍ଚକୋଟୀର। ପତ୍ରିକାରେ ପ୍ରକାଶିତ ପ୍ରତିଟି ଲେଖା ସ୍ୱତନ୍ତ୍ର ଏବଂ ତଥ୍ୟଭିତ୍ତିକ। ବରେଣ୍ୟ ସାହିତ୍ୟିକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସହିତ ସାକ୍ଷାତକାରଟି ମନଛୁଆଁ। ଆଲୋଚନା ସମାଲୋଚନାଠାରୁ ଆରମ୍ଭ କରି ପୁସ୍ତକ ସମୀକ୍ଷା ମଧ୍ୟ ଏ ପତ୍ରିକାର ପୃଷ୍ଠା ମଣ୍ଡନ କରିଛି। ଯାହାକି ଏକ ଶୁଭ ସଂକେତ। ପତ୍ରିକାର ଦୀର୍ଘାୟୁ କାମନା କରୁଛି।

--- *ରଶ୍ମିରେଖା ଦାସ, ଛାତ୍ରୀ*

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।


ନିଜର ମତାମତ ଓ ଯୋଗାଯୋଗ ଦେବାପାଇଁ ଇ-ମେଲ ଠିକଣା: (bageesha.magazine@gmail.com)। ବହି ପଠେଇବା ପାଇଁ ଠିକଣା :ବିକେଶ ସାହୁ, ସଂପାଦକ 'ବାଗୀଶ', ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯।

# ସଂପାଦକୀୟ

**॥ କାହାକୁ କହିବା କପାଳରେ ସିନା କର ... ॥**

ସୁଧୀଜନେ, ଆପଣ ସମସ୍ତେ ଜାଣନ୍ତି, ଆମ ସମାଜରେ ଅଗ୍ରଜମାନଙ୍କୁ ଅନୁସରଣ ଓ ଅନୁକରଣ କରିବାର ପରଂପରା ବହୁ ପୁରାକାଳରୁ ରହିଛି। ପ୍ରତିଟି କ୍ଷେତ୍ରରେ ଆମ ସମାଜ ଏହି ପାରମ୍ପାରିକ ନୀତିକୁ ନେଇ ଗତିଶୀଳ। ଯାହା ଆମ ସମାଜର ପ୍ରଗତିର କାରଣ ହେବା ସହ ଏକ ସୁସ୍ଥ ବାତାବରଣ ମଧ୍ୟ ସର୍ବଦା ରକ୍ଷା କରିଆସିଛି। କିନ୍ତୁ ସବୁକ୍ଷେତ୍ରରେ ଏ ଅନୁସରଣ ଓ ଅନୁକରଣ ଆଜି ଉପଯୁକ୍ତ କି? ଏମିତି ଏକ ପ୍ରଶ୍ନ ଆଜି ସ୍ୱତଃ ମୋ ମନକୁ ଆସିଲା। ବିଶେଷକରି ସାହିତ୍ୟ ସମାଲୋଚନା ଓ ଗବେଷଣା କ୍ଷେତ୍ରରେ ଏତାଦୃଶ ପରଂପରା ବର୍ତ୍ତମାନ ଆମକୁ ବାଟବଣା କରୁନାହିଁ ତ? ଏହା ବର୍ତ୍ତମାନପାଇଁ ଏକ ବିରାଟ ପ୍ରଶ୍ନବାଚୀ! ଏ ଆଶଙ୍କା ସୃଷ୍ଟି ହେବା ପଛରେ ମଧ୍ୟ କାରଣ ରହିଛି। ତେବେ ଏ ସମ୍ପର୍କିତ ଏକ ଘଟଣା ସମ୍ପର୍କରେ ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରି କଥାଟିକୁ ପ୍ରାଞ୍ଜଳ କରିବାର ଚେଷ୍ଟା କଲି।

ଏଇ ନିକଟରେ ଜଣେ ବନ୍ଧୁ 'ବାଗୀଶ'ରେ ଏକ ଗବେଷଣା ନିବନ୍ଧ ପ୍ରକାଶପାଇଁ ମୋତେ ଅନୁରୋଧ କରିଥିଲେ। ମୁଁ ମଧ୍ୟ ଉପଯୁକ୍ତ ପ୍ରଣାଳୀରେ ଲେଖାଟି ଦାଖଲ କରିବା ପାଇଁ ତାଙ୍କୁ ପ୍ରସ୍ତାବ ଦେଇଥିଲି। କିଛିଦିନ ପରେ ଲେଖାଟି ମୋର ପ୍ରାପ୍ତ ହେଲା। ଯେତେବେଳେ ଲେଖାଟି ମୁଁ ଦେଖିଲି - ଲେଖାଟିରେ ସାରାଂଶ ନାହିଁ, ବିଷୟ ଦୃଷ୍ଟିରୁ ଆଲୋଚନାର ପ୍ରାସଙ୍ଗିକତା ରହୁନାହିଁ କି ପ୍ରାନ୍ତଟିକା କିମ୍ବା ସହାୟକ ଗ୍ରନ୍ଥସୂଚୀ ଯୋଡ଼ାଯାଇନାହିଁ - ଏମିତି ଅନେକ ସମସ୍ୟା ମୁଁ ନିର୍ଦ୍ଦିଷ୍ଟ କଲି। ବନ୍ଧୁ ଜଣକୁ ଏ ସମ୍ପର୍କରେ ଜଣେଇଲି। ସେ ସାମାନ୍ୟ ବିରକ୍ତ ଭାବ ପ୍ରକାଶକରି ମୋତେ କହିଲେ - "ଆରେ ଏତେ କଥା କିଏ ଦେଖୁଛି, ଯାହା ହେଉଛି ଛାପି ଦିଅ। କେବଳ ଲେଖା ବାହାରିଲେ ହେଲା। ଆମ ସାର୍ ମ୍ୟାମ୍ ମାନଙ୍କ ଲେଖା ତ ସେମିତିରେ କେତେ ପତ୍ରିକାରେ ବାହାରି ସାରିଲାଣି। ତୁମର ଗୋଟେ କି ପତ୍ରିକା କରୁଛ ଯେ...। ହେବ ଯଦି ଛାପି ଦେବ ନ ହେଲେ ମୁଁ ଆମ ସାର୍ ଙ୍କୁ ଦେଇଦେବି ସେ ଅନ୍ୟ କୋଉ ଗୋଟେ ପତ୍ରିକାକୁ ଦେଇଦେବେ।" ବନ୍ଧୁ ଜଣଙ୍କର ଏତାଦୃଶ ପ୍ରତିକ୍ରିୟା ଶୁଣି ମୁଁ ଆଉ କିଛି ନ କହି କଥାଟାକୁ ଆଡ଼େଇ ଦେଇ ଫୋନ୍ ରଖିଦେଇଥିଲି। କିନ୍ତୁ ତାଙ୍କର ଏ ପ୍ରତିକ୍ରିୟା ଶୁଣି ସାରିଲା ପରେ ବେଶ୍ କିଛି ସମୟ ମୁଁ ଭାବନାରେ ବୁଡ଼ି ରହିଥିଲି। ଏଥିପାଇଁ ସେଇ ବନ୍ଧୁ ଜଣକୁ ଦୋଷ ଦେବା ଠିକ୍ ନା ସେଇ ତାଙ୍କର ଲବ୍ଧପ୍ରତିଷ୍ଠ ସାର୍ ମ୍ୟାମ୍ ମାନଙ୍କୁ - ଏହା ମୁଁ ନିଷ୍ପତ୍ତି କରିପାରୁନ ଥିଲି। ମୁଁ ପୂର୍ବରୁ ବି ଅନେକ ଥର ଓଡ଼ିଆ ଗବେଷଣା ଓ ଆଲୋଚନା ସମ୍ପର୍କରେ ବିବିଧ ସମସ୍ୟାମାନଙ୍କୁ ଆପଣମାନଙ୍କ ଆଗରେ ପ୍ରକାଶ କରିଆସିଛି। ଏ ସବୁ ସମସ୍ୟା ଆପେ ଆପେ ସୃଷ୍ଟି ହୋଇ ଯାଇନି, ଆମେମାନେ ହିଁ ଏ ସବୁପାଇଁ ମଞ୍ଜି ପୋତିଛେ। ବ୍ୟକ୍ତିକ ସ୍ୱାର୍ଥ ଓ ସୁବିଧାବାଦୀ ମାନସିକତା ଆମକୁ ଆଣି ଏହି ପରିସ୍ଥିତିରେ ଛିଡ଼ା କରେଇଛି - ଏହା ମୁଁ ଦୃଢ କଣ୍ଠରେ କହିବି। କେବଳ ଏହି ଗୋଟିଏ ଘଟଣା ନୁହଁ, ଏମିତି ଅନେକ ଘଟଣାର ନଜିର୍ ରହିଛି। ଓଡ଼ିଆ ସାହିତ୍ୟ ଗବେଷଣା ଓ ଆଲୋଚନା କ୍ଷେତ୍ରପାଇଁ ଯାହା ଏକ କରୁଣ ଦୁର୍ଭାଗ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆହୁରି ଏକ ବଡ଼ ସମସ୍ୟା ହେଉଛି 'ଓଡ଼ିଆ ପତ୍ରିକା'। ଆଦ୍ୟାବଧି ଓଡ଼ିଆ ଭାଷାରେ କୌଣସି ଗୋଟିଏ ବି ପୂର୍ଣ୍ଣତଃ ଗବେଷଣା ପତ୍ରିକା ପ୍ରକାଶିତ ହୋଇନାହିଁ; ଯହିଁରେ ଓଡ଼ିଆ ଗବେଷଣାତ୍ମକ ଲେଖାକୁ ପ୍ରାଧାନ୍ୟ ଦେବା ସହ ନୂତନ ଗବେଷକଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯାଇ ପାରିବ। ଯଦିଓ କିଛି ଉଚ୍ଚମାନର ପତ୍ରିକା ଅଦ୍ୟାବଧି ନିଜର ସ୍ଥିତି ରକ୍ଷାକରି ଆସିଛନ୍ତି। କିନ୍ତୁ, ସେଇ ଚିରାଚରିତ ପରମ୍ପରା ହିଁ ହେଇଛି ତାଙ୍କ ଅବଲମ୍ବନ। ଓଡ଼ିଆ ଗବେଷକ ଓ ଅଧ୍ୟାପକମାନଙ୍କ ପାଇଁ ଆହୁରି ଏକ ଦୁର୍ଭାଗ୍ୟ ହେଉଛି - ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସ୍ୱୀକୃତ ଗବେଷଣା ପତ୍ରିକା ତାଲିକାରେ 'ଝଙ୍କାର'କୁ ଛାଡ଼ି ଦେଲେ ଅନ୍ୟ କୌଣସି ପତ୍ରିକା ତାଲିକାଭୁକ୍ତ ହୋଇନାହିଁ। ଏକ ଶାସ୍ତ୍ରୀୟ ଭାଷାର ଗବେଷଣା ଦିଗର ଏ ପ୍ରକାର ବୈକଲ୍ୟ କ'ଣ ଆମ ଅଗ୍ରଜ(ଲବ୍ଧପ୍ରତିଷ୍ଠ ଗବେଷକ-ଆଲୋଚକ-ପ୍ରଫେସର)ମାନଙ୍କ ଦୃଷ୍ଟିକୁ ଆସିନାହିଁ? କୁହନ୍ତୁ ତ ଓଡ଼ିଶା ପ୍ରଦେଶର ଗୌରବମୟ ବିଶ୍ୱବିଦ୍ୟାଳୟମାନଙ୍କରୁ କେତୋଟି ବିଶ୍ୱବିଦ୍ୟାଳୟର ନିଜର ଗବେଷଣା ମୁଖପତ୍ର ରହିଛି। ଛାଡ଼ନ୍ତୁ... କହିବାକୁ ଅନେକ କଥା। ଦେଖେଇବାକୁ ଅନେକ ଦୁଃଖ। ସୁଧିଜନେ, ପୁଣିଥରେ ସେଇ ପ୍ରଶ୍ନର ପୁନରାବୃତ୍ତି - 'କାହାକୁ ମୁଁ ଦୋଷ ଦେବି?' ବିଚାର କରିବେ।


ଶେଷରେ ଆମର ଅନୁରୋଧ ରକ୍ଷା କରି ବରେଣ୍ୟ ବିଶିଷ୍ଟ ସମାଲୋଚକ, ଗବେଷକ ଓ ଭାଷାବିଦ୍ ପ୍ରଫେସର୍ ଗିରୀଶ ଚନ୍ଦ୍ର ମିଶ୍ର ମହୋଦୟ 'ବାଗୀଶ ବରେଣ୍ୟ'ର ସାକ୍ଷାତକାର୍ ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି। ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ଦ୍ୱିତୀୟ ବର୍ଷ ଦ୍ୱିତୀୟ ସଂଖ୍ୟା ଆପଣମାନଙ୍କ ହାତରେ ନିବେଦନ କଲି।

ଧନ୍ୟବାଦ ।

ମୁଖ୍ୟ ସଂପାଦକ

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୪
Volume No. 02 | Issue No. 02 | Mar-Apr 2024
Refereed Peer-Reviewed Jornal

# ଏଇ ସଂଖ୍ୟାରେ




ପ୍ରଚ୍ଛଦ : ବିକେଶ ସାହୁ
ଚିତ୍ରଶିଳ୍ପୀ : ସୁଶ୍ରୀ ସିପ୍ରା ମହାପାତ୍ର

[ ପ୍ରଚ୍ଛଦରେ ସ୍ଥାନିତ ହୋଇଛି ନୃତ୍ୟରତ ଏକ ମୟୂର। ଭାରତୀୟ ଶାସ୍ତ୍ରରେ ମୟୂରକୁ ଏକ ବିଶେଷ ପକ୍ଷୀର ସ୍ଥାନ ଦିଆଯାଏ। ଏହାର ସୌନ୍ଦର୍ଯ୍ୟ ଦର୍ଶକ ଚିତ୍ତକୁ ଆକର୍ଷିତ କରିଥାଏ। ]



## ପ୍ରବନ୍ଧ ଓ ଆଲୋଚନା

୦୮ ।। ଓଡ଼ିଶାରେ ଓଡ଼ିଆ ଭାଷା ଶିକ୍ଷାର ବିକାଶ
- ଡ. ରୁଦ୍ରନାରାୟଣ ମହାପାତ୍ର, ବିକାଶ କୁମାର ପାଲ

୧୭ ।। ଓଡ଼ିଶା କାବ୍ୟ ସାହିତ୍ୟକୁ ଗଞ୍ଜାମ ଜିଲ୍ଲାର ରାଜକନ୍ୟାଙ୍କ ଅବଦାନ
- ଦେବାଶିଷ ମହାପାତ୍ର

୨୨ ।। ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ବିଜ୍ଞାପନ ଚିତ୍ର
- ଡ. ମମତାରାଣୀ ବେହେରା, ସୁରଥ କୁମାର ସାହୁ

୨୭ ।। ଭାରତୀୟ କଥା ପରମ୍ପରାର ମହାକୋଷ : ପଞ୍ଚତନ୍ତ୍ର
- ବିଶ୍ୱନାଥ ସାହୁ

୩୨ ।। ଓଡ଼ିଆ ସାହିତ୍ୟ ଓ ମରୁଡ଼ି : ୧୯୬୫-୬୬
- କନକ ବର୍ଦ୍ଧନ ସାହୁ

## ସମାଲୋଚନା : ନୂଆ ଫର୍ଦ୍ଦ

୪୦ ।। ବ୍ରହ୍ମାନନ୍ଦ ଦାସଙ୍କ ଚାହିଦା : ଏକ ସୂକ୍ଷ୍ମାନୁଶୀଳନ
- ଡ. ରବୀନ୍ଦ୍ର କୁମାର ଦାସ

## ସମାଲୋଚନା : ପ୍ରସଙ୍ଗ ନୂଆ

୪୪ ।। ଜୀବନାନୁଭୂତିର ପ୍ରଗାଢ଼ ଅଭିବ୍ୟକ୍ତି : ଗୁରୁପ୍ରସାଦ ମହାନ୍ତିଙ୍କ କବିତା
- ଡ. ବିଜୟଲକ୍ଷ୍ମୀ ଦାଶ

## ବାଗୀଶ ବରେଣ୍ୟ

୫୨ ।। ପ୍ରଫେସର୍ ଗିରୀଶ ଚନ୍ଦ୍ର ମିଶ୍ରଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର

## ବହିକଥା

୫୭ ।। ଶୈଳଜ ରବିଙ୍କ 'ଏକାୟନ'

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୪
Volume No. 02 | Issue No. 02 | Mar-Apr 2024
Refereed Peer-Reviewed Jornal
OPEN ACCESS
https://bageesha.in

# ଓଡ଼ିଶାରେ ଓଡ଼ିଆ ଭାଷା ଶିକ୍ଷାର ବିକାଶ

■ ଡ. ରୁଦ୍ରନାରାୟଣ ମହାପାତ୍ର[୧], ବିକାଶ କୁମାର ପାଲ[୨]
ସହାୟକ ପ୍ରଫେସର[୧], କଳାବିଭୂଷଣ ଗବେଷକ[୨],
ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,ବାଣୀବିହାର, ଭୁବନେଶ୍ୱର

Article Received : 12.04.2024 | Accepted : 25.04.2024 | Published : 25.05.2024

**ସାରାଂଶ**

ଓଡ଼ିଶାରେ ଶିକ୍ଷାର ସ୍ଥିତି, ଶିକ୍ଷାନୀତି ଓ ଶିକ୍ଷା ବ୍ୟବସ୍ଥାକୁ ନେଇ ବହୁ ଆଲୋଚକ ଗବେଷଣା କରିଥିଲେ ବି ଓଡ଼ିଆ ଭାଷାରେ ଶିକ୍ଷାଦାନର ଇତିହାସ ପର୍ଯ୍ୟାପ୍ତଭାବେ ଗବେଷଣାର ପରିସରଭୁକ୍ତ ହୋଇନାହିଁ। ପୁନଶ୍ଚ ପୂର୍ବରୁ ଆଧୁନିକ ଓଡ଼ିଶାରେ ସୃଷ୍ଟି ହୋଇଥିବା ସାହିତ୍ୟର ଇତିହାସକୁ ଗବେଷକ ତଥା ସମାଲୋଚକମାନେ ଓଡ଼ିଶାରେ ଇଂରେଜୀ ଶାସନ ସମୟରେ ଶିକ୍ଷାର ପ୍ରସାର ଦିଗକୁ (ସାମନ୍ତରାୟ-୧୯୬୪; ଶ୍ରୀନିବାସ-୧୯୭୮) ଦେଖାଇଥିଲେ ବି ଓଡ଼ିଶାରେ ଓଡ଼ିଆ ଭାଷାରେ ଶିକ୍ଷାର ବିକାଶଧାରା ସମ୍ପର୍କରେ ପ୍ରାୟତଃ ନିରବ। ଏହି ଦିଗରେ ଦୃଷ୍ଟିନିକ୍ଷେପ କଲେ, ଆମକୁ ପରାଧିନ ଭାରତରେ ଓଡ଼ିଶାର ଜାତୀୟ ଚେତନା ଏବଂ ଓଡ଼ିଶାରେ ଶିକ୍ଷାର ବିକାଶଧାରା (ଏ.କେ.ପାଲ୍-୨୦୧୮, ଏମ୍.କେ.ଦାସ-୨୦୧୫, ୟୁ. ନାୟକ-୨୦୧୮) ସମ୍ପର୍କରେ କିଛିଟା ଆଲୋଚନା ମିଳୁଛି। ଊନବିଂଶ ଶତାବ୍ଦୀର ଭାରତରେ ବ୍ରିଟିଶ ସରକାରଙ୍କ ଭାଷା-ନୀତି ଏବଂ ଓଡ଼ିଆ ଭାଷା (ପି. ମହାନ୍ତି-୨୦୦୨) ଓ ଇଂରେଜଙ୍କ ସମୟରୁ କଟକରେ ପ୍ରତିଷ୍ଠା କରାଯାଇଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟ (ଶ୍ରୀନିବାସ-୧୯୭୮, ଦେହୁରୀ-୨୦୧୭) ଏ ଦିଗରେ ବିଶେଷ ପଦକ୍ଷେପ ମନେହୁଏ। ଏହା ସହିତ 'ଭାଷା ଆନ୍ଦୋଳନ (୧୮୪୫-୧୯୦୩): ଓଡ଼ିଶା ରାଜ୍ୟ ଗଠନ' (ଏ.କେ. ମିଶ୍ର-୨୦୧୬) ଏବଂ ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆଣିବାପାଇଁ ଭାରତ ସରକାରଙ୍କ ଶିକ୍ଷାନୀତି ପ୍ରଣୟନରୁ ଓଡ଼ିଶାର ଗ୍ରାମାଞ୍ଚଳରେ ଶିକ୍ଷାବିକାଶର ଚିତ୍ର (ମହେଶ-୧୯୭୭, ଏସ୍. ପଟ୍ଟନାୟକ-୨୦୧୭) ଆଦିକୁ ଆଲୋଚନାର ପରିସର ଭୁକ୍ତ କରିଥିଲେ ବି ଓଡ଼ିଆ ଭାଷାରେ ଶିକ୍ଷାର ବିକାଶ ଧାରା ସମ୍ପର୍କରେ ସେପରି ବିଧିବଦ୍ଧ ଆଲୋଚନା ଦେଖିବାକୁ ମିଳୁନାହିଁ। ଓଡ଼ିଶାରେ ବହୁଭାଷା ଶିକ୍ଷା ବ୍ୟବସ୍ଥା (ଏମ୍.କେ. ମିଶ୍ର -୨୦୦୯) ଓ ଶିକ୍ଷା ବ୍ୟବସ୍ଥାରେ ଓଡ଼ିଶାରେ ଶିକ୍ଷାର ସ୍ଥିତି (ଆର୍.ପାତ୍ର-୨୦୧୯) କୁ ଦେଖିଲେ ନବଜାଗରଣ ସମୟରୁ ଇଂରେଜମାନଙ୍କଦ୍ୱାରା ଓଡ଼ିଆ ଭାଷାଶିକ୍ଷା ପ୍ରଥମେ ପ୍ରାଥମିକ ଶ୍ରେଣୀରୁ ଆରମ୍ଭ ହୋଇ କ୍ରମେ ଉଚ୍ଚତର ଶ୍ରେଣୀକୁ ଛୁଇଁବାର ଆଭିମୁଖ୍ୟ ରଖିଥିଲା, ତାହା କ୍ରମେ ଭାରତର ସ୍ୱାଧୀନତା ପରେ ଅଧିକ କ୍ରିୟାଶୀଳ ହେଲା। ଏହି ଦୃଷ୍ଟିରୁ ଦେଶ ସ୍ୱାଧୀନ ହେବା ପରେପରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି କିପରି ସରକାରଙ୍କର ବିଭିନ୍ନ ଶିକ୍ଷାନୀତି ମାଧ୍ୟମରେ ବିଦ୍ୟାଳୟମାନ ଖୋଲାଯାଇ ପିଲାମାନଙ୍କୁ ଶିକ୍ଷିତ କରାଗଲା ଓ ଓଡ଼ିଆ ଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଥିଲା ତାହା ଏହି ପ୍ରବନ୍ଧର ପରିସରଭୁକ୍ତ ଓ ପ୍ରମୁଖ ଉଦ୍ଦେଶ୍ୟ।

ମୂଳଶବ୍ଦ: ଓଡ଼ିଆ ଭାଷା ଶିକ୍ଷା, ଶିକ୍ଷାନୀତି, ଗୁରୁକୁଳର ପାଠାଶାଳା, ଭାଷାନୀତି ପ୍ରଣୟନ, ଆଞ୍ଚଳିକ ଭାଷା, ଓଡ଼ିଆ ଭାଷା

**ଉପକ୍ରମ**: ଶିକ୍ଷା ମାନବ ଜୀବନକୁ ପରିବର୍ତ୍ତନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଶିକ୍ଷା କରିବା ଓ ଆପଣା ଚିନ୍ତାଧାରା ଅନୁସାରେ ସମାଜର ଉନ୍ନତି କରିବା ଏବଂ ସେଥିରେ ନୂତନ ନୂତନ ପରିବର୍ତ୍ତନ ଆଣିବାରେ ଶିକ୍ଷାର ଗୁରୁତ୍ୱ ରହିଛି (Tsmsfaridabad-2023)। ଶିକ୍ଷା ମଣିଷକୁ ମୁକ୍ତିର ମାର୍ଗ ଦର୍ଶନ କରାଇବା ସହ ଅନ୍ଧକାରରୁ ଆଲୋକପଥର ପଥିକ ହେବାରେ ସାହାଯ୍ୟ କରେ। ମଣିଷର ବୁଦ୍ଧି, ବିବେକ ଓ ତା'ର ବିଚାରବୋଧକୁ ପରିମାର୍ଜିତ କରି ସୁସଂସ୍କାରିତ କରିବା ସହ ବିଭିନ୍ନ ସମସ୍ୟା ସମାଧାନରେ ଓ କୌଣସି ଅନ୍ୟାୟ, ଅବିଚାର ବିରୋଧରେ ଲଢ଼ିବାପାଇଁ ଶିକ୍ଷା ହିଁ ନିତାନ୍ତ ଆବଶ୍ୟକ। ବୈଦିକ ଯୁଗରେ ରାଜାଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତେ ଶିକ୍ଷା ପାଇପାରୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଶିକ୍ଷାର ସୁବିଧା ଧାର୍ମିକ କୁସଂସ୍କାରରେ ବାନ୍ଧିହୋଇ ଉଚ୍ଚ କୁଳର ବ୍ୟକ୍ତିବିଶେଷଙ୍କପାଇଁ ଅଭିପ୍ରେତ ହେଲା (Richa Jain-2018)। ପୂର୍ବରୁ ରହିଥିବା ବର୍ଣ୍ଣଭିତ୍ତିକ ଶିକ୍ଷାବ୍ୟବସ୍ଥା ଭାରତକୁ ଇଂରେଜମାନେ ଆସିବା ପରେ ତାହାର ପୂର୍ଣ୍ଣଚ୍ଛେଦ ଘଟିଲା।

ସାର୍ ଚାର୍ଲସ୍ ଗ୍ରାଣ୍ଟ ଓ ଉଇଲବର ଫୋର୍ସଙ୍କ ପରି ମାନବହିତୈଷୀ ଭାରତୀୟଙ୍କ ଅଜ୍ଞତା, ଅନ୍ଧବିଶ୍ୱାସ, ବଳୀପ୍ରଥା, କଳାଯାଦୁ ଓ କୁସଂସ୍କାର ଆଦିକୁ ଦୂରକରିବାପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ବୋଲି ବୁଝିଥିଲେ। ଆଧୁନିକ ଶିକ୍ଷାର ଆଲୋକରେ ଉଦ୍ଭାସିତ ହେଲେ ହିଁ ଏହି ଅଜ୍ଞାନ ଓ ଅନ୍ଧବିଶ୍ୱାସ ଦୂରେଇଯିବ ବୋଲି ହୃଦୟଙ୍ଗମ କରିଥିଲେ। ଏହିକ୍ରମେ ପ୍ରଥମ କରି ଚାରିବର୍ଣ୍ଣର ଲୋକଙ୍କୁ ସମାନ ଭାବରେ ଶିକ୍ଷା ବ୍ୟବସ୍ଥା କରି ସ୍ୱଳ୍ପ ଦରମାରେ ମଜୁରୀଆ ପାଇବା, ଆପଣା ସରକାରର ବାଣିଜ୍ୟ କାରବାରରେ ଲଗାଇବା ଓ ଅଧିକ ମୁନାଫା ପାଇବା ଆଶାରେ ଏହି ଶିକ୍ଷାର ବ୍ୟବସ୍ଥା କରିଥିଲେ (ଶ୍ରୀନିବାସ-ପୃ-୬୪, S.Pattanaik-2017)। ବିଦ୍ୟାର୍ଥୀଙ୍କ ଭିତରେ ସମାନତା, ସମସ୍ତଙ୍କପାଇଁ ଶିକ୍ଷା ବ୍ୟବସ୍ଥା ସହିତ ଆମ ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ଓ ବିଜ୍ଞାନସମ୍ମତ ଜ୍ଞାନ ଆହରଣ କରିବା ଥିଲା ଏହି ଆଧୁନିକ ଶିକ୍ଷାର ମୂଳ ଉଦ୍ଦେଶ୍ୟ (Aniket Singh)।

**ଇଂରେଜୀ ସରକାରଙ୍କ ସମୟରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା:** ଇଂରେଜୀ ସରକାରଙ୍କ ପୂର୍ବରୁ ଯେଉଁ ଗୁରୁକୁଳର ପାଠଶାଳା ଓ ଚାଟଶାଳୀରେ ଶିକ୍ଷା ଦିଆଯାଉଥିଲା ତାହା ପରିବର୍ଦ୍ଧିତ ରୂପରେ ସରକାର ଆଧୁନିକ ଶିକ୍ଷାପାଇଁ ଗ୍ରାମ ପାଠଶାଳା ଓ ବିଦ୍ୟାଳୟମାନ ଖୋଲି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବା ଆରମ୍ଭ କରିଥିଲେ। ଭାରତର ପ୍ରଥମ କରି ଆଧୁନିକ ଶିକ୍ଷାର ପ୍ରାରମ୍ଭ ହୋଇଥିଲା ଚେନ୍ନାଇର ଶେନୋରେ। ଏହିଠାରେ ପ୍ରଥମେ ବର୍ଷ ୧୭୧୫ ମସିହାରେ ସେଣ୍ଟ ଜୋସେଫ୍ ଆଙ୍ଗଲୋ ଇଣ୍ଡିଆ ହାୟର ସେକେଣ୍ଡାରୀ ସ୍କୁଲ୍ (St. George's Anglo India Higher Secondary School) ଖୋଲିଲା। ଓଡ଼ିଶାର ପଡ଼ିଶା ରାଜ୍ୟ ପଶ୍ଚିମ-ବଙ୍ଗର କଲିକତାରେ ପ୍ରଥମେ ୧୭୮୯ ମସିହାରେ ସେଣ୍ଟ ଥୋମାସ୍ ସ୍କୁଲ୍ (St. Thomas School) ଖୋଲିଥିଲା। ଏହା ପରେ ପରେ ପଶ୍ଚିମବଙ୍ଗରେ ୧୯୧୨ ମସିହା ବେଳକୁ ହୁଗୁଳି କଲେଜିଏଟ୍ ସ୍କୁଲ୍ (Hoogly Collegiate School), ୧୮୦୦ ମସିହାରେ 'ଫୋର୍ଟ ଉଇଲିୟମ୍ କଲେଜ ଖୋଲିଥିଲେ ମଧ୍ୟ ଓଡ଼ିଶାକୁ ଏହାର ସୁଯୋଗ ମିଳିନଥିଲା (Soumyadep-2023, ଶ୍ରୀନିବାସ–ପୃ-୨୭)। ଓଡ଼ିଶାକୁ ଇଂରେଜୀମାନେ ୧୮୦୩ ମସିହାରେ ଅଧିକାର କରିବା ପରେ ୧୮୦୬ ମସିହାରେ ଚିଲିକା କୂଳରେ ରହିଥିବା ଡକ୍ଟର ବୁକାନନ ଓଡ଼ିଶାରେ ଖ୍ରୀଷ୍ଟ ଧର୍ମ ପ୍ରଚାର ସ୍ୱପ୍ନ ଦେଖିଲେ। ଏଣୁ ଉଭୟ ଧର୍ମପ୍ରଚାର ଓ ପ୍ରଶାସନିକ ଲାଭକୁ ଦୃଷ୍ଟିରେ ରଖି ଇଂରେଜୀମାନଙ୍କ ଦ୍ୱାରା ଓଡ଼ିଶାରେ ଆଧୁନିକ ଶିକ୍ଷା ପ୍ରଣୟନ ହେଲା; ଏବଂ ଏହି ଶିକ୍ଷା ମାଧ୍ୟମରେ ସରକାରୀ ସ୍ତରରେ ଛୋଟଛୋଟ ଚାକିରୀ ସୃଷ୍ଟିକରି ଓଡ଼ିଶାର ଲୋକଙ୍କୁ ଚୁପ୍ ରଖିବାକୁ ବା ଇଂରେଜ ବିରୋଧିମାନଙ୍କୁ ଦମନ କରିବାର ଉଦ୍ଦେଶ୍ୟ ବି କିଛି ପରିମାଣରେ ସାଧିତ ହୋଇପାରିଲା (ଶ୍ରୀନିବାସ –ପୃ-୨୭, S.Pattanaik-2017)।

୧୭୯୭ ମସିହାର୍ ଦେଶୀୟ ଭାଷାରେ ଅକ୍ଷର ପ୍ରସ୍ତୁତି, ବ୍ରିଟିଶ୍ ସରକାର ୧୭୯୮ ଡିସେମ୍ବର ୨୨ ମସିହାରେ ଭାଷାନୀତି ପ୍ରଣୟନ ଓ ୧୮୦୧ ମସିହା ବେଳକୁ କେରୀ ଓ ବଙ୍ଗଳାର ବିଦ୍ୱାନକୁ ନେଇ ସଂସ୍କୃତ ବଙ୍ଗଳା ପୋଥି ସମ୍ପାଦନ କରାଗଲା। ୧୮୨୨ ମସିହା ବେଳକୁ ପଶ୍ଚିମ ବଙ୍ଗରେ ଚାରୋଟି ସ୍କୁଲ୍ ଖୋଲାଯାଇଥିଲେ ବି (ଶ୍ରୀନିବାସ–ପୃ-୨୭-୨୮, P.Mohanty-2002, Soumyadeep-2023) ଓଡ଼ିଶାର ଲୋକମାନେ ଶିକ୍ଷା କ୍ଷେତ୍ରରୁ ବଞ୍ଚିତଥିଲେ। ସେହି ବର୍ଷ ପ୍ରଥମ କରି ଓଡ଼ିଶାରେ ପ୍ରାଥମିକ ଶିକ୍ଷା ମିଶନାରୀମାନଙ୍କଦ୍ୱାରା ଆରମ୍ଭ ହୋଇଥିଲା (ସାମନ୍ତରାୟ-ପୃ-୪୫)। ଏହା ପୂର୍ବରୁ ଶିକ୍ଷାପାଇଁ ଯେଉଁସବୁ ଅର୍ଥ ସାରା ଦେଶରେ ବ୍ରିଟିଶ୍ ସରକାର ଖର୍ଚ୍ଚ କରୁଥିଲେ ତାହାର ଗୋଟାଏ ଟଙ୍କା ଓଡ଼ିଶା ପାଇପାରିନଥିଲା, କାରଣ ସେହି ବର୍ଷ ମିଶନାରୀମାନେ ଓଡ଼ିଶାକୁ ପ୍ରବାଶ କରିଥିଲେ (ସାମନ୍ତରାୟ-ପୃ-୪୫, S.Pattanaik-2017)। ଓଡ଼ିଶାରେ ଶିକ୍ଷାପାଇଁ ଆସିଥିବା ବାପିଷ୍ଟ ମିଶନାରୀମାନେ ଶ୍ରୀରାମପୁରରୁ ଆସି କଟକରେ ରହୁଥିବା ୟୁରୋପୀୟ ବାସିନ୍ଦାମାନଙ୍କୁ ଶିକ୍ଷାଦେବାପାଇଁ ୧୨ ଫେବୃୟାରୀ ୧୮୨୨ ମସିହାରେ ବିଦ୍ୟାଳୟ (Sunday School) ଖୋଲିବାଦ୍ୱାରା ଓଡ଼ିଶାରେ ଆଧୁନିକ ଶିକ୍ଷାର ଭିତ୍ତିଭୂମି ପଡ଼ିଲା (ସାମନ୍ତରାୟ-ପୃ-୪୫, ମହେଶ–ପୃ-୮୯)। ସେହି ବର୍ଷ ଜୁନ୍ ମାସରେ ଓଡ଼ିଶାବାସୀଙ୍କପାଇଁ ପ୍ରଥମ ଓଡ଼ିଆ ବିଦ୍ୟାଳୟ (ବାପିଟଷ୍ଟ ମିଶନ ବିଦ୍ୟାଳୟ) କଟକରେ ଖୋଲାଯାଇଥିଲା (A.K.Pal-2018, ମହେଶ–ପୃ-୮୯)। ୧୮୨୩ ମସିହା ବେଳକୁ ଓଡ଼ିଆ ବିଦ୍ୟାଳୟ ସଂଖ୍ୟା ୧୫କୁ ବୃଦ୍ଧି ପାଇଥିଲା (ମହେଶ–ପୃ-୯୧, ସାମନ୍ତରାୟ-ପୃ-୪୫)। ୧୮୨୩ ମସିହା ବେଳକୁ ଇଂରେଜୀ ଚାରିଟି ବିଦ୍ୟାଳୟରେ ଫିରିଙ୍ଗୀ ପିଲାମାନେ ପାଠ ପଢୁଥିଲେ (ମହେଶ–ପୃ-୯୧)।

ପ୍ରଥମ କରି ଖୋଲିଥିବା ବିଦ୍ୟାଳୟଗୁଡ଼ିକରେ ଧାର୍ମିକ ଶିକ୍ଷା ଦିଆଯାଉଥିଲା (ସାମନ୍ତରାୟ-ପୃ-୪୫)। ପିଲାମାନଙ୍କୁ ବିଭିନ୍ନ ଧର୍ମଗ୍ରନ୍ଥକୁ ପଢ଼ାଯାଉଥିଲା। ଓଡ଼ିଶାରେ ଓଡ଼ିଆ ଭାଷାରେ ଶିକ୍ଷାଦାନ ପୂର୍ବରୁ ୧୮୦୪ ମସିହାରେ ମିଶନାରୀ ଜେମ୍ସ ଖ୍ରୀଷ୍ଟ (Jems Christ) ଓଡ଼ିଆ ଲିପିରେ ବାଇବେଲ୍ ଲେଖିଥିଲେ। କିନ୍ତୁ ଏହା ତତ୍କାଳୀନ ବିଦ୍ୟାର୍ଥୀଙ୍କପାଇଁ ସେତେଟା ବୋଧଗମ୍ୟ ନଥିଲା। ଏହି ମିଶନାରୀ ଧାର୍ମିକ ଶିକ୍ଷାକୁ ଅଧିକ ସହଜ କରିବାପାଇଁ ୧୮୦୯ ମସିହା ବେଳକୁ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର ଜେମ୍ସ ଖ୍ରୀଷ୍ଟଙ୍କ ବାଇବେଲ୍‌କୁ ନୂଆକରି ଅନୁବାଦ କରିଥିଲେ। ଓଡ଼ିଆରେ ଅନୁଦିତ ଏହି ବାଇବେଲ୍ ୧୮୧୪ ମସିହାରେ ଛପା ହୋଇଥିଲା ଏବଂ ଏହି ଅନୁବାଦ ସେ ସମୟର ତିନିଜଣ ମିଶନାରୀ 'ମି. କେରୀ (Me. Carry), ମାର୍ଶାନ୍ (Marshan) ଏବଂ ୱାନ୍ଦ୍ (Wand)'ଙ୍କ ସହଯୋଗରେ ସଫଳ ହୋଇଥିଲା। ବିଦ୍ୟାଳଙ୍କାରଙ୍କ ଅନୁଦିତ ବାଇବେଲ ଛପା ହୋବା ପୂର୍ବରୁ ୧୮୦୬ ମସିହାରେ ସେ ସମୟର ଜଣେ ଇଂରାଜୀ ଭାଷାବିତ୍ 'ଜନ୍ ଲେଡ଼ିନ୍'ଙ୍କପାଇଁ ଓଡ଼ିଆ ପଣ୍ଡିତ ଗଦାଧର ବିଦ୍ୟାବାଗୀଶ ଓଡ଼ିଆ ଓ ବଙ୍ଗଳା ଭାଷାରେ

ବ୍ୟାକରଣ ରଚନା କରିଥିଲେ। ଏହି ବ୍ୟାକରଣ ପୁସ୍ତକର ପ୍ରଥମ ଓଡ଼ିଆ ସଂସ୍କରଣ ୧୮୧୧ ମସିହାରେ ଶ୍ରୀରାମପୁର ମିଶନ ପ୍ରେସ୍‌ରୁ ମୁଦ୍ରଣ କରାଯାଇଥିଲା। ସେହି ବର୍ଷ ଫୋର୍ଟ ଉଇଲିୟମ୍ ମହାବିଦ୍ୟାଳୟରେ ଓଡ଼ିଆ ଶିକ୍ଷା ଦେବାପାଇଁ ମୋହନ ପ୍ରସାଦ ଠାକୁର ଓଡ଼ିଆ-ଇଂରେଜୀ ଅଭିଧାନ ସଂକଳନ କରିଥିଲେ (S. Pattanaik- 2017, ମହେଶ–ପୃ-୮୮-୮୯), ଯାହା ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷାରେ ଶିକ୍ଷାପାଇଁ ସହାୟକ ହୋଇଥିଲା।

ଊନବିଂଶ ଶତାବ୍ଦୀରେ ସ୍ଥାନୀୟ ଭାଷା ଶିକ୍ଷା ଓ ଓଡ଼ିଆ ଭାଷାଶିକ୍ଷାର କରୁଣ ସ୍ଥିତି: ବ୍ରିଟିଶ୍ ସରକାରଙ୍କ ୧୭୯୮ ମସିହାରେ ଭାଷାନୀତି ପ୍ରଣୟନ ଅନୁସାରେ ଭାରତର ସ୍ଥାନୀୟ ଭାଷାରେ ପ୍ରାଥମିକ ଶିକ୍ଷାଦେବାକୁ କୁହାଯାଇଥିଲେ ବି ଓଡ଼ିଶାରେ ଓଡ଼ିଆ ଭାଷା ବଦଳରେ ବଙ୍ଗଳା ଭାଷାକୁ ଶିକ୍ଷା ଦେବାର ମାଧ୍ୟମ ରୂପେ ଚୟନ କରାଗଲା (Mohanty-2002)। ମିଶନାରୀମାନଙ୍କର ଏହି ଶିକ୍ଷାନୀତିରୁ ଭାରତୀୟ ସମାଜରେ କ୍ରମେ ଏକ ଉଚ୍ଚ-ମଧ୍ୟମ ଶ୍ରେଣୀ ଜନ୍ମନେଲା "ଯେଉଁମାନେ ରକ୍ତ ଓ ବର୍ଣ୍ଣରେ ଭାରତୀୟ ହୋଇ ସୁଦ୍ଧା ରୁଚି, ମତାମତ, ନୀତି ଓ ବୁଦ୍ଧିରେ ଇଂରେଜଙ୍କ ସମକ୍ଷ ହେଲେ;" ଏବଂ ଏହା ହିଁ ମାକେଲଙ୍କ ଶିକ୍ଷାନୀତିର ଲକ୍ଷ୍ୟ ଥିଲା (S.Pattanaik-2017, ଶ୍ରୀନିବାସ : ପୃ-୬୫-୬୬)। ବିଦ୍ୟାଳୟ ପ୍ରତିଷ୍ଠା, ପାଠ୍ୟପୁସ୍ତକ ପ୍ରଣୟନ, ମୁଦ୍ରଣଯନ୍ତ୍ର ପରିଚାଳନା (କଟକ ମିଶନ୍ ପ୍ରେସ୍-୧୮୩୮) ଓ ପତ୍ରପତ୍ରିକା ପ୍ରକାଶ (ଜ୍ଞାନରଣ-୧୮୪୯) ମାଧ୍ୟମରେ ମିଶନାରୀମାନେ ଭାରତରେ ଧର୍ମର ପ୍ରଚାର କରିବା ସଙ୍ଗେ ସଙ୍ଗେ ଦେଶରେ ଶିକ୍ଷାର ଅଭିବୃଦ୍ଧି ଓ ନୂତନ ସାହିତ୍ୟ, ଚିନ୍ତାଚେତନାର ବିକାଶ ଦିଗରେ ଆଣିଥିଲେ ନୂତନ ପରିବର୍ତ୍ତନ (ସାମନ୍ତରାୟ-୧୯୬୪)। ୧୮୨୯ ମସିହାରେ ଦେଶୀୟ ପିଲାମାନଙ୍କପାଇଁ ମିଶନାରୀମାନେ ବୋର୍ଡ଼ିଙ୍ଗ୍ ବିଦ୍ୟାଳୟ ଖୋଲି ଖ୍ରୀଷ୍ଟିଆନ୍ ପିଲାଙ୍କ ସଙ୍ଗେ ସଙ୍ଗେ ଅଣ-ଖ୍ରୀଷ୍ଟିଆନ୍ ପିଲାମାନଙ୍କୁ ପାଠ ପଢ଼ାଉଥିଲେ (ମହେଶ–ପୃ-୯୧-୯୨)। ମିଶନାରୀ ପତ୍ରିକା, ପାଠ୍ୟ ପୁସ୍ତକ ଓଡ଼ିଶାରେ ଓଡ଼ିଆରେ ବାହାରିବା ପୂର୍ବରୁ ବଙ୍ଗଳା ଭାଷାର ବ୍ୟବହାରକୁ ପ୍ରାଧାନ୍ୟ ଦିଆଯାଉଥିଲା କିନ୍ତୁ ୧୮୩୭ ଜାନୁଆରୀ ୨୭ ତାରିଖରେ ଭର୍ଣ୍ଣାକୁଲାର୍ ଶିକ୍ଷାବ୍ୟବସ୍ଥା କାର୍ଯ୍ୟକାରୀ ହେତୁ ଓଡ଼ିଆ ଭାଷା ବ୍ୟବହାର କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦିଆଗଲା (Mohanty-2002)।

ପୂର୍ବରୁ ଆଞ୍ଚଳିକ ଭାଷାରେ ଶିକ୍ଷା ଦିଆଯାଉଥିଲେ ମଧ୍ୟ ୧୮୩୭ ମସିହା ଲର୍ଡ ମାକଲେଙ୍କ ଶିକ୍ଷାନୀତି ଆସିବା ପରେ ଇଂରେଜୀରେ ଶିକ୍ଷାଦେବାପାଇଁ ସବୁ ଓଡ଼ିଆ ଓ ଇଂରେଜୀ ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀଙ୍କୁ ଦେୟମୁକ୍ତରେ ଇଂରେଜୀ ବହି ଦିଆଗଲା (S. Pattanaik-2017)। ଏହିକ୍ରମେ ୧୮୩୫ ମସିହାରେ ନଭେମ୍ବର ମାସରେ ପୁରୀଠାରେ ଇଂରେଜୀ ବିଦ୍ୟାଳୟ ପ୍ରତିଷ୍ଠା (A.K.Pal-2018) କରାଯିବା ସହ କଟକରେ ୧୮୩୬ ମସିହାରେ ଇଂରେଜୀ ଚାରିଟି ବିଦ୍ୟାଳୟ (ବୋର୍ଡ଼ିଙ୍ଗ ବିଦ୍ୟାଳୟ) ଇଂରେଜୀ ସରକାରଙ୍କ ନିଜ ଅଧୀନକୁ ନେଇ ଇଂରେଜୀ ଶିକ୍ଷା ସହ ଓଡ଼ିଆ ଭାଷାରେ ଶିକ୍ଷା ମଧ୍ୟ ପ୍ରଦାନ କଲେ। ଏହାର ଚାରିବର୍ଷ ପରେ ୧୮୪୦ ମସିହାରେ ବାଲେଶ୍ୱରରେ ଇଂରେଜୀ ବିଦ୍ୟାଳୟ ଖୋଲାଯାଇଥିଲା (S.Pattanaik-2017, ମହେଶ–ପୃ-୯୩)। ୧୮୫୧ ମସିହା ବେଳକୁ କଟକ ଓ ୧୮୫୩ ମସିହାରେ ବାଲେଶ୍ୱର ଓ ପୁରୀରେ ଖୋଲା ଯାଇଥିବା ଇଂରେଜୀ ବିଦ୍ୟାଳୟକୁ ଜିଲ୍ଲା ବିଦ୍ୟାଳୟରେ ପରିଣତ କରାଗଲା (A.K.Pal-2018)।

୧୮୩୭ ମସିହା ବେଳକୁ ପୁରୀର ଅଧିବାସୀମାନେ ଚାନ୍ଦା ଆଦାୟ କରି ଓଡ଼ିଆ ବିଦ୍ୟାଳୟ ବସାଇ ପିଲାମାନଙ୍କୁ ଶିକ୍ଷିତ କରିବା ସହ ଉଚ୍ଚ ଶିକ୍ଷାପାଇଁ ଇଂରେଜୀ ବିଦ୍ୟାଳୟକୁ ପଠାଉଥିଲେ (ମହେଶ–ପୃ-୯୬)। ସେତେବେଳକୁ ଓଡ଼ିଶାର ତିନୋଟି ଜିଲ୍ଲାରେ ଆଠଟି ଆଞ୍ଚଳିକ ଭାଷାର (ଓଡ଼ିଆ ଭାଷା) ବିଦ୍ୟାଳୟ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ପରିବାର ଲୋକେ ଇଂରେଜୀ ବିଦ୍ୟାଳୟରେ ପଢ଼ିବାପାଇଁ ପିଲାମାନଙ୍କୁ ଛାଡ଼ିବାକୁ ଆଗ୍ରହ କରୁନଥିଲେ। କାରଣ ଖ୍ରୀଷ୍ଟିଆନ୍ ସରକାରଙ୍କଦ୍ୱାରା ନିଯୁକ୍ତ ମିଶନାରୀମାନେ ବିଦ୍ୟାଳୟଗୁଡ଼ିକରେ ଖ୍ରୀଷ୍ଟଧର୍ମ ଶିକ୍ଷା ସମ୍ପର୍କରେ ପଢାଉଥିଲେ (A.K.Pal-2018)।

ଏ.ଜେ.ଏମ୍. ମିଲ୍‌ସ (A.J.M. Mills) ଓଡ଼ିଶାରେ ଶିକ୍ଷା ପ୍ରସାରପାଇଁ ଏକ ଯୋଜନା କଲେ। ଏହି ଯୋଜନା ମାଧ୍ୟମରେ ପୂର୍ବରୁ ଶିକ୍ଷାପାଇଁ ଯେଉଁ ଦେୟ ଗରିବ ପିଲାମାନଙ୍କୁ ଦେବାକୁ ପଡୁଥିଲା ତାହା ଦେୟମୁକ୍ତ ହୋଇଗଲା। ଏହା ବ୍ୟତୀତ ଏହି ଯୋଜନାରେ ପିଲାମାନଙ୍କୁ ଅଧା ଦାମ୍‌ରେ ବହି ଯୋଗାଇ ଦିଆଗଲା। ତେବେ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଯେମିତି ଗରିବ ଘରର ପିତାମାତାମାନେ ପିଲାମାନଙ୍କୁ ଶିକ୍ଷିତ କରିବାପାଇଁ ଆକର୍ଷିତ ହେବେ (A.K.Pal-2018)। ୧୮୪୧ ମସିହାରେ ଇଂରେଜୀ ସରକାର ଇଂରେଜୀ ଉଚ୍ଚ ବିଦ୍ୟାଳୟ କଟକରେ ଖୋଲିଥିଲେ (Dehury-2017)। ୧୮୪୪ ମସିହାରେ ଗ୍ରାମାଞ୍ଚଳରେ ଶିକ୍ଷାପାଇଁ ବଙ୍ଗ ପ୍ରେସିଡେନ୍‌ସିରେ ଯେଉଁ ୧୦୧ ଗୋଟି ଆଞ୍ଚଳିକ ବିଦ୍ୟାଳୟ ସ୍ଥାପନର ପ୍ରସ୍ତାବ ଆସିଥିଲା ସେଥିରୁ କଟକ ଡିଭିଜନର ମାତ୍ର ୧୧ ଗୋଟି ଭାଗ ପଡ଼ିଥିଲା। ସେଥିରୁ କଟକରେ ତିନୋଟି (ହରିହରପୁର, ମାହାଙ୍ଗା, କେନ୍ଦ୍ରାପଡ଼ା), ବାଲେଶ୍ୱରରେ ତିନୋଟି (ରେମୁଣା, ବାଲେଶ୍ୱର, ଭଦ୍ରକ), ଓ ପୁରୀରେ ଦୁଇଟି (ପୁରୀ, ଖୋର୍ଦ୍ଧା) ଏବଂ ମେଦିନୀପୁର ଓଡ଼ିଶାର କଟକ ଡିଭିଜନରେ ଥିବାରୁ ସେଠାରେ ତିନୋଟି ବିଦ୍ୟାଳୟ ସ୍ଥାପନ କରାଯାଇ ଓଡ଼ିଆ ଭାଷା ସହ ଇଂରେଜୀ ଭାଷାରେ ମଧ୍ୟ ଶିକ୍ଷା ଦିଆଗଲା (ମହେଶ–ପୃ- ୧୦୦)।

୧୮୫୪ ମସିହାରେ 'ଉଡ୍‌ସ ଡେସପାଚ୍ (Wood's Dispatch) ଶିକ୍ଷାନୀତିରୁ (A.K.Pal-2018) ଶିକ୍ଷାକ୍ଷେତ୍ରରେ ନୂତନ ପରିବର୍ତ୍ତନ ହେବାରୁ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦାୟାଳୟମାନ ସ୍ଥାପନ କରାଗଲା (Chand-2015)। ଯାହାଫଳରେ

ବିଶ୍ୱବିଦ୍ୟାଳୟ ଏବଂ ଅନୁଦାନପ୍ରାପ୍ତ (Granto-in-Aid) ବିଦ୍ୟାଳୟମାନ ଖୋଲାଯିବା ସହ ଆଙ୍ଗ୍ଲୋ ଆଞ୍ଚଳିକ ଭାଷାରେ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଗଲା ଏବଂ (A.K.Pal-2018) ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦିଆଗଲା (Chand-2015)। ଏହି ଶିକ୍ଷାନୀତି ଆସିବା ଫଳରେ ଓଡ଼ିଶାରେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନର ଇତିହାସ ଓ ପ୍ରଗତି ବିଷୟରେ ଏକ ରିପୋର୍ଟ ୧୯ ଜୁଲାଇ ୧୮୫୪ ରେ ପ୍ରକାଶିତ ହେଲା (S.Pattanaik-2017)। ଏଥିସହ ଆଞ୍ଚଳିକ ଭାଷା ସହ ଇଂରେଜୀ ଭାଷାରେ ଛାତ୍ରମାନଙ୍କୁ ଶିକ୍ଷିତ କରିବାର ବ୍ୟବସ୍ଥା କରାଯାଇଥିଲା (M.K.Das-2015)। ୧୮୫୪ ମସିହା ପୂର୍ବରୁ ବଙ୍ଗାଳୀମାନେ ଓଡ଼ିଆ ଭାଷାରେ ପାଠ ପଢ଼ାଉ ନଥିଲେ, (ମହେଶ–ପୃ-୧୦୫, Mohanty-2002) କିନ୍ତୁ ଏହି ଶିକ୍ଷାନୀତି ଆସିବାଫଳରେ ବଙ୍ଗାଳୀମାନେ ଓଡ଼ିଆ ଭାଷାରେ ପଢ଼ାଇବାକୁ ଆରମ୍ଭ କଲେ ଯାହାଫଳରେ ଓଡ଼ିଆ ଭାଷାର ଗୁରୁତ୍ୱ ବଢ଼ିବାରେ ଲାଗିଲା (Chand-2015)। ସେତେବେଳକୁ ଗାଁମାନଙ୍କରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ କୌଣସି ସନ୍ତୋଷ ଜନକ ଉନ୍ନତି ହୋଇନଥିବାର ଛବି ଟି.ଇ.ରେଭେନ୍‌ସାଙ୍କ ନଜରକୁ ଆସିବାପରେ ହିଁ (ମହେଶ–ପୃ-୧୦୬-୧୦୭, M.K.Das-2015) ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷାର ପ୍ରସାର କରିବା ସହ ମାଧ୍ୟମିକ ଇଂରେଜୀ ବିଦ୍ୟାଳୟ ଖୋଲିବା ଓ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କରାଯିବାର ବ୍ୟବସ୍ଥା କରାଗଲା। (S.Pattanaik-2017) ଏହାକ୍ରମେ ଓଡ଼ିଶାର ଗାଁଗହଳିର ଓଡ଼ିଆ ପିଲାମାନେ ଓଡ଼ିଆ ଭାଷାରେ ଶିକ୍ଷା ସହ ଇଂରାଜୀ ଭାଷାରେ ବି ଶିକ୍ଷା ପାଇବାର ସୁଯୋଗ ପାଇଲେ (M.K.Das-2015)।

ମାଧ୍ୟମିକ ଆଙ୍ଗ୍ଲୋ ଆଞ୍ଚଳିକ ବିଦ୍ୟାଳୟମାନଙ୍କରେ ସବୁ ବିଷୟ ଓଡ଼ିଆ ଭାଷାରେ ପଢ଼ାଯାଉଥିଲା ବେଳେ, ଏହି ସ୍ତରରେ ଇଂରେଜୀ ବାଧ୍ୟତାମୂଳକ ନଥିବାରୁ କେବଳ ବଙ୍ଗଳା ଭାଷା ପରିବର୍ତ୍ତେ ଇଂରେଜୀ ପଢ଼ାଯାଉଥିଲା। କିନ୍ତୁ ନିମ୍ନ-ଆଞ୍ଚଳିକ ଭାଷା ବିଦ୍ୟାଳୟଗୁଡ଼ିକରେ କେବଳ ଓଡ଼ିଆ ଭାଷାରେ ପଢ଼ାଯାଉଥିଲା (M.K.Das-2015, Mohanty-2002)। ଏହିକ୍ରମେ ୧୮୫୮-୫୯ ମସିହା ବେଳକୁ ୩୦ଟି ପ୍ରାଥମିକ ବିଦ୍ୟାଳୟ, ୧୮୬୮ ମସିହା ବେଳକୁ ୬୩ଟି ପ୍ରାଥମିକ ବିଦ୍ୟାଳୟ ଓ ୧୮୭୦ ବେଳକୁ ୯୫ଟି ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଥିଲା(M.K. Das-2015)। ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ଯେଉଁ ଶିକ୍ଷାଦାନ କରାଯାଉଥିଲା ତାହା ଆଞ୍ଚଳିକ ଭାଷାରେ ପଢ଼ାଯାଉଥିଲା ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଏହି ଚାରିବର୍ଷ ଇଂରେଜୀ ଭାଷା ସହ ଓଡ଼ିଆ ଭାଷାରେ ପାଠ ପଢ଼ାଯାଉଥିଲା। ରେଭେନ୍ସା ସାହେବ ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇଥିବାରୁ ସେହି ସମୟରେ ୮୩୨ଟି ପାଠଶାଳା ଖୋଲାଯାଇଥିଲା ତାହା ୧୯୪୭ ମସିହା ବେଳକୁ ଓଡ଼ିଶାରେ ୬୯୯୮ ସଂଖ୍ୟାକୁ ପହଞ୍ଚିଥିଲା। ସେ ସମୟର ରାଜା ମହାରାଜାମାନେ ଶିକ୍ଷାର ମହତ୍ୱକୁ ବୁଝି ପାରିଥିବାରୁ ପାରଳାଖେମୁଣ୍ଡିର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ପ୍ରସାରପାଇଁ ଅର୍ଥ ମଧ୍ୟ ପ୍ରଦାନ କରିଥିଲେ (S.Pattanaik-2012)। ଏଥିସହ ସେତେବେଳକୁ ୧୮୭୫ ମସିହାରେ ପ୍ୟାରୀମୋହନ ଏକାଡ଼େମୀ ମାଧ୍ୟମିକ ବିଦ୍ୟାଳୟ ୧୮୭୮ ମସିହା ବେଳକୁ ଉଚ୍ଚ ବିଦ୍ୟାଳୟ ମାନ୍ୟତା ପାଇଥିଲା ବେଳେ କଟକର ଭିକ୍ଟୋରିଆ ବିଦ୍ୟାଳୟ ମଧ୍ୟ ୧୮୮୮ ମସିହାରେ ଉଚ୍ଚ ବିଦ୍ୟାଳୟରେ ପରିଣତ ହେଲା (M.K.Das-2015)। ଯାହାଦ୍ୱାରା ଓଡ଼ିଶାର ଲୋକମାନେ ଉଚ୍ଚଶିକ୍ଷିତ ହେବାର ସୁଯୋଗ ପାଇଲେ।

୧୮୬୭ ମସିହା ବେଳକୁ ଗ୍ରାମାଞ୍ଚଳର ଲୋକମାନଙ୍କୁ ଶିକ୍ଷିତ କରିବାପାଇଁ ଶ୍ରୀଯୁକ୍ତ ଆର୍. ଏଲ୍ ମାର୍ଟିନ୍‌ଙ୍କଦ୍ୱାରା ଓ ବାବୁ ଭୂଦେବ ମୁଖାର୍ଜୀଙ୍କ ଉଦ୍ୟମରେ ବହୁ 'ଗ୍ରାମ୍ୟ ପାଠଶାଳା' ଖୋଲାଯାଇଥିଲା। ଏହି ସବୁ ଗ୍ରାମ ପାଠଶାଳାର ନାମ ଥିଲା ନିର୍ମାଲ୍ୟ ବିଦ୍ୟାଳୟ (S. Pattanaik-2017, R. Kapur-2018, ମହେଶ–ପୃ-୧୧୪)। ଏହିସବୁ ବିଦ୍ୟାଳୟରେ ଓଡ଼ିଆ, ବଙ୍ଗଳା ଓ ସଂସ୍କୃତ ଭାଷାରେ ଅଧ୍ୟୟନର ସୁବିଧା ରହିଥିଲା। ଗ୍ରାମ ପାଠଶାଳା ଖୋଲିବା ପୂର୍ବରୁ ୧୮୬୩ ମସିହାରେ ସେଥିପାଇଁ ଶିକ୍ଷକମାନଙ୍କୁ ସଂସ୍କୃତ, ଓଡ଼ିଆ ଓ ବଙ୍ଗଳା ଭାଷାରେ ପାଠ ପଢ଼ାଇବାକୁ ପ୍ରଶିକ୍ଷିତ କରିବାପାଇଁ କଟକରେ 'ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର' ଆରମ୍ଭ ହୋଲା (R. Kapur-2018, A.K.Pal-2018)। ଏହି 'ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର' ଆଜି 'ରାଧାନାଥ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର' ଭାବେ ପରିଚିତ। ପ୍ରଥମେ କଟକରେ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ହେବା ପରେପରେ ୧୮୭୫-୭୬ ମସିହାରେ ବାଲେଶ୍ୱର ଓ ପୁରୀ ଜିଲ୍ଲାରେ ମଧ୍ୟ ନୂଆ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରାଗଲା। ଏହିସବୁ ପ୍ରଶିକ୍ଷଣ କେନ୍ଦ୍ରେ ସେତେବେଳେ ଧନ୍ଦାମୂଳକ ଶିକ୍ଷାର ପ୍ରଶିକ୍ଷଣ ପ୍ରଥମ କରି ମହିଳାମାନଙ୍କୁ ଦିଆଯିବା ସହ ମେଧାବୃତ୍ତି ମଧ୍ୟ ପ୍ରଦାନ କରାଯାଇଥିଲା (Chand-2015)।

**ନାରୀଶିକ୍ଷାର ପରଂପରା ଓ ଓଡ଼ିଶାରେ ନାରୀଶିକ୍ଷା:** ବୈଦିକ କାଳରୁ ନାରୀଶିକ୍ଷାର ଗୁରୁତ୍ୱ ରହିଛି (Aniket Singh-2020)। ବୈଦିକ ଯୁଗରେ ଶିକ୍ଷିତ ନାରୀଙ୍କୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା; ଯଥା: ସାଦୋଡୱାସ୍ (ଯେଉଁମାନେ ବିବାହ ପର୍ଯ୍ୟନ୍ତ ସେମାନଙ୍କ ଶିକ୍ଷା ଅନୁସରଣ କରିଥିଲେ) ଏବଂ ବ୍ରହ୍ମାଭାଦିନିସ୍ (ଯେଉଁମାନେ କେବେ ବି ବିବାହ କରୁନଥିଲେ ଏବଂ ସେମାନଙ୍କ ଜୀବନସାରା ଅଧ୍ୟୟନ କରୁଥିଲେ)। ବେଦ ଏବଂ ବେଦାଙ୍ଗ ଶିକ୍ଷାରେ ମଧ୍ୟ ନାରୀଙ୍କୁ କୌଣସି ପ୍ରତିବନ୍ଧକ ନଥିଲେ ବି ନାରୀମାନଙ୍କର ଶିକ୍ଷା କେତୋଟି ମାତ୍ର ରୀତିନୀତିପାଇଁ ଆବଶ୍ୟକ ଧାର୍ମିକ ଗୀତ ଏବଂ କବିତା ମଧ୍ୟରେ ସୀମିତ ରହୁଥିଲା। ଉଲ୍ଲେଖନୀୟ ବୈଦିକ ଏବଂ ଉପନିଷଦ ମହିଳା ପଣ୍ଡିତ ହେଲେ ଆପାଲା, ଇନ୍ଦ୍ରାଣୀ, ଘୋଷା, ଲୋପାମୁଦ୍ରା, ଗାର୍ଗୀ ଏବଂ ମୈତ୍ରେଇ (Ruchika Jain-2018)। ଆଧୁନିକ ଶିକ୍ଷା କ୍ଷେତ୍ରରେ ରାଣୀ ଜ୍ୟାତିରାଓ ଫୁଲେ ଭାରତ ବର୍ଷର ପ୍ରଥମ ନାରୀ ଶିକ୍ଷକ ଭାବରେ ପରିଚିତ (S. C. Garaian-2021)।

ଆଧୁନିକ ଶିକ୍ଷା ବ୍ୟବସ୍ଥାର ପ୍ରାରମ୍ଭିକ ପର୍ଯ୍ୟାୟରେ ନାରୀଶିକ୍ଷାର ପ୍ରାଧାନ୍ୟ ଏକପ୍ରକାର ନଥିଲା। ଓଡ଼ିଶାରେ ୧୮୨୨ ମସିହାରେ ଯେଉଁସବୁ ବିଦ୍ୟାଳୟ ଆରମ୍ଭ ହୋଇଥିଲା ସେଠାରେ କେବଳ ଗଣୀକା ଘରର ଝିଅମାନଙ୍କୁ ଅଶୁଚି ସଂଗୀତ ଶିକ୍ଷା ଦିଆଯାଉଥିଲା। ତେବେ ଏହି କ୍ଷେତ୍ରରେ ଅବିନାଶ ଚନ୍ଦ୍ର ଚାଟାର୍ଜୀଙ୍କ ଉଦ୍ୟମ ପ୍ରଶଂସନୀୟ। ଶ୍ରୀଯୁକ୍ତ ଚାଟାର୍ଜୀ ପ୍ରଥମ କରି ୧୮୬୯ ମସିହାରେ ନିଜସ୍ୱ ଉଦ୍ୟମରେ କଟକ ବାଲୁବଜାର ସ୍ଥିତ ନିଜ ବାସଭବନରେ ୬ ଜଣ ଛାତ୍ରୀଙ୍କୁ ନେଇ କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ଆରମ୍ଭ କରିଥିଲେ। ଏହି ବିଦ୍ୟାଳୟ ୧୮୭୩ ମସିହାରେ ସରକାର ସ୍ୱୀକୃତି ଲାଭ କଲା। ପରେ ଏହି ବିଦ୍ୟାଳୟକୁ ଓଡ଼ିଆ ଭାଷାରେ ଶିକ୍ଷା ଦେବାପାଇଁ କେନ୍ଦୁଝର ମହାରାଜା ଓ ତାଳଚେର ମହାରାଣୀ ପ୍ରୋତ୍ସାହନ ମଧ୍ୟ ଦେଇଥିଲେ (ମହେଶ–ପୃ-୯୧, S.Singh-2024, U. Nayak-2018)। ଏହି ବିଦ୍ୟାଳୟରେ ୧୯୦୬ ମସିହାରେ ଇଂରେଜୀ ପଢ଼ାଗଲା ଏବଂ ୧୯୦୮ ମସିହାରେ ଉଚ୍ଚ ବିଦ୍ୟାଳୟ ହେବାପରେ ରେଭେନ୍ସା ବାଳିକା ବିଦ୍ୟାଳୟରେ ପରିଚିତ ହୋଇଥିଲା ଓ ଏହାର ପ୍ରଥମ ପ୍ରଧାନ ଶିକ୍ଷୟତ୍ରୀ ଭାବରେ ଶୈଳବାଳା ଦେବୀ ଦାୟିତ୍ୱ ଗ୍ରହଣ କରିଥିଲେ (S.Singh-2024)।

ମିଶନାରୀମାନେ 'Orphanagel' ବିଦ୍ୟାଳୟ ଖୋଲି ପୂର୍ବରୁ ନାରୀମାନଙ୍କୁ ଶିକ୍ଷା ଦେବା ଆରମ୍ଭ କରିଥିବାରୁ ୧୮୭୫ ମସିହାବେଳକୁ ୯ଟି ମହିଳା ବିଦ୍ୟାଳୟ ସହ ଗୋଟିଏ ଜଣାଣ ବିଦ୍ୟାଳୟ ମହିଳାଙ୍କପାଇଁ ଖୋଲାଯାଇଥିଲା (A.K.Pal-2018)। ଏହି ନାରୀ ଶିକ୍ଷାର ଫଳସ୍ୱରୂପ ଆମେ ଆଜି ଓଡ଼ିଆ ସାହିତ୍ୟ ଓ ଇତିହାସର ପୃଷ୍ଠାରେ 'ରେବା ରାୟ ଓ ଶୈଳବାଳା ଦେବୀ' ଆଦି ନାରୀନେତ୍ରୀଙ୍କୁ ଭେଟୁଛୁ (U.Nayak-2018)। ପରବର୍ତ୍ତୀ ସମୟରେ ୧୯୧୩ ମସିହାରେ ରେଭେନ୍ସା ବାଳିକା ବିଦ୍ୟାଳୟ (ହିନ୍ଦୁ ମହିଳା ବିଦ୍ୟାଳୟରେ ମଧ୍ୟବର୍ତ୍ତୀ(ଯୁକ୍ତଦୁଇ) ପାଠ୍ୟକ୍ରମ ଆରମ୍ଭ ହେଲା ପରେ ମହାବିଦ୍ୟାଳୟରେ ପରିଣତ ହେଲା ଏବଂ ଏହି ମହାବିଦ୍ୟାଳୟ ୧୯୩୭ ମସିହାରେ ଶୈଳବାଳା ମହାବିଦ୍ୟାଳୟ ନାମରେ ପରିଣତ ହୋଇଛି (Calender-2016-17, U.Nayak-2018)।

**ଓଡ଼ିଶାରେ ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷାରେ ଅଧ୍ୟୟନର ଧାରା :**

ଉଡ୍‌ଙ୍କ ଶିକ୍ଷାନୀତିରୁ ଆଙ୍ଗ୍ଲୋ ଆଞ୍ଚଳିକ ଭାଷା ବିଦ୍ୟାଳୟମାନ ଖୋଲିବାଦ୍ୱାରା ଓଡ଼ିଆ ଭାଷାରେ ପାଠପଢ଼ିବାର ସୁଯୋଗ ଓଡ଼ିଆ ପିଲାମାନେ ପାଇଲେ (A.K.Pal-2018)। ୧୮୭୭ ମସିହା ବେଳକୁ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ପରିବର୍ତ୍ତନ କରାଗଲା; ଏବଂ ସେହି ପରିବର୍ତ୍ତିତ ବିଦ୍ୟାଳୟଗୁଡ଼ିକରେ ସେ ସମୟରେ ଆଞ୍ଚଳିକ ଭାଷା ବିଦ୍ୟାଳୟରେ ଯେଉଁ ସ୍ତରର ଓଡ଼ିଆ ଭାଷା ଶିକ୍ଷା ଦିଆଯାଉଥିଲା, ସେହି ସ୍ତରର ଓଡ଼ିଆ ଭାଷାଶିକ୍ଷା ଦିଆଗଲା (A.K.Pal-2018)। ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେ ସମୟରେ ବମ୍ବେ, ମାଡ୍ରାସ୍ ଓ କଲିକତାରେ ବିଶ୍ୱବିଦ୍ୟାଳୟ ଥିବାବେଳେ (S.Pattanaik-2017) ଓଡ଼ିଶାରେ ଗୋଟିଏ ହେଲେ ବିଶ୍ୱବିଦ୍ୟାଳୟ ନଥିଲା। କେବଳ କଟକ ଜିଲ୍ଲା ବିଦ୍ୟାଳୟକୁ ମହାବିଦ୍ୟାଳୟରେ (ରେଭେନ୍ସା ମହାବିଦ୍ୟାଳୟ-୧୮୬୮) ପରିଣତ କରାଯାଇଥିଲା (R.Patra-2019)।

କଟକର ରେଭେନ୍ସା ବିଦ୍ୟାଳୟକୁ ଛାଡ଼ିଦେଲେ ୧୮୫୬ ମସିହାରେ ପ୍ରତିଷ୍ଠିତ ଖଲ୍ଲିକୋଟ ଜିଲ୍ଲା ବିଦ୍ୟାଳୟ ୧୮୭୮ ମସିହାରେ ମହାବିଦ୍ୟାଳୟରେ ପରିଣତ ହେଲା। ଏହି ଦୁଇ ବିଦ୍ୟାଳୟରେ ସେ ସମୟର 'ଏଫ୍.ଏ (F.A)' ଶ୍ରେଣୀରେ ପୂର୍ବରୁ ଇଚ୍ଛାଧୀନ ବିଷୟ ଭାବେ ପଢାଯାଉଥିବା ଓଡ଼ିଆ ବିଷୟକୁ (ରେଭେନ୍ସା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍) ବାଧ୍ୟତାମୂଳକ ବିଷୟ ଭାବରେ ପଢ଼ାଗଲା (ଖଲିକୋଟ୍ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍)। କିନ୍ତୁ, ଓଡ଼ିଶାରେ ସେତେବେଳକୁ ବି.ଏ. (B.A) ଶ୍ରେଣୀ ନଥିବାରୁ ଓଡ଼ିଶା ଛାତ୍ରଛାତ୍ରୀମାନଙ୍କୁ କଲିକତା ପ୍ରେସିଡେନ୍ସିକୁ ପଢ଼ିବାକୁ ଯିବାଦ୍ୱାରା ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା (Dehury-2017)। ସେଥିପାଇଁ କମିଶନର ରେଭେନ୍ସା ସାହେବ୍ ୧୮୭୮ ମସିହା ବେଳକୁ ପ୍ରଥମକରି ରେଭେନ୍ସା ମହାବିଦ୍ୟାଳୟ ବା କଟକ ଜିଲ୍ଲା କଲିଜିଏଟ୍‌ରେ ବି.ଏ. (B.A) ଶ୍ରେଣୀ ଖୋଲିଥିଲେ। ତେବେ ସବୁଠୁଁ ବିଡ଼ମ୍ବନାର ବିଷୟ, ଓଡ଼ିଆ ଭାଷାସାହିତ୍ୟରେ ବି.ଏ. (B.A) ରେଭେନ୍ସାରେ ଖୋଲିବାକୁ ଓଡ଼ିଶାରେ ପାଖାପାଖି ୬୫ ବର୍ଷ ଲାଗିଯାଇଥିଲା; ଅର୍ଥାତ୍ ରେଭେନ୍ସାରେ ଓଡ଼ିଆ ଭାଷାରେ ବି.ଏ. ୧୯୪୪ ମସିହାରେ ଖୋଲାଗଲା (ରେଭେନ୍ସା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍, ପ୍ରବେଶ ତାରିଖ ୧୩.୦୪.୨୦୨୪)।

୧୮୮୨ ମସିହାରେ ଆସିବା ପରେ ହଣ୍ଟର କମିସନ (Hunter Commission) ଉଚ୍ଚଶିକ୍ଷା ଓ ପ୍ରାଥମିକ ଶିକ୍ଷାକୁ ଅଣଦେଖା କରିଥିଲେ (S.Pattanaik-2017)। ଏହି ସମୟରେ ଭାରତୀୟ ଭାଷା ବା ଓଡ଼ିଆ ଭାଷାରେ ପ୍ରାଥମିକ ଶିକ୍ଷାର ପ୍ରାବଧାନ ରହିଥିଲ ବି ଉଚ୍ଚଶିକ୍ଷା କିନ୍ତୁ ଇଂରେଜୀ ଭାଷାରେ ପଢ଼ିବାକୁ ହେଉଥିଲା (Chand-2015, U.Nayak-2022)। ଏଥିସହ ଉଚ୍ଚଶିକ୍ଷାକୁ ଦୁଇଭାଗ କରି ଗୋଟିଏ ପଟେ ଧନ୍ଦାମୂଳକ ଶିକ୍ଷା ଓ ଅନ୍ୟପକ୍ଷେ ସାହିତ୍ୟିକ ଶିକ୍ଷା ପ୍ରଦାନ କରାଗଲା (R.patra-2019)। ଏହି ସମୟରେ ମାଡ୍ରାସ୍ ବିଶ୍ୱବିଦ୍ୟାଳୟ ଅଧିନରେ ଓଡ଼ିଶାର ତୃତୀୟ ମହାବିଦ୍ୟାଳୟ ଭାବରେ ପାରଳାଖେମୁଣ୍ଡିର ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ ୧୮୯୬ ମସିହାରେ ପ୍ରତିଷ୍ଠିତ ହେଲା (S.Pattanaik-2017, R. Patra-2019)।

ଭାରତୀୟ ଶିକ୍ଷାନୀତି ୧୯୦୪ ପରେପରେ କଲିକତା ବିଶ୍ୱବିଦ୍ୟାଳୟ କମିଟି, '୧୯୨୯ର ହାର୍ଟୁଗ୍ କମିଟି (Hartog Committee), ୧୯୩୭ ରେ ପ୍ରାଥମିକ ଶିକ୍ଷାର ୱାର୍ଦ୍ଧା ସ୍କିମ୍ (Wardha Scheme of Basic Education) ଓ ୧୯୪୪ ରେ ତତ୍କାଳୀନ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଉପଦେଷ୍ଟା ସାର୍ ଜନ୍ ସର୍ଜେଣ୍ଟ (Sir John Sergeantଙ୍କ ରିପୋର୍ଟ ଆସିବା ପରେପରେ ଗ୍ରାମୀଣ ଅଞ୍ଚଳରେ

ଶିକ୍ଷାର ସୁଫଳପାଇଁ ଶିକ୍ଷା ବିଭାଗରେ ଭିନ୍ନ ଭିନ୍ନ ସଂଗଠନ କରି ଶିକ୍ଷାକ୍ଷେତ୍ରକୁ ସଶକ୍ତ କରାଗଲା (Chand-2015, R. Patra-2019, R.Kapur, Rajni-2021)। ୧୯୦୪ ମସିହାର ଶିକ୍ଷାନୀତି ଆସିବା ପରେପରେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନର ମହତ୍ତ୍ୱ ବଢ଼ିବାରୁ ପ୍ରଥମିକ ସ୍ତରରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦିଆଗଲା (S.Pattanaik-2017)। ଏହାର ଫଳସ୍ୱରୂପ ପ୍ରଥମ କରି ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଉଦ୍ୟମରେ ସତ୍ୟବାଦୀ ବକୁଳ ବନବିଦ୍ୟାଳୟ ୧୯୦୯ ମସିହାରେ ପ୍ରତିଷ୍ଠା ହେଲା (R.Patra-2019)।

**ଓଡ଼ିଶାରେ ଓଡ଼ିଆ ଭାଷା ସମ୍ବନ୍ଧିତ ଗବେଷଣା:** ଓଡ଼ିଆ ଭାଷାରେ ପ୍ରାଥମିକ ସ୍ତରରୁ ନେଇ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟମାନଙ୍କରେ ପଢ଼ାଯାଉଥିଲେ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟରେ କୌଣସି ଗବେଷଣା ପୁସ୍ତକ ପାଠକ ସାମ୍ନାକୁ ଆସି ନଥିଲା। ସମକାଳରେ ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାଓ, ମଧୁସୂଦନ ଦାସ ଆଦି କବିମାନେ ଆପଣା କାବ୍ୟିକ ସୃଜନଶକ୍ତି ବଳରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ଗବେଷଣା କରାଯାଇନଥିଲା। ସର୍ବପ୍ରଥମେ ମନମୋହନ ଚକ୍ରବର୍ତ୍ତୀ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଓ ବିଭବକୁ ସ୍ୱୀକାର କରି ଓଡ଼ିଆ ସାହିତ୍ୟ ସମ୍ବନ୍ଧୀୟ ସର୍ବପ୍ରଥମ ଗବେଷଣାତ୍ମକ ପ୍ରବନ୍ଧ ଲେଖିଥିଲେ (ପାଣିଗ୍ରାହୀ-୧୬୫) ଓ ପ୍ରଥମକରି ୧୯୨୦ ମସିହାରେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ସ୍ୱୀକାରକରି (ପାଣିଗ୍ରାହୀ-୧୬୫) ସୋନପୁର ମହାରାଜା ଶ୍ରୀ ଶ୍ରୀ ବୀରମିତ୍ରୋଦୟ ସିଂହଦେଓଙ୍କ ୫୧,୫୦୦ ଟଙ୍କାର ଆର୍ଥିକ ସହାୟତାରେ ସୋନପୁର ଚେୟାର ସୃଷ୍ଟି (ମହାପାତ୍ର-୨୧, ମଜୁମ୍‌ଦାର-୧୯୨୧)କରି ଓଡ଼ିଆ ଭାଷାର ତୁଳନାତ୍ମକ ଭାଷାତତ୍ତ୍ୱ ଉପରେ ପ୍ରଥମ ଗବେଷଣା ଆରମ୍ଭ କରାଯାଇଥିଲା ଏବଂ ଏହି ଗବେଷଣାର ଦାୟିତ୍ୱ ବହନ କରିଥିଲେ ଶ୍ରୀ ବିଜୟଚନ୍ଦ୍ର ମଜୁମ୍‌ଦାର। ତାଙ୍କ ସହ ପଣ୍ଡିତ ନୀଳକଣ୍ଠ ଦାସ ଓ ବିନାୟକ ମିଶ୍ର ଯୋଗଦେଇଥିଲେ ଓ ଦୁହେଁ ଓଡ଼ିଆ ବିଭାଗର ଅଧ୍ୟାପକ ଓ ସହାୟକ ଅଧ୍ୟାପକ ରହିଥିଲେ (ବିଶେଷାଙ୍କ-୧୯୯୪, ମହାପାତ୍ର-୨୨, ନୀଳକଣ୍ଠ-୨୦୧୪)। ଏଥିସହ ଓଡ଼ିଆ ସାହିତ୍ୟ ସର୍ବପ୍ରଥମେ କଲିକତା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ସ୍ଥାନ ପାଇଥିଲା। ସାର୍ ଆସୁତୋଷ ମୁଖାର୍ଜୀଙ୍କୁ ରାୟସାହେବ ଦୀନେସଚନ୍ଦ୍ର ସେନ୍ 'Typical selection in Bengali language and literature' ଲେଖିବାପାଇଁ ପ୍ରେରଣା ଦେଇଥିଲେ। ଏହି ପ୍ରସ୍ତାବରେ ସେ ପ୍ରଭାବିତ ହୋଇ ଭାରତୀୟ ପ୍ରାନ୍ତୀୟ ଭାଷାର ପଣ୍ଡିତମାନଙ୍କଦ୍ୱାରା ସେମାନଙ୍କ ଭାଷାର ଉନ୍ମେଷ ଓ ବିକାଶ ସମ୍ବନ୍ଧରେ ଗବେଷଣା କରିବାପାଇଁ ଉତ୍ସାହିତ ହୋଇଥିଲେ। ସୋନପୁର ରାଜାଙ୍କ ସହଯୋଗରେ ଓଡ଼ିଆ ବିଭାଗ ପ୍ରତିଷ୍ଠା କରାଯାଇ ଗବେଷଣା କରାଗଲା ଏବଂ ଏହାର ଫଳ ସ୍ୱରୂପ ୧୯୨୧ ମସିହାରେ ଡ଼. ବିଜୟ ଚନ୍ଦ୍ର ମଜୁମ୍‌ଦାରଙ୍କଦ୍ୱାରା 'Typical Selection form Oriya Literature' କଲିକତା ବିଶ୍ୱବିଦ୍ୟାଳୟ ପ୍ରେସ୍‌ରେ ପ୍ରକାଶ ପାଇଲା (ମଜୁମ୍‌ଦାର-୧୯୨୧)। ଏହାଥିଲା ଓଡ଼ିଆ ସାହିତ୍ୟ ସମ୍ବନ୍ଧୀୟ ପ୍ରଥମ ଗବେଷଣା ପୁସ୍ତକ।

ଓଡ଼ିଶା ବାହାରେ ମାଡ୍ରାସ୍, କଲିକତା, ବମ୍ବେ(୧୮୫୭), ପଞ୍ଜାବ(୧୮୮୨,ଆହ୍ଲାବାଦ(୧୮୮୭)ରେ ବିଶ୍ୱବିଦ୍ୟାଳୟମାନ (Chand-2015) ପ୍ରତିଷ୍ଠା କରାଯାଇ ଗବେଷଣା ଆରମ୍ଭ ହୋଇଥିଲେ ମଧ୍ୟ ଓଡ଼ିଶାରେ ଗୋଟିଏ ହେଲେ ବିଶ୍ୱବିଦ୍ୟାଳୟ ଖୋଲାଯାଇ ନଥିଲା କି ଓଡ଼ିଆ ଭାଷାରେ ଗବେଷଣା କାର୍ଯ୍ୟ କଲିକତାରେ ଆରମ୍ଭ ହୋଇଥିଲେ ମଧ୍ୟ ଓଡ଼ିଶାରେ ହୋଇନଥିଲା ଓ ସ୍ନାତକୋତ୍ତର ଡିଗ୍ରୀ ମଧ୍ୟ ଖୋଲାଯାଇନଥିଲା। ୧୯୩୬ ମସିହା ଏପ୍ରିଲ୍ ୧ ତାରିଖ ଦିନ ଓଡ଼ିଶା ସମଗ୍ର ଭାରତ ବର୍ଷର ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଗଠନ ହେବାପରେ ମଧ୍ୟ ଓଡ଼ିଶାର ସବୁ ମହାବିଦ୍ୟାଳୟ ପାଟଣା ଓ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ରହିଥିଲା (S. Patnaik-2014, ବେହେରା-ପୃ-୩୯-୪୨)।

**ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ଓଡ଼ିଆ ଭାଷା ଅଧ୍ୟୟନ:** ଓଡ଼ିଶାରେ ବିଦ୍ୟାର୍ଥୀଙ୍କ ଆବଶ୍ୟକତାକୁ ଲକ୍ଷ୍ୟରଖି ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ଖୋଲିବାପାଇଁ ସମକାଳୀନ ବୁଦ୍ଧିଜୀବୀ ହୃଦୟଙ୍ଗମ କରିଥିଲେ। 1936 ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାପରେ 1937 ମସିହାରେ ପ୍ରଥମ କଂଗ୍ରେସ ମନ୍ତ୍ରୀମଣ୍ଡଳ ଶାସନ ଭାର ଗ୍ରହଣ କଲା। ଏଇ ସରକାର ଓଡ଼ିଶାରେ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଏକ କମିଟି ଗଠନ କଲେ। ମାତ୍ର ଏହି ସରକାରର ମନ୍ତ୍ରୀମଣ୍ଡଳ ୧୯୩୯ରେ ଇସ୍ତଫା ପ୍ରଦାନ କରିବାରୁ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ପରେ ୧୯୪୧ ମସିହାରେ ପାରଳା ମହାରାଜାଙ୍କ ନେତୃତ୍ୱରେ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା। ଏହି ମନ୍ତ୍ରୀମଣ୍ଡଳରେ ସେତେବେଳେ ଶିକ୍ଷା ଓ ଅର୍ଥ ବିଭାଗର ଦାୟିତ୍ୱରେ ଥାଆନ୍ତି ପଣ୍ଡିତ ଗୋଦାବରୀଶ ମିଶ୍ର। ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାଭାଷି ଲୋକମାନଙ୍କର ଆଶା ଏବଂ ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ୧୯୩୮ ମସିହା ମାର୍ଚ୍ଚ ୨ ତାରିଖରେ ଓଡ଼ିଶାର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଓଡ଼ିଶାରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯେଉଁ ପବିତ୍ର ଉଦ୍ୟମ ଆରମ୍ଭ କରିଥିଲେ, ତାହା ଗୋଦାବରୀଶ ମିଶ୍ରଙ୍କ ଉଦ୍ୟମରେ ୩୦ ଜୁନ୍ ୧୯୪୩ରେ ଚୂଡ଼ାନ୍ତ ରୂପପାଇ ବିଧାନସଭାରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ତତ୍କାଳିନ ଶିକ୍ଷାବିଭାଗ ନିର୍ଦ୍ଦେଶକ ଶ୍ୟାମଚନ୍ଦ୍ର ତ୍ରିପାଠୀଙ୍କ ସହଯୋଗ ଏବଂ ମନ୍ତ୍ରୀ ଗୋଦାବରୀଶଙ୍କ ପ୍ରତ୍ୟକ୍ଷ ଆଗ୍ରହ ଓ ଉଦ୍ୟମରୁ ୧୯୪୩ ମସିହା ଅଗଷ୍ଟ ୨ ତାରିଖରେ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍ଘାଟନ କରାଯାଇ ଏହାର ନାମ ରଖାଯାଇଥିଲା 'ଉତ୍କଳ ବିଶ୍ୱବିଦ୍ୟାଳୟ' (ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ)। ଏହା ପରାଧିନ ଭାରତରେ ପ୍ରତିଷ୍ଠା ଲାଭ କରିଥିବା

ଶେଷ ବିଶ୍ୱବିଦ୍ୟାଳୟ ଥିଲା। ସେହିବର୍ଷ ଶେଷ ଭାଗରେ ରେଭେନ୍ସା କଲେଜର ପଶ୍ଚିମ ଛାତ୍ରାବାସରେ ୱାଡେନ୍ ଖାଲି କରିଥିବା କ୍ୱାର୍ଟର୍ସରେ ବିଶ୍ୱବିଦ୍ୟାଳୟ ଅଫିସ ଖୋଲିଲା। ଡକ୍ଟର ପ୍ରାଣକୃଷ୍ଣ ପରିଜା ବିଶ୍ୱବିଦ୍ୟାଳୟର କୁଳପତି ଓ ଅଧ୍ୟାପକ ଭି. ଭି. ଜନ୍ କୁଳସଚିବ ହେଲେ। ଓଡ଼ିଆ ଭାଷାରେ ଲିଖିତ ଚର୍ଯାଗୀତର ଭାଷାକୁ ଭିତ୍ତିକରି ୧୯୬୯ ମସିହାରେ ପ୍ରଥମେ ଡ଼. କରୁଣାକର କର 'ଆଶ୍ଚର୍ଯ୍ୟ ଚର୍ଯାଚୟ' ଗବେଷଣାତ୍ମକ ପୁସ୍ତକ ଲେଖିଥିଲେ।

ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ହେବାପରେ ଓଡ଼ିଶାରେ ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷଣାପାଇଁ ପ୍ରଥମେ ରେଭେନ୍ସା ମହାବିଦ୍ୟାଳୟରେ ୧୯୪୪ ମସିହାରେ ସ୍ନାତକ ଡିଗ୍ରୀ ପାଠପଢ଼ିବାପାଇଁ ଖୋଲାଗଲା ଏବଂ ୧୯୪୬ ମସିହାରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଖୋଲାଗଲା। ପ୍ରଥମ ବିଭାଗମୁଖ୍ୟ ଭାବରେ ପଣ୍ଡିତ ଆର୍ତ୍ତବଲ୍ଲଭ ମହାନ୍ତି ନିଯୁକ୍ତି ପାଇଲେ (Chand-2015, ରେଭେନ୍ସା ବିଶ୍ୱବିଦ୍ୟାଳୟ ଇତିହାସ)। ଏହା ପୂର୍ବରୁ ରେଭେନ୍ସା, ଖଲିକୋଟ ଓ ବିକ୍ରମ ଦେବ ମହାବିଦ୍ୟାଳୟରେ ଏଫ୍.ଏ (F.A) ଶ୍ରେଣୀରେ ଓଡ଼ିଆ ଇଚ୍ଛାଧୀନ ଥିଲା। ୧୯୪୪ ମସିହା ପରେ ପରେ ଓଡ଼ିଶାରେ ଖୋଲାଯାଇଥିବା ବାଲେଶ୍ୱର, ପୁରୀ, ସମ୍ବଲପୁର, ଭବାନୀପାଟଣା ଓ ମୟୁରଭଞ୍ଜ ଆଦି ମହାବିଦ୍ୟାଳୟରେ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନପାଇଁ ବିଭାଗମାନ ଖୋଲାଗଲା।

ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ପରେ ଦ୍ୱିତୀୟ ବିଶ୍ୱବିଦ୍ୟାଳୟ ଭାବେ ସମ୍ବଲପୁର(୧୯୬୮) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ(୧୯୬୮) ଖୋଲିଲା। ୧୯୫୧ ମସିହା ବେଳକୁ ବିଶ୍ୱଭାରତୀ, ଶାନ୍ତିନେକେତନରେ ଓଡ଼ିଆ ବିଭାଗ ଖୋଲିଥିଲା (ଓଡ଼ିଆ ବିଭାଗ ବିବରଣୀ, ବିଶ୍ୱଭାରତୀ)। ଏପିରିକ ଓଡ଼ିଶାର ପ୍ରାଚୀନ ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୬୨ ମସିହାରେ ବାଣୀବିହାରକୁ ସ୍ଥାନାନ୍ତରଣ ହୋଇଥିଲେ ମଧ୍ୟ ସେଠାରେ ଓଡ଼ିଆ ବିଭାଗ ଖୋଲାଯାଇନଥିଲା। ୧୯୬୯ ମସିହାରେ (ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ)୧୬ ଜଣ ଛାତ୍ରଛାତ୍ରୀ ଓ ତିନିଜଣ ଅଧ୍ୟାପକକୁ ନେଇ ଉତ୍କଳ ବିଶ୍ୱବିଦ୍ୟାୟରେ (ବିଶେଷାଙ୍କ-୧୯୯୪) ଓଡ଼ିଆ ବିଭାଗ ଖୋଲିବା ପୂର୍ବରୁ ୧୯୬୮ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୫ଜଣ ଛାତ୍ରଛାତ୍ରୀ (ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିବରଣୀ) ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୬ ଜଣ ଛାତ୍ରଛାତ୍ରୀଙ୍କୁ ନେଇ (ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିବରଣୀ) ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଖୋଲାଯାଇ ଅଧ୍ୟୟନ କାର୍ଯ୍ୟ ଆରମ୍ଭ ହୋଇସାରିଥିଲା।

ଏଇଠି ଉଲ୍ଲେଖଯୋଗ୍ୟ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠାରୁ ପ୍ରାୟ ୧୦୪ ବର୍ଷପରେ ଏହି ଓଡ଼ିଆ ବିଦ୍ୟାଳୟର ଓଡ଼ିଆ ଭାଷାରେ ଶିକ୍ଷା, ମାତୃଭୂମି ପ୍ରତି ଉତ୍ସର୍ଗୀକୃତ ମନୋଭାବ ଓ ଭାଷା ପ୍ରୀତିକୁ ଲକ୍ଷ୍ୟ କରି ୦୯.୧୦.୨୦୧୮ରେ ଓଡ଼ିଶା ସରକାର ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତ୍ତିସ୍ଥାପନ କଲେ (H. Pradhan, June 2023) ଓ ଏହି ବିଶ୍ୱବିଦ୍ୟାଳୟରେ ୦୫.୦୯.୨୦୨୩ରେ ପାଠପଢ଼ା ଆରମ୍ଭ ହେଲା (H. Pradhan, Dec 2023)। ଏହା ହିଁ ଆଜି ଓଡ଼ିଶାରେ ଓଡ଼ିଆ ଭାଷାକୁ ଭିତ୍ତିକରି ପ୍ରଥମ ବିଶ୍ୱବିଦ୍ୟାଳୟ ଭାବରେ ପରିଚିତ।

**<u>ଉପସଂହାର:</u>** ପରିଶେଷରେ ୧୭୧୫ ମସିହାରୁ ଆଧୁନିକ ଶିକ୍ଷାର ପ୍ରାରମ୍ଭରୁ ଆଜି ଭିତରେ ଦୀର୍ଘ ୩୦୦ରୁ ଊର୍ଦ୍ଧ୍ୱ ସମୟ ବିତିସାରିଲାଣି। ଦିନେ ନିଜର ଅସ୍ତିତ୍ୱପାଇଁ ଲଢ଼ାଇ କରୁଥିବା ଓଡ଼ିଆ ଭାଷା ଏବେ ଆଧୁନିକ ଶିକ୍ଷାଧାରାର ପ୍ରମୁଖ ବିଷୟଭାବେ ଅଧ୍ୟୟନ ଓ ଅଧ୍ୟାପନାର ଧାରା ପାଖାପାଖି ୧୫୦ରୁ ଊର୍ଦ୍ଧ୍ୱ ବର୍ଷକୁ ଅତିକ୍ରମ କରିଛି। ଓଡ଼ିଶାର ଏବେ ବହୁ ମହାବିଦ୍ୟାଳୟରେ ସ୍ନାତକ ଶ୍ରେଣୀରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ବିଷୟ ଭାବେ ପଢ଼ାଯାଉଛି। ଓଡ଼ିଶା ସରକାରଙ୍କ 'ବିଦ୍ୟାର୍ଥୀ ଶିକ୍ଷଣ ପରିଚାଳନା ସିଷ୍ଟମ' (SAMS) ତଥ୍ୟ ଅନୁସାରେ ଓଡ଼ିଶାର ୧୧୦ଟି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର ଶ୍ରେଣୀ ଚାଲିବା ସହିତ ଗବେଷଣା ମଧ୍ୟ ହେଉଛି। ବର୍ଷ ୨୦୧୪ରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଏଥିର ଉଚ୍ଚତର ଗବେଷଣା ପାଇଁ ଭାରତୀୟ ଭାଷା ସଂସ୍ଥାନ, ମହୀଶୂରର ଅଧୀନରେ ଓଡ଼ିଆ ଶାସ୍ତ୍ରୀୟ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ମଧ୍ୟ ଖୋଲିଛି। ଓଡ଼ିଶା ବାହାରେ ନୂଆଦିଲ୍ଲୀ ସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଆଦିରେ ଗବେଷଣା ଓ ଅଧ୍ୟୟନରେ ଅଗ୍ରଗତି ଘଟିଛି। ଏହା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ସ୍ତରରେ ସମର୍ପିତ ଓଡ଼ିଆ ଶିକ୍ଷକ ନିର୍ମାଣର ପରମ୍ପରା ନହେବାରୁ ଓଡ଼ିଆ ଭାଷା ଓ ସାହିତ୍ୟକୁ ପ୍ରୋତ୍ସାହନର ଅଭାବ ଅନୁଭବ ହେଉଛି। ତେବେ ଏଇବର୍ଷ ଓଡ଼ିଶା ସରକାର ପ୍ରଥମ କରି ବିଦ୍ୟାଳୟ ସ୍ତରରେ ପ୍ରଶିକ୍ଷିତ ଓଡ଼ିଆ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଘୋଷଣା କରିବା ଓ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ କରିବା ଆତ୍ମସନ୍ତୋଷର ବିଷୟ ନିଶ୍ଚୟ। ତେଣୁ ଆସନ୍ତୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଶହେବର୍ଷ ପୂର୍ତ୍ତି ବା ୨୦୩୬ ମସିହା ବେଳକୁ ଓଡ଼ିଆ ଭାଷାକୁ ଏକ ଶ୍ରେଷ୍ଠତମ ସ୍ତରରେ ପହଞ୍ଚାଇବା ପାଇଁ ଏବେଠାରୁ ଖସଡ଼ା ଓ ଯୋଜନା ପ୍ରସ୍ତୁତ କରିବା। ଏହି ଜାତି ଓ ଭାଷା ନିଜକୁ ପୁନଃଜାଗ୍ରତ କରିବାର ସାମର୍ଥ୍ୟ ରଖୁଛି। ଅତଏବ, ଓଡ଼ିଆ ଭାଷା ଏବଂ ସାହିତ୍ୟକୁ କେବଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କରେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ପିଲାମାନଙ୍କୁ ବାଧ୍ୟ କଲେ ଉଚିତ ହେବ ନାହିଁ; ବରଂ ଛାତ୍ରଛାତ୍ରୀମାନେ କିଭଳି ଆଗ୍ରହର ସହ ଓଡ଼ିଆ ସାହିତ୍ୟକୁ ପଢ଼ିବେ ଏବଂ ଓଡ଼ିଆ ଭାଷାକୁ ସେମାନେ ତାଙ୍କର ଦୈନନ୍ଦିନ ବ୍ୟବହାରରେ ଲଗାଇବେ ତଥା ଭାବର ଆଦାନପ୍ରଦାନ କହିପାରିବେ ସେଥିପାଇଁ ଆମକୁ ବିଦ୍ୟାଳୟସ୍ତରରୁ ଯତ୍ନବାନ ହେବାକୁ ପଡ଼ିବ ଓ ପାଠ୍ୟକ୍ରମରେ ଆବଶ୍ୟକ ପରିବର୍ତ୍ତନ ତଥା ନୂତନତ୍ୱ ଆଣିବାକୁ ପଡ଼ିବ। ସ୍ୱତନ୍ତ୍ର ରାଜ୍ୟର ସମ୍ମାନ, ସ୍ୱତନ୍ତ୍ର ଓଡ଼ିଆର ପରିଚୟକୁ ଆମ ଭିତରେ ମନ୍ତ୍ରବତ୍ ଉଚ୍ଚାରିତ କରିବାକୁ ହେବ।

ସହାୟକ ଗ୍ରନ୍ଥସୂଚୀ:

1. ସାମନ୍ତରାୟ ଡ଼. ନଟବର – ଓଡ଼ିଆ ସାହିତ୍ୟର ଇତିହାସ, ଲାବଣ୍ୟ ପ୍ରକାଶନ, ଭୁବନେଶ୍ୱର, ୧୯୬୪
2. ପାଣିଗ୍ରାହୀ ଡ଼. କୃଷ୍ଣଚନ୍ଦ୍ର – ମୋ ସମୟର ଓଡ଼ିଶା, କିତାବ ମହଲ, କଟକ,୧୯୭୮
3. ପଟ୍ଟନାୟକ ଡ଼. ଆସୁତୋଷ - ପାଠ୍ୟକ୍ରମ ପ୍ରବନ୍ଧାବଳୀ : ଫକୀର ମୋହନ ସେନାପତି ଓ ଆର୍ତ୍ତବଲ୍ଲଭ ମହାନ୍ତି ବିଶେଷାଙ୍କ, ୧୯୯୪
4. ମହାପାତ୍ର ଡ଼. ପ୍ରେମାନନ୍ଦ – ମନସ୍ୱୀ ସାଧକ ପଣ୍ଡିତ ବିନାୟକ ମିଶ୍ର, ଶ୍ରୀଗୁରୁ ପ୍ରେସ୍ ଟ୍ରଷ୍ଟ, ୨୦୦୮
5. ଦାସ ନୀଳକଣ୍ଠ – ଆତ୍ମଜୀବନୀ, କଟକ ଷ୍ଟୁଡ଼େଣ୍ଟ ଷ୍ଟୋର, ପ୍ରଥମ ସଂସ୍କରଣ- ୧୯୬୩, ୪ର୍ଥ ସଂସ୍କରଣ – ୨୦୧୪
6. ମିଶ୍ର ଶ୍ରୀନିବାସ - ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ, ପ୍ରଥମ ସଂସ୍କରଣ – ୧୯୭୮, ଦ୍ୱିତୀୟ ସଂସ୍କରଣ – ୧୯୯୫
7. ମହାପାତ୍ର ଶ୍ରୀ ମହେଶ ଚନ୍ଦ୍ର - ଆଧୁନିକ ଶିକ୍ଷା ଓ ଓଡ଼ିଶା , ଗ୍ରନ୍ଥ ମନ୍ଦିର, ସଂସ୍କରଣ – ୧୯୭୭
8. ମହାପାତ୍ର ଡ଼. ଶ୍ୟମସୁନ୍ଦର, ପଟ୍ଟନାୟକ ଡ଼. କଇଳାସ - ଗବେଷଣା ସମ୍ବାଦ A Bulleetin of oriya Research , ଓଡ଼ିଆ ବିଭାଗ ବିଶ୍ୱଭାରତୀ ଶାନ୍ତିନୀକେତନ, ୧୯୯୯
9. ବେହେରା ଡ଼. ପୁଷ୍ପଲତା – ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ ସମାଲୋଚନାର ବିକାଶଧାରାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଭୂମିକା, ୨୦୨୩, କଳାବିଭୂଷଣ ନିବନ୍ଧ
10. Soumya deep- First School of India: First School in India by British, Aug.16.2023
11. Tsmsfaridabad- Role of Education in Life, Mar 15, 2023 https://medium.com/@tsmsfaridabad/role-of-education-in-life-c0c703a2fc2d
12. Pradhan Hemanta - Odisha CM to inaugurate Odia University campus by January la, Dec 24, 2023, 22:07 IST (Times of India) https://timesofindia.indiatimes.com/india/odisha-cm-to-inaugurate-odia-university-campus-by-january-last-week/articleshow/106254149.cms?from=mdr
13. Pradhan Hemanta - Odia University to be inaugurated in July first week, Jun 18, 2023, 12:49 IST (Times Of India)
14.https://timesofindia.indiatimes.com/education/news/odia-university-to-be-inaugurated-in-july-first-week/articleshow/101081281.cms
15. Mishra Akshaya Kumar– Language Agitation (1845-1903): A key Process towards formation of Odisha state, 2016
16. Pattanaik Dr. Subhransu – Education of Odisha under the Colonial rule on Historical perspective, JETIR, Vol-4, issu-11, Nov- 2017
17. Panigrahi Dr. Akshaya Kumar, Pal Anjana Kumar - Growth of national consciousness and education in Odisha during colonial rule, IOSR, 2018
18. Mohanty Panchanana – British Language policy in 19th century India and the Oriya language movement, Springer Link, 2002
19. Dehury Dinabandhu – Cuttack City: promotion of education in Orissa in the independence Era, Orrisa Review, 2017
20. Chand Dinesh – Education System in pre-independence, IJAR, 2015
21. Das Manas Kumar – Growth of Education in Odisha during the British period, SRJIS, 2015
22. Kapur Dr. Radhika - Teacher education in pre-independence India, ResearchGate, 2018
23. Nayak Umakanta - Growth of education in Odisha during colonial rule, IJHSSI, 2019
24. Sahoo Bedadyti, Pattanaik Sasmita, Patra Ruchika – Education system in pre-independence India with reference to Odisha, India, IRJSS, 2019
25. Dr. Rajni – Historical Background of primary education in India : At a glance, AIBPRRRJ, 2021
26. Mishra Mahendra Kumar – Multilingual education in Odisha, 2009
27. Modal Gourish Chandra, Hossin Amir – History and milestones of higher education in India, 2019

28. History and Milestones of Education in India Mrs. Sujata Tripathi1 and Mishra Aastha Arvind2, IJARSCT, Vol-2, issue-3, Feb-2022
29. Press Release – History of Odia depertment Viswa Bharati
30. Calender-2016-17, Sailabala Womens college, Cuttack,
31. History of Utkal University, https://utkaluniversity.ac.in/history/
32. Garaian Sourav Chandra , Dr. Sen Subir - SAVITRIBAI PHULE THE FIRST LADY TEACHER AND SOCIAL REFORMER IN NINETEENTH CENTURY OF INDIA, volum-7, issue-6, June 2021, EPRL(IJMR)
33. Patanaik Surasinha - The Making of the Province of Odisha, March-2014, Classical to Odia Language
34. About Department of Odia, Berhampur University
https://www.buodisha.edu.in/pg_departments/department-of-odia/
35. History of Sambalpur University, https://www.suniv.ac.in/#
36. About Department of Odia, https://www.suniv.ac.in/department-details.php?url=odia
37. History of department of Odia, Ravenshaw University, https://ravenshawuniversity.ac.in/?page_id=6980
38. Prabhu, Joseph (2006), "Educational Institutions and Philosophies, Traditional and Modern", Encyclopedia of India (vol. 2) edited by Stanley Wolpert, Thomson Gale, ISBN 0-684-31351-0.
39. Mazumdar, B. C. (Bijay Chandra): Typical selections from Oriya literature (University of Calcutta, printed at the Baptist Mission Press, 1921)
40. Mazumdar, B. C. (Bijay Chandra): Orissa in the making (University of Calcutta., 1925), also by University of Calcutta
41. Education in pre independence period- a review, Ratnesh Ranjan, Anuradha Pandey, V. Ranjan, AIJRHASS,

●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୪
Volume No. 02 | Issue No. 02 | Mar-Apr 2024
Refereed Peer-Reviewed Jornal

# ଓଡ଼ିଶା କାବ୍ୟ ସାହିତ୍ୟକୁ ଗଞ୍ଜାମ ଜିଲ୍ଲାର ରାଜକନ୍ୟାଙ୍କ ଅବଦାନ

■ ଦେବାଶିଷ ମହାପାତ୍ର

ଗବେଷକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଂଜବିହାର, ବ୍ରହ୍ମପୁର

OPEN ACCESS
https://bageesha.in

Article Received : 08.01.2024 | Accepted : 25.04.2024 | Published : 25.05.2024

**ସାରାଂଶ**

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ଓଡ଼ିଶାର ବିଭିନ୍ନ ରାଜବଂଶର ଅବଦାନ ଅତୁଳନୀୟ । ଏହି ଦୃଷ୍ଟିରୁ ବିଚାର କଲେ ଗଞ୍ଜାମ ଜିଲ୍ଲାର କିଛି ରାଜକନ୍ୟା କିଛି କାବ୍ୟ ରଚନା କରିଛନ୍ତି । ପୁରୁଷଙ୍କ ଦ୍ୱାରା ରଚିତ କାବ୍ୟଠାରୁ ରାଜକନ୍ୟାଙ୍କ ଦ୍ୱାରା ରଚିତ କାବ୍ୟ ଭାବ ଦୃଷ୍ଟିରୁ କିଛି ଭିନ୍ନ । ତେଣୁ ମୋର ଏହି ପ୍ରବନ୍ଧ ମାଧ୍ୟମରେ କିଛି ରାଜକନ୍ୟାଙ୍କ କାବ୍ୟରେ ଥିବା ସ୍ୱତନ୍ତ୍ରତାକୁ ଆଲୋଚନା କରାଯାଇଅଛି ।

ମୂଳଶବ୍ଦ: ଓଡ଼ିଆ କାବ୍ୟ, ରାଜ ବଂଶ, ଗଞ୍ଜାମ, ରାଜକନ୍ୟା, ରାଜକନ୍ୟାଙ୍କ କାବ୍ୟ, ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ

"ହେ ଉପେନ୍ଦ୍ର!/ ତୁମେ କାବ୍ୟ କବିତାର ଗୁରୁଭାର-କେନ୍ଦ୍ର କିଛି ନୁହେଁ/ ଥିଲା ତାହା ଏକମାତ୍ର ନାରୀ/ ଆଉ ଏକ ଜଟିଳ ଦୁର୍ବୋଧ ଡିକ୍‌ସନାରୀ/ ଉପରେ ଯାହାର ଗଢ଼ିଅଛ ତୁମ/ ସପନର ସୌଖିନ ମିନାର।/ ତେଣୁ ଭଞ୍ଜ କବି/ ଦୁଇ ଶତାବ୍ଦୀ ପରେ/ ଆଜି ଅବା ପାରୁଥିବ ବୁଝି-/ ଯେ ଦୁର୍ବାହ କଷ୍ଟ ହୁଏ/ ପଢ଼ିବାକୁ କବିତା ତୁମ୍ଭ/ XXX/ ସଭଙ୍ଗ, ଅଭଙ୍ଗ, ଶ୍ଳେଷ, କ୍ଳିଷ୍ଟ ରଚନାର/ XXX/ ପଢୁ ପଢୁ ମନେ ହୁଏ ସତେ ଅବା କରୁଅଛି ଅଙ୍କନ/ ହେ ଉପେନ୍ଦ୍ର! ତୁମେ ମୋର ବିରାଟ ଆତଙ୍କ।" ଓଡ଼ିଆ ସାହିତ୍ୟ ଜଗତର ଜଣେ ପ୍ରତିଷ୍ଠିତ କବି ସମାଲୋଚକ ଡ. ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ଭଂଜୀୟ ସାହିତ୍ୟକୁ ଯେପରି ଅନୁଶୀଳନ କରିଛନ୍ତି ତାହା ଯଥାର୍ଥ ମନେହୁଏ। କବି ସମାଲୋଚକ ଡ. ମହାନ୍ତି ନିଜର ତୀର୍ଯ୍ୟକ କବିତା ସଂକଳନର ଏକ 'ଉପେନ୍ଦ୍ରଭଂଜ' ଶୀର୍ଷକ କବିତା ମଧ୍ୟରେ ଯେଉଁ ଅଭିବ୍ୟକ୍ତି ପ୍ରକାଶ କରିଯାଇଛନ୍ତି; ତାହା କେବଳ କବିସମ୍ରାଟଙ୍କ ସାହିତ୍ୟ ନିମନ୍ତେ ଉଦ୍ଦିଷ୍ଟ ନୁହେଁ, ମଧ୍ୟଯୁଗୀୟ ସମସ୍ତ ସାହିତ୍ୟିକଙ୍କ ରଚନା ମଧ୍ୟରେ ରହିଥିବା କ୍ଳିଷ୍ଟତାକୁ ପ୍ରତିପାଦନ କରେ। ରୀତିଯୁଗୀୟ କବିମାନେ ସ୍ୱ-ରଚିତ ସାହିତ୍ୟ ମଧ୍ୟରେ ନାୟିକାର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା ଦିଗରେ ଶତମୁଖ ଥିଲେ। କିନ୍ତୁ ସେମାନଙ୍କ ଦୃଷ୍ଟିରେ ନାରୀ କେବଳ ଗୋଟିଏ ସୌନ୍ଦର୍ଯ୍ୟବର୍ଦ୍ଧନକାରୀ ଉପାଦାନ। ସେମାନଙ୍କ ଲେଖନୀରେ ନାରୀ ସମାଜର ଏକ ସଚେତନ ଅଙ୍ଗ ହେବା ପରିବର୍ତ୍ତେ କେବଳ ଗୋଟିଏ ବିଳାସ ବା ରମଣର ଗୋଟିଏ ମାଧ୍ୟମ ରୂପେ ପ୍ରତୀତ ହୋଇଥିବା ଲକ୍ଷ୍ୟ କରାଯାଏ। ତେଣୁ ମଧ୍ୟକାଳୀନ ଓଡ଼ିଆ କବିଙ୍କ ଲେଖନୀରେ ନାରୀ ସ୍ୱର ଯଥାଯଥ ଭାବେ ଉପସ୍ଥାପିତ ହୋଇନାହିଁ। ଛାନ୍ଦରୁ ଛାନ୍ଦ ଏବଂ ପୃଷ୍ଠାରୁ ପୃଷ୍ଠା ବ୍ୟାପୀ ନାରୀମାନଙ୍କ କେବଳ ସୌନ୍ଦର୍ଯ୍ୟ ବର୍ଣ୍ଣନା ରହିଥିବା ସମୟରେ ନାରୀର ଭାବ ଓ ଉଦ୍‌ବେଗକୁ ସାହିତ୍ୟ ମଧ୍ୟରେ ଉପେକ୍ଷିତ ହୋଇ ରହିବା ହୁଏତ ଏକ ସୁସ୍ଥ ମାନସିକତାର ପରିଚୟ ହୋଇ ନପାରେ। ତଥାପି 'Art for Art' 'କଳା ପାଇଁ କଳା' ନୀତି ଅବଲମ୍ବନରେ ମଧ୍ୟକାଳୀନ ଓଡ଼ିଆ ସାହିତ୍ୟ ଯଥେଷ୍ଟ ସମୃଦ୍ଧ, ତାହା କହିବା ଅନିବାର୍ଯ୍ୟ। ତେବେ ମଧ୍ୟକାଳୀନ ସମୃଦ୍ଧ କାବ୍ୟ ପରମ୍ପରାକୁ ଲକ୍ଷ୍ୟ କଲେ ମନେହୁଏ, କାବ୍ୟ ସାହିତ୍ୟର ବିପୁଳାୟତନ ମଧ୍ୟରେ ନାରୀ ସ୍ରଷ୍ଟା କାହିଁକି ସୃଷ୍ଟି ହୋଇନଥିଲେ ଏପରି ଗୋଟିଏ ପ୍ରଶ୍ନ ମନରେ ସ୍ୱତଃ ପ୍ରବୃତ୍ତ ଭାବେ ଉଙ୍କିମାରେ। ବାସ୍ତବରେ ତଥାକଥିତ ସମାଜ ମଧ୍ୟରେ ନାରୀ ନଥିଲେ ନା ନାରୀ ପ୍ରତିଭା ନଥିଲେ? ହୁଏତ ଏହାର ଉତ୍ତରରେ ଆମ୍ଭେ ଲକ୍ଷ୍ୟ କରିବା ସମାଜରେ ନାରୀ ତ ନିଶ୍ଚୟ ଥିଲେ କିନ୍ତୁ ନାରୀ ପ୍ରତିଭା ବିକଶିତ ନିମନ୍ତେ ସମାଜର ରକ୍ଷଣଶୀଳ ମନଭାବ ବାଧକ ସୃଷ୍ଟି କରୁଥିଲା। ମଧ୍ୟଯୁଗରେ ଶିକ୍ଷା ବ୍ୟବସ୍ଥା ଥିଲା ଗୋଟିଏ ବଂଶ ବା ପରିବାରର ଏକ ଅସ୍ଥାବର ସମ୍ପତ୍ତି। କେବଳ ରାଜା, ରାଜ ପରିବାର, ବ୍ରାହ୍ମଣ ଏବଂ କରଣ ପରିବାର ମଧ୍ୟରେ ଶିକ୍ଷାର ପରିସର ସୀମିତ; ସାଧାରଣ ବର୍ଗର ଲୋକଙ୍କ ନିମନ୍ତେ ଏହା ଅତ୍ୟନ୍ତ ଦୁର୍ଲଭ। ଶିକ୍ଷା ଯେତେବେଳେ ସାଧାରଣ ଜନତାଙ୍କ ଠାରେ ଅପହଞ୍ଚ,

ତେବେ ନାରୀ ଶିକ୍ଷାର ପ୍ରଶ୍ନ ସାଧାରଣ ରକ୍ଷଣଶୀଳ ସମାଜ ମଧ୍ୟରେ ଉଠିବ କିପରି? ନାରୀ ଯେତେବେଳେ ଶିକ୍ଷାଠାରୁ ଦୂରରେ ତେବେ ନାରୀ ଲେଖନୀ ଓ ନାରୀ ଚିନ୍ତନ ସମ୍ପର୍କରେ ଚିନ୍ତା କରିବା ଧୃଷ୍ଟତାର ପରିଚୟ ବ୍ୟତୀତ ଅନ୍ୟ କିଛି ନୁହେଁ।

ମଧ୍ୟକାଳୀନ ସମାଜରେ ନାରୀ ଅବଗୁଣ୍ଠନବତୀ ବା ଘରକୋଣର ସୁନ୍ଦରୀ। ସେହିପରି ଅନ୍ତଃପୁର ତଥା ରାଜପ୍ରାସାଦର ମଧ୍ୟ ସେ ଥିଲା ସୁକୁମାରୀ ଈଶ୍ୱରୀ। ପୁରୁଷତାନ୍ତ୍ରିକ ସମାଜ ମଧ୍ୟରେ ଏହିପରି ରକ୍ଷଣଶୀଳା ମାନସିକତା ଯେତେବେଳେ ବଳବତ୍ତର, ସେଠାରେ ସାହିତ୍ୟ ବା କାବ୍ୟ ସର୍ଜନାରେ ନାରୀର ଭୂମିକା ସମ୍ପର୍କରେ ବିଚାର କରିବା ଏକ ବିଡ଼ମ୍ବନା ମାତ୍ର। ତଥାପି ସମାଜର ଏହି ରୁଗ୍ଣ ମନଭାବ ଠାରୁ ନିଜକୁ ଉର୍ଦ୍ଧ୍ୱରେ ରଖି ଅନେକ ନାରୀ ନିଜର ଲେଖନୀ ଚାଳନା କରି ଓଡ଼ିଆ କାବ୍ୟ ସାହିତ୍ୟକୁ ସମୃଦ୍ଧି କରିପାରିଛନ୍ତି। ମଧ୍ୟଯୁଗରେ ଯେଉଁ କେତେଜଣ ନାରୀ ପ୍ରତିଭାର ସନ୍ଧାନ ମିଳେ ସେଥିମଧ୍ୟରୁ କେତେଜଣ ଶିକ୍ଷିତ କରଣ ପରିବାରର ସଦସ୍ୟା ହୋଇଥିବା ସମୟରେ ଅନ୍ୟ କେତେଜଣ ରାଜପରିବାର ଅନ୍ତର୍ଭୁକ୍ତ। କିନ୍ତୁ ବିସ୍ମୟର କଥା ଏହି ଯେ, ତଥାକଥିତ ସମୟରେ ବିଦ୍ୟା ଅଧ୍ୟୟନ କ୍ଷେତ୍ରରେ ବ୍ରାହ୍ମଣମାନଙ୍କ ଏକଚାଟିଆ ଅଧିକାର ରହିଥିଲେ ହେଁ ଜଣେ ମଧ୍ୟ ବ୍ରାହ୍ମଣ ଜାତିର ନାରୀଙ୍କ ସାହିତ୍ୟ ସୃଷ୍ଟି ଓ ସର୍ଜନା ଉପରେ କୌଣସି ପ୍ରମାଣ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିନାହିଁ।

ମଧ୍ୟକାଳୀନ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବା ରାଜ ପରିବାର ଅନ୍ତର୍ଗତ ନାରୀ ପ୍ରତିଭାଙ୍କ ଲେଖନୀର ସ୍ୱର ଓ ସ୍ୱାକ୍ଷରକୁ ବିଚାର କରାଯାଇପାରେ। ନିଶଙ୍କରାୟ ରାଣୀ, ନୃପନନ୍ଦିନୀ, କ୍ଷୀରୋଦମାଳୀ, ଶଶିସେଣା ଭଳି ନାରୀ କବିଙ୍କ କାବ୍ୟଗୁଡ଼ିକୁ ଅନୁଶୀଳନ କଲେ; ମଧ୍ୟକାଳୀନ ଓଡ଼ିଆ ସାହିତ୍ୟ ମଧ୍ୟରେ ହୋଇଥିବା ନାରୀ ଲେଖନୀର ସ୍ୱତନ୍ତ୍ରତା ଓ ସୌନ୍ଦର୍ଯ୍ୟବୋଧ ସମ୍ପର୍କରେ ଏକ ଧାରଣା ସୃଷ୍ଟି ହୋଇପାରିବ।

ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ 'ପ୍ରବନ୍ଧାବଳୀ' ପୁସ୍ତକରେ ଜରଡ଼ାର ରାଜକନ୍ୟା ତଥା ବୁଢ଼ାରସିଙ୍ଗି ରାଣୀ ନିଶଙ୍କ ରାୟଙ୍କ ସମ୍ବନ୍ଧରେ ଛଅ ପୃଷ୍ଠା ବିଶିଷ୍ଟ ଏକ ପ୍ରବନ୍ଧ ଶ୍ୟାମସୁନ୍ଦର ରାଜଗୁରୁ ରଚନା କରିଥିବା ଲକ୍ଷ୍ୟ କରାଯାଏ। ଏହି 'ପ୍ରବନ୍ଧାବଳୀ' ପୁସ୍ତକରେ ଆଲୋଚକ ରାଜଗୁରୁ ରାଣୀ ନିଶଙ୍କରାୟ 'ପଦ୍ମାବତୀ ଅଭିଳାଷ' ନାମରେ ଏକ କାବ୍ୟ ପରିକଳ୍ପନା କରିଥିବା ସଂପର୍କରେ ଉଲ୍ଲେଖ କରିଛନ୍ତି। 'ମଧୁମାଳତୀ' କାହାଣୀକୁ ଭିତ୍ତି କରି କବିସମ୍ରାଟ ଉପେନ୍ଦ୍ରଭଂଜଙ୍କ ଲାବଣ୍ୟବତୀ କାବ୍ୟ ଶୈଳୀରେ ପରିକଳ୍ପିତ 'ପଦ୍ମାବତୀ ଅଭିଳାଷ' କାବ୍ୟଗ୍ରନ୍ଥର ସନ୍ଧାନ ବର୍ତ୍ତମାନ ପର୍ଯ୍ୟନ୍ତ ନ ମିଳିଲେ ସୁଦ୍ଧା ଆଲୋଚକ ରାଜଗୁରୁଙ୍କ ପୁସ୍ତକ ମଧ୍ୟରେ ଉକ୍ତ କାବ୍ୟର ଅନେକ ପଂକ୍ତି ସ୍ଥାନିତ ହୋଇଛି। ସେଥିରେ ନାରୀ କବି ନିଜ ଜୀବନର ଅନେକ ଅନୁଭୂତିକୁ ଉପସ୍ଥାପନା କରିବା ସଂଗେ ସଂଗେ ନିଜର ବଂଶ ପରିଚୟ ପ୍ରଦାନ ପୂର୍ବକ କବି ଅନେକ ବିଷୟ ଉଲ୍ଲେଖ କରିଛନ୍ତି। ଏହି ପଂକ୍ତିଗୁଡ଼ିକ କାବ୍ୟଗ୍ରନ୍ଥଟିର ଅଭାବକୁ ଦୂର ନ କରି ପାରିଲେ ମଧ୍ୟ ନାରୀ କବିଙ୍କ ଲେଖନୀର ପ୍ରମାଣ ରୂପେ ଆମ୍ଭମାନଙ୍କ ସମ୍ମୁଖରେ ବିଦ୍ୟମାନ। କାବ୍ୟର ପଂକ୍ତିଗୁଡ଼ିକୁ ଅନୁଧ୍ୟାନ କଲେ କବିସମ୍ରାଟ କାବ୍ୟଶୈଳୀର ସାମଞ୍ଜସ୍ୟ ଥିବା ଲକ୍ଷ୍ୟ କରାଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଭାବେ ଆମେ ସେହି କାବ୍ୟ ମଧ୍ୟରେ ମଧ୍ୟକାଳରେ ନାରୀ ଜୀବନର ଅନେକ ସମସ୍ୟା ବର୍ଣ୍ଣିତ ହୋଇଛି। କବି ନିଜର ବ୍ୟକ୍ତିଗତ ସମସ୍ୟାକୁ କେବଳ ବ୍ୟକ୍ତିଗତ ସ୍ତରରେ ବିଚାର ନକରି ସାମାଜିକ ସ୍ତରରେ ବିଚାର କରି ଉଲ୍ଲେଖ କରିଛନ୍ତି- "ସହଜେ ଅବଳା କର୍ମେ ହେଲି ହୀନ/ ସୁବୁଦ୍ଧି ନୋହେ ନାହିଁ ପାଠ ପଠନ/ ବହି ଆଣି କଲା ମୋତେ ଏତେ ହଟ/ ସ୍ୱଦେଶରେ ଥିଲେ ହୋଇଥାନ୍ତି ପାଟ।"(ପଦ୍ମାବତୀ ଅଭିଳାଷ- ନିଶଙ୍କରାୟ ରାଣୀ, ଦ୍ରଷ୍ଟବ୍ୟ- ପ୍ରବନ୍ଧାବଳୀ)

ଅଠତିରିଶ ଛାନ୍ଦ ବିଶିଷ୍ଟ ଏହି କାବ୍ୟର ଅନ୍ୟସ୍ଥାନରେ ପୁଣି କୁହାଯାଇଛି- "କିଛି କରି ନାହିଁ ପାଠ ପଠନ। ସ୍ତିରୀ ସ୍ୱଭାବେ ଅଟେ କର୍ମହୀନ।/ ରାଜଗୃହେ ବନ୍ଦୀ ପ୍ରାୟେ ହୋଇ ଧନ୍ଦି ଜଞ୍ଜାଳ ଜାଲେ ହେ। ସୁଜନେ।" (ପଦ୍ମାବତୀ ଅଭିଳାଷ- ନିଶଙ୍କ ରାୟ ରାଣୀ, ଦ୍ରଷ୍ଟବ୍ୟ- ପ୍ରବନ୍ଧାବଳୀ)

ଉପରୋକ୍ତ ପଦଗୁଡ଼ିକ ମଧ୍ୟରୁ ସ୍ପଷ୍ଟ ଭାବେ ବାରି ହୋଇପଡ଼େ ଯେ, ଜଣେ ନାରୀ ସମ୍ଭ୍ରାନ୍ତ ରାଜ ପରିବାରରେ ଜନ୍ମ ହୋଇ ମଧ୍ୟ ନିଜକୁ କିପରି ପରାଧୀନା ଓ ଅସହାୟ ମନେ କରିଛନ୍ତି। ସେତେବେଳେ ସାଧାରଣ ବର୍ଗରେ ଜନ୍ମିତ ହୋଇ ସମାଜରେ କାଳାତିପାତ କରୁଥିବା ନାରୀ ନିଜକୁ କିପରି ଅସୁରକ୍ଷିତ ଓ ଅସହାୟ ମଣୁଥିବ ତାହା ଅନୁମେୟ।

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗବେଷକ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ନିଜର ଗବେଷଣା ମାଧ୍ୟମରେ ମଧ୍ୟକାଳର ଅନ୍ୟ ତିନିଜଣ ନାରୀ ପ୍ରତିଭାଙ୍କ ସମ୍ପର୍କରେ ସନ୍ଧାନ ପାଇଛନ୍ତି। ସେହି ତିନିଜଣ ପ୍ରତିଭା ହେଲେ- ନୃପନନ୍ଦିନୀ, ନରେନ୍ଦ୍ର ଯୁବତୀ ଓ କ୍ଷୀରୋଦମାଳି। ଏହି ତିନି ପ୍ରତିଭା ଯଥାକ୍ରମେ କୋକିଳାବତୀ, ପଦ୍ମନ ଜନ୍ମ ଓ ଶଶୀସେଣା ଭଳି କାବ୍ୟଗ୍ରନ୍ଥର ପ୍ରଣେତା ଭାବରେ ପରିଚିତ। ପ୍ରଫେସର ଆଚାର୍ଯ୍ୟ ଏହି ତିନିଟି କାବ୍ୟ ସମ୍ପର୍କରେ ନିଜର ଗବେଷଣାଗ୍ରନ୍ଥ କାବ୍ୟକୌଶଳ ମଧ୍ୟରେ ଆଲୋଚନା କରିବା ସଂଗେ ସଂଗେ 'ଅନ୍ତଃପୁରର ଅଭିଲେଖ' ଶୀର୍ଷକରେ ଏକ ପୁସ୍ତକ ମଧ୍ୟରେ ଏହି କାବ୍ୟଗୁଡ଼ିକୁ ସୁଦର୍ଶନ ଆଚାର୍ଯ୍ୟ, ଭାଗ୍ୟଲିପି ମଲ୍ଲ, ଗୌରାଙ୍ଗ ଚରଣ ଦାସ ପ୍ରଭୃତି ଶୁଦ୍ଧ ସମ୍ପାଦନା ମଧ୍ୟ କରିଛନ୍ତି। ଏପରିକି ଗ୍ରନ୍ଥଟିର ଆଦ୍ୟଭାଗରେ ରହିଥିବା ତିରିଶି ପୃଷ୍ଠା ବିଶିଷ୍ଟ ଅବତରଣିକା ମଧ୍ୟରେ ସେହି ଗ୍ରନ୍ଥ ଓ ଗ୍ରନ୍ଥକାରଙ୍କ ସମ୍ପର୍କରେ ବହୁ ବିଲୁପ୍ତ ତଥ୍ୟକୁ ନିରୂପଣ କରିଛନ୍ତି। ପ୍ରଫେସର ଆଚାର୍ଯ୍ୟଙ୍କ ଦ୍ୱାରା ସଂଗୃହିତ ତିନି ନାରୀ ପ୍ରତିଭାଙ୍କ ସୃଷ୍ଟି ସମ୍ଭାର ସମ୍ବନ୍ଧରେ ଆଲୋଚନା କରାଯିବା ବିଧେୟ।

'କୋକିଳାବତୀ' କାବ୍ୟର ପ୍ରଣେତା କାବ୍ୟର ଛନ୍ଦଗୁଡ଼ିକ

ମଧ୍ୟରେ ନିଜର ପରିଚୟ ପ୍ରଦାନ ପୂର୍ବକ 'ନୃପ ନନ୍ଦିନୀ' ନାମରେ ଭଣତି କରିଛନ୍ତି। ଏହି ଦୃଷ୍ଟି ଓଡ଼ିଶାରେ ଶାସନ କରୁଥିବା ଅନେକ ନୃପ ବା ନୃପତି ମଧ୍ୟରୁ କାହାର ନନ୍ଦିନୀ ଏହି ନାରୀ ସ୍ରଷ୍ଟା ତାହା ଜାଣିବା ବା ଅନୁସନ୍ଧାନ କରିବା ଏକ ଦୁରୂହ ବ୍ୟାପାର। ତଥାପି କାବ୍ୟର ଭାଷା ଓ ଶୈଳୀ ସମେତ କାବ୍ୟ ବିଷୟକୁ ଅନୁଶୀଳନ କରି ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ନିଜ 'କାବ୍ୟ କୌଶଳ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି 'ନାରୀ କବି ନୃପନନ୍ଦିନୀ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଗଂଜାମ ଜିଲ୍ଲାର ହିଂଜିଳିକାଟୁ ଠାରେ ରହୁଥିବା ଏବଂ ଭଞ୍ଜ ରାଜବଂଶରେ ଜନ୍ମଗ୍ରହଣ କରିଥିବା ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଏପରିକି ଏହି କାବ୍ୟର ପୋଥି ଡ. ଆଚାର୍ଯ୍ୟ ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ନନ୍ଦିଗାଁ ରାଜବାଟୀରୁ ସଂଗ୍ରହ କରି ଓଡ଼ିଶା ରାଜ୍ୟ ସଂଗ୍ରହାଳୟକୁ ହସ୍ତାନ୍ତର କରିଛନ୍ତି। ସଂଗୃହିତ ପୋଥି ମଧ୍ୟରେ ପୁଷ୍ପିକା ନଥିବା ଯୋଗୁଁ ଗ୍ରନ୍ଥଟିର ପ୍ରତିଲିପିକାର ତଥା ରଚନା ସମୟର କୌଣସି ତଥ୍ୟ ଉପଲବ୍ଧ ହେଉନାହିଁ। ଏଠାରେ ଚତୁର୍ଦ୍ଦଶ ଛାନ୍ଦ ବିଶିଷ୍ଟ ପ୍ରକାଶିତ ଏହି କାବ୍ୟ ସଂପର୍କରେ ଆଲୋଚନା କରିବା ଏକାନ୍ତ ପ୍ରୟୋଜନୀୟ।

ମଧ୍ୟଯୁଗୀୟ କାବ୍ୟ ପରମ୍ପରା ଅନୁସାରେ କୋକିଳାବତୀ କାବ୍ୟର ପରିକଳ୍ପନା। କାବ୍ୟ ପ୍ରାରମ୍ଭରେ ଦେଖାଯାଇଛି ଇନ୍ଦ୍ର ସଭାରେ ନୃତ୍ୟ ପରିବେଷଣ କରୁଥିବା ବିଦ୍ୟାଧରୀ ସୁନ୍ଦରୀ ଶଶୀରେଖା କୌଣସି ଗନ୍ଧର୍ବର ଦର୍ଶନରେ ଆନମନା ହୋଇ ଇନ୍ଦ୍ରଙ୍କ କୋପର ଶିକାର ହୋଇଛି। ଇନ୍ଦ୍ର ଅଭିଶାପ ଫଳରେ ପୁଷ୍ପବତୀ ରାଜ୍ୟର କାକୁସ୍ଥବଂଶୀ ରାଜା ଚିତ୍ରସେଣଙ୍କ ଔରସରେ ପାଟରାଣୀ ଇରାବତୀଙ୍କ ଗର୍ଭରୁ କୋକିଳାବତୀ ନାମରେ ଜନ୍ମଗ୍ରହଣ କରିଛି। ସ୍ୱାଭାବିକ ଭାବେ ରାଜ ଦରବାର ମଧ୍ୟରେ ସେ ଅତ୍ୟନ୍ତ ସ୍ନେହ-ଶ୍ରଦ୍ଧାରେ ଲାଳିତ-ପାଳିତ ହୋଇ ଯୌବନରେ ପଦାର୍ପଣ କରିଛି ଏବଂ ନିନେନ୍ଦୀ ନଗରର ରାଜା ପ୍ରତାପକେଶରୀ ଓ ପଟ୍ଟମହିଷି ନୀଳାବତୀଙ୍କ ପୁତ୍ର ଅନଙ୍ଗସେନଙ୍କ ସହିତ ତା'ର ବିବାହ କାର୍ଯ୍ୟ ସଂପନ୍ନ ହୋଇଅଛି। ଦାମ୍ପତ୍ୟ ଜୀବନ ଅତିବାହିତ କରିବା ସହ ସମୟକ୍ରମେ ଦୁଇ ପୁତ୍ର ସନ୍ତାନର ମାତୃତ୍ୱ ମଧ୍ୟ ଲାଭ କରିଛନ୍ତି। ଇତି ମଧ୍ୟରେ ସେ ନିଜର ଶାପାନ୍ତକୁ ଅପେକ୍ଷା କରି ସର୍ବଦା ଚିନ୍ତିତ ରହିଛନ୍ତି ଏବଂ ପରିଶେଷରେ ଶାପର ଅନ୍ତ ଘଟିବା ଅବଧି ସରିବା ମାତ୍ରେ ଏକ ଚିଠି ମାଧ୍ୟମରେ ସମସ୍ତ ବାସ୍ତବ ବିଷୟକୁ ନିଜ ସ୍ୱାମୀ ନିକଟରେ ରଖି ସ୍ୱାମୀ, ପୁତ୍ର, ଶାଶୁ, ଶ୍ୱଶୁରଙ୍କ ମୋହତ୍ୟାଗ କରି ନିଜ ଇନ୍ଦ୍ରପୁରକୁ ଯାଇ ଗନ୍ଧର୍ବ ସହ କେଳି ବିଳାସରେ ଲିପ୍ତ ରହି ମର୍ତ୍ତ୍ୟ ଜୀବନକୁ ବିସ୍ମୃତ ହୋଇଛନ୍ତି। ଏହି କାବ୍ୟର ବିଷୟବସ୍ତୁରେ ଯଦ୍ୟପି କିଛି ଅଭିନବତା ନଥିଲେ ହେଁ ନାରୀ ଲେଖନୀ ନିଃସୃତ ହୋଇଥିବା ଯୋଗୁଁ ଏଥିରେ ଅନେକତ୍ର ନାରୀ ସୁଲଭ ଗୁଣବତ୍ତା ପ୍ରସ୍ଫୁଟିତ। ଏହି ନାରୀ ସୁଲଭ ଚିନ୍ତନର ପରିପ୍ରକାଶକୁ ହିଁ ଆମ୍ଭେ କେବଳ ରାଣୀଙ୍କ ଲେଖନୀର ଅଭିନବତା ଭାବେ ନୁହେଁ ବରଂ ମଧ୍ୟକାଳୀନ ଓଡ଼ିଆ କାବ୍ୟ ସାହିତ୍ୟର ଏକ ନୂତନ ଆଲେଖ ଭାବେ ଗ୍ରହଣ କରିନେବା। ପ୍ରଥମତଃ ଏହି କାବ୍ୟରେ ସମାଜର ଗୋଟିଏ ନାରୀ ରଜୋବତୀ ହେଲେ କିପରି ବିଧିବିଧାନ ଅବଲମ୍ବନ କରାଯାଏ ତାହାର ଚିତ୍ର ପ୍ରତିଫଳିତ ହୋଇଛି। ଜଣେ ନାରୀ ଭାବେ କାବ୍ୟ ପ୍ରଣେତା ଏହାକୁ ଏକ ବିରଳ ଭାବେ ବର୍ଣ୍ଣନା କରିଛନ୍ତି। କବିଙ୍କ ଲେଖନୀରେ-

"ଏ ମହୀ ମଣ୍ଡଳେ ଯେ ତାହାର ଲକ୍ଷ ନାହିଁ/ ଦିନୁ ଦିନ ନୃପ ସୁତା ସେପୁରେ ବଢ଼ଇ।/ ପୁଷ୍ପବତୀ ହୋଇଲା ସେ ନୃପତି ଦୁଲଣୀ/ ଲାଜେ ସଖୀଜନକୁ ସେ ନ କହିଲା ବାଣୀ।/ ମନ ତାର ଛନଛନ ମୁଖ ତା ବିରସ/ ସର୍ବ ସଖୀ ପ୍ରବେଶ ହୋଇଲେ ବାଳୀ ପାଶ। x x x ଶୁଣିମା ଗୋ ଠାକୁରାଣୀ ମାୟେ ଯୁବରାଣୀ/ ପୁଷ୍ପବତୀ ହୋଇଲାଗ ତୁମ୍ଭର ନନ୍ଦିନୀ।/ ହରଷ ବିସ୍ମୟେ ରାଣୀ ଉଠିଲେ ବହନ/ ପ୍ରବେଶ ହୋଇଲେ ଯାଇ ବାଳା ସନ୍ନିଧାନ।/ ମାତାଙ୍କୁ ଦେଖିଣ ଲାଜେ ପତିଲାକ ଶିର/ ରାଣୀ ଆଗ୍ୟାଂ ଦେଲେ ପୁର ମଣ୍ଡଣି ବେଗେ କର।" (କୋକିଳାବତୀ- ନୃପନନ୍ଦିନୀ)

ଏହି ପଂକ୍ତିକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଭାବେ ପ୍ରତୀତ ହୁଏ ଯେ, ନାରୀ ସ୍ରଷ୍ଟା ବେଶ୍ ସଚେତନ ଓ ସଂଯମ ଭାବେ ନାରୀ ରଜୋବତୀ ହେବାର ବର୍ଣ୍ଣନା କରିଛନ୍ତି। କାବ୍ୟର ଚତୁର୍ଥ ଛାନ୍ଦରେ କୋକିଳାବତୀଙ୍କ ମାତା ରାଜାଙ୍କ ନିକଟରେ କିପରି ନିଜ କନ୍ୟା ପାଇଁ ଉପଯୁକ୍ତ ପାତ୍ର ଖୋଜି ଯଥାଶୀଘ୍ର ବିବାହ କରିବା ନିମନ୍ତେ ଯେପରି ଅନୁରୋଧ କରିଛି, ସେଥିରୁ ପ୍ରତୀତ ହୁଏ ତଥାକଥିତ ସାମାଜିକ ପ୍ରଥା ଅନୁସାରେ କୁଳଶୀଳ କନ୍ୟା ବିବାହ କରି ଜନ ଅପବାଦ ଭୟରୁ ନିଜକୁ ସୁରକ୍ଷିତ ମନେ କରୁଥିଲେ। କବିଙ୍କ ଲେଖନୀରେ- "ଏକ ଦିନେ ତହିଁ ମହାଦେଈ କହେ ନୃପତି ଆଗେ / କୁମାରୀକି ବିଭା କରାଅ ବର ଖୋଜିଣ ବେଗେ। / ଯୁବାସ୍ତିରୀ ଘରେ ରଖିଲେ ପଛେ ଉପୁଜେ ଲାଜ / କୁଳରେ କଳଙ୍କ ନଲାଗୁ ବିଚାରି କର କାର୍ଯ୍ୟ। x x x ଅମଳାନ ସୂର୍ଯ୍ୟ ବଂଶ ମୋର କଳଙ୍କ ନାହିଁ / କୁମାରୀର ଯୋଗେ କଳଙ୍କ ନପୁଣି ଉପୁଜେ ମହୀ।" (କୋକିଳାବତୀ- ନୃପନନ୍ଦିନୀ)

ଗୋଟିଏ ସମ୍ଭ୍ରାନ୍ତ ରାଜ ପରିବାର ମଧ୍ୟରେ ଏପରି ବିଧିବ୍ୟବସ୍ଥା ରହିଥିବା ପ୍ରସଙ୍ଗକୁ ଦୃଷ୍ଟିରେ ରଖି ନୃପନନ୍ଦିନୀ ଏପରି ବର୍ଣ୍ଣନା କରିଥିବା ମନେହୁଏ। ସେହିପରି କାବ୍ୟ ମଧ୍ୟରେ ଥିବା ଅଷ୍ଟମଙ୍ଗଳା, ବିବାହ, ବିବାହ ସମୟରେ ପିତା ଓ ମାତାଙ୍କ କନ୍ୟା ବିରହ ଜନିତ ଯନ୍ତ୍ରଣା, ବିବାହ ପରେ କୋକିଳାବତୀର ମା' ଘର ସ୍ମୃତି ଓ ସଖୀ ସ୍ମୃତିକୁ ମନେ ପକାଇ ଦୁଃଖ ପ୍ରକାଶ କରିବା, ମାତୃତ୍ୱ ସ୍ନେହ ଶ୍ରଦ୍ଧା ଓ ପୁତ୍ର ପାଳନ ସହ ସ୍ୱାମୀ ପ୍ରେମ ବର୍ଣ୍ଣନା କାବ୍ୟଟିକୁ ମାଧୁର୍ଯ୍ୟ ଓ ଉଦ୍‌ଜୀବିତ କରି ଗଢ଼ିତୋଳିବାରେ ସହାୟକ ହୋଇଛି। ଏହି ସମସ୍ତ ବର୍ଣ୍ଣନାରେ କାଳ୍ପନିକତା ଅପେକ୍ଷା ବାସ୍ତବତା ହିଁ ଅଧିକ ଦୃଶ୍ୟମାନ ହେତୁ,

ନୃପନନ୍ଦିନୀଙ୍କ ଏହା ଆତ୍ମାନୁଭୂତି ପ୍ରସୂତ ଭଳି ମନେହୁଏ। ସୁତରାଂ ନିଜ ଅନୁଭୂତିର ଅନେକ ବିଷୟକୁ କାବ୍ୟ ପ୍ରଣେତା ନିଜ କାବ୍ୟ ମଧ୍ୟରେ ସ୍ଥାନିତ କରିଛନ୍ତି।

ରୀତିଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟ ଏକ ଅମୂଲ୍ୟ ଗ୍ରନ୍ଥ ଭାବେ ୪୨ ଛାନ୍ଦ ବିଶିଷ୍ଟ 'ପଦ୍ମନ ଜନ୍ମ' କାବ୍ୟକୁ ଗ୍ରହଣ କରାଯାଇପାରେ। ଏହି କାବ୍ୟର କେବଳ ଗୋଟିଏ ପ୍ରତିଲିପି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ। ୧୨୩ ପୃଷ୍ଠା ବିଶିଷ୍ଟ ଏହି ତାଳପତ୍ର ପୋଥିର ଆକାର ୨୩ ସେ.ମି. x ୩ ସେ.ମି.। ଏହି ପୋଥିର ପ୍ରତିଟି ପତ୍ରର ବାଁ ପୃଷ୍ଠାର ପଦ ସଂଖ୍ୟା ଚାରି। ଭାଗବତ, ବ୍ରହ୍ମବୈବର୍ତ୍ତ ଓ ହରିବଂଶ ପୁରାଣରେ ଥିବା 'ପ୍ରଦ୍ୟୁମ୍ନ ଜନ୍ମ' ତଥା 'ସମ୍ବରାସୁର ବଧ' ଉପାଖ୍ୟାନକୁ ୪୨ ଛାନ୍ଦ ବିଶିଷ୍ଟ ଏକ କାବ୍ୟ ରାଣୀ କ୍ଷୀରୋଦମାଳିଙ୍କ ଦ୍ୱାରା ପ୍ରଣିତ ହୋଇଅଛି। ପୌରାଣିକ ବିଷୟ ଆଧାରିତ କାବ୍ୟ ହୋଇଥିଲେ ହେଁ କାବ୍ୟ ପଂକ୍ତିର ଛାଏଁ ଛାଏଁ ନାରୀ କବି କ୍ଷୀରୋଦମାଳିଙ୍କ ନୂତନ ଓ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀର ପରିଚୟ ମିଳେ। ଅନ୍ୟାନ୍ୟ ରାଜପରିବାର ଅନ୍ତର୍ଗତ ନାରୀ କବିମାନଙ୍କୁ ଦ୍ୱନ୍ଦ୍ୱରେ ପକାଇ ନାହାନ୍ତି। ବରଂ ସେ ନିଜ ସୃଷ୍ଟି ମଧ୍ୟରେ ସଚେତନ ଭାବେ ଆତ୍ମ ପରିଚୟ ପ୍ରକାଶ କରିଛନ୍ତି। ଗଂଜାମ ଜିଲ୍ଲା ଅନ୍ତର୍ଗତ ହୁମ୍ମା ରାଜ୍ୟର ରାଜା ବୃନ୍ଦାବନ ଚନ୍ଦ୍ର ନରେଶଙ୍କର କନିଷ୍ଠ କନ୍ୟା ଏବଂ ପଟିଆ ରାଜ୍ୟର ନରେଶ ଦିବ୍ୟସିଂହଦେବଙ୍କ ରାଣୀ ଥିଲେ 'ପଦ୍ମନ ଜନ୍ମ' କାବ୍ୟର ପ୍ରଣେତା। ଏହି କାବ୍ୟରେ ବର୍ଣ୍ଣିତ ରୁକ୍ମିଣୀଙ୍କ ଗର୍ଭଧାରଣ, ପ୍ରଦ୍ୟୁମ୍ନ ବା ପଦ୍ମନ ଜନ୍ମ, ନାରୀମାନେ ପାଳନ କରୁଥିବା ଓଷା ବ୍ରତ ବର୍ଣ୍ଣନା, ରୁକ୍ମିଣୀ ତନ୍ତୀ ତନ୍ତିଆଣୀଙ୍କୁ ଡକାଇ ଝୀନ ବସନ ବୁଣିବା ନିମନ୍ତେ ବରାଦ ଦେବା, ରୁକ୍ମିଣୀଙ୍କ ମାତୃବାତ୍ସଲ୍ୟ ଓ ପୁତ୍ର ବିଚ୍ଛେଦ ଇତ୍ୟାଦି ବର୍ଣ୍ଣନା ମଧ୍ୟରେ ନାରୀକବିଙ୍କ ଓଡ଼ିଆଣୀ ଦୃଷ୍ଟିଭଙ୍ଗୀ ସହ ନାରୀ ସୁଲଭ ଗୁଣବତ୍ତା ପ୍ରତିସରିତ ହୋଇଛି। ଏହି କାବ୍ୟ ମଧ୍ୟରେ ପଦ୍ମନ (ପ୍ରଦ୍ୟୁମ୍ନ) ସହ ମାୟାଦେବୀଙ୍କ (ରତିଦେବି) ମିଳନ ସମୟରେ ଅନ୍ୟ ନାରୀମାନେ ଯେପରି ରୀତଦେବୀଙ୍କୁ ଆକ୍ଷେପ କରିଛନ୍ତି ତାହା ଏକ ନାରୀର ପ୍ରେମ ସ୍ୱାଧୀନତା ପ୍ରତି ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେଥିରୁ ଗୋଟିଏ ପଂକ୍ତି ଏଠାରେ ଉଦ୍ଧୃତ କରାଗଲା - "ସ୍ତିରୀ କୁଳରେ ସେ କଳଙ୍କ ଲାଗିଲା ଯେ କଥା କାଳକା/ କେ ବୋଲେ ଶୁଣିଲା ତ ନାହିଁ ମାତା ହୋଇ ପୁତ୍ର ଲଘଇ।/ କେ ବୋଲେ ବିଟପୀ ଯୁବତୀ ମହା ପାତକୀ ସେ ଅଟନ୍ତି।/ ନଗ୍ରେ ଥିଲେ ନୋହିବ ଭଲ ବେଗେ ଗୋ ଏଠାବରୁ ଚାଲ।" (ପଦ୍ମନ ଜନ୍ମ- କ୍ଷୀରୋଦମାଳି)

ଗୋଟିଏ ରାଜ୍ୟର 'ରାଜଜେମା' ଅନ୍ୟ ଏକ ରାଜ୍ୟର ରାଣୀ ଥିଲେ କ୍ଷୀରୋଦମାଳା। ଦରବାର ମଧ୍ୟରେ ସୈନ୍ୟ-ସାମନ୍ତଙ୍କ ସମରାଭ୍ୟାସ ସେ ବହୁଥର ଦେଖିଥିବେ। ତେଣୁ ଉକ୍ତ ବାକ୍ୟରେ ପଦ୍ମନ-ସମ୍ବରାସୁର ଯୁଦ୍ଧ ବର୍ଣ୍ଣନା ବେଶ୍ ଆକର୍ଷଣୀୟ ହୋଇଉଠିଛି। ଏପରିକି କାବ୍ୟ ମଧ୍ୟରେ କବି ବାତ୍ସଲ୍ୟ, ଶାନ୍ତ, ଶୃଙ୍ଗାର ଓ ରୌଦ୍ର ରସ ସମେତ ବୀର ରସର ପରିବେଷଣରେ ନିଜର ପାରଦର୍ଶିତା ଦେଖାଇଛନ୍ତି। ଯାହାର ଫଳ ସ୍ୱରୂପ 'ପଦ୍ମନ-ଜନ୍ମ' ଭଳି ଏକ ପୌରାଣିକ କାବ୍ୟ ବେଶ୍ ରସାସିକ୍ତ ହେବା ସହ ରମଣୀୟ ହୋଇଛି।

ଓଡ଼ିଶାର ଅନ୍ୟ ଏକ ପ୍ରାନ୍ତୀୟ ରାଜା ତଥା ରଣପୁର ରାଜା କୃଷ୍ଣକାବ୍ୟ 'ବ୍ରଜବିଳାସର ସ୍ରଷ୍ଟା କୃଷ୍ଣଚନ୍ଦ୍ର ନରେନ୍ଦ୍ରଦେବଙ୍କ କନ୍ୟା ବ୍ୟତିରକେ ଗଂଜାମ ଅନ୍ତର୍ଗତ ମହୁରୀ ରାଜା କୃପାସିନ୍ଧୁ ନରେନ୍ଦ୍ର ଦେବଙ୍କ ରାଣୀ 'ନରେନ୍ଦ୍ର ଯୁବତୀ', 'ଶଶିସେଣା', ଶୀର୍ଷକରେ ଏକ କାଳ୍ପନିକ କାବ୍ୟ ସଂରଚନା କରିଥିବା ପ୍ରମାଣ ମିଳେ। ଏହି ଗ୍ରନ୍ଥଟିର ଦୁଇଟି ପାଣ୍ଡୁଲିପି ଦେଖିବାକୁ ମିଳେ। ସେଥିମଧ୍ୟରୁ ଗୋଟିଏ ପାଣ୍ଡୁଲିପି ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ନିଜର ସତୀର୍ଥ ତଥା ମହୁରୀ ବଂଶର ରାଜଭ୍ରାତା ପ୍ରଦୋଷ ଚନ୍ଦ୍ର ଦେବଙ୍କ ନିକଟରୁ ସଂଗ୍ରହ କରିଥିଲେ। ପୋଥିଟି ୧୩.୨ x ୧.୨୫ ସେ.ମି. ଆକାର ଓ ୭୯ ପୃଷ୍ଠା ବିଶିଷ୍ଟ। ଏହି ପୋଥିଟିର ପ୍ରତ୍ୟେକ ପତ୍ରର ଧାଡ଼ି ସଂଖ୍ୟା ଚାରି ଓ ଅକ୍ଷର ସଂଖ୍ୟା ୭୦। କାବ୍ୟର ବିଷୟ ବସ୍ତୁ ଲକ୍ଷ୍ୟ କଲେ ମନେହୁଏ, ଏହା ଏକ ସଂପୂର୍ଣ୍ଣ କିମ୍ବଦନ୍ତୀ ଆଧାରିତ। ପିପିଲି ନଗରର ରାଜା ମଧୁକର ଓ ରାଣୀ କଳାବତୀ। ମଧୁକରଙ୍କ ଗୋଟିଏ ପୁତ୍ର ଚନ୍ଦ୍ରଧ୍ୱଜ ଓ ଗୋଟିଏ କନ୍ୟା ଶଶୀସେଣା। ଉଭୟ ରୂପବାନ୍ ଓ ଗୁଣବାନ୍। ସେହିପରି ରାଜ୍ୟର ମନ୍ତ୍ରୀ ହରିହର ଓ ତାଙ୍କ ପୁତ୍ର ଚିତ୍ରସେନ। ଚିତ୍ରସେନ ଓ ଚନ୍ଦ୍ରଧ୍ୱଜ ଦୁହେଁ ସାଥୀ। ସଦାସର୍ବଦା ଦୁହେଁ ଆଖଡ଼ା, ମୃଗୟା ବିଳାସରେ ଦିବସ ଅତିବାହିତ କରନ୍ତି। ରାଜାଙ୍କର ଏକ ମାତ୍ର ଅଲିଅଳି କନ୍ୟା ଷୋହଳ ବର୍ଷରେ ପଦାର୍ପଣ କରିଛନ୍ତି ଏବଂ ଅନ୍ତଃପୁରରେ ଏକାକିନୀ ଦିନ କାଟୁଥାନ୍ତି। ଇତିମଧ୍ୟରେ ରାଜାଙ୍କ ଧର୍ମଚରଣ ପାଇଁ ଇନ୍ଦ୍ରଦେବ ଭୀତଗ୍ରସ୍ତ ହୋଇ ବ୍ରହ୍ମାଙ୍କୁ ଅନୁରୋଧ କରି ଏକ ମାନସ କନ୍ୟା ଧର୍ମଧ୍ୱଂସିନୀକୁ ଜାତ କରି ରାଜାଙ୍କ ଶରୀର ମଧ୍ୟରେ ପ୍ରବେଶ କରାଇଛନ୍ତି। ଏହାର ଫଳସ୍ୱରୂପ ରାଜା ଅଧର୍ମ ମାର୍ଗରେ ପରିଚାଳିତ ହୋଇ ନିଜର କନ୍ୟାର ବିବାହ ପ୍ରସଙ୍ଗ ରାଣୀଙ୍କ ଠାରୁ ଶୁଣିବା ପରେ ମନେ ମନେ ନିଜେ ବିବାହ କରିବାକୁ ସ୍ଥିର କରିଛନ୍ତି। କାବ୍ୟଟିରେ ଏହି ପ୍ରସଙ୍ଗ ପଢ଼ିବାମାତ୍ରେ ରାଧାନାଥଙ୍କ ପାର୍ବତୀ କାବ୍ୟ ମନେ ପକାଇଦିଏ। ଶସୀସେଣା କାବ୍ୟ 'ପାର୍ବତୀ' କାବ୍ୟର ପୂର୍ବବର୍ତ୍ତୀ ରଚନା ହୋଇଥିଲେ ହେଁ ପିତା ଓ କନ୍ୟାର ଏପରି ପ୍ରସଙ୍ଗ ବର୍ଣ୍ଣିତ ହୋଇଥିବା ଯୋଗୁଁ ପାର୍ବତୀ କାବ୍ୟ ସ୍ମରଣ କରାଇଦିଏ। କିନ୍ତୁ ଶଶୀସେଣା କାବ୍ୟ ମଧ୍ୟରେ ରାଜା ମଧୁକର ନିଜର କୁକର୍ମରେ ସଫଳ ହୋଇନାହାନ୍ତି। ନିଜ ପିତାଙ୍କ ଏହିଭଳି ମାନସିକତାକୁ ଲକ୍ଷ୍ୟ କରି କାବ୍ୟନାୟିକା ଶଶୀସେଣା ଆତ୍ମହତ୍ୟା କରିବା ନିମନ୍ତେ ନିଷ୍ପତ୍ତି ନେଇଛି। କିନ୍ତୁ ଆତ୍ମହତ୍ୟା ପୂର୍ବରୁ ନିଜ ଦ୍ୱାରା ପ୍ରତିପାଳିତ ହେଉଥିବା ଶୁକସାରୀ ଦ୍ୱୟଙ୍କୁ ପିଞ୍ଜରାମୁକ୍ତ କରିବା ସମୟରେ ମାନବେତର ଚରିତ୍ର ଦୁହେଁ ନିଜ ପ୍ରଭୁ ତଥା ମାଲିକାଣୀର ଦୁଃଖ

ବୁଝିଛନ୍ତି ଏବଂ ଭଦ୍ରଖ ନଗରର ରାଜାଙ୍କୁ ରାଜଜେମାଙ୍କୁ ବିବାହ କରିବାକୁ ଯୋଗ୍ୟ ପାତ୍ର ବୋଲି ଜଣାଇଛନ୍ତି। ଶୁକସାରୀ ଦ୍ୱୟ କାବ୍ୟ ବିଷୟରେ ମୋଟିଫ୍ ଭାବେ ଉଭା ହୋଇଛନ୍ତି ଏବଂ ରାଜନନ୍ଦିନୀକୁ ରାଜପୁର ତ୍ୟାଗ କରି ଭଦ୍ରଖ ଗମନ କରିବାରେ ସହାୟତା ହୋଇଛନ୍ତି। ରାତ୍ରି ସମୟରେ ନିଜର କକ୍ଷ ତ୍ୟାଗ କରି ଶଶୀସେଣା କାଳିକା ମନ୍ଦିର ଯାଇ ସେଠାରେ ଦେବୀଙ୍କୁ ପୂଜାରେ ସନ୍ତୁଷ୍ଟ କରାଇ ପୁରୁଷ ରୂପ ବା ମାୟାଧର ରୂପ ଧାରଣ କରି ନିଜ ପିତାଙ୍କ ଅଶ୍ୱଶାଳର ସର୍ବୋତ୍ତମ ଅଶ୍ୱ ଜୟମଙ୍ଗଳକୁ ନେଇ ଭଦ୍ରଖ ରାଜ୍ୟ ଚାଲିଯାଇଛନ୍ତି। ଇତିମଧ୍ୟରେ ରାଜା ମଧୁକରଙ୍କ ଶରୀରରୁ ସ୍ୱକାର୍ଯ୍ୟନ ନିର୍ବାହ କରି ଧର୍ମଧ୍ୱଂସିନୀ ବିଧାତାଙ୍କ ନିକଟକୁ ଫେରିଯାଇଛି। ଫଳରେ ରାଜା ଓ ରାଣୀ ଅନୁତପ୍ତ ଅଗ୍ନିରେ ଦଗ୍ଧିଭୂତ ହୋଇଛନ୍ତି। ପରବର୍ତ୍ତୀ ସମୟରେ ରାଜା କୁସୁମଶର ମାୟାଧରଙ୍କ ପୁରୁଷତ୍ୱ ପ୍ରତି ସନ୍ଦେହ ସୃଷ୍ଟି ହେବା କାରଣରୁ ରାଜା ଓ ମନ୍ତ୍ରୀ ମଧ୍ୟରେ ରାଜ୍ୟର ଅର୍ଦ୍ଧେକ ଅଂଶ ବାଜି ଲାଗିଛି। ମାୟାଧରର ପୁରୁଷତ୍ୱ ପରୀକ୍ଷା ନିମନ୍ତେ ରାଜା ପଶା ଖେଳର ଆୟୋଜନ କରିଛନ୍ତି। କିନ୍ତୁ ଖେଳର ଉପାୟ ଶୁକସାରୀଙ୍କ ଠାରୁ ଶିଖି ମାୟାଧର ରାଜାଙ୍କ ରାଜ୍ୟ ସହ ରାଜାଙ୍କୁ ମଧ୍ୟ ଜୟଲାଭ କରିଛି। ମାୟାଧରଙ୍କ ପାଇଁ ରାଜ ଅଭିଷେକର ଆୟୋଜନ ହେବା ଦେଖି, ସେ ନିଜ ରାଜ୍ୟକୁ ଯାଇ ଆସିବା ପରେ ଯାହା ହେବ ବୋଲି କହିଛନ୍ତି। କିନ୍ତୁ ଯିବା ସମୟରେ ହାତୀ ପରିବର୍ତ୍ତେ ପାଲିଙ୍କିରେ ବସି ସ୍ୱରାଜ୍ୟ ଫେରିଛନ୍ତି। ରାଜା ଓ ରାଣୀମାନଙ୍କୁ ଆଶ୍ୱସ୍ତି ରଖିବା ନିମନ୍ତେ ମଧ୍ୟ ଯିବା ପୂର୍ବରୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱରାଜ୍ୟ ଫେରିବା ପରେ ଶଶୀସେଣା ଆପଣା ରୂପ କାଳିକା ମନ୍ଦିରଠାରେ ଫେରି ପାଇଛନ୍ତି। ଶେଷରେ ଶଶୀସେଣା ଓ କୁସୁମଶର ମଧ୍ୟରେ ବିବାହ ହେବା ସହ ରାଜା ମଧୁକର ଓ ରାଣୀ ଆଶ୍ୱସ୍ତି ଲାଭ କରିଛନ୍ତି।

ଷୋହଳ ଛାନ୍ଦ ବିଶିଷ୍ଟ ଏହି କାବ୍ୟ ଚମତ୍କାର ବିଷୟ ଉପସ୍ଥାପନା ସହ ଲେଖିକାଙ୍କ ଅନେକ ନୂତନ ଦୃଷ୍ଟିଭଙ୍ଗୀ ରହିଥିବା ଲକ୍ଷ୍ୟ କରାଯାଏ। ତତ୍କାଳୀନ ରାଜ ଶାସନ ପଦ୍ଧତି ମଧ୍ୟରେ ସାଧାରଣ ନାରୀ କେତେ ଯେ ଅସୁରକ୍ଷିତ ଥିଲେ ତାହା ଏହି କାବ୍ୟରୁ ଜଣାପଡ଼େ। ଶଶୀସେଣା ଯେବେ ରାଜ ଦରବାର ତ୍ୟାଗ କରୁଛନ୍ତି ପ୍ରଥମେ ନିଜର ସୁରକ୍ଷା ନିମନ୍ତେ ପୁରୁଷ ରୂପ ଧାରଣ କରି ମାୟାଧର ରୂପେ ଭଦ୍ରଖ ନଗରୀ ଯିବା ଏହାର ଜ୍ୱଳନ୍ତ ଆଲେଖ୍ୟ। ସେହିପରି ମଧ୍ୟକାଳୀନ ଓଡ଼ିଆ କାବ୍ୟ ପରମ୍ପରା ଅନୁଯାୟୀ ଏହି କାବ୍ୟ ମଧ୍ୟରେ ଋତୁ ବର୍ଣ୍ଣନା, ସଖୀମାନଙ୍କ ସହ ହାସ-ପରିହାସ, ରାଜନଗର ଓ ଆଭିଜାତ୍ୟ ଜୀବନ ଆଦି ବର୍ଣ୍ଣନା ଲକ୍ଷ୍ୟ କରାଯାଏ। ସମାଜରେ ବେଶ୍ୟା ବୃତ୍ତି ପ୍ରଚଳନ ଥିବାର ଚିତ୍ର ମଧ୍ୟ ଏହି କାବ୍ୟରେ ଦେଖାଯାଏ। ଯେପରି- "ବେଶ୍ୟା ମାନଙ୍କର ଘର ଦିଶେ ମନୋହର/ ଘେନି ଧନ ବସନ ସେ ପଶନ୍ତି ନାଗର ହେ।" (ଶଶୀସେଣା- ନରେନ୍ଦ୍ର ଯୁବତୀ)

ଅପର ପକ୍ଷରେ ନାରୀମାନେ କିପରି କୁଳଶୀଳା ଥିଲେ ତାହାର ଏକ ବର୍ଣ୍ଣନ ମଧ୍ୟ ଦେଖିବାକୁ ମିଳେ। ଯେପରି- "ନାଗରୀ ନାୟିକାମାନେ ପ୍ରୀତି ଲୋକ ଦେଖି / ଲାଜ ପ୍ରେମ ମିଶାଇଣ ଢାଳେ ଚାହିଁ ଆଖି ହେ। / କେବଣ ନାଗର ଡାକେ ଏକାନ୍ତ ଦୂତୀ କି / ବିନୟ ବଚନ କହେ କହ ମୋ ସଖୀ କି।" (ଶଶୀସେଣା- ନରେନ୍ଦ୍ର ଯୁବତୀ)

ଏହି ଚାରି ନାରୀ ସ୍ରଷ୍ଟାଙ୍କ କାବ୍ୟରେ ରହିଥିବା ଗୋଟିଏ ବଡ଼ ବିଶେଷତ୍ୱ ହେଉଛି ନାରୀର ସୌନ୍ଦର୍ଯ୍ୟ ବର୍ଣ୍ଣନା। ରୀତିଯୁଗୀୟ କବିମାନଙ୍କ ଲେଖନୀରେ ନାୟିକାର ସୌନ୍ଦର୍ଯ୍ୟ ବର୍ଣ୍ଣନା ସମୟରେ ସାଧାରଣତଃ ନାୟିକାର ନଖ-ଶିଖ ବର୍ଣ୍ଣନା କରିବା ସହ ସ୍ତନ, ଜାନୁ, ଯୋନି ଭଳି ସମ୍ବେଦନଶୀଳ ଅଙ୍ଗର ବର୍ଣ୍ଣନା କରିବା ଦିଗରେ ଯଥେଷ୍ଟ ଆଗଭର ଏହି ନାରୀକବିମାନେ ସୌନ୍ଦର୍ଯ୍ୟ ବର୍ଣ୍ଣନା ସମୟରେ ଯଥେଷ୍ଟ ସଚେତନ ଓ ସତର୍କ ଥିବା ଭଳି ମନେହୁଏ। ଯଦ୍ୟପି ରଜୋବତୀ କନ୍ୟା ହେବା, ଗର୍ଭଧାରଣ କରିବା, ସନ୍ତାନ ଜନ୍ମ ଦେବା ଆଦି ପ୍ରସଙ୍ଗ କିଛି କବିଙ୍କ ରଚନାରେ ବର୍ଣ୍ଣିତ ସେହିସବୁ ଏକ ପ୍ରକାରେ ସୁସଂଜତ ଓ ଅଶ୍ଳୀଳତା ମୁକ୍ତ। ଏପରିକି ଅଙ୍ଗ ବର୍ଣ୍ଣନାରେ ମଧ୍ୟ ପରିଚ୍ଛନ୍ନତା ଓ ସ୍ୱଚ୍ଛତା ଦେଖିବାକୁ ମିଳେ। ଚାରିଜଣ ନାରୀ କବିଙ୍କ ଦ୍ୱାରା ରଚିତ ଚାରୋଟି କାବ୍ୟ ଭାଷା, ଭାବ ଓ ଭଙ୍ଗୀ ଦୃଷ୍ଟିରୁ କିଛି ସ୍ୱତନ୍ତ୍ରତା ବହନ କରୁନଥିଲେ ହେଁ, ସମାଜରେ ନାରୀ ନିଜକୁ ଯେପରି ଚିହ୍ନିଛି ଏବଂ ସମାଜ ମଧ୍ୟରେ ନିଜର ସ୍ଥିତିକୁ ଯେପରି ବୁଝିଛି ତାହା ମୁଖରେ ପ୍ରକାଶ କରିବାରେ ଅସମର୍ଥ ହୋଇଛି ସତ୍ୟ। କିନ୍ତୁ ତାହାକୁ ଭାଷା ଓ ଶବ୍ଦ ମାଧ୍ୟମରେ ନିଜର ଲେଖନୀ ମୁନରେ ବ୍ୟକ୍ତ କରିଛି, ଏହା କହିବା ବାହୁଲ୍ୟ ମାତ୍ର।


ସହାୟକ ଗ୍ରନ୍ଥସୂଚୀ:

୧. ଆଚାର୍ଯ୍ୟ ସୁଦର୍ଶନ ପ୍ରଭୃତି, ଅନ୍ତଃପୁର ଅଭିଲେଖ, ଓଡ଼ିଶା ରାଜ୍ୟ ସଂଗ୍ରାହଳୟ, ଭୁବନେଶ୍ୱର ୨୦୧୫

୨. ଆଚାର୍ଯ୍ୟ ସୁଦର୍ଶନ, କାବ୍ୟ କୌଶଳ, ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ, ୨୦୦୨

୩. ବଳ ଗଙ୍ଗାଧର, ରୀତିକାବ୍ୟ ସମ୍ପର୍କରେ, ଓଡ଼ିଶା ବୁକ୍‌ଷ୍ଟୋର୍, କଟକ, ୨୦୧୮

୪. ମହାନ୍ତି ଯତୀନ୍ଦ୍ର ମୋହନ, ସଂ. ଆଧୁନିକ ଓଡ଼ିଆ କବିତା, ଜନଶକ୍ତି ପୁସ୍ତକାଳୟ, କଟକ, ୧୯୬୮

୫. ରାଜଗୁରୁ ଶ୍ୟାମସୁନ୍ଦର, ପ୍ରବନ୍ଧାବଳୀ, ଉତ୍କଳ ସାହିତ୍ୟ ପ୍ରେସ୍, କଟକ, ୧୯୧୭


●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୪
Volume No. 02 | Issue No. 02 | Mar-Apr 2024
Refereed Peer-Reviewed Jornal
https://bageesha.in
OPEN ACCESS

# ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ବିସ୍ଥାପନ ଚିତ୍ର

■ ଡ. ମମତାରାଣୀ ବେହେରା[୧], ସୁରଥ କୁମାର ସାହୁ[୨]

ସହକାରୀ ପ୍ରଫେସର(ଡି.ଡି.ସି.ଇ)[୧], ଗବେଷକ[୨],
ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

Article Received : 05.04.2024 | Accepted : 25.04.2023 | Published : 25.05.2024

**ସାରାଂଶ**

ଏକବିଂଶ ଶତାବ୍ଦୀରେ ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ବିସ୍ଥାପନ ସମସ୍ୟା ଭୟଙ୍କର ସ୍ଥିତିରେ ପହଞ୍ଚିଛି। ସରକାରୀ ଯୋଜନା, ପ୍ରକଳ୍ପ ବା ଶିଳ୍ପାୟନର ସଂସ୍ଥାପନ ହେତୁ ହେଉ ଅବା ଉଦାରୀକରଣ ଅର୍ଥନୀତିର ନୂତନ ପରିଭାଷା ନେଇ ଆସିଥିବା ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ଶିଳ୍ପବିସ୍ତାର ନୀତି ଯୋଗୁଁ ଏଭଳି ଏକ ସଂକଟ ଦେଖାଦେଇଛି। ମଣିଷର ବଞ୍ଚିବାର ପ୍ରାକୃତିକ ଉତ୍ସ ସବୁ (ଜଳ-ଜମି - ଜଙ୍ଗଲ) ଆଜି ଧ୍ୱଂସମୁଖୀ। ଏହି ସମସ୍ୟାର ସମାଧାନ ନିମିତ୍ତ ଅନେକ ଜନଆନ୍ଦୋଳନ ମୁଣ୍ଡ ଟେକିଛି। ଆଜିର ନବ୍ୟ ସମାଜବାଦୀ ଓ ଜନବାଦୀ ଓଡ଼ିଆ କବିଗୋଷ୍ଠୀ ଏହି ଜନଆନ୍ଦୋଳନକୁ ମୁକ୍ତଭାବରେ ସମର୍ଥନ କରିଛନ୍ତି ଏବଂ ତାଙ୍କ କବିତାରେ ବିସ୍ଥାପିତ ମଣିଷର ଜୀବନ ସଂଘର୍ଷର ବାସ୍ତବ ଚିତ୍ର ବର୍ଣ୍ଣନା କରିଛନ୍ତି। ଏକବିଂଶ ଶତାବ୍ଦୀର ଓଡ଼ିଆ କବି କିଭଳି ବିଭିନ୍ନ ଦୃଷ୍ଟିକୋଣରୁ ବିସ୍ଥାପନ ସମସ୍ୟାର ନଗ୍ନରୂପକୁ ଦେଖାଇଛନ୍ତି ତାହାହିଁ ଏ ପ୍ରବନ୍ଧରେ ବିସ୍ତୃତ ଭାବରେ ଦର୍ଶାଯାଇଛି।

ମୂଳଶବ୍ଦ: ଓଡ଼ିଆ କବିତା, ଏକବିଂଶ ଶତାବ୍ଦୀ, ବିସ୍ଥାପନ ଚିତ୍ର, ବଜାରବାଦ, ଉଦାରୀକରଣ, ବହୁରାଷ୍ଟ୍ରୀୟ କମ୍ପାନୀ

ବୈଶ୍ୱିକ ବଜାରବାଦରେ ଉଦାରୀକରଣ ଅର୍ଥନୀତିର ପ୍ରବାହରେ ଭାରତ ଏକକ ପ୍ରଧାବିତ। ନବ ଔଦ୍ୟୋଗିକ ଦେଶଭାବରେ ଭାରତ ଏବେ ପରିଚିତ। କିନ୍ତୁ ଆଜିର ନବ୍ୟ-ଉପନିବେଶବାଦୀ କାଳଖଣ୍ଡରେ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ଅନ୍ତଃହୀନ କ୍ଷୁଧା ଓ ଛଳନାର ଯେଉଁ ଧାରା ଏଠି ପ୍ରବାହିତ ହୋଇଛି ତାହା ଅନେକ ସମସ୍ୟା ସୃଷ୍ଟି କରିଛି। ଏକ କ୍ୟାପିଟାଲିଷ୍ଟ ଶୋଷଣନୀତି ଏଠି କାମକରୁଛି। ଏହି ନବ୍ୟ ଶିଳ୍ପସଭ୍ୟତାର ଅକ୍ଟୋପସୀୟ ବନ୍ଧନରେ ପୁରପଲ୍ଲୀ, ବଣଜଙ୍ଗଲ, ନଈନାଳ, ଝରଣା, ଖଣିଖାଦାନ, ଖେତଖଳା, ଗାଁ ସହର ସର୍ବୋପରି ଏକ ସତେଜ ଶାଗୁଆ ପୃଥିବୀ ଭୂଲୁଣ୍ଠିତ ହୋଇଯାଇଛି। ଓଡ଼ିଶାରେ ମଧ୍ୟ ଏ ସଙ୍କଟ ଖୁବ୍ ତୀବ୍ର। ଏକ କୃଷିଭିତ୍ତିକ ରାଷ୍ଟ୍ର ଅନେକାଂଶରେ ଖଣ୍ଡବିଖଣ୍ଡିତ। ଲକ୍ଷଲକ୍ଷ ଲୋକଙ୍କର ବିକାଶ ଏଠି ଗୌଣ। ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଶିଳ୍ପବିସ୍ତାରନୀତି ଲକ୍ଷଲକ୍ଷ ଲୋକଙ୍କୁ ବିସ୍ଥାପିତ କଲା। ଏହା ସ୍ଥାନାନ୍ତର ନୁହେଁ। କିମ୍ବା କ୍ଷତିପୂରଣ ଦେଇଦେଲେ ସବୁ ସମସ୍ୟାର ସମାଧାନ ହୋଇଯାଏନି। ଏକ ବଢ଼ିଲା ଶାଗୁଆ ବୃକ୍ଷକୁ ଉପାଡ଼ିନେଇ ମରୁଭୂମିକୁ ଫିଙ୍ଗିଦେଲା ପରି ଏହା। କେବଳ ମଣିଷ ନୁହେଁ ଜମି-ଜଳ-ଜଙ୍ଗଲ ପରିବେଶ ସବୁକୁ ଧ୍ୱଂସ ମୁଖକୁ ଠେଲିଦିଆଗଲା। ଅନେକ ବୈଜ୍ଞାନିକ ଓ ସମାଜତତ୍ତ୍ୱବିତ ଆମକୁ ସଚେତନ କଲେ। ଏହାର ଭୟଙ୍କର ପରିଣାମ ସଂପର୍କରେ ମତପ୍ରଦାନକରି ଆହ୍ୱାନ ଦେଲେ। କିନ୍ତୁ ସରକାରୀ ବ୍ୟବସ୍ଥା ଉଦାରୀକରଣ ଅର୍ଥନୀତି ଜରିଆରେ ଶିଳ୍ପାୟନ ଲାଗି ସମସ୍ତ ଦୁଆର ଖୋଲିଗଲା।

ଭାରତର ପ୍ରଖ୍ୟାତ ବୈଜ୍ଞାନିକ ଶ୍ରୀ ସି.ଭି. ଶେଷାଦ୍ରୀ ଏହି ପ୍ରସଙ୍ଗରେ ତାଙ୍କ Development and Thermodynamics: A Search for new quality ଗ୍ରନ୍ଥରେ ବିଶଦଭାବରେ ଆଲୋଚନା କରିଛନ୍ତି। ଆଜିର ନବ୍ୟ ଉପନିବେଶବାଦୀ ସମୟଖଣ୍ଡରେ ଭାରତ ଭଳି ଦେଶମାନଙ୍କରେ ନୂତନ ପୁଞ୍ଜିନିବେଶ ନାମରେ ପ୍ରାକୃତିକ ସଂପଦକୁ ଯେଉଁଭଳି ଭାବେ ସର୍ବସ୍ୱାନ୍ତ କରାଯାଉଛି ଆଗାମୀଦିନରେ ଭୟଙ୍କର ସଂକଟ ଦେଖାଦେବ। Industrial Mass ଏବଂ Bio-Mass ମଧ୍ୟରେ ଏହି ଯେଉଁ ସଂପର୍କ ଦେଖାଦେଲାଣି ତାହା ସାଧାରଣ ମଣିଷ ଯେଉଁମାନେ ଜମି-ଜଳ-ଜଙ୍ଗଲକୁ ଜୀବିକାରୁ ମାଧ୍ୟମ ଭାବରେ ଗ୍ରହଣ କରିଥିଲେ ସେମାନଙ୍କ ଜୀବନକୁ ଅନ୍ଧକାରକୁ ନେଇଯିବ। ବାର୍ତ୍ତାକୁ ଆଜି ହୃଦୟଙ୍ଗମ କରିବାର ଅଛି। ରାଷ୍ଟ୍ରନିର୍ମାତା ବୋଲାଉଥିବା ରାଜନେତାମାନେ ଏହି ପ୍ରଗତିକୁ ଆଧୁନିକ ମନ୍ଦିର ବୋଲି କହୁଥିଲେ ହେଁ ଏହାରି ପ୍ରଚ୍ଛଦପଟରେ ଥିବା

କ୍ୟାପିଟାଲିଷ୍ଟମାନଙ୍କର ଶୋଷଣବାଦୀ ନୀତିକୁ ଚିହ୍ନିବାର ଅଛି। ଯୋଜନା, ପ୍ରକଳ୍ପ ଓ ଶିଳ୍ପାୟନ ନାମରେ ୧୯୫୦ ମସସିହାର ଇସ୍ପାତ କାରଖାନା ଓ ହୀରାକୁଦ ନଦୀବନ୍ଧ ଯୋଜନାଠୁ ଆଜିର ଲୋୟର ସୁକତେଲ ପ୍ରକଳ୍ପ ଯାଏଁ ଲକ୍ଷଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ଆଜି ମଧ୍ୟ ଏମାନଙ୍କର ସ୍ଥିତି ଓ ସ୍ଥାୟିତ୍ୱର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ।

ଏକବିଂଶ ଶତାବ୍ଦୀରେ ଓଡ଼ିଶାରେ ଏଇ ବିସ୍ଥାପନ ସମସ୍ୟା ବଡ଼ ଭୟଙ୍କର ସ୍ଥିତିରେ ପହଞ୍ଚିଛି। ଅନେକ ଜନ ଆନ୍ଦୋଳନ ମୁଣ୍ଡଟେକିଛି। ଏଥି ମଧ୍ୟରୁ କେତୋଟି ଆଲୋଚନା କରାଯାଇପାରେ। ଯଥା ସୁକିନ୍ଦା ବିସ୍ଥାପନ ବିରୋଧୀ ଜନମଞ୍ଚ। ଏଥିରେ ଆମେ ଲକ୍ଷ୍ୟ କରିଛେ ଟାଟା କଂପାନୀ ଓ ସରକାର ବିରୋଧରେ ଅସନ୍ତୋଷ ସୁକିନ୍ଦାବାସୀ ଲଢେଇ କରିଥିଲେ ଏବଂ ଶେଷରେ ୧୪ ଜଣ ଶହୀଦ ହେଲେ ପୁଲିସର ଗୁଳିମାଡ଼ରେ ୨୦୦୬ ମସିହା ଜାନୁଆରୀ ୨ ତାରିଖରେ। ଏହାରି ପୂର୍ବରୁ କାଶୀପୁର ଆନ୍ଦୋଳନ ୨୦୦୦ ମସିହା ଡିସେମ୍ବର ୧୬ ତରିଖରେ ବିସ୍ଥାପନ ବିରୋଧୀ ଆନ୍ଦୋଳନରେ ଶ୍ରେଷ୍ଠ ମଶାଲ ଭାବେ ଠିଆ ହୋଇଥିଲା। ଏହିଦିନ କାଶୀପୁର ମାଇକଞ୍ଚଠାରେ ପୁଲିସ ଗୁଳିକାଣ୍ଡରେ ତିନିଜଣ ଆଦିବାସୀ ଯୁବକ (ରଘୁ ଝୋଡ଼ିଆ, ଦାମୋଦର ଝୋଡ଼ିଆ ଓ ଅଭିଳାଷ ଝୋଡ଼ିଆ) ମୃତ୍ୟୁବରଣ କରିଥିଲେ। ଏହାର ପ୍ରତିକ୍ରିୟାରେ ୨୦୦୧ ଜାନୁଆରୀ ୨୬ ତାରିଖ ଦିନ ରାଷ୍ଟ୍ରପତି କେ.ଆର୍. ନାରାୟଣ ଦେଶବାସୀଙ୍କୁ ବାର୍ତ୍ତା ଦେଲାବେଳେ କହିଥିଲେ- "ଆଦିବାସୀଙ୍କ ଶବ ଉପରେ ଭାରତରେ ସାଧାରଣତନ୍ତ୍ର ଠିଆ ହୋଇଛି ବୋଲି ଭବିଷ୍ୟତ ବଂଶଧର ନ କୁହନ୍ତୁ। ତେଣୁ ଖଣି ତଥା ପ୍ରାକୃତିକ ସଂପଦର ସୁରକ୍ଷା ଓ ସଦୁପଯୋଗ ପାଇଁ ବିକାଶର ପ୍ରକିୟାର ପୁନଃସମୀକ୍ଷା କରାଯାଉ।" କିନ୍ତୁ ଏ ଆହ୍ୱାନ ଆମ ଦେଶର ଶାସକ ଓ ନୀତି ନିର୍ଦ୍ଧାରକମାନଙ୍କୁ ଆଦୌ ଶୁଭିଲା ନାହିଁ। ନିଜର ସ୍ୱାର୍ଥକୁ ଆଗରେ ରଖି Industrialisation Politicsକୁ ଆପଣେଇ ନେଲେ। ଜଙ୍ଗଲ ଅଧିକାର ଆଇନ, ପେସା, ପରିବେଶ ସୁରକ୍ଷା ଆଇନ ଏସବୁକୁ ସେମାନେ ଅଣଦେଖା କରିଚାଲିଲେ। ଯେତେବେଳେ ଗୋଟିଏ ରାଷ୍ଟ୍ର ଓ ତା'ର ଶାସନଚକ୍ର ବା ବ୍ୟବସ୍ଥା ପ୍ରଗତିର ଦ୍ୱାହି ଦେଇ ବିସ୍ଥାପନର ଜହର ପିଇବାକୁ ବାଧ୍ୟକରେ ସେଠି ବିଦ୍ରୋହ ମୁଣ୍ଡଟେକିବ। ନିୟମଗିରିରେ ମଧ୍ୟ ସେଇଆହିଁ ଘଟିଛି। ଏହି ଆନ୍ଦୋଳନ କେବଳ ରାଜ୍ୟ ଭିତରେ ସୀମିତ ହୋଇରହିନାହିଁ, ଏହା ଭାରତ ବାହାରେ ଏପରିକି ଇଉରୋପ ଓ ଆମେରିକାରେ ମଧ୍ୟ ବହୁ ଚର୍ଚ୍ଚିତ ହୋଇଛି। ବେଦାନ୍ତ କଂପାନୀକୁ ନିୟମଗିରିରୁ ବକ୍ସାଇଟ ନ ଦେବାପାଇଁ ପ୍ରାୟ ୧୦,୦୦୦ ଡଙ୍ଗରିଆ କନ୍ଧ ଏକଜୁଟ ହୋଇ ୨୦୦୬ ମସିହାରେ ଆନ୍ଦୋଳନ କରିଥଲେ। ଏହି ଆନ୍ଦୋଳନ ଦୀର୍ଘଦିନ ଧରି ଚାଲିଥିଲା। ଏହି ଆନ୍ଦୋଳନରେ ଜନ ନେତୃତ୍ୱ ନେଇଥିଲେ ଲିଙ୍ଗରାଜ ଆଜାଦ, ସତ୍ୟ ମହାର ଓ ରାଜକିଶୋର। ଏମାନେ ନିୟମଗିରି ସୁରକ୍ଷା ଆନ୍ଦୋଳନର ସକ୍ରିୟ ସାଥୀ ଓ ସାରଥୀ। ଏହି ଭଳି ଅନେକ ପ୍ରଗତିଶୀଳ ଓ ସାମାଜିକ ଜନଆନ୍ଦୋଳନ ମୁଣ୍ଡଟେକିଛି। ସେମାନଙ୍କ ମଧ୍ୟରେ ବାଳିଆପାଳ, ଗନ୍ଧମାର୍ଦ୍ଦନ, ଇନ୍ଦ୍ରାବତୀ, ହୀରାକୁଦ, କୋରାପୁଟ, ଲୋୟର ସୁକତେଲ, ଚିଲିକା ବଞ୍ଚାଅ, ଢ଼ିଙ୍କିଆ, ପୋସ୍କୋ ବିରୋଧୀ ଆନ୍ଦୋଳନ ପ୍ରମୁଖ ଜନଆନ୍ଦୋଳନ ମୁକ୍ତିର ସ୍ୱର ତୋଳିଛି।

ନବ୍ୟପୁଞ୍ଜିବାଦର ଜାଲ ବିଛେଇ ଖଣିଖାଦାନ ଓ ନିରୀହ ମଣିଷର ଜୀବନକୁ ଲୁଟିବା ପାଇଁ ନୂଆନୂଆ କଂପାନୀ ସବୁ ବାହାରିପଡ଼ିଲେ ଛଞ୍ଚାଣ ଯେପରି ଶବ ଖୋଜିଥାଏ ଠିକ୍ ସେହିପରି। ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ (ଅର୍ଥନୀତି ଦୃଷ୍ଟିରୁ)ନାଁରେ ପ୍ରାଚୁର୍ଯ୍ୟଭରା ଭାରତବର୍ଷକୁ ମୁକ୍ତ ଭାବରେ ଛାଡ଼ିଦିଆଗଲା କଂପାନୀମାନଙ୍କ ହାତରେ ନୂତନ ସଂବୃଦ୍ଧି ଓ ବିକାଶର ଦ୍ୱାହି ଦେଇ। ଓଡ଼ିଶା ମଧ୍ୟ ଏଥିରୁ ବାଦ ପଡ଼ିଲା ନାହିଁ। ଦେଶ ଓ ବିଦେଶର ଧନକୁବେରମାନେ ଲୋକଙ୍କୁ ଭକୁଆ ବନେଇବା ପାଇଁ ଚକ୍ରବ୍ୟୁହ ରଚନାକଲେ। IFM, WTO, DFID ଭଳି ଅନୁଷ୍ଠାନ ଗଢ଼ି ତୋଳିଲେ। ଓଡ଼ିଶାକୁ ଆଗମନ କରିଥିବା ନୂଆ କଂପାନୀମାନେ ହେଲେ ଟାଟା, ବିର୍ଲା, ବେଦାନ୍ତ, ଆଦାନୀ, ଅମ୍ବାନୀ, ଜିନ୍ଦଲ, ଭୂଷଣ, ପୋସ୍କୋ, ବାଲ୍‌କୋ, ଫାଲ୍‌କୋ, ନାଲ୍‌କୋ, ବିଏଚଭି, ବିଲ୍‌ଟନ, ଏସାର ଇତ୍ୟାଦି। ଏହି ବହୁରାଷ୍ଟ୍ରୀୟ କଂପାନୀମାନେ ରତ୍ନଗର୍ଭା ଓଡ଼ିଶାକୁ ମଧ୍ୟ ଧାଡ଼ିଲମ୍ବେଇଲେ। ଧିରେଧିରେ ଏହା ତା'ର କାୟାବିସ୍ତାର କଲା। ପ୍ରାୟ ସମସ୍ତ ରାଜନୈତିକ ଦଳମାନେ ଏହାର ସମର୍ଥନ କରି ନୀରବ ରହିଲେ। କ୍ୱଚିତ୍ ବୁଦ୍ଧିଜୀବୀ ଏହାର ପ୍ରତିବାଦ କଲେ। ଏହି ବିସ୍ଥାପନ ବିରୋଧୀ ଜନଆନ୍ଦୋଳନକୁ ମୁକ୍ତଭାବରେ ସମର୍ଥନ କଲେ ଆମର ନବ୍ୟସମାଜବାଦୀ ଏବଂ ଜନବାଦୀ ଓଡ଼ିଆ କବିଗୋଷ୍ଠୀ। ବିସ୍ଥାପିତ ମଣିଷର ଦୁଃଖରେ ଏମାନେ ଲହୁଲୁହାଣ ହେଲେ। ସେଇ ବିସ୍ଥାପିତ ମଣିଷ ଭିତରେ ନିଜକୁ ଦେଖିଲେ। ପ୍ରତିବଦ୍ଧଶୀଳ କବିଏ କେବେହେଲେ ବିବେକରେ ତାଲା ପକେଇ ଦିଅନ୍ତି ନାହିଁ। ମଣିଷର ସମସ୍ୟା ଯେଉଁଠି ସେଠି ସେମାନେ ଠିଆ ହୋଇ ବିପ୍ଳବର ନାନ୍ଦୀପାଠ ଶୁଣାଇଥାନ୍ତି। କବି ସଦାଶିବ ଦାଶ, ଆଶୁତୋଷ ପରିଡ଼ା, ଜୟନ୍ତ ମହାପାତ୍ର, ପିତାମ୍ବର ତରାଇ ଭଗବାନ ମାଝୀ, ଶତ୍ରୁଘ୍ନ ପାଣ୍ଡବ, ପିନାକୀ ମିଶ୍ର, ଅଖିଳ ନାୟକ, ଭାରତ ମାଝୀ, ପବିତ୍ର ମୋହନ ଦାଶ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ମନୁଦାଶ, ଦୁର୍ଗାପ୍ରସାଦ ପଣ୍ଡାଙ୍କୁ ଆଜିର ନରେନ୍ଦ୍ର-ସରୋଜ-ହେମନ୍ତ-ଜୟଦ୍ରଥ-ସୁଜାତା-ସତ୍ୟାନନ୍ଦ-ସୁବ୍ରତଙ୍କ ପର୍ଯ୍ୟନ୍ତ ଅନେକ ଓଡ଼ିଆ କବିଙ୍କ କବିତାରେ ବିସ୍ଥାପନ ଆନ୍ଦୋଳନର ଚିତ୍ର ଦେଖିବାକୁ ମିଳେ।

ପ୍ରଗତିର ନୂତନ ହର୍ମ୍ୟଭିତରେ କେତେ ଯେ ମଣିଷ ସର୍ବସ୍ୱାନ୍ତ ହୋଇଯାଏ, ଛିନ୍ନମୂଳ ହୋଇ ବଳିପଡ଼େ ଶିଳ୍ପ ଓ ପୁଞ୍ଜିବାଦୀ ରାକ୍ଷସର ବେଢ଼ାରେ। ଏହି ବିସ୍ଥାପନ ସତେ ଯେମିତି ଶିଶୁଟିଏକୁ ତା ମାଆକୋଳରୁ ଛଡ଼ାଇନେଇ ମରୁଭୂମିରେ ଫିଙ୍ଗିଦେଲାପରି। କବି ଆଶୁତୋଷ ପରିଡ଼ାଙ୍କ କାବ୍ୟନାୟକ ଏହାକୁ ଦୃଢ଼ ସ୍ୱରରେ ପ୍ରକାଶ କରିଛି- ଏହାକୁ ଯେପରି "ମାଆ କୋଳରୁ ଛଡ଼ାଇ ନେଇ ଶିଶୁକୁ/ ପକାଇ ଦେବା ସଡ଼କ ଉପରେ/ ମାଟିରୁ ଉପାଡ଼ି ନେଇ ଗଛକୁ/

ରୋଇବାକୁ ଯିବା ମରୁଭୂମିର ବାଲିରେ। XXX ତୁମେ ସେମାନଙ୍କୁ/ ନିର୍ବାସିତ କରିପାରିବନି ଭିଟାମାଟିରୁ/ ଭୁଲାଇ ଦେଇପାରିବନି ନାମ ଓ ଠିକଣା/ ତୁମେ ଆଉ ଆଣିପାରିବନି/ ଶ୍ୱାପଦ ଓ ସରୀସୃପମାନଙ୍କୁ/ ସେ ଭୂମି ଉପରକୁ/ ଆକାଶରେ ଖେଳାଇ ପାରିନି/ ଶାଗୁଣାଙ୍କ ଡ଼େଣାର ଶବ୍ଦ/ ତୁମେ ଆଉ ଶୋଷି ପାରିବନି/ ମାଟିର ସଂପଦ।" - (ବିସ୍ଥାପନ- ଆଶୁତୋଷ ପରିଡ଼ା) ନିସାନ୍- ଅକ୍ଟୋବର-ଡ଼ିସେମ୍ବର(ସଂଖ୍ୟା-୨୦୦୭)

ସ୍ୱାଧୀନତାପ୍ରାପ୍ତ ଭାରତ ତଥା ଓଡ଼ିଶାକୁ ଦାରିଦ୍ର୍ୟର କଷାଘାତରୁ ମୁକ୍ତି ଦେବାପାଇଁ ଶିଳ୍ପକରଣ ହିଁ ଏକମାତ୍ର ମାର୍ଗ ବୋଲି ସ୍ଲୋଗାନ ଦେଇଆସୁଥିବା ରାଜନୈତିକ ବ୍ୟକ୍ତିଭୂଷଣ ଯେଭଳି ଭାବରେ ଶାଗୁଣାରୂପକ କଂପାନୀମାନଙ୍କ ହାତରେ ଏ ଭୂଇଁକୁ ଟେକିଦେଇ ତାର ପରିଣାମ ଭୟଙ୍କର ହୋଇଛି। ଚାରିଆଡ଼େ ବିସ୍ଥାପିତ ମଣିଷର ଆର୍ତ୍ତନାଦ ଓ ହା-ହୁତାଶ। କବି ପିତାମ୍ବର ତରାଇଙ୍କ କବିତାରେ ଏହି ଯୁଗସଂକଟର ନଗ୍ନବାସ୍ତବତାକୁ ଆମେ ଲକ୍ଷ୍ୟ କରିଥାଉ। ସେ କହନ୍ତି ତାଙ୍କ କବିତାରେ- "ଏଇ ଦେଖ ଗଢ଼ାହୋଇଛି ବାରବାଟି, ରାଜଧାନୀ/ ମନ୍ଦିର ମାଳିନୀ/ ସବୁଥିରେ ଆମର ପାଳି, ବସିଛି ଶିଳ୍ପ ପଡ଼ିକୁ ବଳି/ ସ୍ଥାପନ ହୋଇଛି ଗୁଳିଗୋଳା କରାଖାନା ଘାଟି/ ଆମ କାନ୍ଧରେ ପଡ଼ିଛି ଜୁଆଳି/ ଦଳକନ୍ଦଳ ଦଙ୍ଗା ହଙ୍ଗାମାରେ/ ଆମ ଛାତିରେ ଗୁଳି ଆଗ/ ଦେଖାଯାଉ ଏଥର କାହାର ପାଳି/ କାହାର ଭାଙ୍ଗୁଛି କମର/ କାହା କପାଳରେ ଲାଗୁଛି ପ୍ରହାର।"- (କଂପାନୀ-ଅଭାଜନ)

ଚାରିଆଡ଼େ ବଜାରବାଦର ପ୍ରଭାବ ବିସ୍ତାରନୀତି। ପ୍ରକୃତି ଓ ତା'ର ସନ୍ତାନମାନଙ୍କୁ ଧ୍ୱଂସକୁ ଠେଲିଦେଇ ପୁଞ୍ଜିବାଦ ମଧ୍ୟ ତା'ର ସ୍ୱଚ୍ଛନ୍ଦ ଗତିରେ ଆଗେଇ ଚାଲିଛି। ଶାସକର ସ୍ୱାର୍ଥନିଷ୍ଠ ନୀରବତା ଓ କଂପାନୀମାଲିକର ଶୋଷଣନୀତି ସାଧାରଣ ମଣିଷର ଜୀବନକୁ ତଳିତଳାନ୍ତ କରିଦେଇଛି। ଏମାନଙ୍କ ମୁଖା ଏବେ ଖୋଲିଯାଇଛି। ଏ ସଂପର୍କରେ ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଗୌରାଙ୍ଗ ଚରଣ ଦାଶ ଭଲ କଥାଟିଏ କହିଛନ୍ତି- ବିଶ୍ୱ କୁଟୁମ୍ବୀକରଣ ଓ ଉଦାର ଅର୍ଥନୀତିକରଣର ନାରା ଦେଉଥିବା ଉଦାର ଓ ମାନବବାଦୀମାନଙ୍କର ମୁଖା ଖୋଲିଯାଇଛି ଏବେ। କୌଣସି ଏକ ସ୍ୱାଧୀନ ରାଷ୍ଟ୍ରର ପ୍ରାକୃତିକ ସଂପଦର ସଂରକ୍ଷଣ ଓ ହାସ୍ତାନ୍ତର, ପରିବେଶ ପ୍ରଦୂଷଣ ଏବଂ ବିକାଶ ନାମରେ ଲୋକଶକ୍ତିର ଅମୁଷ୍ଟୀକରଣରେ ପ୍ରଥମ ବିଶ୍ୱର ଶୋଷଣ ମାନସିକତାର ସେମାନେ ବିରୋଧ କରୁଛନ୍ତି। ଧୂର୍ତ୍ତମାନେ ବସ୍ତୁର କାଉଁରୀ କାଠିରେ ଅବଶିଷ୍ଟ ପୃଥିବୀକୁ ଆପଣାର ଦାସ କରି ରଖିବାପାଇଁ ଯେଉଁ ନବ ସାଂସ୍କୃତିକ ସାମ୍ରାଜ୍ୟବାଦୀ ପରିମଣ୍ଡଳ ସୃଷ୍ଟି କରିଛନ୍ତି, ତାହାର ଅକ୍ଟୋପସୀ ସଂକ୍ରମଣରୁ ମୁକ୍ତିପାଇଁ World Social Forum, Third World Forum ଭଳି ବିଶ୍ୱର ପ୍ରମୁଖ ସଂଗଠନକୁଡ଼ିକ ଆହ୍ୱାନ ଦେଇଛନ୍ତି।-(ସଂସ୍କୃତି, ଜଗତିକରଣ ଓ ମଞ୍ଚରାଜନୀତି-ପୃ.୫୬) ପ୍ରକୃତରେ ସାଂପ୍ରତିକ ବୈଶ୍ୱିକ ପୁଞ୍ଜିବାଦୀ କବଳିତ କାଳଖଣ୍ଡରେ ଏ ଆହ୍ୱାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

କବି ପିନାକୀ ମିଶ୍ରଙ୍କ କବିତା 'କେନ୍ଦୁଝର' ଯାହାକି ଝଙ୍କାରରେ ୨୦୦୭ ମସିହା ଜୁନ୍ ସଂଖ୍ୟାରେ ପ୍ରକାଶ ପାଇଥିଲା। ସେଥିରେ ସ୍ଥାନୀୟତା ଭିତରେ ତତ୍କାଳୀନ ଓଡ଼ିଶାର ବିକାଶର ନଗ୍ନବାସ୍ତବତା ପରିଲକ୍ଷିତ। ସେଇ ଆହ୍ୱାନମୂଳକ କାବ୍ୟସ୍ୱର ଖୁବ୍ ମାର୍ମିକ। "ସରିଆସିଛି ପାହାଡ଼ର ପରମାୟୁ/ ଖୁବ୍ ଖୋଳା ଚାଲିଛି ଲୁହାପଥର/ ବସନ୍ତ ମୁହଁ ପରି ଦିଶିଲାଣି କେନ୍ଦୁଝର/ ବୈତରଣୀ ମାଛକାନ୍ଦଣା କାରେସୁନା/ ଆଦି ବିଷାଦଭରା ନଈରେ/ ଘରଭଙ୍ଗା କରୁଣ ଗୀତ।"

ଏହି ଦ୍ୱନ୍ଦ୍ୱ ଓ ସଂଗ୍ରାମ, ଏହି ସମସ୍ୟା ଓ ସଂକଟ କେବଳ କେନ୍ଦୁଝରର ନୁହେଁ, ଏହା ଓଡ଼ିଶାର ସବୁସ୍ଥାନର। ନବ୍ୟ ପୁଞ୍ଜିବାଦୀ ତାର ସର୍ବଗ୍ରାସୀ ଡ଼େଣା ମେଲାଇ ମଣିଷର ଜୀବନ ତାର ପରିବେଶ ଓ ସଂସ୍କୃତି ସବୁକୁ ଗ୍ରାସୀଚାଲିଛି। ଶିଳ୍ପସଭ୍ୟତାର ଅକ୍ଟୋପସୀୟ ବନ୍ଧନରେ ଅଣନିଃଶ୍ୱାସୀ ଏବେ ନଦୀ ପାହାଡ଼ ଜଙ୍ଗଲ ମାଟି ପାଣି ପବନ। ସବୁଠି ବିଷର ବଳୟ।

ଏହି ସମସ୍ୟାକୁ ଅତିନିକଟରୁ ଦେଖିଥିଲେ କବି ଅଖିଳ ନାୟକ। ପୁଞ୍ଜିବାଦୀ ବ୍ୟବସ୍ଥାକୁ ନିଜର ଛତ୍ରଛାୟା ତଳେ ରଖି ନିରୀହ ଆଦିବାସୀମାନଙ୍କୁ ଯେଭଳି ଜୁଲୁମ କରାଯାଉଥିଲା ତା'ର ବିରୋଧ କରିଥିଲେ କବି ଶ୍ରୀ ନାୟକ ତାଙ୍କ କବିତା ମାଧ୍ୟମରେ ଏହି ପ୍ରତିବାଦର ଭାଷାକୁ ଲକ୍ଷ୍ୟ କରାଯାଇପାରେ। "ଦେଶର ଲହଲହ ଶୋଷ/ ଲୋଡୁଛି ଆମର ତଟକା ରକ୍ତ/ କାନ୍ଦନି ଆୟାମାନେ ଆବାମାନେ କାନ୍ଦନି/ ଦେଶର ଡହଡହ ଭୋକ/ ଲୋଡ଼ିଛି ଆମର ମାଂସ ମେଦ ହାଡ଼/ ଡରନି ବାବୁମାନେ ବୁଇମାନେ ଡରନି/ ସିନ୍ଧ ସିକ୍କାର କଟା ଜିଭ ମୁଁ/ ଗୀତ ଗାଉଛି, ଶୁଣ ପାଳିଧର/ ଦେଶ ଗୋଟେ ଜହ୍ଲାଦ/ ଦେଶ ଗୋଟେ ତସ୍କର।"- (ଦେଶଦ୍ରୋହ)

ଏ ଧରଣର କବିତା ବିପ୍ଳବ ବିକ୍ଷୁବ୍ଧ ଜୀବନର ଫେନିଳ ଊର୍ମି। ଅର୍ଥ, କ୍ଷମତା, ଶୋଷଣ, ହିଂସା ଆଦିର ହର୍ମ୍ୟ ଉପରେ। ଠିଆ ହୋଇଥିଠବା ପୁଞ୍ଜିବାଦ କେବେହେଲେ ସ୍ୱାଭାବିକ ଭାବରେ ତାର ଚରିତ୍ର ବଦଳାଏ ନାହିଁ। ଏଥିପାଇଁ ଲୋଡ଼ାହୁଏ ବିପ୍ଳବ,ସଂଘର୍ଷ। ସାଂପ୍ରତିକ କବି ଲେଖକ କଳାକାର ବୁଦ୍ଧିଜୀବୀ ସମସ୍ତଙ୍କର ଦାୟିତ୍ୱ ରହିଛି। ସାଧାରଣ ମଣିଷର ମୁଣ୍ଡ ଉପରେ ଯେଉଁ ଶୋଷଣର କଳାବାଦଲ ଛାଇହୋଇଛି। ତାକୁ ପ୍ରତିହତ କରିବା ହିଁ ଆଜିର ପ୍ରତିବଦ୍ଧଶୀଳ ଜନବାଦୀ କବିର ମୂଳ ଅଭିଲକ୍ଷ୍ୟ। କବି ଅଖିଳ ନାୟକଙ୍କ କବିତା ଏହି ଅଭିଲକ୍ଷ୍ୟ ପୂରଣ କରିଛି। ଦ୍ରୁତ ଶିଳ୍ପାୟନ, ଜଗତୀକରଣ, ଜନବସତିର ଅକଳନୀୟ ଅତ୍ୟାଚର। ମଣିଷର ମେରୁଦଣ୍ଡ ଭାଙ୍ଗିଦେଇଛି। ମା, ମାଟି, ବଣ, ପାହାଡ଼କୁ ଆବୋରି ରହିଥିବା ଗରିବ ମଣିଷର ଅନ୍ତରାତ୍ମା ଦୋହଲି ଯାଇଛି। ଏହାର ପ୍ରତିବାଦ ଯେ କଲା ତାକୁ 'ଦେଶଦ୍ରୋହୀ'ର ଆଖ୍ୟା ମଧ୍ୟ ଦିଆଯାଉଛି। ବ୍ୟବସ୍ଥାର ଉତ୍ପୀଡ଼ନ ତଳେ ଦୁର୍ବିସହ ହୋଇଯାଇଛି ଏ ମଣିଷର ଜୀବନ। କବି ବିଜୟାନନ୍ଦ ସିଂହଙ୍କ କବିତା 'କଳିଙ୍ଗ ନଗର'ରେ ଏହାର ବାସ୍ତବଚିତ୍ର ପ୍ରତିଫଳିତ। କବିଙ୍କର କବିପଣ ଫିଙ୍ଗିଛି କ୍ରୋଧ କରିଛି ପ୍ରତିବାଦ ଏହି ଶୋଷଣ ବିରୁଦ୍ଧରେ।

କଳିଙ୍ଗ ନଗର ଏଠି ବିପ୍ଳବ ଓ ସଂଘର୍ଷର ପ୍ରତୀକ। "ସେମାନେ ଲାଗୁଥିଲେ ମଣିଷପରି/ କାହାର ନଥିଲା ପାପୁଲି/ ତ କାହାର ନଥିଲା ପାଦ/ ତଥାପି ଥମୁନଥିଲା ସେମାନଙ୍କ ରାଇଁଖାଇଁ ପ୍ରତବାଦ/ ବେଳୁବେଳ ଖୁମ୍ ଲାଲ ଦିଶୁଥିଲା ରକ୍ତଓଦା ମାଟି/ ଆଉ ବିଛେଇ ପଡୁଥିଲା ସେମାନଙ୍କ ମୃତ ଦେହରୁ/ ବୀରପଣ ବାଃ...... ବୀରମାଟି କଳିଙ୍ଗନଗର!/ ଏଥର ସେମିତି କିଛି ଲାଗିଲା ନାହିଁ ମାମୁଲି ମଣିଷଙ୍କ/ କୁଢ଼କୁଢ଼ ଶବ ଉପରୁ ସମ୍ରାଟ ଅଶୋକଙ୍କ/ ହବାର ନାହିଁ ଧର୍ମାଶୋକ/ କେବଳ ବୃଦ୍ଧଙ୍କ ବାଣୀ ଆଡ଼େଇ ଗାଡ଼ିରୁ ଓହ୍ଲାଇଥିଲେ/ ଜଣେ ଜଣେ ସୌଦାଗର।/ ରକ୍ତ ଆଉ ରକ୍ତରେ ଯେତେ ଗାଢ଼ ହେଉଥିବ/ କଳିଙ୍ଗନଗର/ ମରଣର ମୂଲ୍ୟ ବଢୁଥିବ ପାଞ୍ଚଲକ୍ଷରୁ ପନ୍ଦର/ ସେତେ ସେତେ ସମବେଦନାରେ ଫାଟିବଢୁଥିବ/ ଟିଭି, ଖବର କାଗଜ, ଧୃତରାଷ୍ଟ୍ରମାନଙ୍କ ଦେଶ/ ମୁହଁର ମିଛ ଉଦାସ/ ହାୟ କଳିଙ୍ଗନଗର, ହାୟ ଜନମଞ୍ଚ/ ବିଦାୟ ବିଦାୟ।" - (କଳିଙ୍ଗନଗର-ବିଜୟାନନ୍ଦ ସିଂହ)

ଆଦିବାସୀ ଅଧ୍ୟୁଷିତ ବିସ୍ଥାପିତ ଅଞ୍ଚଳମାନଙ୍କରେ ଏ ଦୁଃଖ ଦୋହା ଆହୁରି ଭୟଙ୍କର ରୂପନେଉଛି। ଅପରେସନ ଗ୍ରୀନ୍‌ହଣ୍ଟ ନାମରେ ପୁଲିସ ଓ ସାମରିକ ବାହିନୀ ଗାଁଗାଁରେ ତାର ମନମର୍ଜି ଅତ୍ୟାଚାର ଚଳେଇଛି। ଏହି ନୀରିହ ମଣିଷମାନଙ୍କୁ ଉତ୍ପୀଡ଼ନ କରାଯାଉଛି। ଗୋଟେପଟେ ବିସ୍ଥାପନର ଦୁଃଖ ଅପରପଟେ ଏ ନିର୍ଯ୍ୟାତନା ତାଙ୍କ ଜୀବନ ପ୍ରବାହକୁ ତଳିତଳାନ୍ତ କରିଦେଇଛି। କବି ନରେନ୍ଦ୍ର ଭୋଇଙ୍କ କାବ୍ୟନାୟକ ଅଣ୍ଟାଭିଡ଼ିଛି ଏହାରି ବିରୁଦ୍ଧରେ ସ୍ୱରୋତ୍ତଳନ କରିବାପାଇଁ। ନିର୍ଭୀକ ଭାବରେ ସେ ପ୍ରଶ୍ନ ପଚାରେ ଏ କ୍ରୁର ବ୍ୟବସ୍ଥା ବିରୁଦ୍ଧରେ। "କାହାରି ଜମିରେ କଂପାନୀ ମାପିବ/ ସମୃଦ୍ଧିର ଶାଳଗ୍ରାମ/ କାହାର ଘର ଭାଙ୍ଗିବ ମେସିନ ମହାସୁର/ ଏଜମିରେ କାହାର ଅଛି ପୈତୃକ ଅଧିକାର/ ଜାଣ କିହୋ ଶାସନ ସୌଦାଗର/ ମାଟି ଖୋଳ, ଖୋଳି ଦେଖ/ ମାଟି ସାରା ଦେହ ଆମର।"-(ମାଟି ଦେହ-ନିସାନ୍ - ୨୦୧୪- ବିସ୍ଥାପନ ବିଶେଷାଙ୍କ)

ଏହିଭଳି ଅନେକ କବିତା ଅଛି ଯେଉଁଥିରେ ସାଂପ୍ରତିକ ଓଡ଼ିଆ କବିମାନେ(ପ୍ରତିବଦ୍ଧଶୀଳ) ବିସ୍ଥାପନ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଛନ୍ତି। ସେଗୁଡ଼ିକ ହେଲା- କବି କୁଳମଣି ଜେନାଙ୍କ ବସ୍ତିଭଙ୍ଗା, ଚିତ୍ତରଞ୍ଜନ ମିଶ୍ରଙ୍କ କଣ କରୁଥିବେ ସେମାନେ, ମନୁଦାଶଙ୍କ ଦକ୍ଷିଣା ପବନ, ପୀତାମ୍ବର ତରାଇଙ୍କ ନିରୁଦ୍ଦିଷ୍ଟ ପ୍ରଜାପତି, ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ବିସ୍ଥାପିତ, ଭାରତ ମାଝୀଙ୍କ ଲକ୍ଷ୍ମୀନାନୀ, ସତ୍ୟାନନ୍ଦ ଭୋଇଙ୍କ ପାଳଭୂତ, ସରୋଜ ମହାନ୍ତିଙ୍କ ଆଦିବାସୀ ଓ ଜଗତୀକରଣ, ଶ୍ରୀଦେବଙ୍କ କାଉଁରିକାଠିର କଥା, ରୁନୁ ମହାନ୍ତଙ୍କ ବେଦାନ୍ତ, ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଶେଷଇଚ୍ଛା, ହେମନ୍ତ ଦଳପତିଙ୍କ ଶିମିଳିଫୁଲ, ଭଗବାନ ମାଝୀଙ୍କ ଗାଁ ଛାଡ଼ିବା ନାହିଁ, ସରୋଜ ବଳଙ୍କ ଅମର ପୋଇ ଇତ୍ୟାଦି। ଏହି କବିତାଗୁଡ଼ିକ ଶବ୍ଦକ୍ରୀଡ଼ା ନୁହେଁ ବରଂ ଏହା ଗୋଟିଏ ଗୋଟିଏ ପ୍ରତିବାଦର ମଶାଲ। ମାଟି-ପାଣି-ପବନ, ନିଜର ଅସ୍ତିତ୍ୱ ଓ ଅସ୍ମିତାକୁ ନେଇ ଲଢ଼େଇ କରୁଥିବା ମଣିଷର ଜୀବନ ଗାଥା ଏ କବିତାସବୁ। ଏକ ଶୋଷଣମୁକ୍ତ ଶତାବ୍ଦୀର ସ୍ୱପ୍ନ ଦେଖାଏ ଏ ଧରଣର କବିତା। ଯେତେଦିନ ପର୍ଯ୍ୟନ୍ତ ବିସ୍ଥାପନ ଅଛି, ନବ୍ୟ ପୁଞ୍ଜିବାଦର ଶୋଷଣ ଅଛି ସେତେଦିନ ପର୍ଯ୍ୟନ୍ତ ଏ ଧରଣର କବିତା ଶବ୍ଦର ନିଆଁଝୁଲ ଧରି ଠିଆ ହୋଇଥିବ ମୁକ୍ତିର ସ୍ୱରତୋଳି।

ସହାୟକ ଗ୍ରନ୍ଥସୂଚୀ :

୧) ଉପାଧ୍ୟା. ବିଜୟ, (ସଂପାଦନା), ଓଡ଼ିଶାର ଜନଆନ୍ଦୋଳନ, ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ବାଲେଶ୍ୱର, ୧ମ ପ୍ରକାଶ, ୨୦୧୩।

୨) ଉପାଧ୍ୟାୟ, ବିଜୟ, ଦେବରଞ୍ଜନ, ଓଡ଼ିଶାର ପ୍ରଗତିଶୀଳ ସାହିତ୍ୟ ଆନ୍ଦୋଳନ ଓ ଆନ୍ଦୋଳନରେ ସାହିତ୍ୟ (ସଂ), ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ବାଲେଶ୍ୱର, ୧ମ ପ୍ରକାଶ, ୨୦୧୫।

୩) ସ୍ୱାଇଁ, ଡ. ଦିଲୀପ କୁମାର, ବିଂଶରୁ ଏକବିଂଶ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ଜୀବନ ଅନ୍ୱେଷା(୧୯୫୧-୨୦୨୦), ବିଜୟିନୀ ପବ୍ଲିକେଶନ, କଟକ, ୧ମ ପ୍ରକାଶ, ୨୦୨୨।

୪) ବାରିକ, ଡ. ଶ୍ରୀକାନ୍ତ କୁମାର, ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ, ସୃଷ୍ଟି ଓ ସମ୍ଭାବନା(ସଂ.) ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ, ୧ମ ପ୍ରକାଶ-୨୦୧୯।

୫) କୁମାର, ଲେନିନ, ନିସାନ୍(ପତ୍ରିକା), ଓଡ଼ିଶା ଜନବାଦୀ ଲେଖକ ସଂଘର ମୁଖପତ୍ର, ବିସ୍ଥାପନ ବିଶେଷାଙ୍କ, ୨୦୧୪।

୬) Roy, Dr, Arundhati, The Algebra of Infinite Justice, Penguin India Publications, 1st ed. 2001.

●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୪
Volume No. 02 | Issue No. 02 | Mar-Apr 2024
Refereed Peer-Reviewed Jornal

# ଭାରତୀୟ କଥା ପରମ୍ପରାର ମହାକୋଷ : ପଞ୍ଚତନ୍ତ୍ର

■ ବିଶ୍ୱନାଥ ସାହୁ

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବରପାଲି ମହାବିଦ୍ୟାଳୟ, ବରପାଲି

OPEN ACCESS
https://bageesha.in

Article Received : 05.04.2024 | Accepted : 25.04.2024 | Published : 25.05.2024

**ସାରାଂଶ**

ଭାରତୀୟ କଥା ସାହିତ୍ୟ କଥା ବିଚାର କଲାବେଳେ ନୀତିଗ୍ରନ୍ଥ ପଞ୍ଚତନ୍ତ୍ରର ନାମ ସର୍ବାଗ୍ରେ ନିଆଯାଏ। କୁହାଯାଏ ସମଗ୍ର ବିଶ୍ୱରେ ବାଇବେଲ ପରେ ସବୁଠୁ ବେଶୀ ଲୋକପ୍ରିୟ ଗ୍ରନ୍ଥ ହେଉଛି ପଞ୍ଚତନ୍ତ୍ର । ଏହାର ପ୍ରତ୍ୟେକ କାହାଣୀ ଲୌକିକ ଜ୍ଞାନର ଏକ ଏକ ଗନ୍ତାଘର । ଦୁଃଖର କଥା ଏପରି ଏକ ଶିକ୍ଷଣୀୟ ଗ୍ରନ୍ଥ ବିଷୟରେ ଆମ ଭାଷା ଓ ସାହିତ୍ୟରେ ଖୁବ୍ ବେଶୀ ଆଲୋଚନା କରାଯାଇନାହିଁ । ଏଥିପାଇଁ ଆମକୁ ଅନ୍ୟ ଭାଷାର ସାହାଯ୍ୟ ନେବାକୁ ପଡ଼େ । ଏହି ଅଭାବବୋଧକୁ ଅନୁଭବ କରି ପ୍ରସ୍ତୁତ ହୋଇଛି ଏ ପ୍ରବନ୍ଧ । ଏହା ପଞ୍ଚତନ୍ତ୍ର ବିଷୟରେ ଏକ ପରିଚୟାତ୍ମକ ଆଲେଖ ।

ମୂଳଶବ୍ଦ: ଭାରତୀୟ କଥା ପରମ୍ପରା, ପଞ୍ଚତନ୍ତ୍ର, ଗଳ୍ପ ପରଂପରା, ସଂସ୍କୃତ ନୀତିକଥା, ପଶୁପକ୍ଷୀ କଥା, ସଂସ୍କୃତ କଥାଗ୍ରନ୍ଥ

ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ମ୍ୟାକ୍ସମୁଲାରଙ୍କ ସହ 'ଇଣ୍ଡୋଲୋଜି' ଉପରେ ଗବେଷଣା କରିଥିବା 'ଅଷ୍ଟ୍ରିଆ'ର ବିଶିଷ୍ଟ ବିଦ୍ୱାନ ମୋରିଜ ୱିଣ୍ଟର୍ନିଜ(୧୮୬୩-୧୯୩୭)ଙ୍କୁ ଥରେ ଜଣେ ଭାରତୀୟ ପ୍ରଶ୍ନ କଲେ- ଆପଣଙ୍କ ମତରେ ବିଶ୍ୱସାହିତ୍ୟ ପାଇଁ ଭାରତୀୟମାନଙ୍କର ସବୁଠୁ ବଡ଼ ମୌଳିକ ଅବଦାନ କ'ଣ? ୱିଣ୍ଟର୍ନିଜ ବିନା ଦ୍ୱିଧାରେ କହିଲେ- "ପଶୁପକ୍ଷୀ ଉପରେ ଲିଖିତ କଥାସାହିତ୍ୟ ହିଁ ସବୁଠୁ ବଡ଼ ଅବଦାନ। ମୋ ମତରେ ବିଶ୍ୱସାହିତ୍ୟକୁ ଭାରତୀୟ କାହାଣୀ ସଂଗ୍ରାହକଗଣ ବହୁଳ ଭାବରେ ପ୍ରଭାବିତ କରିଛନ୍ତି।" ୱିଣ୍ଟରର୍ନିଜଙ୍କ ଏ ମନ୍ତବ୍ୟ ବାସ୍ତବରେ ଅସାଧାରଣ। ତେଣୁ ସିନା ଭାରତୀୟ କଥାସାହିତ୍ୟକୁ ବିଶ୍ୱ କଥାସାହିତ୍ୟର ସର୍ବଶ୍ରେଷ୍ଠ ଉଦ୍‌ଗମ ସ୍ରୋତ ଭାବରେ ବିବେଚନା କରାଯାଏ। ଏ କ୍ଷେତ୍ରରେ ସଂସ୍କୃତ କଥାଗ୍ରନ୍ଥଗୁଡ଼ିକର ବିଶେଷ ଭୂମିକା ରହିଥିବା କଥା କେହି ଅସ୍ୱୀକାର କରିବେନି। ବୈଦିକ କାଳରୁ କଥାପ୍ରିୟ ଭାରତୀୟ ଜନମାନସ ନୀତିମୂଳକ ପଶୁପକ୍ଷୀ କଥାକୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସାଧନ ବା ଆବଶ୍ୟକ ଶିକ୍ଷାଦାନର ମାଧ୍ୟମ ଭାବରେ ବ୍ୟବହାର କରିଆସିଛି। ପରେ ପରେ ଆମ ପୁରାଣମାନଙ୍କରେ ମଧ୍ୟ ପଶୁପକ୍ଷୀ କଥାର ଏକ ସୁସ୍ପଷ୍ଟ ରୂପରେଖ ଦେଖିବାକୁ ମିଳେ।

ଲୋକପ୍ରିୟ ସଂସ୍କୃତ ନୀତିକଥାମାନଙ୍କ ମଧ୍ୟରେ 'ପଞ୍ଚତନ୍ତ୍ର'ର ସ୍ଥାନ ସର୍ବାଗ୍ରେ। ପଞ୍ଚତନ୍ତ୍ର କେବଳ ଭାରତୀୟ ସାହିତ୍ୟ ନୁହେଁ; ବରଂ ସମଗ୍ର ବିଶ୍ୱ ସାହିତ୍ୟ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ କଥାସୃଷ୍ଟି। ସମଗ୍ର ପୃଥିବୀରେ ବାଇବେଲ ପରେ ପଞ୍ଚତନ୍ତ୍ର ବେଶୀ ଲୋକପ୍ରିୟ।[୧] ପଞ୍ଚତନ୍ତ୍ରର ସଂପାଦକ ହାର୍ଟେଲ କହନ୍ତି- "ପଞ୍ଚତନ୍ତ୍ରର ଦୁଇଶହରୁ ଅଧିକ ସଂସ୍କରଣ ପାଖାପାଖି ପଚିଶଟି ଭାଷାରେ ପ୍ରକାଶିତ ହୋଇଥିଲା ଏବଂ ଏହାର ତିନି-ଚତୁର୍ଥାଂଶ ଭାଷା ଭାରତୀୟ ଭାଷା ବହିର୍ଭୁତ।"[୨]

ପଞ୍ଚତନ୍ତ୍ରର ମୂଳରୂପ ବର୍ତ୍ତମାନ ଦୁଷ୍ପ୍ରାପ୍ୟ। ତଥାପି ଏହାର ବିଭିନ୍ନ ଅନୁବାଦକୁ ଦୃଷ୍ଟିରେ ରଖି ପଞ୍ଚତନ୍ତ୍ରର ରଚନାକାଳ ତୃତୀୟରୁ ପଞ୍ଚମ ଶତାବ୍ଦୀ ମଧ୍ୟରେ ବୋଲି ଅନେକ ମତ ଦିଅନ୍ତି। ଏହି ଗ୍ରନ୍ଥର ଲେଖକ ହେଉଛନ୍ତି ବିଷ୍ଣୁଶର୍ମା ନାମକ ଜଣେ ବୃଦ୍ଧ ବ୍ରାହ୍ମଣ। ପଞ୍ଚତନ୍ତ୍ର ଲେଖିବାବେଳେ ତାଙ୍କ ବୟସ ଥିଲା ଅଶୀ ବର୍ଷ। ଗ୍ରନ୍ଥର କଥାମୁଖରୁ ସ୍ପଷ୍ଟ ବୁଝିହୁଏ ଯେ ବିଷ୍ଣୁଶର୍ମା ଭାରତୀୟ ନୀତିଶାସ୍ତ୍ରଗୁଡ଼ିକର ପାରଙ୍ଗତ ବିଦ୍ୱାନ ଥିଲେ। ତେଣୁ ଏହାକୁ ଲେଖିବା ସମୟରେ ତାଙ୍କ ମନ ସମସ୍ତ ଇନ୍ଦ୍ରିୟଲାଳସାରୁ ନିବୃତ୍ତ ଥିଲା ଏବଂ ମନରେ ଅର୍ଥଲାଭର ଆକର୍ଷଣ ମଧ୍ୟ ନଥିଲା। ଏହି ବିଶୁଦ୍ଧ ବୁଦ୍ଧି, ନିର୍ମଳ ଚିତ୍ତଧାରୀ ବ୍ରାହ୍ମଣ ବିଷ୍ଣୁଶର୍ମା ନିଜ ପୂର୍ବସୁରୀ ମନୁ, ବୃହସ୍ପତି, ଶୁକ୍ର, ପରାଶର, ବ୍ୟାସ, ଚାଣକ୍ୟ ଆଦି ଆଚାର୍ଯ୍ୟଙ୍କ ରାଜଶାସ୍ତ୍ର ଓ ଅର୍ଥଶାସ୍ତ୍ରଗୁଡ଼ିକରୁ ଜ୍ଞାନ ସଂଗ୍ରହ କରି ଲୋକହିତ ପାଇଁ ପଞ୍ଚତନ୍ତ୍ରରୂପୀ ଏକ ଦୁର୍ମୂଲ୍ୟ ଗ୍ରନ୍ଥ ପ୍ରସ୍ତୁତ କରିଥିଲେ।

ଇରାନୀ ସମ୍ରାଟ ଖୁସରୋଙ୍କ ପ୍ରମୁଖ ରାଜବୈଦ୍ୟ ତଥା ମନ୍ତ୍ରୀ ବୁର୍ଜୁଏ ପଞ୍ଚତନ୍ତ୍ରକୁ ଅମୃତ ବୋଲି ମାନ୍ୟତା ଦେଇଛନ୍ତି। ସେ ଏକ ପୁସ୍ତକରେ ପଢ଼ିଥିଲେ ଯେ ଭାରତବର୍ଷର କୌଣସି

ଏକ ପର୍ବତରେ ସଂଜୀବନି ଔଷଧ ମିଳେ, ଯାହାର ସେବନରେ ମୃତବ୍ୟକ୍ତି ଜୀଇଁଉଠେ। ପ୍ରବଳ ଜିଜ୍ଞାସାରୁ ସେ ପ୍ରାୟ ୫୫୦ ଖ୍ରୀଷ୍ଟାବ୍ଦରେ ଭାରତ ଆସି ସଂଜୀବନିର ସନ୍ଧାନରେ ଲାଗିପଡ଼ିଲେ। ଶେଷରେ କିଛି ନ ମିଳିବାରୁ ହତାଶ ହୋଇ ଜଣେ ଭାରତୀୟ ବିଦ୍ୱାନଙ୍କୁ ପଚାରିଲେ- "ଏହି ଦେଶରେ ଅମୃତ କେଉଁଠି ମିଳେ?" ବିଦ୍ୱାନ ଉତ୍ତର ଦେଲେ- "ତୁମେ ଯାହା ପଢ଼ିଛ ଠିକ୍ ପଢ଼ିଛ। ବିଦ୍ୱାନ ବ୍ୟକ୍ତି ହିଁ ସେହି ପର୍ବତ ଅଟେ ଯେଉଁଠି ଏହି ଜ୍ଞାନରୂପକ ଔଷଧୀ ମିଳେ ଏବଂ ଏହାର ସେବନରେ ମୂର୍ଖରୂପୀ ମୃତବ୍ୟକ୍ତି ପୁଣିଥରେ ଜୀଇଁଉଠେ। ଏଭଳି ଅମୃତ ଆମ ଏଠି 'ପଞ୍ଚତନ୍ତ୍ର' ନାମକ ଏକ ଗ୍ରନ୍ଥରେ ମିଳେ।" ତାପରେ ବୁର୍ଜୁଏ ପଞ୍ଚତନ୍ତ୍ରର ଏକ ପ୍ରତିଲିପି ଇରାନକୁ ନେଇଗଲେ ଏବଂ ତାଙ୍କ ସମ୍ରାଟଙ୍କ ପାଇଁ ପହ୍ଲବୀ ଭାଷାରେ ଏହାର ଅନୁବାଦ କଲେ। ଏହା ଥିଲା କୌଣସି ବିଦେଶୀ ଭାଷାରେ ପଞ୍ଚତନ୍ତ୍ରର ପ୍ରଥମ ଅନୁବାଦ। କିନ୍ତୁ ଏବେ ଏହା ମିଳୁନାହିଁ। ଏହାର କିଛି ବର୍ଷ ପରେ ପାଖାପାଖି ୫୭୦ ଖ୍ରୀଷ୍ଟାବ୍ଦରେ ପହ୍ଲବୀ ପଞ୍ଚତନ୍ତ୍ରକୁ ସିରିଆ ଦେଶର ପ୍ରାଚୀନ ଭାଷାରେ ଅନୁବାଦ କରାଗଲା ଏବଂ ଏହା ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ହଠାତ୍ ଲୋକଲୋଚନକୁ ଆସିଲା। ଏହାର ଅନୁବାଦ ଓ ସଂପାଦନା ଜର୍ମାନ ଦେଶର ବିଦ୍ୱାନମାନେ କରିଥିଲେ। ଏହା ମୂଳ ସଂସ୍କୃତ ପଞ୍ଚତନ୍ତ୍ରର ଭାବ ଓ କାହାଣୀ ସହ ଅଧିକ ନିକଟତର। ପହ୍ଲବୀ ଅନୁବାଦ ଆଧାରରେ ଆଉ ଏକ ଅନୁବାଦ ଦୃଷ୍ଟିକୁ ଆସେ। ଅଷ୍ଟମ ଶତାବ୍ଦୀରେ ଅବଦୁଲ୍ଲା-ଇବ୍ନ-ଉଲ୍-ମୁକଫ୍‌ଫା ଏହାକୁ ଆରବୀ ଭାଷାରେ ଅନୁବାଦ କରିଥିଲେ, ଯାହାର ନାମ 'କଲିଲଃ-ବ-ଦିମନଃ' ଅଟେ। ଏହା 'କରଟକ ଦମନକ' ନାମରେ ମଧ୍ୟ ଖ୍ୟାତ। ଅବଦୁଲ୍ଲା ଏଥିରେ ଏକ ମୁଖବନ୍ଧ ଲେଖିଛନ୍ତି ଏବଂ କିଛି ନୂଆ କାହାଣୀ ମଧ୍ୟ ଶେଷରେ ଯୋଡ଼ିଛନ୍ତି। ଏହି ରୂପରେ ଆଲୋଚ୍ୟ ଗ୍ରନ୍ଥ ଆରବୀ ଭାଷାର ଅନ୍ୟତମ ସର୍ବାଧିକ ଲୋକପ୍ରିୟ ଗ୍ରନ୍ଥ ମଧ୍ୟରୁ ଗୋଟିଏ।

ଏହାପରେ ଆରବୀ ଅନୁବାଦ ଆଧାରରେ ପଞ୍ଚତନ୍ତ୍ରର ବିଦେଶୀ ଅନୁବାଦର ଧାରା ଆରମ୍ଭ ହୋଇ ଅଧିକାଂଶ ୟୁରୋପୀୟ ଭାଷାରେ ଏହାର ଅନୁବାଦ ହେଲା। ଏକାଦଶ ଶତାବ୍ଦୀରେ ଗ୍ରୀକ୍ ଭାଷାରେ ଏହା ଅନୁଦିତ ହୋଇଥିଲା। ଏହା ହେଉଛି ୟୁରୋପର ସବୁଠୁ ପୁରୁଣା ଅନୁବାଦ। ସମୟକ୍ରମେ ଏହି ଗ୍ରୀକ୍ ଅନୁବାଦର ପରିଚୟ ପାଇଲେ ପଶ୍ଚିମୀ ୟୁରୋପର ବିଭିନ୍ନ ଦେଶ ଏବଂ ଷୋଡ଼ଶ ଶତାବ୍ଦୀରୁ ଏହା ଲାଟିନ୍, ଇଟାଲୀ ଓ ଜର୍ମାନ ଭାଷାରେ ଅନେକଥର ଅନୁଦିତ ହୋଇଅଛି। ପ୍ରାୟ ୧୨୫୧ ଖ୍ରୀଷ୍ଟାବ୍ଦରେ ଆରବୀ ପଞ୍ଚତନ୍ତ୍ରର ଏକ ଅନୁବାଦ ପ୍ରାଚୀନ ସ୍ପାନିଶ୍ ଭାଷାରେ ହୋଇଥିଲା। ଏହା ପୂର୍ବରୁ ହିବ୍ରୁ ଭାଷାରେ ମଧ୍ୟ ଏହାର ଏକ ଅନୁବାଦ ହୋଇସାରିଥିଲା। ପଞ୍ଚତନ୍ତ୍ରକୁ ଆଧାର କରି ଦକ୍ଷିଣ ଇଟାଲୀର କପୁଆ ନଗରରେ ରହୁଥିବା ଜନ୍ ନାମକ ଜଣେ ଇହୁଦୀ ୧୨୬୦ରୁ ୧୨୭୦ ମସିହା ମଧ୍ୟରେ ଲାଟିନ୍ ଭାଷାରେ ଏହାକୁ ଅନୁବାଦ କରିଥିଲେ। ଏହାର ନାମ ସେ ରଖିଥିଲେ 'କଲିଲଃ ଦମନଃର ପୁସ୍ତକ-ମାନବ ଜୀବନର ସଂଗ୍ରହାଳୟ'। ମଧ୍ୟକାଳୀନ ୟୁରୋପୀୟ ସାହିତ୍ୟରେ ଜନ୍ କାପୁଆଙ୍କ ଅନୁବାଦ ବହୁ ଲୋକପ୍ରିୟ ହୋଇଥିଲା ଏବଂ ପଶ୍ଚିମ ୟୁରୋପର ଦଶଟି ଦେଶ ନିଜ ନିଜ ଭାଷାରେ ପଞ୍ଚତନ୍ତ୍ରର ଅନୁବାଦ କରିଥିଲେ। ୧୪୮୦ ଖ୍ରୀଷ୍ଟାବ୍ଦ ପାଖାପାଖି ପଞ୍ଚତନ୍ତ୍ରର କପୁଆ ସଂସ୍କରଣର ଅନୁବାଦ ଜର୍ମାନ ଭାଷାରେ ହୋଇଥିଲା। ଏହା ଏତେ ଲୋକପ୍ରିୟ ହେଲା ଯେ ଗୋଟିଏ ପରେ ଗୋଟିଏ ସଂସ୍କରଣ ପ୍ରକାଶିତ ହୋଇ ପଚାଶ ବର୍ଷ ମଧ୍ୟରେ ଏହାର ପଚାଶରୁ ଅଧିକ ସଂସ୍କରଣ ବିକ୍ରି ହୋଇଗଲା। ଡେନମାର୍କ, ହଲାଣ୍ଡ, ଆଇସଲ୍ୟାଣ୍ଡ ଆଦି ଦେଶର ଭାଷାମାନଙ୍କରେ ମଧ୍ୟ ଏହି ଜର୍ମାନ ସଂସ୍କରଣର ଅନୁବାଦ ହୋଇଥିଲା।

କପୁଆଙ୍କ ଲାଟିନ୍ ଅନୁବାଦ ସିଧାସଳଖ ଭାବରେ ଚେକ୍, ସ୍ପେନ୍ ଓ ଇଟାଲୀର ଭାଷାମାନଙ୍କରେ ଅନୁଦିତ ହେଲା। ଦୋନୀ ନାମ୍ନୀ ଜଣେ ଲେଖକ ୧୫୫୨ ଖ୍ରୀଷ୍ଟାବ୍ଦରେ ଏହାର ଯେଉଁ ଇଟାଲୀ ଅନୁବାଦ କରିଥିଲେ ତାକୁ ଅନୁସରଣ କରି ୧୫୭୦ ଖ୍ରୀଷ୍ଟାବ୍ଦରେ ସାର ଥୋମାସ୍ ନୋଥ ପ୍ରସ୍ତୁତ କଲେ ପଞ୍ଚତନ୍ତ୍ରର ପ୍ରଥମ ଇଂରାଜୀ ଅନୁବାଦ। ୧୬୦୯ ଖ୍ରୀଷ୍ଟାବ୍ଦରେ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଲା। ଏହିଭଳି ଭାବରେ ସେକ୍ସପିୟରଙ୍କ ଜୀବନକାଳ ମଧ୍ୟରେ ହିଁ ଇଂରାଜୀ ଭାଷାକୁ ସଂସ୍କୃତ ସାହିତ୍ୟର ଏହି ଅମୂଲ୍ୟ ନିଧି ଅନୁବାଦ ରୂପରେ ମିଳିସାରିଥିଲା। ଇଂରାଜୀର ଏହି ଅନୁବାଦ ସଂସ୍କୃତରୁ ପହ୍ଲବୀ, ପହ୍ଲବୀରୁ ଆରବୀ, ଆରବୀରୁ ହିବ୍ରୁ, ହିବ୍ରୁରୁ ଲାଟିନ୍, ଲାଟିନରୁ ଇଟାଲୀ ଏବଂ ଇଟାଲୀରୁ ଇଂରାଜୀ ଏହିପରି ମୂଳଗ୍ରନ୍ଥର ଷଷ୍ଠ ପୀଢ଼ିରେ ଥିଲା।

ଆରବୀ କଲିଲଃ-ବ-ଦମନଃର ଏକ ଅନୁବାଦ ଫରାସୀ ଭାଷାରେ ମିସରୁଲ୍ଲା ନାମକ ଜଣେ ଲେଖକ ଦ୍ୱାଦଶ ଶତାବ୍ଦୀରେ କରିଥିଲେ। ଏହି ଅନୁବାଦ ଆଧାରରେ ପଞ୍ଚଦଶ ଶତାବ୍ଦୀରେ ପୁଣି ଫରାସୀ ଭାଷାରେ 'ଅନୱର ସୁଲେହି' ନାମରେ ଏକ ସଂସ୍କରଣ ପ୍ରସ୍ତୁତ ହେଲା। ଆରବୀ କଲିଲଃ-ବ-ଦମନଃ ପରି ଅନୱର ସୁଲେହିର ମଧ୍ୟ ଅଧିକରୁ ଅଧିକ ସଂସ୍କରଣ ପ୍ରସ୍ତୁତ ହୋଇଥିଲା। ଏପରିକି ତୁର୍କୀ, ପଶ୍ଚିମ ଓ ମଧ୍ୟ ଏସିଆର ଭାଷାମାନଙ୍କରେ ମଧ୍ୟ ଅନୱର ସୁଲେହିର ଅନୁବାଦ କରାଗଲା। ୧୬୪୪ ଖ୍ରୀଷ୍ଟାବ୍ଦରେ ଫ୍ରେଞ୍ଚ ଭାଷାରେ ଏହାର ଅନୁବାଦ ପ୍ରକାଶ ପାଇଲା। ସେଠି ଏହା 'Fables of Pilpay' ନାମରେ ପ୍ରସିଦ୍ଧି ପାଇଲା। ପ୍ରସିଦ୍ଧ ଫ୍ରେଞ୍ଚ ଲେଖକ ଲା ଫୋଣ୍ଟେନ (Jeal de La Fontazne) ତାଙ୍କର କାହାଣୀ ସଂଗ୍ରହ ମଧ୍ୟରୁ ଅନେକ କଥା ଏହି 'ଫେବୁଲ୍ସ ଅଫ୍ ପିଲ୍‌ପେ'ରୁ ନେଇଛନ୍ତି। ଏହାର ଠିକ୍ ଅଶୀ ବର୍ଷ ପରେ ୧୭୨୪ ମସିହାରେ ଆଉ ଏକ ଫ୍ରେଞ୍ଚ ଅନୁବାଦ 'ବିଦପଇର ଭାରତୀୟ କାହାଣୀମାଳା' ନାମରେ ପ୍ରକାଶ ପାଇଲା। ଠିକ୍ ଏହା ପୂର୍ବରୁ ଏହାର ତୁର୍କୀ ଅନୁବାଦ 'ହୁମାୟୁଁନାମା' ପ୍ରକାଶ ପାଇସାରିଥିଲା। ଏହି ଦୁଇ ଗ୍ରନ୍ଥ ଇଂଲଣ୍ଡ, ହଙ୍ଗେରୀ, ପୋଲାଣ୍ଡ, ସ୍ୱିଡ଼େନ୍, ଜର୍ମାନୀ ଆଦି ଦେଶରେ ଖୁବ୍ ଲୋକପ୍ରିୟ ହୋଇଥିଲା। ଇଂରାଜୀରେ 'ଫେବୁଲ୍ସ ଅଫ୍ ପିଲ୍‌ପେ'ର ସଂସ୍କରଣ ପ୍ରଥମେ ୧୬୯୯ରେ

ପ୍ରକାଶ ପାଇ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଜୋର୍‌ସୋର୍‌ରେ ପ୍ରକାଶ ପାଇଥିଲା।

**ପଞ୍ଚତନ୍ତ୍ରର ଭାରତୀୟ ସଂସ୍କରଣ** : ଭାରତବର୍ଷରେ ମଧ୍ୟ ପଞ୍ଚତନ୍ତ୍ରର ଏକ ସୁଦୀର୍ଘ ପରମ୍ପରା ଦୃଷ୍ଟିଗୋଚର ହୁଏ। ମୂଳଗ୍ରନ୍ଥ ଯଦିଓ ଅନୁପଲବ୍ଧ; ତଥାପି ଏହାର ଆଧାରରେ ରଚିତ ତା'ର ଅନେକ ସଂସ୍କରଣ ବର୍ତ୍ତମାନ ସୁଲଭ୍ୟ। ଭାରତରେ ଆମେ ଏହାର ପ୍ରାୟ ଆଠଟି ଭିନ୍ନ ଭିନ୍ନ ସଂସ୍କରଣ ଦେଖିବାକୁ ପାଉ। ଯଥା- (୧) ତନ୍ତ୍ରାଖ୍ୟାୟିକା, (୨) ଦକ୍ଷିଣ ଭାରତୀୟ ପଞ୍ଚତନ୍ତ୍ର, (୩) ନେପାଳୀ ପଞ୍ଚତନ୍ତ୍ର, (୪) ହିତୋପଦେଶ (୫) ସୋମଦେବକୃତ କଥାସରିତ ସାଗର ଅନ୍ତର୍ଗତ ପଞ୍ଚତନ୍ତ୍ର, (୬) କ୍ଷେମେନ୍ଦ୍ରକୃତ ବୃହତ୍ କଥାମଞ୍ଜରୀ ଅନ୍ତର୍ଗତ ପଞ୍ଚତନ୍ତ୍ର, (୭) ପଶ୍ଚିମୀ ଭାରତୀୟ ପଞ୍ଚତନ୍ତ୍ର ଏବଂ (୮) ପୂର୍ଣ୍ଣଭଦ୍ରକୃତ ପଞ୍ଚାଖ୍ୟାନ। ଏହି ଆଠଗୋଟି ସଂସ୍କରଣ ସମ୍ବନ୍ଧରେ ନିମ୍ନରେ ସାମାନ୍ୟ ସୂଚନା ଦିଆଯାଇପାରେ :-

ତନ୍ତ୍ରାଖ୍ୟାୟିକା ହେଉଛି ପଞ୍ଚତନ୍ତ୍ରର ଏକ କାଶ୍ମୀରୀ ସଂସ୍କରଣ। ଏହାର ପ୍ରତିଲିପି କେବଳ କାଶ୍ମୀରର ଶାରଦା ଲିପିରେ ମିଳିଛି। ଏହାକୁ ସଂପାଦନା କରିଛନ୍ତି ଡକ୍ଟର ହର୍ଟେଲ। ତାଙ୍କ ମତରେ ଏଥିରେ ପଞ୍ଚତନ୍ତ୍ରର ଅସଂକ୍ଷିପ୍ତ ଏବଂ ଅବିକୃତ ପାଠ ରହିଛି। କିନ୍ତୁ ଡ. ଏଜର୍ଟନ ତନ୍ତ୍ରାଖ୍ୟାୟିକାକୁ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ। ଏହାର ରଚନାକାଳ ଅନିଶ୍ଚିତ।

ଦକ୍ଷିଣ ଭାରତୀୟ ପାଠ୍ୟ ପରମ୍ପରାରେ ଏଜର୍ଟନଙ୍କ ମତ ହେଲା – ମୂଳ ପଞ୍ଚତନ୍ତ୍ରର ଗଦ୍ୟଭାଗର ତିନି-ଚତୁର୍ଥାଂଶ ଏବଂ ପଦ୍ୟଭାଗର ଦୁଇ-ତୃତୀୟାଂଶ ସୁରକ୍ଷିତ ଅଛି। କେତେଜଣ ବିଦ୍ୱାନ କହନ୍ତି - ଦକ୍ଷିଣ ସ୍ଥିତ ମହିଳା ରୋପ୍ୟ ନାମକ ନଗରର ଉଲ୍ଲେଖ ପଞ୍ଚତନ୍ତ୍ରରେ ବହୁଥର ହୋଇଛି। ତେଣୁ ମୂଳ ପଞ୍ଚତନ୍ତ୍ରର ରଚନା ସେଇଠି ହୋଇଥାଇପାରେ।

ନେପାଳୀ ପଞ୍ଚତନ୍ତ୍ର ଗୋଟେ ସମୟରେ ଗଦ୍ୟ-ପଦ୍ୟ ମିଶ୍ରିତ ଥିଲା। ପରେ କେହି ପଦ୍ୟ ଭାଗକୁ ଅଲଗା କରିଦେଇଥିଲେ, ଯାହା ଏବେ ଉପଲବ୍ଧ। ଏହାର ଗଦ୍ୟ ଭାଗ ଏବେ ବିଲୁପ୍ତ। ସଂଯୋଗକୁ ମୂଳ ରଚନାର ଏକ ଗଦ୍ୟ ବାକ୍ୟ ପଦ୍ୟ ଭାଗରେ ରହିଯାଇଛି। ଏହି ପାଠରେ ଥିବା ସମସ୍ତ ଶ୍ଳୋକ ଦକ୍ଷିଣ ଭାରତୀୟ ପାଠରେ ଉପଲବ୍ଧ। କିନ୍ତୁ ଯେଉଁ ପାଠରୁ ଏହାର ଜନ୍ମ, ତାହା ଦକ୍ଷିଣ ଭାରତୀୟ ପଞ୍ଚତନ୍ତ୍ରଠାରୁ ପୃଥକ୍ ଥିଲା।

ହିତୋପଦେଶ ସଂସ୍କୃତ ସାହିତ୍ୟରେ ପଞ୍ଚତନ୍ତ୍ରଠାରୁ ମଧ୍ୟ ଅଧିକ ଲୋକପ୍ରିୟ ଅଟେ। ପ୍ରାୟ ୯୦୦ ଖ୍ରୀଷ୍ଟାବ୍ଦରେ ଏହାର ରଚୟିତା ନାରାୟଣ ଭଟ୍ଟ ପଞ୍ଚତନ୍ତ୍ରର ଗଦ୍ୟଭାଗକୁ ନେଇ ଖୁବ୍ ସ୍ୱାଧୀନତାର ସହ ନିଜ ବାଗରେ ହିତୋପଦେଶକୁ ଗଢ଼ିଥିଲେ। ପଞ୍ଚତନ୍ତ୍ରରେ ପାଞ୍ଚଟି ତନ୍ତ୍ର ଥିବାବେଳେ, ହିତୋପଦେଶରେ ଚାରିଗୋଟି ବିଭାଗ ରହିଅଛି। ଯଥା- ମିତ୍ରଲାଭ, ସୁହୃଦୟ-ଭେଦ, ବିଗ୍ରହ ଓ ସନ୍ଧି। ପଞ୍ଚତନ୍ତ୍ରର ପ୍ରଥମ ତନ୍ତ୍ର ମିତ୍ରଭେଦ ହିତୋପଦେଶରେ ଦ୍ୱିତୀୟ ସ୍ଥାନରେ ଅବସ୍ଥିତ। ବିଗ୍ରହ ଓ ସନ୍ଧି ନାମକ ବିଭାଗର କଳ୍ପନା ଏଥିରେ ଲେଖକ ନୂଆ ଢଙ୍ଗରେ କରିଛନ୍ତି ଏବଂ ଅନେକ ନୂତନ କଥା ମଧ୍ୟ ଯୋଡ଼ିଛନ୍ତି। ପଞ୍ଚତନ୍ତ୍ରର ତୃତୀୟ ତନ୍ତ୍ର କାକୋଲୁକୀୟ ହିତୋପଦେଶରେ ଭିନ୍ନରୂପେ ସୁଗଠିତ। କାକୋଲୁକୀୟ ସ୍ଥାନରେ କପୁର ଦ୍ୱୀପର ରାଜା ହିରଣ୍ୟଗର୍ଭ ହଂସ ଏବଂ ବିନ୍ଧ୍ୟଗିରିର ରାଜା ଚିତ୍ରବର୍ଣ୍ଣ ମୟୁର ମଧ୍ୟରେ ବିଗ୍ରହ ଓ ସନ୍ଧି ବିଷୟ ବର୍ଣ୍ଣିତ। ପଞ୍ଚତନ୍ତ୍ରର ଚତୁର୍ଥ ତନ୍ତ୍ର ଲବ୍ଧପ୍ରଣାଶ ହିତୋପଦେଶରେ ଅନୁପଲବ୍ଧ ଏବଂ ଏହାର ପଞ୍ଚମ ତନ୍ତ୍ର ଅପରୀକ୍ଷିତ କାରକର ସମସ୍ତ କାହାଣୀ ହିତୋପଦେଶର ତୃତୀୟ ଓ ଚତୁର୍ଥ ଭାଗରେ ଦେଖିବାକୁ ମିଳେ। ନାରାୟଣ ଭଟ୍ଟ ହିତୋପଦେଶ ରଚନା କରିବାପାଇଁ ଦକ୍ଷିଣ ଭାରତୀୟ ପଞ୍ଚତନ୍ତ୍ରର ସହାୟତା ନେଇଛନ୍ତି। ମୂଳ ପଞ୍ଚତନ୍ତ୍ରର ଗଦ୍ୟଭାଗର ପ୍ରାୟ ତିନି-ପଞ୍ଚମାଂଶ ଏବଂ ପଦ୍ୟଭାଗର ପ୍ରାୟ ଏକ-ତୃତୀୟାଂଶ ହିତୋପଦେଶରେ ଦେଖିବାକୁ ମିଳେ।

ବୃହତ୍ କଥାମଞ୍ଜରୀ ଓ କଥାସରିତସାଗର ଉଭୟରେ ଥିବା ଶକ୍ତୀୟ-ଶାଳମ୍ବର ଭିତରେ ପଞ୍ଚତନ୍ତ୍ରର କାହାଣୀମାନ ଅନ୍ତର୍ଭୁକ୍ତ। କିନ୍ତୁ ପଞ୍ଚତନ୍ତ୍ରର ଏହି ରୂପ ମଧ୍ୟରେ ମୂଳ ଗ୍ରନ୍ଥର କଳାତ୍ମକତା ସଂପୂର୍ଣ୍ଣ ହଜିଯାଇଛି। ଏହାକୁ କେବଳ ଏକ ଜୀବନ୍ତ ସାରାଂଶ କହିହେବ। ବୃହତ୍ କଥାର ଗବେଷକ ଶ୍ରୀ ଲାକୋତେଙ୍କ ମତରେ – ମୂଳ ବୃହତ୍ କଥାରେ ପଞ୍ଚତନ୍ତ୍ରର କୌଣସି ସ୍ଥାନ ନଥିଲା। ହୋଇପାରେ ପଞ୍ଚତନ୍ତ୍ରର ଲୋକପ୍ରିୟତା ହେତୁ ପୈଶାଚୀ ବୃହତ୍ କଥାରେ କେବେ ଗୋଟେ ସଂସ୍କୃତ ପଞ୍ଚତନ୍ତ୍ରର ସାରକଥାକୁ ଗ୍ରହଣ କରାଯାଇଅଛି ଏବଂ ତା' ଆଧାରରେ କ୍ଷେମେନ୍ଦ୍ର ଓ ସୋମଦେବ ତାକୁ ପୁଣି ସଂସ୍କୃତରେ ଅନୁବାଦ କରିଛନ୍ତି। କ୍ଷେମେନ୍ଦ୍ର କିନ୍ତୁ କାଶ୍ମୀରରେ ପ୍ରଚଳିତ ତନ୍ତ୍ରାଖ୍ୟାୟିକାର କେତେକ ବିଷୟ ଗ୍ରହଣ କରିଥିବାର ଦେଖାଯାଏ। ମୂଳ ପଞ୍ଚତନ୍ତ୍ରରେ ଅପ୍ରାପ୍ତ; ଅଥଚ କ୍ଷେମେନ୍ଦ୍ରଙ୍କ ରଚନାରେ ପ୍ରାପ୍ତ ପାଞ୍ଚଟି କାହାଣୀ ଏମିତି ଅଛି ଯାହା ତନ୍ତ୍ରାଖ୍ୟାୟିକାରେ ଆମ୍ଭେ ଦେଖିବାକୁ ପାଉ।

ପଶ୍ଚିମ ଭାରତୀୟ ପଞ୍ଚତନ୍ତ୍ରର ଗୋଟିଏ ରୂପ ନିର୍ଣ୍ଣୟ ସାଗର ପ୍ରେସ୍‌ଦ୍ୱାରା ପ୍ରକାଶିତ ସଂସ୍କରଣ ଏବଂ ଅନ୍ୟ ଏକ ରୂପ ମୁମ୍ବାଇ ସଂସ୍କୃତ ସିରିଜ୍‌ଦ୍ୱାରା ପ୍ରକାଶିତ ସଂସ୍କରଣ ଅଟେ। ଏହି ପାଠ ଏକହଜାର ଖ୍ରୀଷ୍ଟାବ୍ଦରେ ନିଜର ଏକ ରୂପ ନେଇସାରିଥିଲା।

ଏହି ସବୁ ଗ୍ରନ୍ଥାଦିକୁ ମୂଳ ଆଧାର ଭାବେ ଗ୍ରହଣ କରି ପୂର୍ଣ୍ଣଭଦ୍ର ୧୧୯୬ ମସିହାରେ 'ପଞ୍ଚାଖ୍ୟାନ' ଗ୍ରନ୍ଥ ରଚନା କଲେ। ପୂର୍ଣ୍ଣଭଦ୍ରଙ୍କ ଏହି ଗୋଟିଏ ସଂସ୍କରଣର ହିଁ ନିଶ୍ଚିତ ସମୟ ଆମକୁ ଜଣା। ସେ ଲେଖିଛନ୍ତି – ତାଙ୍କ ସମୟରେ ପଞ୍ଚତନ୍ତ୍ରର ପାଠ୍ୟ ପରମ୍ପରା ସଂପୂର୍ଣ୍ଣ ଛିନ୍ନଛତ୍ର ହୋଇସାରିଥିଲା। ତାପରେ ସେ ପଞ୍ଚତନ୍ତ୍ରର ସମସ୍ତ ଉପଲବ୍ଧ ସାମଗ୍ରୀ ସଂଗ୍ରହ କରି ଉକ୍ତ ପୁସ୍ତକକୁ ପୁନର୍ଜୀବିତ କରିବାକୁ ଚେଷ୍ଟା କରିଥିଲେ। ସେ ପ୍ରତ୍ୟେକ ଅକ୍ଷର, ପ୍ରତ୍ୟେକ ପଦ ଓ ପ୍ରତ୍ୟେକ କାହାଣୀରେ ସଂଶୋଧନ କରିଥିଲେ। ଏହିପରି ଭାବରେ ଅନେକ ପ୍ରାଚୀନ ସଂସ୍କରଣକୁ ଏକତ୍ର କରି ପୂର୍ଣ୍ଣଭଦ୍ର ଏକ ନୂତନ ଗ୍ରନ୍ଥ 'ପଞ୍ଚାଖ୍ୟାନ' ରୂପରେ ପ୍ରସ୍ତୁତ କଲେ।

ଏହି ବିବିଧ ସଂସ୍କରଣର ମୂଳରେ ଯେଉଁ ପଞ୍ଚତନ୍ତ୍ର ଥିଲା, ତାହାର ସ୍ୱରୂପ ଜାଣିବା ପାଇଁ ମନରେ ଜିଜ୍ଞାସା ଭାବ ସୃଷ୍ଟି ହେବା ସ୍ୱାଭାବିକ। ଡାକ୍ତର ଏଜର୍ଟନ ଉପରୋଲ୍ଲିଖିତ ସମସ୍ତ ସଂସ୍କରଣର ତୁଳନା କରି ପୂର୍ଣ୍ଣଭଦ୍ରଙ୍କ ପରି ଗୋଟିଏ ଗୋଟିଏ ଅକ୍ଷରର ତୁଳନାତ୍ମକ ବିଚାରକରି ମୂଳ ପଞ୍ଚତନ୍ତ୍ରର ଏକ ନୂତନ ସଂସ୍କରଣ ପ୍ରସ୍ତୁତ କରିଛନ୍ତି। ଏହାକୁ ସେ 'ପୁନର୍ଗଠିତ ପଞ୍ଚତନ୍ତ୍ର' (Panchatantra Reconstructed)ବୋଲି ନାମ ଦେଇଛନ୍ତି। ଏହିଭଳି ଭାବରେ ଅନେକ ବିଦ୍ୱାନଙ୍କଦ୍ୱାରା ଭାରତର ବିଭିନ୍ନ ଭାଷାରେ ପଞ୍ଚତନ୍ତ୍ରର ଅନୁବାଦ ହୋଇଥିବାର ଦେଖାଯାଏ। ଏହି ସବୁ ସଂସ୍କରଣରୁ ଏତିକି ବୁଝାପଡ଼େ ଯେ, ସାହିତ୍ୟିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ କେବଳ ପଞ୍ଚତନ୍ତ୍ର ସର୍ବଶ୍ରେଷ୍ଠ ଗ୍ରନ୍ଥ ନୁହେଁ; ବରଂ ଏହା ଏକ ପରିଶୀଳିତ, କାରୁକାର୍ଯ୍ୟ ବିମଣ୍ଡିତ ନିପୁଣତମ ସୁନ୍ଦର ରଚନା।

**<u>ପଞ୍ଚତନ୍ତ୍ରର ସ୍ୱରୂପ</u>** : ପ୍ରାୟ ଦୁଇ ହଜାର ବର୍ଷ ପୂର୍ବେ ଭାରତର ଦକ୍ଷିଣ ପ୍ରାନ୍ତରେ ମହିଳାରୋପ୍ୟ ନାମକ ରାଜ୍ୟରେ ରାଜା ଅମରଶକ୍ତି ଶାସନ କରୁଥିଲେ। ତାଙ୍କ ତିନି ପୁତ୍ରଙ୍କ ନାମ ଥିଲା- ବହୁଶକ୍ତି, ଉଗ୍ରଶକ୍ତି ଏବଂ ଅନନ୍ତଶକ୍ତି। ରାଜା ଅମରଶକ୍ତି ଯେତେ ଉଦାର ଏବଂ ସୁଶାସକ ଥିଲେ ତାଙ୍କ ପୁତ୍ରଗଣ ଥିଲେ ସେତେ ମୂର୍ଖ ଓ ଅହଙ୍କାରୀ। ରାଜା ତାଙ୍କୁ ବ୍ୟାବହାରିକ ଶିକ୍ଷା ଦେବାକୁ ବହୁ ଚେଷ୍ଟାକଲେ, ମାତ୍ର କିଛି କାମ ଦେଲାନାହିଁ। ତାପରେ ହତାଶ ରାଜା ନିଜ ମନ୍ତ୍ରୀମଣ୍ଡଳକୁ ନେଇ ଏକ ବୈଠକ ବସାଇଲେ। ମନ୍ତ୍ରୀମାନଙ୍କ ଭିତରେ କିଛି ଯୋଗ୍ୟ ଓ ଦୂରଦର୍ଶୀ ମନ୍ତ୍ରୀ ମଧ୍ୟ ଥିଲେ। ତନ୍ମଧ୍ୟରୁ ସୁମତି ନାମକ ଜଣେ ମନ୍ତ୍ରୀ ରାଜାଙ୍କୁ ପରାମର୍ଶ ଦେଲେ ଯେ ପଣ୍ଡିତ ବିଷ୍ଣୁଶର୍ମା ନାମରେ ଜଣେ ଶାସ୍ତ୍ରଜ୍ଞ କୁଶଳ ବ୍ରାହ୍ମଣ ଅଛନ୍ତି। ଯଦି ରାଜକୁମାରମାନଙ୍କୁ ଶିକ୍ଷାଦେବା ଓ ବ୍ୟାବହାରିକ ରୂପେ ପ୍ରଶିକ୍ଷିତ କରିବାର ଉତ୍ତର ଦାୟିତ୍ୱ ତାଙ୍କୁ ଦିଆଯାଏ ତାହେଲେ ସେ ବହୁତ କମ୍ ସମୟ ମଧ୍ୟରେ ରାଜକୁମାରମାନଙ୍କୁ ଶିକ୍ଷିତ କରିପାରିବେ।

ଏହାପରେ ରାଜା ବିଷ୍ଣୁଶର୍ମାଙ୍କୁ ଡକାଇ ରାଜକୁମାରମାନଙ୍କୁ ଶିକ୍ଷିତ କରିବା ପାଇଁ ତାଙ୍କୁ ଅନୁରୋଧ କଲେ ଏବଂ ଉପହାରସ୍ୱରୂପ ଶହେଗୋଟି ଗ୍ରାମ ଦେବା ପାଇଁ ପ୍ରସ୍ତାବ ଦେଲେ। ବିଜ୍ଞ ବିଷ୍ଣୁଶର୍ମା କିନ୍ତୁ ଏହି ଉପହାରକୁ ଅସ୍ୱୀକାର କରିଥିଲେ ଏବଂ ଏହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ରାଜଦରବାରରେ ଘୋଷଣା କଲେ ଯେ ଏହି ଅସମ୍ଭବ କାର୍ଯ୍ୟକୁ ସେ ମାତ୍ର ଛଅ ମାସ ମଧ୍ୟରେ ପୂର୍ଣ୍ଣ କରିବେ। ଯଦି ଏଥିରେ ସେ ଅସଫଳ ହୁଅନ୍ତି, ତେବେ ମୃତ୍ୟୁଦଣ୍ଡ ପାଇବାକୁ ମଧ୍ୟ ସେ ରାଜି ହେବେ। ଘୋଷଣାଦ୍ୱାରା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ବିଷ୍ଣୁଶର୍ମା ରାଜକୁମାରମାନଙ୍କୁ ଶିକ୍ଷିତ କରାଇବା ପାଇଁ ନୀତିଶାସ୍ତ୍ର ସମ୍ବନ୍ଧିତ ବିଭିନ୍ନ କାହାଣୀ ଶୁଣାଇଲେ। ସେ ଏହି କାହାଣୀର ଚରିତ୍ର ଭାବରେ ପଶୁ-ପକ୍ଷୀମାନଙ୍କୁ ଗ୍ରହଣ କରି ରାଜକୁମାରମାନଙ୍କୁ ଉଚିତ-ଅନୁଚିତର ଜ୍ଞାନ ଦେବାକୁ ଚେଷ୍ଟା କଲେ। ସେମାନଙ୍କ ଶିକ୍ଷା ସମାପ୍ତ ହେବାପରେ ବିଷ୍ଣୁଶର୍ମା ଏ କାହାଣୀଗୁଡ଼ିକୁ ସଂଗୃହୀତ କଲେ, ଯାହାକୁ ଆମେ ଆଜି 'ପଞ୍ଚତନ୍ତ୍ର' କାହାଣୀ ଭାବରେ ଜାଣୁଛୁ। ବିଷ୍ଣଶର୍ମା ଯେଉଁ କାହାଣୀ ମାଧ୍ୟମରେ ନୀତିକଥା ଶିଖାଇଲେ ସେହି କାହାଣୀଗୁଡ଼ିକର ସଂଗ୍ରହ ପାଞ୍ଚ ଭାଗରେ କରାଯାଇଅଛି। ତେଣୁ ଏହାକୁ 'ପଞ୍ଚତନ୍ତ୍ର' କୁହାଯାଏ। ଏଠି 'ତନ୍ତ୍ର' ସିଦ୍ଧାନ୍ତ, ଭାଗ ବା ଖଣ୍ଡ ଆଦି ଅର୍ଥରେ ବ୍ୟବହୃତ। ପାଞ୍ଚଟି ତନ୍ତ୍ରରେ ପାଞ୍ଚଟି ସିଦ୍ଧାନ୍ତ ସନ୍ନିବେଶିତ। ଯଥା- 'ମିତ୍ରଭେଦ', 'ମିତ୍ର ସଂପ୍ରାପ୍ତି' ବା 'ମିତ୍ରଲାଭ', 'କାକୋଲୂକୀୟରେ ବିଗ୍ରହ ଓ ସନ୍ଧି', ଲବ୍ଧପ୍ରଣାସରେ ପ୍ରାପ୍ତ ଅର୍ଥର ବିନାଶ ଏବଂ ଅପରୀକ୍ଷିତ କାରକରେ ଅପରିଣାମଦର୍ଶିତା ବା ଅବିଚାରିତ କର୍ମର ପରିଣତି। ଏହି ଭାଗଗୁଡ଼ିକରେ ଯଥାକ୍ରମେ ୨୨, ୬, ୧୭, ୧୫, ୧୫ ଏପରି ସର୍ବମୋଟ ୭୫ଟି କଥା ଓ ପ୍ରାୟ ୧୨୦୦ ଉପାଦାୟ ଶ୍ଳୋକ ସନ୍ନିବେଶିତ। ବିଭିନ୍ନ ସଂସ୍କରଣରେ ପରିବର୍ତ୍ତନ ଥିଲେ ହେଁ ମୋଟାମୋଟି କଳେବର ଏହିପରି।(୩) ନିମ୍ନରେ ଏହି ତନ୍ତ୍ରମାନଙ୍କ ବିଷୟରେ ସଂକ୍ଷେପରେ ସୂଚନା ଦିଆଗଲା-

(କ) ମିତ୍ରଭେଦ : ନୀତିକଥାମାନଙ୍କର କିଛି ମୁଖ୍ୟ କଥା ଥାଏ ଏବଂ ତାକୁ ସ୍ପଷ୍ଟ ବା ପ୍ରାମାଣିକ କରିବା ପାଇଁ ରହିଥାଏ କିଛି ଗୌଣ କଥା। ମିତ୍ରଭେଦରେ ଅଙ୍ଗୀକଥା ପୂର୍ବରୁ ମହିଳାରୋପ୍ୟର ରାଜା ଅମରଶକ୍ତିଙ୍କ ବିଷୟ ବର୍ଣ୍ଣିତ। ଅମରଶକ୍ତି ନିଜ ମୂର୍ଖ ଓ ଅହଙ୍କାରୀ ପୁତ୍ରମାନଙ୍କ ଭବିଷ୍ୟତ ଉପରେ ଚିନ୍ତିତ ଥିଲେ ଏବଂ ଏଥିପାଇଁ ସେ ନିଜ ପୁତ୍ରମାନଙ୍କୁ ଶିକ୍ଷିତ କରାଇବାର ଦାୟିତ୍ୱ ନେଇଥିଲେ। ବିଷ୍ଣୁଶର୍ମା ମାତ୍ର ଛଅମାସ ମଧ୍ୟରେ ବିଭିନ୍ନ କାହାଣୀ ମାଧ୍ୟମରେ ରାଜକୁମାରମାନଙ୍କୁ ଶିକ୍ଷିତ କରାଇବାରେ ସଫଳ ହୁଅନ୍ତି। ଏହାପରେ ମିତ୍ରଭେଦର ଅଙ୍ଗୀକଥାର ଆରମ୍ଭ ହୋଇଛି। ଏଥିରେ ଏକ ଦୁଷ୍ଟ ବିଲୁଆ କିପରି ପିଙ୍ଗଳକ ନାମକ ସିଂହ ଏବଂ ସଂଜୀବକ ନାମକ ଏକ ଷଣ୍ଢ ମଧ୍ୟରେ ଶତ୍ରୁତା ଉତ୍ପନ୍ନ କରାଇଛି ତାହା ବର୍ଣ୍ଣିତ। ଏହି ସଂଜୀବକ ଷଣ୍ଢକୁ ସିଂହ ନିଜ ପ୍ରିୟ ବନ୍ଧୁ ଭଳି ଦେଖୁଥିଲା। ସିଂହର ବିଶ୍ୱାସଭାଜନ ଅମାତ୍ୟ କରଟକ ଓ ଦମନକ ନାମକ ଶୃଗାଳଦ୍ୱୟ ଏହି କାର୍ଯ୍ୟରେ ବିରକ୍ତି ପ୍ରକାଶ କରିଛନ୍ତି। ଏମାନଙ୍କ ବାରଣ ସତ୍ତ୍ୱେ ସିଂହ ତାକୁ ବନ୍ଧୁ ବନାଇଛି। ଶୃଗାଳଙ୍କଦ୍ୱାରା ଏପରି କିଛି କୌଶଳ ପ୍ରୟୋଗ ହୋଇଛି ଯାହା ଫଳରେ ସିଂହ ବଳିବର୍ଦ୍ଦ ଷଣ୍ଢକୁ ଅବିଶ୍ୱାସ କରିଛି ଏବଂ ଶେଷରେ ମାରିଦେଇଛି। ତା'ର ରକ୍ତାକ୍ତ ପାଦ ଦେଖି ସେ ଅନୁତାପ କରିଛି; କିନ୍ତୁ ଦମନକ ତାକୁ ଆଶ୍ୱାସନା ଦେଇ ତା'ର ପ୍ରଧାନମନ୍ତ୍ରୀ ଭାବରେ ରହିଛି। ବାସ୍ତବରେ ଅନେକ ରାଜନୈତିକ ଓ ସାମାଜିକ ଶିକ୍ଷା ଏଥିରୁ ମିଳେ। ପୁଣି ଧୈର୍ଯ୍ୟ ଥିଲେ କଠିନରୁ କଠିନତର ପରିସ୍ଥିତିକୁ ବି ସାମ୍ନା କରିହୁଏ ବୋଲି ଏଥିରେ ଉଲ୍ଲିଖିତ- "ତ୍ୟାଜ୍ୟଂ ନ ଧୈର୍ଯ୍ୟ ବିଧୁରେ ଅପି କାଲେ ଧୈର୍ଯାତ୍କଦାଚିତ୍ ଗତିମାପ୍ନୁୟାତ୍ସଃ।" (ମିତ୍ରଭେଦ, ଶ୍ଳୋକ-୩୪୫) ପଞ୍ଚତନ୍ତ୍ରର ପାଞ୍ଚଟି ତନ୍ତ୍ର ମଧ୍ୟରୁ ଏହି ତନ୍ତ୍ର ସବୁଠୁ ବଡ଼।

(ଖ) ମିତ୍ର ସଂପ୍ରାପ୍ତି : ଚତୁର କପୋତରାଜ ଚିତ୍ରଗ୍ରୀବ ଉପାଖ୍ୟାନ ଏହାର ପ୍ରଧାନ କଥା। ଏହି ତନ୍ତ୍ରରେ ମିତ୍ରପ୍ରାପ୍ତି କେତେ ସୁଖ ଓ ଆନନ୍ଦଦାୟକ ତାହା କପୋତରାଜ ଚିତ୍ରଗ୍ରୀବର

କାହାଣୀ ମାଧ୍ୟମରେ କୁହାଯାଇଛି। ବିପତ୍ତିରେ ମିତ୍ର ହିଁ ସହାୟକ ହୁଏ- "ସର୍ବେଷାମେବ ମର୍ତ୍ୟାନଂ ବ୍ୟସନେ ସମୁପସ୍ଥିତେ। ଇାଙ୍‌ମାତ୍ରେଣାପି ସାହାଯ୍ୟଂ ମିତ୍ରାଦନ୍ୟୋ ନ ସଂଦଧେ।" (ମିତ୍ର ସଂପ୍ରାପ୍ତି, ଶ୍ଳୋକ- ୧୨)

ଏଥିରେ କୁହାଯାଇଛି ମିତ୍ରଙ୍କ ଗୃହାଗମନ ସ୍ୱର୍ଗ ସୁଖଠୁ ବି ବଳି। ଏହି ତନ୍ତ୍ର ଉପଦେଶ ଦିଏ ଯେ ଉପଯୋଗୀ ମିତ୍ରଙ୍କ ସହ ସଂପର୍କ ସ୍ଥାପନ କରିବା ଉଚିତ। ଯେପରି କାଉ, କଇଁଛ, ହରିଣ ଓ ମୂଷା ମିତ୍ରତା କରିବା ଫଳରେ ସେମାନେ ସୁଖରେ ଥିଲେ। ସମ୍ପୂର୍ଣ୍ଣ ପଞ୍ଚତନ୍ତ୍ରର ୨୨ ଭାଗ ହେଉଛି ମିତ୍ର ସଂପ୍ରାପ୍ତି।

(ଗ) କାକୋଲୂକୀୟ : ଏହି ତୃତୀୟ ତନ୍ତ୍ରରେ ଯୁଦ୍ଧ ଓ ସନ୍ଧିର ବର୍ଣ୍ଣନାପୂର୍ବକ ପେଚାମାନଙ୍କର ଦୁର୍ଗକୁ କୁଆମାନେ କିପରି ନଷ୍ଟ କରିଦେଇଛନ୍ତି, ତାହା ମନୋଜ୍ଞ ଶୈଳୀରେ ଚିତ୍ରିତ। ଏଥିରେ କୁହାଯାଇଛି- ସ୍ୱାର୍ଥସିଦ୍ଧି ପାଇଁ ଶତ୍ରୁ ସହ ବି ମିତ୍ରତା କରାଯାଇପାରେ ଏବଂ ପରେ ତାକୁ ବି ଧୋକାଦେଇ ତା'ର ସବୁକିଛି ନଷ୍ଟ କରିଦିଆଯାଇପାରେ। କାହାଣୀରେ କୁଆ ପ୍ରଥମେ ପେଚା ସହ ମିତ୍ରତା ସ୍ଥାପନ କରି ପରେ ପେଚାର ଦୁର୍ଗରେ ନିଆଁ ଲଗାଇଦିଏ। ଏହି କାହାଣୀର ଉଦ୍ଦେଶ୍ୟ ହେଲା- ଯେଉଁ ମଣିଷ ଆଳସ୍ୟବଶତଃ ସ୍ୱଚ୍ଛନ୍ଦତା ପାଇଁ ଶତ୍ରୁ ଏବଂ ରୋଗକୁ ଅଣଦେଖା କରେ, ତାକୁ ଅଟକାଇବାକୁ ଚେଷ୍ଟା ବି କରେନି ସେ ଧୀରେ ଧୀରେ ସେହି କାରଣବଶତଃ ମୃତ୍ୟୁମୁଖରେ ପଡ଼େ। ଦୃଷ୍ଟାନ୍ତ ସ୍ୱରୂପ- "ୟ ଉପେକ୍ଷେତ ଶତ୍ରୁ ସ୍ୱଂ ପ୍ରସରନ୍ତଂ ଯଦୃଚ୍ଛୟା। ରୋଗ ଚାଅଲସ୍ୟ ସଂଯୁକ୍ତଃ ସ ଶନୈସ୍ତେନ ହନ୍ୟତେ।" (କାକୋଲୂକୀୟ, ଶ୍ଳୋକ-୨)

(ଘ) ଲବ୍ଧପ୍ରଣାସ : ଏହି ତନ୍ତ୍ରରେ ବାନର ମକର କଥା ମୁଖ୍ୟ ଭାବରେ ଦିଆଯାଇଥିବାବେଳେ ଅନ୍ୟ କେତେକ କାହାଣୀ ଅବାନ୍ତର ଭଳି ମନେହୁଏ। ଏଥିରେ କୁହାଯାଇଛି କି ଯାହା ଲବ୍ଧ ଅର୍ଥାତ୍ ଅଭୀଷ୍ଟ ତାହା ପ୍ରାପ୍ତ ହେଉ ହେଉ କେମିତି ନଷ୍ଟ ହୋଇଯାଇପାରେ। କାହାଣୀ କହେ କି ବୁଦ୍ଧିମାନ ନିଜ ବୁଦ୍ଧି ବଳରେ ଜିତିଯାଏ ଏବଂ ମୂର୍ଖ ହାତକୁ ଆସିଥିବା ବସ୍ତୁକୁ ବି ଶେଷରେ ହାତଛଡ଼ା କରେ।

(ଙ) ଅପରୀକ୍ଷିତ କାରକ : ପଞ୍ଚତନ୍ତ୍ରର ପଞ୍ଚମ ଭାଗରେ ବିଚାରପୂର୍ବକ ସୁପରୀକ୍ଷିତ କାର୍ଯ୍ୟ କରିବା ପାଇଁ ସାବଧାନ କରିଦିଆଯାଇଛି। କାହିଁକିନା ଭଲ ଭାବରେ ବିଚାର ନକରି କୌଣସି କାର୍ଯ୍ୟରେ ହାତଦେଲେ ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼େ। ତେଣୁ ଅନ୍ଧାନୁକରଣ ସବୁବେଳେ ବର୍ଜନୀୟ। ଏହି ତନ୍ତ୍ରର ମୁଖ୍ୟ କଥାରେ ଅବିଚାରିତ ଭାବରେ ଅନ୍ଧାନୁକରଣ କରୁଥିବା ଜଣେ ଭଣ୍ଡାରୀର କାହାଣୀ ଅଛି, ଯିଏ ବିନା ଭାବିଚିନ୍ତି ମଣିଭଦ୍ର ନାମକ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିର ଅନ୍ଧାନୁକରଣ କରି ଦୁଃଖଭୋଗ କରିଛି। ତେଣୁ ବିନା ପରୀକ୍ଷାରେ ଭଣ୍ଡାରୀ ପରି ଅନୁଚିତ କର୍ମ କରିବା ଠିକ୍ ନୁହେଁ ବୋଲି ଏଠି ସୂଚନା ଦିଆଯାଇଛି। ପୁନଶ୍ଚ କୁହାଯାଇଛି ସଂପୂର୍ଣ୍ଣ ଖବର ନ ଜାଣି କୌଣସି କାର୍ଯ୍ୟ ନ କରିବା କଥା, ନ ହେଲେ ଅନୁତାପ କରିବା ହିଁ ଶ୍ରେୟ ହୁଏ। ଯଥା- ବ୍ରାହ୍ମଣ ପତ୍ନୀ କିଛି ନ ଜାଣି ନ ଶୁଣି ରକ୍ତରଂଜିତ ନେଉଳକୁ ଏହା ଭାବିକି ମାରିଦେଲା ଯେ ସେ ତା' ପୁଅକୁ ଖାଇଦେଇଛି। ବସ୍ତୁତଃ ନେଉଳ ତା' ପୁଅକୁ ରକ୍ଷା କରିବା ପାଇଁ ଗୋଟିଏ ସାପକୁ ମାରିଥିଲା ଏବଂ ତା ମୁହଁକୁ ରକ୍ତରଂଜିତ କରିଥିଲା। ଏଥିପାଇଁ କୁହାଯାଇଛି- "ଅପରୀକ୍ଷ ନ କର୍ତ୍ତବ୍ୟଂ ସୁପରୀକ୍ଷିତମ୍ ପଶ୍ଚାଦ୍ ଭବତି ସନ୍ତାପୋ ବ୍ରାହ୍ମଣ୍ୟା ନକୁଲେ ଯଥା।" (ଅପରୀକ୍ଷିତ କାରକ, ଶ୍ଳୋକ-୧୭)

ପଞ୍ଚତନ୍ତ୍ରରେ ଏହି କାହାଣୀମାନଙ୍କ ବ୍ୟତୀତ ଅତିରିକ୍ତ କିଛି କାହାଣୀ ମଧ୍ୟ ରହିଅଛି। ସମସ୍ତ କାହାଣୀ ନୀତି କଥା ସମ୍ବଳିତ ଉପଦେଶାତ୍ମକ ରଚନା। ନୀତି କଥାମାନଙ୍କର ମାନବେତର ଚରିତ୍ର ପ୍ରାୟ ଦୁଇ ପ୍ରକାର ଥାଆନ୍ତି। ଯଥା- ସଜୀବ ପ୍ରାଣୀ ଏବଂ ଅଚେତନ ପଦାର୍ଥ। ପଞ୍ଚତନ୍ତ୍ରରେ ମଧ୍ୟ ଏହି ଦୁଇ ପ୍ରକାର ଚରିତ୍ର ଦେଖିବାକୁ ମିଳନ୍ତି। ପଶୁମାନଙ୍କ ମଧ୍ୟରେ- ସିଂହ, ବ୍ୟାଘ୍ର, ଶୃଗାଳ, ଶଶକ, ବୃଷଭ, ଗଧ ଆଦି, ପକ୍ଷୀମାନଙ୍କ ମଧ୍ୟରେ କୁଆ, ପେଚା, କପୋତ, ମୟୁର, ଶୁଆ, ଚଟକ ଆଦି ତଥା ଇତର ପ୍ରାଣୀ ମଧ୍ୟରେ ସାପ, ନକୁଳ, ପିପିଲିକା ଆଦି। ଏହା ବ୍ୟତୀତ ନଦୀ, ସମୁଦ୍ର, ବୃକ୍ଷ, ପର୍ବତ, ଗୁମ୍ଫା ଆଦି ଅଚେତନ ଚରିତ୍ର ମଧ୍ୟ ଏଥିରେ ଅଛନ୍ତି ଯାହାଙ୍କ ଉପରେ ମାନବୀୟ ବ୍ୟବହାରର ଆରୋପ କରାଯାଇଅଛି। ସୁତରାଂ ପଞ୍ଚତନ୍ତ୍ର କେବଳ ଏକ ଗ୍ରନ୍ଥ ନୁହେଁ; ଏହା ସମଗ୍ର ଭାରତୀୟ ଜନମାନସର ଗୋଟିଏ କଳାତ୍ମକ ପ୍ରତିରୂପ। ଭାରତୀୟ ଚିନ୍ତା-ଚେତନା, ସଂସ୍କୃତି, ପରମ୍ପରାର ଏକ ଲିଖିତ ଦଲିଲ୍। ବିଶ୍ୱ ସାହିତ୍ୟରେ ପ୍ରତିନିଧିତ୍ୱ କରୁଥିବା କଥାଶ୍ରେଷ୍ଠ ପଞ୍ଚତନ୍ତ୍ର ପାଇଁ ଆଜି ସମଗ୍ର ଭାରତୀୟ ସାହିତ୍ୟ ଗର୍ବିତ।

ପ୍ରାନ୍ତଟୀକା :


୧) ଦାସ, ଶ୍ରୀଧର - ପଞ୍ଚତନ୍ତ୍ର (ଅନୁ), ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ-୨, ତୃତୀୟ ମୁଦ୍ରଣ: ୨୦୧୩, ମୁଖବନ୍ଧ।

୨) ଶତପଥୀ, ଡ ହରେକୃଷ୍ଣ - ସଂସ୍କୃତ ସାହିତ୍ୟର ଇତିହାସ, କିତାବ ମହଲ, କଟକ-୩, ତୃତୀୟ ସଂସ୍କରଣ, ୧୯୯୮, ପୃ-୨୬୬-୨୬୭।

୩) ଦାସ, ଶ୍ରୀଧର - ପଞ୍ଚତନ୍ତ୍ର (ଅନୁ), ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ-୨, ତୃତୀୟ ମୁଦ୍ରଣ: ୨୦୧୩, ମୁଖବନ୍ଧ।

୪) ଶତପଥୀ, ଡ. ହରେକୃଷ୍ଣ - ସଂସ୍କୃତ ସାହିତ୍ୟର ଇତିହାସ, ପୃ-୫୩୭।

(୫) ତତ୍ରୈବ, ପୃ- ୫୩୮।

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୪
Volume No. 02 | Issue No. 02 | Mar-Apr 2024
Refereed Peer-Reviewed Jornal
OPEN ACCESS
https://bageesha.in

# ଓଡ଼ିଆ ସାହିତ୍ୟ ଓ ମରୁଡ଼ି : ୧୯୬୫-୬୬

■ କନକ ବର୍ଦ୍ଧନ ସାହୁ

ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

Article Received : 03.04.2024 | Accepted : 25.04.2024 | Published : 25.05.2024

**ସାରାଂଶ**

ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଚିର ସହଚର। ଇତିହାସ ପୃଷ୍ଠାକୁ ଓଲଟାଇଲେ ତାହାର କରାଳ ଚିତ୍ର ଦେଖିବାକୁ ମିଳେ। ନ'ଅଙ୍କ ଦୁର୍ଭିକ୍ଷଠାରୁ ୧୯୯୯ ମସିହାର ମହାବାତ୍ୟା ପର୍ଯ୍ୟନ୍ତ ଅନେକ ଦୁର୍ବିପାକ ଦେଖାଯାଇଛି ଓଡ଼ିଶାରେ। ନ'ଅଙ୍କ ଦୁର୍ଭିକ୍ଷର ଶହେ ବର୍ଷ ପରେ ଓଡ଼ିଶାର ପଶ୍ଚିମ ସୀମାନ୍ତରେ କଳାହାଣ୍ଡି ଜିଲ୍ଲାର ସିନାପାଲି, ବୋଡ଼େନ, ଖଡ଼ିଆଳ, କୋମନା, ବଲାଙ୍ଗୀର ଜିଲ୍ଲାର ବଙ୍ଗୋମୁଣ୍ଡା ବ୍ଲକରେ ଏକ ଦୁର୍ଭିକ୍ଷ ଦେଖାଯାଇଥିଲା ୧୯୬୫-୬୬ମସିହାରେ। ଅନେକ ଲୋକ ଅନାହାର ଯୋଗୁଁ ମୃତ୍ୟୁ ବରଣ କରିଥିଲେ। ଅନେକ ଲୋକ ଦେଶାନ୍ତର ହୋଇଥିଲେ। ତତ୍କାଳୀନ ବିଶିଷ୍ଟ ପଦାଧିକାରୀଙ୍କ ଦୌରାତ୍ମ୍ୟ ମରୁଡ଼ି ପ୍ରପୀଡ଼ିତ ଲୋକଙ୍କୁ ଅତିଷ୍ଠ କରିଥିଲା। ଭୋକିଲା ପେଟକୁ ଦାନା ଯୋଗାଡ଼ କରିବା ପାଇଁ ପିଲା ବିକ୍ରି ଭଳି ଦୃଶ୍ୟ ଦେଖିବାକୁ ମିଳିଲା। ଭାରତୀୟ ମାନଚିତ୍ରରେ ଏ ଅଞ୍ଚଳର ନୂଆ ପରିଚୟ ହେଲା ମରୁଡ଼ି। ଅର୍ଥାତ ମରୁଡ଼ି କହିଲେ ଲୋକେ କଳାହାଣ୍ଡିକୁ ବୁଝିଲେ। ଏହି ପ୍ରସଙ୍ଗକୁ ଓଡ଼ିଆ ସାହିତ୍ୟର ସାଧକମାନେ ଅତି ନିଖୁଣ ଭାବରେ ଓଡ଼ିଆ ସାହିତ୍ୟରେ ଚିତ୍ରଣ କରିଛନ୍ତି। ଆତ୍ମଜୀବନୀ, କବିତା, କାବ୍ୟ, ଉପନ୍ୟାସ ଇତ୍ୟାଦିରେ ମରୁଡ଼ିର ବିକଳ ଚିତ୍ର ଦେଖିବାକୁ ମିଳେ। ରମାଦେବୀ, ରାସବିହାରୀ ବେହେରାଙ୍କ ଆତ୍ମଜୀବନୀ, ଜଗନ୍ନାଥ ପ୍ରସାଦ ଦାସଙ୍କ କବିତା, ଶରତ ଚନ୍ଦ୍ର ମିଶ୍ର, ଦାଶରଥି ନନ୍ଦ, ସାମୁଏଲ ଦାନୀଙ୍କ ଉପନ୍ୟାସରେ ୧୯୬୫-୬୬ ମରୁଡ଼ିକୁ ଅନୁଭବ କରିପାରିବା।

ମୂଳଶବ୍ଦ: ଓଡ଼ିଆ ସାହିତ୍ୟ, ମରୁଡ଼ି : ୧୯୬୫-୬୬, ଦୁର୍ଭିକ୍ଷ, ବିପର୍ଯ୍ୟୟ, ନ'ଅଙ୍କ ଦୁର୍ଭିକ୍ଷ, ପ୍ରାକୃତିକ ବିପର୍ଯ୍ୟୟ

ବିଶ୍ୱରେ ଆମେ ସମସ୍ତେ ପ୍ରକୃତିର ଅଧୀନ। ଏ ପ୍ରକୃତି କହିଲେ ଆମେ ସାଧାରଣତଃ ଆମ ଚାରି ପାଖରେ ଘେରି ରହିଥିବା ପରିବେଶକୁ ବୁଝୁଁ। ସେହି ପରିବେଶର ଆମେ ମଧ ଗୋଟିଏ ଗୋଟିଏ କ୍ଷୁଦ୍ର ଅଂଶ। ଏ ପ୍ରକୃତିର ମୂଳ ଆଧାର ହେଉଛି ପଞ୍ଚ ମହାଭୂତ ବା ପଞ୍ଚ ମହାତତ୍ତ୍ୱ(ଆକାଶ, ଜଳ, ବାୟୁ, ଭୂମି,ଅଗ୍ନି)। ପୃଥିବୀର ସୁସ୍ଥ ଓ ଶୃଙ୍ଖଳିତ ପରିଚାଳନା ପାଇଁ ପ୍ରକୃତିର ସନ୍ତୁଳିତ ଅବସ୍ଥା ଭାରି ଗୁରୁତ୍ୱପୂର୍ଣ୍ଣ। ଏ ସନ୍ତୁଳିତ ଅବସ୍ଥାରେ ଏପଟ ସେପଟ ହେଲେ ପରିବେଶରେ ଅନେକ ପରିବର୍ତ୍ତନ ଦେଖାଦିଏ। ଯାହାର ପ୍ରଭାବ ସିଧା ସଳଖ ଆମ ଉପରେ ପଡ଼େ। ତେବେ ପ୍ରଶ୍ନ ଏଇଆ ଯେ, ଏଥି ପାଇଁ ଦାୟୀ କିଏ ? ଏ ସନ୍ତୁଳିତ ଅବସ୍ଥାରେ ପରିବର୍ତ୍ତନ କେମିତି ହୁଏ ? ଏ ଦୁଇଟି ପ୍ରଶ୍ନର ଉତ୍ତର ହେବ, ଆମେ ମଣିଷମାନେ ଓ ଆମର ଅମାନବୀୟ, ସ୍ୱାର୍ଥ ବିଜଡ଼ିତ ଆଚରଣ। ଚିରନ୍ତନ ଧାରାରେ ପ୍ରକୃତି ତା'ର କର୍ତ୍ତବ୍ୟ ପାଳନ କରିଥାଏ। ବିଚିତ୍ରମୟ ଏଇ ଜଗତରେ ପ୍ରକୃତି ଏମିତି ଭାବରେ ଖଞ୍ଜି ହୋଇ ରହିଅଛି ଯେ ସମୟ ଅନୁସାରେ ଆପଣାଛାଏ ସବୁ କାର୍ଯ୍ୟ ହୋଇଯାଉଥାଏ। ଗ୍ରୀଷ୍ମ ପରେ ବର୍ଷା ମନକୁ ମନ ଧରା ଧାମକୁ ଅବତରଣ କରି ନୂଆ ନୂଆ ସୃଷ୍ଟି ପାଇଁ ଜୀବନ ସଂଚାର କରିଯାଏ। ପଛକୁ ପଛ ଶରତ, ହେମନ୍ତ, ଶୀତ, ବସନ୍ତ ଭଳି ଋତୁ ନିଜ ନିଜ ଦାୟିତ୍ୱ ପାଳନ କରିବାରେ ଅବହେଳା କରନ୍ତି ନାହିଁ। ମାତ୍ର କେବେକେବେ ଏହି ଋତୁ ଚକ୍ରରେ ବ୍ୟତିକ୍ରମ ଦେଖାଦିଏ। ଆମେ ତାକୁ ତା' ସୀମା ଲଙ୍ଘନ କରିବାକୁ ବାଧ କରିଦେଉଁ। ଯାହାର କୁ ପରିଣାମ ସ୍ୱରୂପ ବନ୍ୟା, ବାତ୍ୟା, ମରୁଡ଼ି, ବିଭିନ୍ନ ରୋଗ ଦେଖାଦିଏ। ଏହା ପ୍ରାକୃତିକ ବିପର୍ଯ୍ୟୟ ନାମରେ ପରିଚିତ ଯଦିଓ ଏହାରି ପଛରେ କୃତ୍ରିମ ହାତ ରହିଛି।

ଓଡ଼ିଶାର ଚିର ସହଚର ହେଉଛି ଏ ପ୍ରାକୃତିକ ବିପର୍ଯ୍ୟୟ। ଓଡ଼ିଶାରେ ପ୍ରତ୍ୟେକ ବର୍ଷ କୌଣସି ନା କୌଣସି ଏ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇ ରତ୍ନଗର୍ଭା, ପୁଣ୍ୟତୋୟା ଉତ୍କଳକୁ ଅସ୍ତବ୍ୟସ୍ତ କରି ପକାଇଛି ତାହା ଅବିଦିତ ନୁହେଁ। ଏ ବିପର୍ଯ୍ୟୟ ଏତେ ଭୟଙ୍କର ହେଇଛି ଯେ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ବିଭିନ୍ନ ପତ୍ର ପତ୍ରିକା, ଇତିହାସ, ସାହିତ୍ୟରେ ସେଗୁଡ଼ିକର ବଳିଷ୍ଠ ଛାପ ଦେଖିବାକୁ ମିଳେ।

ପରାଧୀନ ଓଡ଼ିଶାର ନ'ଅଙ୍କ ଦୁର୍ଭିକ୍ଷଠାରୁ ସ୍ୱାଧୀନ ଓଡ଼ିଶାର ୧୯୯୯ ମସିହାର ମହାବାତ୍ୟା ପର୍ଯ୍ୟନ୍ତର କରାଳ ଚିତ୍ର ଅନୁଭବୀମାନଙ୍କ ହୃଦୟରେ ଯେଉଁ ରେଖାପାତ କରିଛି ତାହା ଅନୁଭବୀ ହିଁ ଜାଣିବ। ଓଡ଼ିଶାର ଉପକୂଳ ଅଞ୍ଚଳରେ ବନ୍ୟା ଓ ବାତ୍ୟାର ପ୍ରକୋପ ଅଧିକ ହୋଇଥିବା ବେଳେ ପଶ୍ଚିମ ସୀମାନ୍ତରେ ମରୁଡ଼ି ଅତ୍ୟନ୍ତ ଭୟଙ୍କର ରୂପ ଧାରଣ କରିଥିବାର ଇତିହାସ ସାକ୍ଷୀ ରହିଛି। ସମସାମୟିକ ସାହିତ୍ୟ ବିନ୍ଧାଣିମାନେ ଏଗୁଡ଼ିକର ବର୍ଣ୍ଣନା ନିଜ ନିଜ ସୃଷ୍ଟି ମଧ୍ୟରେ ନିଖୁଣ ଭାବରେ କରିଥିବାର ଦେଖାଯାଏ। ଆମେ ଏଠାରେ ଓଡ଼ିଶାର ପଶ୍ଚିମ ସୀମାନ୍ତରେ ଘଟିଥିବା ୧୯୬୫ ମସିହାର ମରୁଡ଼ିର ଚିତ୍ର ଓଡ଼ିଆ ସାହିତ୍ୟରେ କିଭଳି ଚିତ୍ରିତ ହୋଇଛି ସେ ବିଷୟରେ ଆଲୋଚନା କରିବା।

ମରୁଡ଼ିର ଅର୍ଥ ହେଉଛି କୌଣସି ବିଷୟ ବା ବସ୍ତୁର ଆବଶ୍ୟକତାଠାରୁ କମ୍ ଉପଲବ୍ଧ ହେବା। ମାତ୍ର ଆମେ ବୃଷ୍ଟି ଅଭାବକୁ ମରୁଡ଼ି ବୋଲି ଗ୍ରହଣ କରି ନେଇଛୁ। ବିଭିନ୍ନ କାରଣରୁ ବୃଷ୍ଟିର ଅଭାବ ହୁଏ। ବୃଷ୍ଟି ବିନା ଚାଷ ସମ୍ଭବ ହୁଏନାହିଁ। ମାତ୍ର ଜଳସେଚନ ମାଧ୍ୟମରେ ସେ ଅଭାବକୁ କିଛିକାଂଶରେ ପୂରଣ କରାଯାଏ। ଏହି କୃତ୍ରିମ ଉପାୟ ମଧ୍ୟ ବୃଷ୍ଟି ଅଭାବରେ ଅଳ୍ପ ସମୟ ମଧ୍ୟରେ ଶେଷ ହୋଇଯାଏ। ଅତଏବ ବୃଷ୍ଟି ବା ବର୍ଷା ହେବା ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତେ ଜାଣନ୍ତି। ଓଡ଼ିଶାରେ ଯେତିକି ମରୁଡ଼ି ବା ଦୁର୍ଭିକ୍ଷ ଦେଖାଦେଇଛି ସେଥି ମଧ୍ୟରୁ ୧୮୬୫-୬୬ ମସିହାରେ ହୋଇଥିବା ନ'ଅଙ୍କ ଦୁର୍ଭିକ୍ଷ ଭାରି କ୍ଷତିକାରକ ସାବ୍ୟସ୍ତ ହୋଇଥିଲା। ଏହା ବର୍ତ୍ତମାନର ଓଡ଼ିଶାର ଉତ୍ତରାଞ୍ଚଳ ତଥା ପଶ୍ଚିମବଙ୍ଗଳାର ଦକ୍ଷିଣ ଅଞ୍ଚଳର କିଛି ଅଂଶ ଏହି ଦୁର୍ଭିକ୍ଷରେ ପ୍ରଭାବିତ ହୋଇଥିଲା। ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଥିଲା। ଠିକ ତାହାର ଶହେ ବର୍ଷ ପରେ ଅର୍ଥାତ ୧୯୬୫ ମସିହାରେ ଓଡ଼ିଶାର ପଶ୍ଚିମ ସୀମାନ୍ତବର୍ତ୍ତୀ ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ନୂଆପଡ଼ା ଉପଖଣ୍ଡ ଓ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼, ପାଟଣାଗଡ଼ ଉପଖଣ୍ଡରେ ଏକ ମରୁଡ଼ି ଦେଖାଦେଇଥିଲା। ଏହାର ପ୍ରଭାବକୁ ଲକ୍ଷ କରି କେହି କେହି ଏହାକୁ ନ'ଅଙ୍କ ଦୁର୍ଭିକ୍ଷର ଶତବାର୍ଷିକୀ ବୋଲି କହିଥାନ୍ତି। ୧୯୬୫ ମସିହା ଅକ୍ଟୋବର ବେଳକୁ ଜଳାଭାବର ବିଶେଷ ପ୍ରଭାବ ଅନୁଭୂତ ହେଲା। ଲୋକେ ଘରେ ରଖିଥିବା ବିହନ ଜମିରେ ବୁଣି ସାରିଥିଲେ। ଘରେ କିଛି ନଥିଲା। ଏହି ବର୍ଷ ଡିସେମ୍ବର ମାସରୁ ପରିସ୍ଥିତ ବିଗିଡ଼ିବାରେ ଲାଗିଲା। ୧୯୬୬ ମସିହା ଫେବୃଆରୀ-ମାର୍ଚ୍ଚ ମାସ ବେଳକୁ ଉତ୍କଟ ରୂପ ଧାରଣ କରି ଜନ ଜୀବନକୁ ନାରଖାର କରି ତାଣ୍ଡବ ଆରମ୍ଭ କଲା ମରୁଡ଼ି। ୧୯୬୫-୬୬ ମସିହାରେ ଦେଖାଦେଇଥିବା ଏହି ଭୟଙ୍କର ବିପର୍ଯ୍ୟୟ ୧୯୬୫-ମରୁଡ଼ି ନାମରେ ପରିଚିତ।

୧୯୬୫-ମରୁଡ଼ିର ଚିତ୍ରକୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ରମାଦେବୀ ତାଙ୍କର ଆତ୍ମଜୀବନୀ 'ଜୀବନ ପଥେ'ରେ 'କଳାହାଣ୍ଡି ମରୁଡ଼ି' ଶୀର୍ଷକରେ ଚିତ୍ରିତ କରିଛନ୍ତି। ଏହି ମରୁଡ଼ିକୁ ଦେଖିବା ପାଇଁ ୧୯୬୬ ମସିହା ମାର୍ଚ୍ଚ ମାସ ପନ୍ଦର ତାରିଖରେ କଟକରୁ ବାହାରି ଆସିଥିଲେ। ସତର ଓ ଅଠର ତାରିଖ ଏହି ଦୁଇଦିନ ମଧ୍ୟରେ କୋମନା ପଞ୍ଚାୟତର ଛଅ ଖଣ୍ଡ ଗାଁ ବୁଲିଥିଲେ। ଏ ବୁଲିବା ଭିତରେ ଭେଲା ଗ୍ରାମର ହାଟ ତଥା ସେଠିକାର ଲୋକଙ୍କ ଦୁର୍ଦ୍ଦଶା ବର୍ଣ୍ଣନା କରିଛନ୍ତି। ଭେଲାର ଶ୍ୟାମ ଦୁରିଆର ଭାଇ ଗୋପୀ ଦୁରିଆ, ତୀର୍ଥ କେଉଁଟର ଭାଇ ହରି ସିଂ ଭଳି ଲୋକମାନେ ଖାଦ୍ୟାଭାବରେ ସମସ୍ତ ଆସବାବ ପତ୍ର ବିକିଲା ପରେ ଭିଟାମାଟି ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଜଣେ ଗଣ୍ଡର କୁଟୁମ୍ବ ଉପାସରେ ରହି ରହି ସ୍ତ୍ରୀର କ୍ଷୀର ନଥିବାରୁ ଛୋଟ ଝିଅଟିଏ ମା' କ୍ଷୀର ନପାଇ ମରିଗଲା। ହାଟକୁ ସାଧାରଣ ଲୋକେ ଜିନିଷ କିଣିବାକୁ ଯାଉନଥିଲେ, ଯାଉଥିଲେ ଜୀବନ ବଞ୍ଚେଇବାକୁ। ଘରେ ଯାହାଥିଲା ସବୁ ଭେଲା ହାଟରେ ବିକିଦେଇ ମୁଠାଏ ଖାଦ୍ୟ ଯୋଗାଡ଼ କରିବାକୁ ହାଟକୁ ଯାଉଥିବାର ଚିତ୍ର ଦେଖିବାକୁ ମିଳେ। ଲୋକେ ଶୁଖିଲା ମହୁଲ, ଡିମିରି, ଅଁଳା, ନିମ୍ବଫୁଲ, ଶିମ୍ବପତ୍ର, ବରକୋଳି ପତ୍ର, ଓସ୍ତପତ୍ର ଇତ୍ୟାଦିକୁ ଗୁଣ୍ଡକରି ସିଝାଇ ଖାଇ ଜୀବନ ବଞ୍ଚାଉଥିଲେ। ଉଦର ଜ୍ୱାଳାକୁ ସହିବା ଭାରି କଷ୍ଟକର। ମୁଠାଏ ଖାଦ୍ୟ ପାଇଁ ପୁଅ ଝିଅ ବିକିବାକୁ ମଧ୍ୟ ପଛାନ୍ତି ନାହିଁ। ଏ ସମ୍ପର୍କରେ ରମାଦେବୀ ଲେଖିଛନ୍ତି- "ଖରିଆରରେ ଦେଖିଲୁ ଯେ ପ୍ରାୟ ୧୫୦ ଅସ୍ଥିକଙ୍କାଳସାର ସ୍ତ୍ରୀ, ବାଳକ, ବୁଢା, ଯୁବକ ରାସ୍ତାରେ ବୁଲୁଛନ୍ତି। ଖରିଆରରେ ଶୁଣିଲୁ ଯେ ସେଠା ଗ୍ରାମଲୋକେ ନୂଆପଡ଼ାରେ ପୁଅ ଝିଅ ସୁଦ୍ଧା ବିକିଦେଇ ଚାଲିଆସୁଛନ୍ତି। ଖରିଆରରେ ମଧ୍ୟ ଜଳାଭାବ।" ଏହି ମରୁଡ଼ିରେ "୧୦୫୭ ବର୍ଗମାଇଲ ଅଞ୍ଚଳରେ ଥିବା ୧୦ଟି ବ୍ଲକ ଅନ୍ତର୍ଗତ ୬୫୦ଟି ଗାଁର ପ୍ରାୟ ଦୁଇଲକ୍ଷ ସତୁରୀ ହଜାର ଅଧିବାସୀ ଏହି ଦୁର୍ଭିକ୍ଷର କରାଳ କବଳରେ ପଡ଼ିଥିଲେ" ବୋଲି ରମାଦେବୀ ଉଲ୍ଲେଖ କରିଛନ୍ତି। ଏହି ସମୟରେ ଠିକାଦାରମାନଙ୍କ ଉତ୍ପାତ କୋରଡ଼ା ମାଡ଼ ଭଳି ମନେହୁଏ। ପରେ ପରେ ବିଭିନ୍ନ ସଂସ୍ଥା ଗଠନ କରି ସାହାଯ୍ୟ ଯୋଗାଇ ଦିଆଯାଇଥିଲେ ମଧ୍ୟ ବିଳମ୍ବ ହୋଇସାରିଥିଲା। ଅନେକ ଲୋକ ଜୀବନ ହରାଇ ସାରିଥିଲେ। ରାଜ୍ୟସରକାର, ରେଡ଼କ୍ରସ ସୋସାଇଟି, ସେଣ୍ଟ୍ରାଲ ରିଲିଫ୍ ଫଣ୍ଡ, ବାରବାଟୀ ରାଫଲ୍, ରୋଟାରୀ କ୍ଲବ ଆଦି ସଂସ୍ଥାମାନଙ୍କଠାରୁ 'ଓଡ଼ିଶା ମରୁଡ଼ି ସାହାଯ୍ୟ ସମିତି' ଆର୍ଥିକ ଅନୁଦାନ ପାଇ ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିବା ସକାଶେ ରମାଦେବୀ ଏ ସମିତିର ସଭାପତି ଭାବେ କାର୍ଯ୍ୟ କରିଥିଲେ। ମରୁଡ଼ି ପ୍ରପୀଡ଼ିତ ଲୋକଙ୍କ ଦୁର୍ଦ୍ଦଶା ଦେଖି ତାଙ୍କ ନୟନ ଲୋତକାପ୍ଲୁତ ହୋଇଯାଇଥିଲା ଯାହାକୁ ତାଙ୍କ ଆତ୍ମ ଜୀବନୀରେ ସ୍ଥାନ ଦେଇଛନ୍ତି।

୧୯୬୫-୬୬ ସାଲ୍‌ର ମରୁଡ଼ିବେଳେ କଳାହାଣ୍ଡିର ଜିଲ୍ଲାପାଳ ଭାବେ ନିଯୁକ୍ତ ହୋଇଥାନ୍ତି ଯୁବ ଆଇ.ଏ.ସ୍ ତଥା ଓଡ଼ିଆ ସାହିତ୍ୟ ଜଗତର ବିଶିଷ୍ଟ ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସ(J.P. DAS)। ଜିଲ୍ଲାପାଳ ହିସାବରେ ସେ ମରୁଡ଼ି ଅଞ୍ଚଳକୁ ବୁଲିଛନ୍ତି। ଅତି ନିକଟରୁ ଜନଜୀବନକୁ ଦେଖିଛନ୍ତି। ପ୍ରଶାସନିକ ଅବହେଳା ଯୋଗୁଁ ଯେତେବେଳେ ଅବସ୍ଥା ଅତି ସଂକଟାପନ୍ନ ହେଲା, ବିଭିନ୍ନ ପତ୍ର ପତ୍ରିକା ମରୁଡ଼ି ସମୟରେ ହେଉଥିବା ଦୁର୍ଦ୍ଦଶାର ଚିତ୍ରକୁ ବିଶ୍ୱ ଦରବାରରେ ଉପସ୍ଥାପନ

କଲେ ତେବେ ଭାରତର ପ୍ରଧାନମନ୍ତ୍ରୀଙ୍କ ଆସନ ମଧ୍ୟ ଟଳମଳ ହେବାକୁ ଲାଗିଲା। ପ୍ରଥମ କରି ପ୍ରଧାନମନ୍ତ୍ରୀ ପଦରେ ଆସୀନା ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏ ମରୁଡ଼ି ଗ୍ରସ୍ତ ଅଞ୍ଚଳକୁ ଦେଖିବାକୁ ଆସିଲେ। ଜିଲ୍ଲାପାଳ ମହୋଦୟଙ୍କୁ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ସହାୟତା ପାଇଁ ନିର୍ଦ୍ଦେଶ ଦେଲେ। ସେକାଳ ମରୁଡ଼ିର ଅନୁଭୂତିକୁ ନେଇକି ଜଗନ୍ନାଥ ପ୍ରସାଦ ଦାସ 'କଳାହାଣ୍ଡି' ଶୀର୍ଷକରେ ଏକ କବିତା ଲେଖିଥିଲେ। ଏହା 'ଆହ୍ନିକ' କବିତା ସଂକଳନରେ ସ୍ଥାନିତ ଏବଂ ମରୁଡ଼ିର ବହୁବର୍ଷ ପରେ ୧୯୯୦ରେ ପ୍ରକାଶିତ ଏବଂ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରରେ ସମ୍ମାନିତ ମଧ୍ୟ। ଏହା ଇଂରାଜୀ ସହିତ ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ ହୋଇଛି। କବି କଳାହାଣ୍ଡିକୁ ଯିବା ପାଇଁ ଆଉ ମାନଚିତ୍ରର ଆବଶ୍ୟକତା ନାହିଁ ବୋଲି କହିଛନ୍ତି କାରଣ କଳାହାଣ୍ଡିର ଅନ୍ୟତମ ପରିଚୟ ହେଉଛି ମରୁଡ଼ି। କହିବାର ଅର୍ଥ ଏଇଆ ଯେ ଯେଉଁଠି ମରୁଡ଼ି ହେଲା ବୋଲି ଶୁଣିବ, ତାହା କଳାହାଣ୍ଡି ହିଁ ହୋଇଥିବ। କେହି ଯଦି କଳାହାଣ୍ଡିର ଚିତ୍ର ଦେଖିବାକୁ ଚାହେଁ ତେବେ ସେ ପଞ୍ଜରା ହାଡ଼ରେ, କୋଟରଗତ ଆଖିରେ, ଦେହ ଲୁଚୁ ନଥିବା ଛିଣ୍ଡା କନାରେ, ବନ୍ଧା ପଡ଼ିଥିବା କଂସା ବାସନରେ, କୁଡ଼ିଆ ଘରର ଉଲୁରା ଛାତରେ, ଦୁଇଟି ମାଟି ହାଣ୍ଡିର ସର୍ବସ୍ୱରେ ଦେଖିବାକୁ ପାରିବ। କେବଳ ଏତିକି ନୁହେଁ ଅନ୍ନଛତ୍ରର କଙ୍କାଳ ମେଳାରେ, ପିଲା ନିଲାମ ହେଉଥିବା ବଜାରରେ, ବେଶ୍ୟାଳୟରେ ବିକ୍ରି ହେଉଥିବା କିଶୋରୀର ଦୀର୍ଘଶ୍ୱାସରେ, ଗାଁ ମାଟି ଛାଡ଼ି ଚାଲିଯାଉଥିବା ଲୋକମାନଙ୍କର ନୀରବ ଅସହାୟତାରେ ମଧ୍ୟ କଳାହାଣ୍ଡିକୁ ଦେଖାଯାଇ ପାରିବ।

"ମାନଚିତ୍ରକୁ ଏଥର ଅଲଗା ରଖିଦିଅ/ ସେଠାକୁ ଯିବାପାଇଁ ଆଉ/ ହେଲି କେପ୍ଟରର ପ୍ରୟୋଜନ ନାହିଁ/ ଯେଉଁଠାରେ ଅନାହାର ସେଠାରେ ହିଁ କଳାହାଣ୍ଡି x x x ଯେଉଁଠାରେ ଦେଖ କାଳହାଣ୍ଡି/ ପଞ୍ଜରା ହାଡ଼ରେ କୋଟର ଗତ ଆଖିରେ ଦେହ ଲୁଚୁ ନଥିବା ଛିଣ୍ଡା କନାରେ/ ବନ୍ଧା ପଡ଼ିଥିବା କଂସା ବାସନରେ x x x ସବୁଠାରେ କଳାହାଣ୍ଡି/ ଅନ୍ନଛତ୍ରର କଙ୍କାଳ ମେଳାରେ/ ପିଲା ନିଲାମ ହେଉଥିବା ହାଟ ବଜାରରେ/ ବେଶ୍ୟାଳୟରେ ବିକ୍ରି ହୋଇଥିବା/ କିଶୋରୀର ଦୀର୍ଘଶ୍ୱାସରେ।"

ମରୁଡ଼ି ସମୟରେ ବଞ୍ଚିବା ପାଇଁ ହେଉଥିବା ସଂଗ୍ରାମ ବେଳେ ଅନେକ ଅମାନୁଷିକ କାର୍ଯ୍ୟକଳାପ ଘଟେ। ସଂସାରରେ ଉଦର ଜ୍ୱାଳାଠାରୁ ବଳି ବଡ଼ ଜ୍ୱାଳା ନାହିଁ। 'ପେଟ ପାଇଁ ନାଟ' ହେତୁ ନ ଚାହିଁ ମଧ୍ୟ ଏ କାମ କରିବାକୁ ବାଧ୍ୟ ହୁଏ ମଣିଷ। ଛୁଆ ବିକିବା ଭଳି କାର୍ଯ୍ୟ ମଧ୍ୟ ଦେଖାଯାଇଛି ୧୯୬୫ ମରୁଡ଼ି ବେଳେ। ଇଏତ ଭୋକ ବିକଳରେ ଅନିଚ୍ଛା ସତ୍ତ୍ୱେ ହେଉଥିବା କାର୍ଯ୍ୟ। ଯନ୍ତ୍ରଣା ଏତିକିରେ ସରେନାହିଁ ଏହାକୁ ଦ୍ୱିଗୁଣିତ କରେ ନେତାମନ୍ତ୍ରୀ ତଥା ବିଭିନ୍ନ ପଦାଧିକାରୀଙ୍କ ମାଳମାଳ ମିଥ୍ୟା ପ୍ରତିଶ୍ରୁତି, ସମ୍ମିଳନୀ, ଯୋଜନା ଭଳି କୁମ୍ଭୀର କାନ୍ଦଣା। ରୋଗରେ, ଭୋକରେ, ଅସହାୟତାରେ, ରକ୍ତପାତର ଆସନ୍ନ ସମ୍ଭାବନାରେ କଳାହାଣ୍ଡିକୁ ଛାଡ଼ି ଦେଇ ବିକାଶର ପରିକଳ୍ପନା କିପରି ହେବ ବୋଲି କବିଙ୍କ ପ୍ରଶ୍ନ।

କଳାହାଣ୍ଡିର ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମହିଚଲା ଗ୍ରାମରେ ୧୯୩୮ରେ ଜନ୍ମଗ୍ରହଣ କରିଥିବା ଶ୍ରୀ ରାସବିହାରୀ ବେହେରା ୨୦୧୬ ମସିହାରେ ପ୍ରକାଶିତ ତାଙ୍କ ଆତ୍ମଜୀବନୀ ପୁସ୍ତକ 'ମୂଲ୍ୟବୋଧର ସନ୍ଧାନ'ରେ ୧୯୬୫-୬୬ ମରୁଡ଼ି ସମ୍ପର୍କରେ ଦୀର୍ଘ ଚଉଦ ପୃଷ୍ଠା ଧରି ସୂଚନା ପ୍ରଦାନ କରିଛନ୍ତି। ୧୯୬୦ ମସିହାରେ ବିଜୁ ପଟ୍ଟନାୟକଙ୍କଦ୍ୱାରା ପ୍ରତିଷ୍ଠିତ ଦୈନିକ ଖବର କାଗଜ 'କଳିଙ୍ଗ'ର କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ଭାବରେ ରାସବିହାରୀ ବେହେରା କାର୍ଯ୍ୟ ସମ୍ପାଦନ କରୁଥିଲେ। ଏହି ଖବରକାଗଜରେ ଶ୍ରୀ ବେହେରା ପାରୁପର୍ଯ୍ୟନ୍ତ ମରୁଡ଼ିର ବିକଳଚିତ୍ର ପ୍ରକାଶ କରିବାକୁ ଚେଷ୍ଟା କରିଥିଲେ ବୋଲି ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି। ଏହି ଖବକାଗଜର ପ୍ରଥମ ସମ୍ପାଦକ ହେଉଛନ୍ତି ମନମୋହନ ମିଶ୍ର। ତାଙ୍କ ପରେ ବିଶିଷ୍ଟ ସାହିତ୍ୟିକ ଶ୍ରୀ ସୁରେନ୍ଦ୍ର ମହାନ୍ତି ୧୯୬୨ ମସିହାରୁ ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିଲେ। କଂଗ୍ରେସ ଜିଲ୍ଲା ସଭାପତି ଓ ଠିକାଦାରଙ୍କ ମରୁଡ଼ି ସମ୍ପର୍କିତ ଖବର କଳିଙ୍ଗରେ ପ୍ରକାଶ କରିଥିବାରୁ ସୁରେନ୍ଦ୍ର ମହାନ୍ତି କ୍ରୋଧିତ ହୋଇଥିଲେ ରାସବିହାରୀଙ୍କ ଉପରେ। କଲିକତାରୁ ପ୍ରକାଶିତ 'ଅମୃତ ବଜାର ପତ୍ରିକା' (ଇଂରାଜୀ)ରେ ନୀତିଶ ଚକ୍ରବର୍ତ୍ତୀଙ୍କ ଦ୍ୱାରା ମରୁଡ଼ିର କରାଳ ଚିତ୍ର ଫଟୋ ସହିତ ଉପସ୍ଥାପନ ହୋଇଥିଲା ଯାହାକୁ ପଢି ରାସବିହାରୀ ବେହେରା ଆଗେଇ ଆସିଲେ କଳିଙ୍ଗ ଖବରକାଗଜରେ ମରୁଡ଼ି ବିଷୟରେ ପ୍ରକାଶ କରିବା ପାଇଁ। ଶ୍ରୀବେହେରା ବିଭିନ୍ନ ଅଞ୍ଚଳ ବୁଲି 'ମରୁଡ଼ିର ଭୟାବହତାର ତୁରନ୍ତ ପ୍ରତିକାର କରା ନ ଗଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ' ବୋଲି ଖବର ପ୍ରକାଶ କରିଥିଲେ। ମରୁଡ଼ିର ଭୟଙ୍କର ଚିତ୍ରକୁ ଉପସ୍ଥାପନା କଲାପରେ ତତ୍କାଳୀନ ଜିଲ୍ଲାପାଳ ମହୋଦୟ ପ୍ରଥମେ ଅନୁସନ୍ଧାନ ନକରି ଶ୍ରୀବେହେରାଙ୍କୁ ଡାକି "ଏଭଳି ଚାଞ୍ଚଲ୍ୟ ସମ୍ବାଦ ପ୍ରକାଶ କରି ଲୋକଙ୍କୁ ଅଯଥା ବିଭ୍ରାନ୍ତ କରୁଛ" ବୋଲି ମତ ପୋଷଣ କରିଥିଲେ। ଏହା ଯଦି ସତ ହୋଇଥାଏ ତେବେ ଜିଲ୍ଲାପାଳ ମହୋଦୟ ସେ ପର୍ଯ୍ୟନ୍ତ ମରୁଡ଼ିର ବିକଳ ଚିତ୍ର ଦେଖି ନଥିଲେ। ପରେ ଯେତେବେଳେ ସେ ଦେଖିଛନ୍ତି, କାଳହାଣ୍ଡିର କଙ୍କାଳସାର ମଣିଷଙ୍କୁ ସମବେଦନା ଦେବା ପାଇଁ ବା ଦେଖିବାରେ ବିଳମ୍ବ କରିଥିବାର ପ୍ରାୟଶ୍ଚିତ ପାଇଁ ତାଙ୍କ ଲେଖନୀରୁ 'କଳାହାଣ୍ଡି' ଭଳି କବିତା ଝରି ଆସିଛି ବୋଲି ବିଚାରକୁ ଆସେ। ସେ ଯାହା ହେଉ ଶ୍ରୀବେହେରା ତାଙ୍କ ଆତ୍ମଜୀବନୀରେ ମରୁଡ଼ି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତପରେ ଜିଲ୍ଲାପାଳଙ୍କ କାର୍ଯ୍ୟକୁ ଭାରି ପ୍ରଶଂସା କରିଛନ୍ତି।

ଏହି ମରୁଡ଼ି ଏପରି ବିକଟ ରୂପ ଧାରଣ କରିଥିଲା ଯେ ଶ୍ରୀବେହେରା ଏହାକୁ ନ'ଅଙ୍କ ଦୁର୍ଭିକ୍ଷର ପୁନରାବୃତ୍ତି ବୋଲି ଉଲ୍ଲେଖ କରିଛନ୍ତି। "ପ୍ରାୟ ଶହେବର୍ଷ ପୂର୍ବରୁ ୧୮୬୬ରେ ଓଡ଼ିଶାରେ ଭୟାବହ ନ'ଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା XXX- ଠିକ୍ ସେହି ଦୁର୍ଭିକ୍ଷର ଯେପରି ଶହେ ବର୍ଷ ପରେ ୧୯୬୬ ମସିହାରେ ଖଡ଼ିଆଳ, ସିନାପାଲି, ବୋଡ଼େନ, କୋମନା ତଥା ବଲାଙ୍ଗୀର ଜିଲ୍ଲାର କେତେ ଅଞ୍ଚଳରେ ନ'ଅଙ୍କ ଦୁର୍ଭିକ୍ଷର ଯେପରି ପୁନରାବୃତ୍ତି ଘଟିଛି। ଅଞ୍ଚଳଟି ଦୁର୍ଭିକ୍ଷ କବଳରେ

ପଡ଼ିଯାଇଛି"। ସେହି ସମୟରେ ଗୋରୁଗାଈଙ୍କ ଲୋତକ ଝରା ଅବସ୍ଥା ସମ୍ପର୍କରେ ଉଲ୍ଲେଖ କରିଛନ୍ତି "ଗାଈଗୋରୁଙ୍କ ଅବସ୍ଥା କହିଲେ ନସରେ। XXX ହଡ଼ା ଗୋରୁଗାଈ ଖୋଲା ପଡ଼ିଆରେ କୁଟାଟିଏ ମିଳିଯିବା ଆଶା ନେଇ ଆତୁର ନୟନରେ ଚାରିଆଡ଼େ ଅନାଇ ଘୁରି ବୁଲିଲେ। ଦିନ ଦିନ ଧରି କିଛି ନଖାଇ ଆଉ କେତେଦିନ ସମ୍ଭାଳି ରହି ପାରିବେ? XXX ଥର ଥର ହୋଇ ତଳେ କଚାଡ଼ି ପଡୁଥାନ୍ତି। କିଛି ସମୟ ଦମ୍ଭ ନେଇ ପୁଣି ଲଡ଼ବଡ଼ ହୋଇ କିଛି ଦୂର ଚାଲି ତୁ କିନା ତଳେ ପଡ଼ି ଛଟପଟ ହୋଇ ଆଖି ତରାଟି ମରିପଡୁଥାନ୍ତି। ସମଗ୍ର ଅଞ୍ଚଳଟି ଏକ ଶ୍ମଶାନରେ ପରିଣତ ହେବାକୁ ଲାଗିଥାଏ। ଗାଈଗୋରୁଙ୍କ ଶବରେ ପରିବେଶ ଦୁର୍ଗନ୍ଧମୟ ହୋଇ ପଡ଼ିଥାଏ"। ଚାଷୀର ମେରୁଦଣ୍ଡ ହେଉଛି ଗାଈ ବଳଦ। ତାହା ଆଜି ମରି ପଡ଼ିଛନ୍ତି। ଯେଉଁଠି ମଣିଷ ଖାଇବାକୁ ପାଉନାହିଁ ସେସ୍ଥଳେ ପଶୁପକ୍ଷୀଙ୍କ ଦୁଃଖ ଯନ୍ତ୍ରଣାକୁ ପଚାରେ କିଏ? ଭୋକରେ ଯୁବକର ଶରୀରରୁ ବଳ ସରି ସରି ଆସୁଥାଏ। ଯେଉଁ ବୟସରେ ପଥର ଖାଇଲେ ଜୀର୍ଣ୍ଣ ହୋଇ ଶରୀର ବଳବାନ ହେବା କଥା ସେ ସମୟରେ ଖାଦ୍ୟ ଅଭାବ ଯୋଗୁଁ କ୍ଷୀଣ ହୋଇପଡ଼ିଛି। ଭୋକ ସମ୍ଭାଳି ନପାରି ଝିଅ ବୋହୂମାନେ ମଧ୍ୟ ପରିବାର ପ୍ରତି ମାୟା ମମତା ତୁଟାଇ ପେଟ ଚାଖଣ୍ଡ ପାଇଁ ଘର ଛାଡ଼ି ଚାଲିଗଲେ। ଲୋକଙ୍କୁ କାମ ଯୋଗେଇଦେବା ପାଇଁ ସରକାର ବିଭିନ୍ନ ମାଟି କାମ, କଂକ୍ରିଟ କାମ କରିବାର ନିର୍ଦ୍ଦେଶ ଆସିଲା। ମାତ୍ର ଲୋକଙ୍କୁ କାମ ମିଳିଲା ନାହିଁ ଏପଟେ ଟଙ୍କା ସବୁ ଠିକାଦାର ଓ ବିଭିନ୍ନ ପଦାଧିକାରୀଙ୍କ ପକେଟକୁ ଯାଇ, କାଗଜପତ୍ରରେ କାମ ସରିସାରିଛି। ଜୀବନ ବଞ୍ଚାଇବା ପାଇଁ ଅନ୍ନଛତ୍ର ଖୋଲାଗଲେ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶା ଗଲା ନାହିଁ। ଶ୍ରୀ ରାସବିହାରୀ ବେହେରାଙ୍କ ମରୁଡ଼ି ବର୍ଣ୍ଣନା ତଥ୍ୟ ଓ ଭାବ ଦୃଷ୍ଟିରୁ ମାର୍ମିକ।

୧୯୬୫-୬୬ ମସିହା ସମୟରେ କଳାହାଣ୍ଡି ଜିଲ୍ଲାର ପୁଲିସ ଅଧକ୍ଷ ଥିଲେ ଶ୍ରୀ ଶରତ ଚନ୍ଦ୍ର ମିଶ୍ର। ସେହି ସମୟରେ ଅନାବୃଷ୍ଟି ଯୋଗୁଁ ହୋଇଥିବା ମରୁଡ଼ିକୁ ନିଜ ଆଖିରେ ଦେଖିଥିଲେ। ସେହି ମରୁଡ଼ି ପ୍ରସଙ୍ଗକୁ ଆଧାର କରି ଶରତ ଚନ୍ଦ୍ର ମିଶ୍ର 'Kalahandi and the Rain God' ନାମରେ ଏକ ଇଂରାଜୀ ଉପନ୍ୟାସ ରଚନା କରିଥିଲେ। ଏହା ୨୦୦୦ ମସିହାରେ ଦିଲ୍ଲୀରୁ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଏହି ଇଂରାଜୀ ଉପନ୍ୟାସ ଓଡ଼ିଆରେ ଲେଖକଙ୍କଦ୍ୱାରା ଅନୁବାଦ ହୋଇ ୨୦୦୩-୦୪ ମସିହାରେ 'ପ୍ରଜାତନ୍ତ୍ର'ର 'ପ୍ରତିଭା' ମାସିକ ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ ପାଇଲା। ପରେ ୨୦୦୫ ମସିହାରେ ପୁସ୍ତକାକାରରେ ପ୍ରକାଶ ପାଇଲା। ଏହି ଉପନ୍ୟାସର ଓଡ଼ିଆ ନାମ ଥିଲା 'କଳାହାଣ୍ଡି ଓ ଇନ୍ଦ୍ରଦେବତା'। ୨୬ଟି ପରିଚ୍ଛେଦ ମଧ୍ୟରୁ ଶେଷ ପରିଚ୍ଛେଦ ବ୍ୟତୀତ ବାକି ୨୫ଟି ପରିଚ୍ଛେଦ ଇଂରାଜୀରୁ ଅନୂଦିତ।

ମରୁଡ଼ିରେ ଗୋଟିଏ ପରିବାର କିପରି ଧ୍ୱଂସ ହୋଇଗଲା, ପ୍ରଶାସନିକ ଅଧିକାରୀଙ୍କ ବିଚିତ୍ର ଚିନ୍ତାଧାରା, ଗାଁ ଗୌନ୍ତିଆଙ୍କ ଉଦାର ମନୋବୃତ୍ତି, ସ୍ଥାନୀୟ ସାହୁକାରଙ୍କ ଶୋଷଣ, ଠିକାଦାରମାନଙ୍କ ଅମାନୁଷିକ ଅତ୍ୟାଚାର ଓ ଯୌନ ଶୋଷଣ ଭଳି ପ୍ରସଙ୍ଗକୁ ଔପନ୍ୟାସିକ ଶରତ ଚନ୍ଦ୍ର ମିଶ୍ର ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି। ଖଡ଼ିଆଳଠାରୁ ୧୨ କିଲୋମିଟର ଦୂରରେ ଭଟିମୁଣ୍ଡା ଗାଁ। ଭଟିମୁଣ୍ଡା ଓ ଖଡ଼ିଆଳ ମଝିରେ ବହି ଯାଇଛି ଖଡ଼ିଆଳଗଡ଼ର କଟି ମେଖଳା ସ୍ୱରୁପା ସୁନ୍ଦର ତଟିନୀ। ଭଟିମୁଣ୍ଡା ଗାଁରେ କୁର୍ମୀ ଜାତିର କପିଳର ପରିବାର ରହେ। କପିଳ ସ୍ତ୍ରୀ ଜେମୀ, ଝିଅ ସୁଲୀ, ଦୁଇପୁଅ ହରି ଓ ନାଥଙ୍କୁ ନେଇ ଚଳେ। ମାଟି ଘର ସହିତ ହଳେ ବଳଦ ଆଉ କିଛି ଜମି। ଅକାଳ ପଡ଼ିଲା, ଖାଇବାକୁ ନାହିଁ। ଯେଉଁ ସମୟରେ ଗଣତନ୍ତ୍ରର ଅଧିକାରୀମାନେ ସାହାଯ୍ୟ ପାଇଁ ଆସିଲେ ନାହିଁ ସେତିକି ବେଳେ ଗାଁର ଗୌନ୍ତିଆ ମେହେର କଲେଜରେ ପାଠ ପଢିଥିବା ରାଜେଶ ଯୋଶୀ କପିଳଙ୍କୁ ଧାନ ଦେଇଛି। ରାଜେଶର ବିଧବା ମା' ମରୁଡ଼ି ବା ଅକାଳ ସମୟରେ ତାଙ୍କ ଜେଜେବାପା କିପରି ଲୋକଙ୍କୁ ସାହାଯ୍ୟ କରୁଥିଲେ ତାହାର ସୂଚନା ଦେଇଛନ୍ତି ପୁଅ ରାଜେଶକୁ। ଏ ବ୍ରାହ୍ମଣ ପରିବାରର ମରୁଡ଼ି ସମୟରେ ଲୋକଙ୍କୁ ସାହାଯ୍ୟ କରିବାର ଚିନ୍ତାଧାରା ଓ କାର୍ଯ୍ୟକୁ ଦେଖିଲେ ମନେ ପଡ଼ନ୍ତି ରାଜା ବ୍ରଜରାଜ ସିଂହଦେବ। ତାଙ୍କ ବିଷୟରେ ପରବର୍ତ୍ତୀ ସମୟରେ ଆଲୋଚନା ହେବ। ଗ୍ରାମୀଣ ସାହୁକାର ଧନୀ ହେବାର ଲୋଭରେ ଅଳ୍ପ ଦରରେ ସବୁ ସାମଗ୍ରୀ କିଣି ନିଏ, ଅଳ୍ପ ଟଙ୍କାରେ ଜମି ବନ୍ଧା ଧରି ଜମିକୁ ନିଜର କରିନିଏ ଆଉ ହାଲିମ ମିଆଁ ଭଳି ଲୋକ ଚାଷୀର ମେରୁଦଣ୍ଡ ହୋଇଥିବା ଗାଈ ବଳଦକୁ ଅଳ୍ପ ଦାମରେ କିଣି ମାଂସ ପାଇଁ ପଠେଇ ଦିଏ।

ଖାଦ୍ୟ ଅଭାବକୁ ଦୂର କରିବା ପାଇଁ ଅନ୍ନଛତ୍ରର ଆଶ୍ରୟ ନେଇଛନ୍ତି। ମାଟି କାମ କରିବା ପାଇଁ କୈଳାଶ ଭଳି ଠିକାଦାରଙ୍କ ନିକଟକୁ ଯିବାକୁ ପଡ଼ିଛି। କପିଳ ଓ ଜେମୀ କାମ କରନ୍ତି। ଯାହା ମିଳେ ସେଥିରେ ଚଳୁଛନ୍ତି। ଠିକାଦାରର ଅତ୍ୟାଚାର କହିଲେ ନସରେ। ପାଖରେ ବଢିଲା ଝିଅ ସୁଲୀ। ସୁଲୀ ଉପରେ ନଜର ପଡ଼ିଛି କୈଳାଶ ଠିକାଦାରର। ନିଜ ଘରେ କାମ କରିବାକୁ ନେଇଯାଇଛି, ସେଠାରେ ତା' ସହିତ ଯୌନ ଶୋଷଣ କରିଛି। ମାତ୍ର ସୁଲୀ ବୁଝିପାରିନାହିଁ। କୈଳାଶ ବିବାହ କରିବ ବୋଲି କହି ରାୟପୁରକୁ ନେଇ ତାକୁ ଏକ ବେଶ୍ୟାଳୟରେ ଛାଡ଼ି ଆସିଛି। ଘଟଣାର ଚକ୍ରରେ କୈଳାଶର ସ୍ତ୍ରୀ ଜାଣିଯିବ ବୋଲି ସୁଲୀକୁ ସବୁଦିନ ପାଇଁ ଶେଷ କରିଦିଆଯାଇଛି। ଏ ପଟେ ଜେମୀ ନିଜ ଝିଅକୁ ଝୁରି ଝୁରି ପ୍ରାଣତ୍ୟାଗ କରିଛି। ହରି ଓ ନାଥ ଏକ ହୋଟେଲରେ କାମ କରିଛନ୍ତି। ହୋଟେଲ ମାଲିକର ଅତ୍ୟଚାର ସହ୍ୟ ନପାରି ନାଥ ବନୱାରୀ ସହିତ ରାୟପୁର ଚାଲିଯାଇଛି। ସେଠାରୁ ପୁଣି ଫେରି ଆସିଛି ତା' ବାପା ନିକଟକୁ। ଭଉଣୀର୍ ଦୁଷ୍ପରିଣାମ ପଛର କାହାଣୀ ଜାଣିଲା ପରେ ହରି କୈଳାଶକୁ ହତ୍ୟା କରିଛି। ମାତ୍ର କୈଳାଶର ପରିବାର ପାଇଁ ଅନୁଶୋଚନା କରି ତା' ଘରେ ସବୁ କାମ କରିଛି। ହରିର ସତ୍ୟବାଦୀ ଗୁଣ ଯୋଗୁଁ ଜେଲରୁ ମୁକୁଳି ଯାଇଛି। ଅନେକ ଆଶା, ଆକାଂକ୍ଷା ନେଇ ଘରୁ ପାଦ କାଢିଥିବା କପିଳ କେବଳ ଯନ୍ତ୍ରଣା ଯୁକ୍ତ ଅନେକ ସ୍ମୃତି ନେଇ ଘରକୁ ଫେରିଛି। ଘର କହିଲେ କେବଳ ଘର ଥିବା ଜାଗା। ସେଠି ଆଉ ଘର ନାହିଁ। ସେ ବର୍ଷ ଅର୍ଥାତ ୧୯୬୬ ମସିହା ଜୁଲାଇ ଅଗଷ୍ଟରେ ଭଲ ବର୍ଷା ହେବାରୁ ଚାଷ

କାର୍ଯ୍ୟ ଠିକରେ ଚାଲିଲା। ଏକ ନିରୀହ ପରିବାର ସବୁ ସୁଖ ସ୍ୱପ୍ନକୁ ହଜେଇ ଦେଇ ଭଙ୍ଗା ଘରେ ଆଉ ନୂଆ କରି ଜୀବନ ଗଢିବା ପାଇଁ ଚାଲି ଆସିଲେ ଦୁଇ ପୁଅ ସହିତ କପିଳ।

ଏ ତ ଚାଉଳ ହାଣ୍ଡିରୁ ଗୋଟିଏ। ଏଭଳି ଅନେକ କାହାଣୀ ମରୁଡ଼ି ସମୟରେ ଦେଖିବାକୁ ମିଳେ। ଯୁବା ପୁଅକୁ ହରେଇ ଥିବାର ମା'ର ଉଜୁଡ଼ା କୋଳ, ସ୍ୱାମୀକୁ ହରେଇଥିବା ନୁଖୁରା ମୁଣ୍ଡ, ବାପା ମା'ଙ୍କୁ ହରେଇଥିବା ଅବୋଧ ବାଳକର ନିରୀହ ମୁହଁ ଚାଉଳ ମୁଠେ ପାଇଁ ପିଲା ବିକ୍ରି କରୁଥିବା କାଙ୍ଗାଲ ମଣିଷ, ପେଟର ଦାନା ଯୋଗାଡ଼ ପାଇଁ ବଜାରରେ କଞ୍ଚା ଶରୀରକୁ ବିକୁଥିବା କଅଁଳା ତରୁଣୀକୁ ମରୁଡ଼ି ବେଳେ ଦେଖାଯାଏ। ଶରତ ଚନ୍ଦ୍ର ମିଶ୍ରଙ୍କ କଳାହାଣ୍ଡି ଓ ଇନ୍ଦ୍ରଦେବତା ସେଥି ମଧ୍ୟରୁ କିଛି ଚିତ୍ରର ଅବତାରଣା କରିଛନ୍ତି।

ଏହି ମରୁଡ଼ିକୁ ଆଧାର କରି ଔପନ୍ୟାସିକ ଇଞ୍ଜିନିୟର ଦାଶରଥି ନନ୍ଦ 'ଦଣ୍ଡଧାରୀ' ନାମରେ ଏକ ବ୍ୟଙ୍ଗ ଉପନ୍ୟାସ ରଚନା କରିଛନ୍ତି। ପ୍ରଥମେ ଏହା ବର୍ତ୍ତିକା ପତ୍ରିକାର ୨୦୦୬ ବାର୍ଷିକ ସଂଖ୍ୟାରେ ପ୍ରକାଶିତ। ପରେ ୨୦୦୭ ମସିହାରେ ସ୍ୱତନ୍ତ୍ର ଗ୍ରନ୍ଥ ଭାବରେ ପ୍ରକାଶ ପାଏ। "ବିଂଶ ଶତାବ୍ଦୀର ଓଡ଼ିଶାର ସବୁଠାରୁ ମର୍ମନ୍ତୁଦ ୧୯୬୫ କଳାହାଣ୍ଡି ଦୁର୍ଭିକ୍ଷରେ ପ୍ରାଣ ହରାଇଥିବା ଅଗଣିତ ନରନାରୀ ଓ ଶିଶୁଙ୍କୁ" ଏହି ଉପନ୍ୟାସଟି ଉତ୍ସର୍ଗ କରିଛନ୍ତି ଦାଶରଥି ନନ୍ଦ। ଏଇ ଉତ୍ସର୍ଗ ପତ୍ର ଓ ଉପନ୍ୟାସରେ ଥିବା 'ପଦେ ଅଧେ'କୁ ନଜର ପକେଇଲେ ଉପନ୍ୟାସକୁ ପଢିବାର ସ୍ପୃହାକୁ ଅଟକାଇ ପାରିବେ ନାହିଁ ପାଠକେ। ଔପନ୍ୟାସିକ ୧୯୮୩-୮୪ରେ ଭବାନୀପାଟଣାରେ ନିର୍ବାହୀ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଥିବାରୁ କଳାହାଣ୍ଡି ଜିଲ୍ଲାର ଅନେକ ସ୍ଥାନ ଭ୍ରମଣ କରି ମରୁଡ଼ି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ଉପନ୍ୟାସର ନାମ 'ଦଣ୍ଡଧାରୀ' ଦେବାର ଉଦ୍ଦେଶ୍ୟ ହେଉଛି ତତ୍କାଳୀନ ଶାସନ ଦଣ୍ଡ ଧରିଥିବା ଦଣ୍ଡଧାରୀଙ୍କ ଅବହେଳାର ଚରମ ଦୁଷ୍ପରିଣାମ ସାଧାରଣ ଜନତାଙ୍କୁ ଭୋଗିବାକୁ ପଡ଼ିଥିଲା। ଯାହା ହାତରେ ଏହି ଦଣ୍ଡ ଥାଏ ତା'ର କର୍ତ୍ତବ୍ୟ ଯେ, ସେ ସାଧାରଣ ଜନପ୍ରଜାର ଦୁଃଖକୁ ବୁଝିବା ମାତ୍ର ଏ ଶାସନଦଣ୍ଡ ଧାରଣ କରିଥିବା ଦଣ୍ଡଧାରୀମାନେ ନିଜ କର୍ମ ସାଧନ କରିନଥିବାରୁ ଔପନ୍ୟାସିକ ସେମାନଙ୍କୁ 'ଦଣ୍ଡଧାରୀ' ବୋଲି ବ୍ୟଙ୍ଗ କରିଛନ୍ତି। ଏହି ଉପନ୍ୟାସରେ ସାଧାରଣ ଜନତାର ଦୁଃଖ ଓ ପ୍ରଶାସନର ଅବହେଳାର ମାର୍ମିକ ଉପସ୍ଥାପନା ଦେଖିବାକୁ ମିଳେ।

ଓଡ଼ିଶାର ତତ୍କାଳୀନ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ଥିବା କର୍ମଚାରୀଙ୍କ ବାସ୍ତବ ମୁଖା ଖୋଲିଦେଇଛନ୍ତି ଦାଶରଥି ନନ୍ଦ ମହୋଦୟ। ସିଧାସଳଖ ନାମ ବ୍ୟବହାର ନକରି ବ୍ୟଙ୍ଗାତ୍ମକ ଭାବେ ନାମଗୁଡ଼ିକୁ ଗ୍ରହଣ କରିଛନ୍ତି। ବିଭିନ୍ନ ପ୍ରକାର ବିପର୍ଯ୍ୟୟବେଳେ ଜଣେ ରାଜାର କର୍ତ୍ତବ୍ୟ କିପରି ହେବା ଉଚିତ ସେ ବିଷୟରେ ଚାଣକ୍ୟଙ୍କଦ୍ୱାରା ରଚିତ ଏକ ଶ୍ଳୋକର ଅବତାରଣା କରି ଔପନ୍ୟାସିକ ଓଡ଼ିଶାର ତତ୍କାଳୀନ ଶାସକଙ୍କ ଶାସନ ନୀତି ସମ୍ପର୍କରେ ସୂଚନା ଦେଇଛନ୍ତି। ("ଦୁର୍ଭିକ୍ଷେ ରାଜା ଦୀନ ଭକ୍ତୋପଗ୍ରହଂ କୃତ୍ୱାନୁଗ୍ରହଂ ଦୁର୍ଯ୍ୟାତ୍ /ଦୁର୍ଗ, ସେତୁ କର୍ମ ଭକ୍ତାନୁ ଗ୍ରହଣେ ଭକ୍ତ ସଂ ବିଭାଗଂ ବ ।।")

ଅର୍ଥାତ୍ ଦୁର୍ଭିକ୍ଷ ସମୟରେ ଶାସକ ନିଜ ପ୍ରଜାମାନଙ୍କୁ ଖାଦ୍ୟଦ୍ରବ୍ୟ ଓ ବିହନ ଯୋଗାଇ ଦେବେ। ଖାଇବାକୁ ଦେଇ ସେମାନଙ୍କଦ୍ୱାରା ଦୁର୍ଗ, ସେତୁ ଇତ୍ୟାଦି ନିର୍ମାଣ କରାଇବେ କିମ୍ବା କେବଳ ଅନୁଦାନ ଦେଇ ବଞ୍ଚାଇ ରଖିବେ। କେବଳ ସେତିକି ନୁହେଁ ପ୍ରଜାମାନଙ୍କ ପାଇଁ ମହାଭାରତରେ ଯୁଧିଷ୍ଠିର ଦୁର୍ଭିକ୍ଷବେଳେ ଭୀମଙ୍କୁ ପଠାଇ କୁବେରଠାରୁ ଶହ ଶହ ଧାନ ଶଗଡ଼ ଆଣିଥିଲେ। ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ଯେଉଁ ଅଞ୍ଚଳରେ ମରୁଡ଼ିରେ ଲୋକେ ଛଟପଟ ହେଉଥିଲେ ସେ ଅଞ୍ଚଳର ଐତିହାସିକ ଓ ସାଂସ୍କୃତିକଦିଗ ଭାରି ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ କିର୍ତ୍ତୀରାଜି ତଥା ସାହିତ୍ୟ ଓ ଭାଷାରେ ଏ ଅଞ୍ଚଳ ସମୃଦ୍ଧ। ଔପନ୍ୟାସିକ ସିନାପାଲିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିବା ଡାକ୍ତର କରୁଣାକରଙ୍କ ଭାବନାରେ ଲେଖିଛନ୍ତି- "କଳାହାଣ୍ଡି ଜିଲ୍ଲାଟି ପାହାଡ଼, ପର୍ବତ, ନଈ, ନାଳରେ ଭରପୁର। ସଂସ୍କୃତିରେ ଐଶ୍ୱର୍ଯ୍ୟମୟ। କୀର୍ତ୍ତିରାଜିରେ ସମୃଦ୍ଧ। ଲୋକଗୀତ, ଲୋକନାଟ୍ୟ, ସାହିତ୍ୟ ଓ ଭାଷା ବର୍ଣ୍ଣାଢ୍ୟ। ଦାରିଦ୍ର୍ୟାଞ୍ଚଳରେ ଏ ସବୁ ସମ୍ଭବ ନୁହେଁ। ଜନସାଧାରଣଙ୍କ ଅର୍ଥନୈତିକ ସ୍ୱଚ୍ଛଳତା ନଥିଲେ ସଂସ୍କୃତିର ବିକାଶ ହୋଇ ପାରିବ ନାହିଁ। ଖଡ଼ିଆଳ ରାଜ୍ୟର ରାଜଧାନୀ ମାରାଗୁଡ଼ା, କଳାହାଣ୍ଡିର ଅସୁରଗଡ଼ ଓ କୋରାପୁଟର ପୋଡ଼ାଗଡ଼ର ଦୁର୍ଗମାନ ଖନନ ପରେ ଯେଉଁ ଭଗ୍ନାବଶେଷ ଦେଖିବାକୁ ମିଳେ ସେଥିରୁ ଜଣାଯିବ ଯେ ରାଜ୍ୟଗୁଡ଼ିକ ସମୃଦ୍ଧଶାଳୀ ଥିଲା। ତେବେ କେଉଁ ଦିନରୁ କଳାହାଣ୍ଡିଟା ଗରିବ ହୋଇଗଲା?" ଏ ମରୁଡ଼ି ବେଳେ ଏଠିକାର ବୟସ୍କ ବୃଦ୍ଧମାନେ ଖଡ଼ିଆଳ ଭୂପତି ଦ୍ୱିତୀୟ ଉପେନ୍ଦ୍ର ଭଞ୍ଜ ବ୍ରଜରାଜ ସିଂହଦେବଙ୍କୁ ଝୁରି ହୁଅନ୍ତି। ୧୮୯୯ ମସିହାରେ ବ୍ରଜରାଜ ସିଂହଦେବ ରାଜା ଥିବା ବେଳେ ଏକ ମରୁଡ଼ି ଦେଖାଦେଇଥିଲା ଖଡ଼ିଆଳ ରାଜ୍ୟରେ। ରାଜା ସେତେବେଳେ ବ୍ରିଟିଶ ଶାସକମାନଙ୍କ ଉପରେ କୌଣସି ଭରଷା ନକରି ନିଜ ପ୍ରଜାଙ୍କ ପାଇଁ ଯେଉସବୁ ସୁବିଧା କରିଥିଲେ ତାହା ଲୋକଙ୍କ ଆଖିରେ ଝୁଲି ଯାଉଥିଲା। ପୁଣି ଚୋର ଓ ଡକାୟତଙ୍କ ଅତ୍ୟାଚାର ପାଇଁ ବିଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା କରିଥିଲେ। ତାଙ୍କର ଏହି ପ୍ରଜାବତ୍ସଳ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ବ୍ରିଟିଶ ସରକାର ତାଙ୍କୁ ସମ୍ମାନିତ କରିଥିଲେ। ରାଜା ବ୍ରଜରାଜଙ୍କ ମରୁଡ଼ିବେଳେ ଯେଉଁ କାର୍ଯ୍ୟ କରିଥିଲେ ସେ ସମ୍ପର୍କରେ ଦଣ୍ଡଧାରୀରେ ଉଲ୍ଲେଖ ଅଛି- "୧୮୯୯ରେ ଖଡ଼ିଆଳ ଦୁର୍ଭିକ୍ଷ ସେମାନଙ୍କର ମନେ ପଡ଼ି ଯାଉଛି। ସେତେବେଳେ ଖଡ଼ିଆଳର ରାଜା ଥିଲେ ବ୍ରଜରାଜ ସିଂହଦେବ। ବର୍ଷା ଅଭାବରୁ ଫସଲ ହାନି ପରେ, କାଳେ ଆଉଥରେ ବର୍ଷା ହେବ ଓ ଚାଷୀ ଫସଲ ଉତୁରାଇବ, ସେଥିପାଇଁ ଆପଣା ଅନ୍ନପୂର୍ଣ୍ଣା ଭଣ୍ଡାରରୁ ଦୁଇଖଣ୍ଡି(୧ ଖଣ୍ଡି ପ୍ରାୟ ସତୁର କିଲୋଗ୍ରାମ) ବିହନ ଦେଉଥିଲେ। ରାସ୍ତା ମରାମତି କରି କର୍ମ ଯୋଗାଣ କରିଥିଲେ। ରାସ୍ତାର ଗ୍ରାମ ନିକଟରେ ବା ଅନ୍ତତଃ ସାତ କିଲୋମିଟରରେ ଗୋଟିଏ ଲେଖାଏଁ କୂଅ ଖୋଲାଇ ଥିଲେ। ଗ୍ରାମରୁ ଆସିଥିବା ଶ୍ରମିକମାନଙ୍କ ପାଇଁ ଧରମସାଗର, କୋମନା, ତରକେନ୍ଦ୍ର, ସିନାପାଲି, ନୂଆପଡ଼ା,

ଖରିଆର ରୋଡ଼ ଆଦି ମୁଖ୍ୟସ୍ଥାନଗୁଡ଼ିକରେ ବିଶ୍ରାମଗାରମାନ ନିର୍ମାଣ କରିଥିଲେ। ଯେଉଁ କର୍ମଚାରୀ କାର୍ଯ୍ୟରେ ଅବହେଳା କରୁଥିଲା ତାକୁ କଠୋର ଦଣ୍ଡ ଦେଉଥିଲେ। ଦଣ୍ଡ ଭିତରେ ଘସିଆ ହାତରେ ଚମଡ଼ା ଚାବୁକମାଡ଼ ସବୁଠୁ ନିର୍ମମ। ଦେହ କଷ୍ଟ ସହିତ ଜାତି ଯିବ। ଦ୍ୱିତୀୟ ଦଣ୍ଡ ହେଉଛି ହାତରେ ମରିଚ ଗୁଣ୍ଡ ବୋଲି ଦୋଷୀକୁ ଚାପୁଡ଼ା ମାରିବା। ଆସାମୀର ଆଖି ଜଳିଯାଉଥିବ।" ୧୯୬୫ବେଳେ ତ ଆଉ ରାଜାରାଜୁଡ଼ା ଶାସନ କି ଇଂରେଜ ଶାସନ ନଥିଲା। ଗଣତନ୍ତ୍ରର ନିର୍ବାଚିତ ଦଣ୍ଡଧାରୀଗଣଙ୍କ ପରମ କର୍ତ୍ତବ୍ୟ ଯେ କ'ଣ ତାହା ବାତାନୁକୂଳିତ କୋଠା ଭିତରେ ଆରାମ ଚୌକିରେ ବସିଥିବା ମୁଣ୍ଡକୁ ଆସିଲା ନାହିଁ। ଇଞ୍ଜିନିୟରଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ କେବଳ ଆଲୋଚନା ଭିତରେ ସମୟ ସାରି ଦେଇଛନ୍ତି। ଚାଣକ୍ୟଙ୍କ କହିବାନୁସାରେ ଦୁର୍ଗ ନିର୍ମାଣ କରିବା ଆଉ ଏବେ ସମ୍ଭବ ନୁହେଁ, ତେବେ ରାସ୍ତାକାମ, ମାଟି କାମ, ପୋଖରୀ ଖୋଳା ଇତ୍ୟାଦି କାମ ପାଇଁ ଯେତେ ଯୋଜନା ହେଲେ ମଧ ସାଧାରଣ ଲୋକଙ୍କୁ କାମ ମିଳିଲା ନାହିଁ। କାଗଜ ପତ୍ରରେ କାମସବୁ ହେଇଯାଇଛି ଓ ଲୋକେ ପଇସା ପାଇଗଲେ। ଏତିକି ବେଳେ ବିଭିନ୍ନ ବିଭାଗର କର୍ମଚାରୀ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳକୁ ନିଜ ଇଚ୍ଛାନୁସାରେ ନିଜେ ଅର୍ଥ ଖର୍ଚ୍ଚ କରି, ଉପରିସ୍ଥ ବାବୁଙ୍କ ପାଦ ସେବା କରି ବଦଳି ହୋଇ ଆସିଛନ୍ତି। ଉଦ୍ଦେଶ୍ୟ କେବଳ ଲୁଟିବା। କାରଣ ଲୋକେ ପେଟବିକଳରେ ଘରେ ଯାହା ଥିବା ସୁନା, ରୂପା, କଂସା ବାସନଠାରୁ ଆରମ୍ଭ କରି ଗାଈଗୋରୁ ଆଉ ଘରଦ୍ୱାର ଜମିବାଡ଼ି ବିକିଦେଲେ ତାହାକୁ କମ୍ ଦରରେ କିଣି ମାଲାମାଲ ହେବା। ଏ ନୀଚ ମାନସିକତାର ଚରିତ୍ରଗୁଡ଼ିକୁ ଏ ଉପନ୍ୟାସରେ ଦେଖିବାକୁ ମିଳେ।

ସାଲେକେଲା, କୋପିଆ, ଯୋଗୀବାହାଲ, ଚଉରା ଗାଁ, କୋମନା, ବୋଡ଼େନ ଏଭଳି ଅନେକ ଗାଁର ଲୋକେ ରାୟପୁରକୁ, ଗୁଜୁରାଟକୁ ଚାଲିଯାଇଛନ୍ତି। ରାୟପୁର ବର୍ତ୍ତମାନ ନୂଆପଡ଼ା ଜିଲ୍ଲାର ସୀମାନ୍ତ ରାଜ୍ୟ ଛତିଶଗଡ଼ର ରାଜଧାନୀ। ଏଥିରେ ପଶ୍ଚିମ ଓଡ଼ିଶାର ଅନେକ ଲୋକ ଏବେ ପେଟ ପାଟଣା ପାଇଁ ରାୟପୁରକୁ ଆଶ୍ରୟ କରନ୍ତି। ଯେଉଁଠିକାର ଲୋକେ ଖୁସିରେ ରସରକେଲି ଗୀତରେ ଜୀବନ ଦର୍ଶନ ଓ ନିଜ ନିଜ ଜୀବନର କଥା ଗୁଣୁଗୁଣାଇ ମନୋରଂଜନ କରୁଥିଲେ ସେହି ଗୀତକୁ ମଧ ଅକାଳ ଛାଡ଼ିଲା ନାହିଁ। ରସରକେଲି ଗୀତର ଭାବଧାରା ହିଁ ବଦଳିଗଲା। ବରଷାକୁ ଅନେଇ ଆଁ କରି ରହିଥିବା ମଣିଷ ମନର ବେଦନା ଗୀତରେ ସ୍ଥାନ ପାଇଲା। ଡାକ୍ତର କରୁଣାକର ଯେଉଁ ରସରକେଲି ଶୁଣିଲେ ହସି ହସି ଗଡ଼ି ଯାଉଥିଲେ ଏବେ ସେ ଗୀତ ଶୁଣି ଭାବ ଗମ୍ଭୀର ହୋଇଯାଉଛନ୍ତି। "ରସରକେଲିରେ, ରସରକେଲିରେ/ ବରଷା ମାସ ଗଲା ସରି ନାଇଁ ହେଲା ବରଷା/ ଶୁଖା କେ ଦେଖି ଫାଙ୍କି ଯାଉଛେ ମହୁଲିର ନିଶା/ ଖଲା ଥି ନାଇନ ପୁଆଲ କେରେ/ ଖାଇଲୁ ସବୁ ସୁଖା/ ରାଇପୁରକେ ଯିବାର ଲାଗି/ ଟିକେଟ କାଟି ପକା ।।"

ସେପରି 'ଡାଲଖାଇ' ଗୀତରେ- "ଦେଶରେ କଲା ଅକାଲ/ ଘରଦ୍ୱାର ଛାଡ଼ି ବିଦେଶେ ଘର/ ଡାଲ ଖାଇରେ, ପେଟ କାଜେ ହରବର।।"

ଉପନ୍ୟାସର ଏକ ଚରିତ୍ର ରମେଲା ଦେଈ ବାସନ ମାଜିଲା ବେଳେ ଝିଅ ବାଲମତିକୁ କୁଣ୍ଢେଇ ଧରି ଗାଉଥିଲା- "ଉଦିଲା ପୁଷର ଜହ୍ନ ବାଙ୍ଗ୍‌ରୀ ରେ/ ଝର ଝର ବୁହେ କୁଆଁରୀ ଲୁହ, ବାଙ୍ଗ୍‌ରୀ ରେ/ ପେଟେ ଜଳେ ଭୁଖାର ନିଆଁ, ବାଙ୍ଗ୍‌ରୀ ରେ/ କୁଆଁରୀ ଯାଉଛେ ବେପାର କରି, ବାଙ୍ଗ୍‌ରୀ ରେ/ ସିଟି ମାରେ ରେଲଗାଡ଼ି, ବାଙ୍ଗ୍‌ରୀ ରେ/ ମାଆ କେ ଛୁଆ ଛାଡ଼ିଲା, ବାଙ୍ଗ୍‌ରୀ ରେ/ ଘଏତା କେ ଖୁଜି ମାଏଝି ମଲା, ବାଙ୍ଗ୍‌ରୀ ରେ/ ମହତ ତାର ସରିଲା, ବାଙ୍ଗ୍‌ରୀ ରେ।।"

ପିଲାମାନଙ୍କୁ ପାଠପଢେଇଲାବେଳେ ନଈବଢ଼ି କଥା ପଢାଯାଉଥିଲା। ସେମାନଙ୍କ ପ୍ରତ୍ୟକ୍ଷ ଅନୁଭୂତି ପାଇଁ ନଈବଢ଼ି ଦେଖିଯାଇ ରଚନା ଲେଖିବାକୁ କୁହାଯାଉଥିଲା। ପିଲାମାନେ ଗାଁ ନଈରେ ବଢ଼ି ଆସିଲେ ଦେଖିବାକୁ ଯାଉଥିଲେ। ମାତ୍ର ନଈବଢ଼ି ଭଳି ମରୁଡ଼ି ଦେଖିବାକୁ ବି ଲୋକେ ଆସନ୍ତି ତାହା 'ଦଣ୍ଡଧାରୀ' ଉପନ୍ୟାସରେ ଦେଖିବାକୁ ମିଳେ। ମୁଖ୍ୟଯନ୍ତ୍ରୀ ଶ୍ରୀ ଆକଣ୍ଠ ମିଶ୍ରଙ୍କ ପରିବାର ଚାହିଁଛନ୍ତି ମରୁଡ଼ି ପ୍ରପୀଡ଼ିତ ସିନାପାଲି ଅଞ୍ଚଳକୁ ଯାଇ ଦେଖିବା ପାଇଁ ଆଉ କିଛି ଚୂଡ଼ା ବାଣ୍ଟିବା ପାଇଁ। ଖାଲଢିପ ରାସ୍ତାରେ ଦଶ କିଲୋମିଟର ଗଲାପରେ ରାସ୍ତାର ଅବସ୍ଥା ଦେଖି ମୁଖ୍ୟଯନ୍ତ୍ରୀଙ୍କ ପତ୍ନୀ ଓ ଝିଅ ବାହୁଡ଼ିଯିବା ପାଇଁ ମନସ୍ଥ କରିଛନ୍ତି। ମାତ୍ର ସହଯୋଗୀଙ୍କ କଥାରେ ସିନାପାଲିରେ ପହଞ୍ଚିଲା ପରେ ଆକଣ୍ଠ ବାବୁଙ୍କ ଝିଅ ରୋମା କଙ୍କାଳ ସାର ମଣିଷକୁ ଦେଖିବା ପାଇଁ ବ୍ୟଗ୍ର ହୋଇ ଉଠିଛି। ସିନାପାଲିର ଭୋକିଲା, ଚିରା କନା ପିନ୍ଧିଥିବା ଲୋକଙ୍କୁ ଦେଖି ରୋମାଙ୍କ ଧାରଣା ଯାହା, ତାହା ଲକ୍ଷ୍ୟର ବିଷୟ। ରୋମା କହନ୍ତି- "ଦେହଟା କଳା ମଚ ମଚ, କ୍ଷତ ବିକ୍ଷତର ନାନା ଚିହ୍ନ- କୌପୁନି ଖଣ୍ଡିଏ କେବଳ ଆଭରଣ-semi naked-naked. XXX African ଭଳି? South American ଭଳି? West Indian ଭଳି? ଦରିଦ୍ର, କର୍ମଠ, ରଷ୍ଟିକ୍- Above all they are the happiest creatures. ପାଶବିକ ଆନନ୍ଦର ଚରମ ପରିପ୍ରକାଶ। ଖାଅ, ପିଅ, ମଉଜ କର। ନଥିଲେ ଭୋକରେ ମର। ପିଲା କବିଲାକୁ ବିକ୍ରି କରିଦିଅ ଯେ ଆଉ ବନ୍ଧନ ନଥିବ..."। କିନ୍ତୁ ଚକରା କହେ- "ଏପରି କିଛି ନୁହେଁ। ସିନାପାଲିବାସୀ ବିରଳ। ରଷ୍ଟିକ୍ ବା ଅସଭ୍ୟ ନୁହନ୍ତି। ଦାରିଦ୍ର୍ୟ ଓ ଦୁର୍ଭିକ୍ଷ ତାଙ୍କୁ ହୁଏତ ପଶୁର ଆଚରଣ କରିବାକୁ ବାଧ୍ୟ କରିଛି।"

ପରିସ୍ଥିତିରେ ଚାପରେ ପଡ଼ି କେବଳ ଜୀବନ ବଞ୍ଚେଇବା ପାଇଁ ଅଖାଦ୍ୟ ଖାଉଥିବା ଆଉ ଅଧା ଲଙ୍ଗଳା ବେଶ ଧାରଣ କରିଥିବା ମଣିଷ ଯଦି ପଶୁ ଆଉ ଅସଭ୍ୟ ହୁଏ, ତେବେ ଭୁବନେଶ୍ୱରରେ ଘରକାମ କରିବା ପାଇଁ ମୁଠାଏ କି ଅଧିକା ହେଲେ ବସ୍ତାଏ ଚୂଡ଼ା ବଦଳରେ ଦୁର୍ଭିକ୍ଷର ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ମା' କୋଳରୁ ଦଶ ବର୍ଷ ବୟସର ଭୋକିଲା ପୁଅକୁ ଚାକର କରି ଗାଡ଼ିର ପଛପଟେ ଚୂଡ଼ାବସ୍ତା ଭଳି ଲଦି ନେଉଥିବା ସାହେବମାନଙ୍କ ସ୍ତ୍ରୀଙ୍କୁ କ'ଣ କୁହାଯିବା

ଉଚିତ? ବୋଧହୁଏ ସଭ୍ୟ ଆଉ ଶିକ୍ଷିତ ମଣିଷ। ଏହିପରି ଭାବରେ 'ଦଣ୍ଡଧାରୀ' ଉପନ୍ୟାସରେ ୧୯୬୫ ମସିହାରେ ଦେଖାଯାଇଥିବା ମରୁଡ଼ି ସମୟର ବଡ଼ବାବୁମାନଙ୍କ ମନଇଚ୍ଛା ନୀତି ପ୍ରଣୟନ ଆଉ ତାହାର କାଗଜ ପତ୍ରରେ ଶେଷ ଠାରୁ ଶସ୍ତାରେ ଘରର ଚାକର ହେବା ପାଇଁ ମଣିଷ କିଣା ଭଳି ଅନେକ ଚିତ୍ର ଦେଖିବାକୁ ମିଳେ। କଳା, ସଂସ୍କୃତି, ସାହିତ୍ୟ ଓ ଭାଷାରେ ସମୃଦ୍ଧ ତଥା ଉନ୍ନତ ଥିବା ମାଟିକୁ ବିଶ୍ୱଦରବାରରେ ମରୁଡ଼ି ଆଉ ଦୁର୍ଭିକ୍ଷର ପରିଚୟରେ ପରିଚିତ କରେଇଥିବା ଦଣ୍ଡଧାରୀଙ୍କୁ ପାଠକେ ଭଲ ଭାବରେ ଚିହ୍ନି ପାରିବେ ଏହି ଉପନ୍ୟାସରେ।

ଇଂରାଜୀ ଅଧ୍ୟାପକ ଶ୍ରୀ ସାମୁଏଲ ଦାନୀଙ୍କ ରଚିତ ଏହି ମରୁଡ଼ି ସମ୍ପର୍କିତ ଉପନ୍ୟାସ 'ମରୁଡ଼ି-୧୯୬୫' ପ୍ରକାଶ ପାଏ ୨୦୨୧ ମସିହାରେ। ଏହି ଉପନ୍ୟାସଟି ମରୁଡ଼ିଗ୍ରସ୍ତ ଲୋକଙ୍କୁ ସେବା କରିଥିବା ରମାଦେବୀ ଓ ପାର୍ବତୀ ଗିରିଙ୍କୁ ଉତ୍ସର୍ଗୀକୃତ। ଉପନ୍ୟାସଟି କଳାହାଣ୍ଡିକୁ କେନ୍ଦ୍ରକରି ରଚିତ। ଖୁଟଲୁ ତାଣ୍ଡି ଏହାର ମୁଖ୍ୟ ଚରିତ୍ର। ଔପନ୍ୟାସିକ ଶ୍ରୀ ସାମୁଏଲ ଦାନୀ ଉପନ୍ୟାସରେ ଲୋକ ପରମ୍ପରା, ଲୋକ ବିଶ୍ୱାସ, ପରଦେଶୀ ବେପାରୀମାନଙ୍କ ଦୌରାତ୍ମ୍ୟ, ଅକାଳ ବେଳେ ଜାତିର ମୂଲ୍ୟହୀନତା, ରିଲିଫ ସାମଗ୍ରୀର ବାଟ ମାରଣା, ରିଲିଫ କମିଶନରଙ୍କ ଯୌନକ୍ଷୁଧା, ପାର୍ବତୀ ଗିରିଙ୍କ ସେବାକୁ ଅତି ନିଖୁଣ ଭାବରେ ଉପସ୍ଥାପନ କରିଛନ୍ତି।

କଳାହାଣ୍ଡିରେ ଗଉଡ଼, ଗଣ ଓ ଗଣା ତିନି ଜାତିର ଲୋକ ରହନ୍ତି। ସେମାନଙ୍କ ମଧ୍ୟରେ ଭାରି ମିଳାମିଶା ଅଛି। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ ବିବାହ, କୋଣାବୁରା ଠାରୁ ସନ୍ତାନ ଜନ୍ମ ହେଲେ ଆଖିଫୁଟା ପର୍ଯ୍ୟନ୍ତ ରୀତି ନୀତି ପାଳନ ହଇଏ। ଗାଁର ଝାଙ୍କର ହେଉଛନ୍ତି ଦିବାକର ମାଝୀ ଓ ଗଣା(ଗ୍ରାମରଖି) ହେଉଛନ୍ତି ଖୁଟଲୁ ତାଣ୍ଡି। ଦୁହିଙ୍କ ମଧ୍ୟରେ ଅତି ମେଳାପ। ବୁଢା ବମ୍ବୁର୍ ଗଛରେ ବଗ ବସା ନ ବାନ୍ଧିବା, ଛିନୁ ମାଝିର ବୁଢା ବାପ ଛିଡ୍ଡୁ ସିମେଲ ଗଛରେ ଶୁଆ ଚଢେଇର ବସାକୁ ବାରମ୍ବାର ଦେଖି ବିବ୍ରତ ହେବା, ବାଟି ଓ ମଇନା ଚେରେ(ଚଢେଇ)ର ଗତିବିଧିକୁ ଦେଖି ବ୍ୟତିବ୍ୟସ୍ତ ହେବା, ପିଣ୍ଡାରେ ବସି ପିମ୍ପୁଡ଼ିମାନଙ୍କର ଗତିବିଧିକୁ ଓ ବାଡ଼ି ପଛପଟେ ଉଇହୁଙ୍କାକୁ ଲକ୍ଷ୍ୟ କରି ପୁଅ ଛିନୁକୁ ଡାକି "ଇ ବଛର୍ ଆଁଟ ଧାନ୍ କର୍‌ବୁ। ବୁନା କର୍‌ବୁ ବାବୁ, ରୁପା ନାଇଁ କର୍‌ବୁ। ଭୁତି ଲଗାଲେ, ଯଦି ହେବା ବଏଲେ, ଟଙ୍କା ପଇସା ଦେବୁ, ଧାନ୍ ନାଇଁ ଦେବୁ।" କହିବା ପଛରେ ବୁଢାର ଦୀର୍ଘ ବର୍ଷର ଅଭିଜ୍ଞତା ଆସନ୍ନ ଅକାଳକୁ ଇଙ୍ଗିତ କରୁଛି ତାହା ଜାଣିବାକୁ ବାକି ନାହିଁ। ପ୍ରକୃତି ଏଭଳି ଭାବେ ଖଞ୍ଜି ହୋଇଯାଇଛି ଯେ ନିରେଖି ଦେଖିଲେ ସବୁ ରହସ୍ୟ ଜଣାପଡ଼ିଯାଏ। ମାତ୍ର ତା' ପାଇଁ ଅନୁଭୂତି ଦରକାର। କହିବାର କଥା ଆଗରୁ ଅନେକ ଥର ଏ ବୁଢା ମଣିଷଟି ଅତି ପାଖରୁ ଅକାଳକୁ ଦେଖିଛି।

ଯେଉଁ ଶ୍ରାବଣ ମାସରେ ଝରି ବରଷା ହୁଏ ତାହାର କୃଷ୍ଣପକ୍ଷ ଅତିକ୍ରାନ୍ତ ହେଲାଣି ମାତ୍ର ବର୍ଷାର ଦେଖା ନାହିଁ। ବାଡ଼ିରେ ଜହ୍ନି, କାକୁଡ଼ି, କାଙ୍କଡ଼, ଲାଉ, ଶିମ୍ବ, କୁମୁଡ଼ା ଲଦି ହେବା କଥା ତାହାର ଚିହ୍ନ ବର୍ଣ୍ଣ ହିଁ ନାହିଁ। ବିହନ ବୁଣି ସାରିଲା ପରେ ଘରେ ଯାହା ଧାନ, ଚାଉଳ, ଖୁଦ, କୋଳଥ ଥିଲା ତାହା ବି ସରି ସରି ଆସିଲାଣି। ଲୋକେ ଏବେ ଖାଇବେ କ'ଣ? ଏ ଚିନ୍ତାକୁ ଆହୁରି ବଢେଇ ଅକାଳ ପଡ଼ିବାର ପୂର୍ବ ସଙ୍କେତ ଦିଏ ବାଉଁଶ ଗଛରେ ଫୁଟୁଥିବା ଫୁଲ। ଏଥିରୁ ଯେଉଁ ଫଳ ହୁଏ ତାହାକୁ 'ବାଞ୍ଜି ଚାଉଳ' ବୋଲି କୁହାଯାଏ। ମରୁଡ଼ି ବେଳେ ଲୋକେ ଏହାକୁ ସଂଗ୍ରହ କରି ରାନ୍ଧିକରି ଖାଉଥିଲେ। ଏ ସମ୍ପର୍କରେ ଉପନ୍ୟାସରେ ଏକ କାହାଣୀର ଅବତାରଣା କରିଛନ୍ତି ଉପନ୍ୟାସକାର।

ପାଟଧରା ପାହାଡ଼ ଉପର ଗାଁର ଗୋଟିଏ ପହରିଆ ଝିଅ ପାହାଡ଼ର ସମତଳ ଅଞ୍ଚଳରେ ଥିବା ଏକ ଗାଁ ଅନକାପୁରରେ ବାହାହେଲା। ପାହାଡ଼ ଉପର ଗାଁରେ ବହୁ ସୁଖରେ ଜୀବନ ବିତାଉଥିଲା। ଖରାଦିନେ ଆମ୍ବ ଲେଥି, ଚାର, କେନ୍ଦୁ, ବର୍ଷାଦିନେ କେତେ ରକମର ଛତୁ, କରଡ଼ି, ହଣୁଆ ଖାଉଥିଲା। ଗରମ ହେଲେ ତିଖୁର ପାଣି ଆଉ ମଣ୍ଡିଆ ଜାଉ ଖାଉଥିଲା। ସାଙ୍ଗ ସାଥି ସହିତ ଖେଳୁଥିଲା। ବିବାହ ପରେ ଏସବୁ ସୁଖରୁ ବଞ୍ଚିତ ହେଲା। ନଣନ୍ଦର ଦାଉ ସହ୍ୟ ହେଲା ନାହିଁ। ସ୍ୱାମୀ ସବୁବେଳେ ନୀରବ ରହୁଥିଲେ। ନିଜ ମା' ଘର ଯିବା କଥା କହିଲେ ଶାଶୁ କାଲି ଯିବୁ କହି କହି ଛାଡ଼ିଲେ ନାହିଁ। ଧୀରେ ଧୀରେ ଚିନ୍ତାଗ୍ରସ୍ତ ହୋଇ ଦୁର୍ବଳ ହୋଇଗଲା। ଦିନେ ଜ୍ୟେଷ୍ଠ ମାସର ଧୂ ଧୂ ଖରାରେ ପୋଖରୀକୁ ଲୁଗା ଧୋଇବା ପାଇଁ ଗଲା। ପାଖରେ ଗୋଟିଏ ବଗ ବସିଥାଏ। ବଗ କହିଲା- "ତୋତେ ଆଉ ତୋର ଶାଶୁ ଛାଡ଼ିବ ନାହିଁ, ତୋତେ ତୋର ନଣନ୍ଦ ମାରିଦେବାକୁ ଯୋଜନା କରୁଛି।" ସେଇଠି ଝିଅ ଅତି ଦୁଃଖରେ ବସିପଡ଼ିଲା। ଖରା ଦ୍ୱିପହରରେ ତା'ର ପ୍ରାଣବାୟୁ ଛାଡ଼ି ବଗଟିଏ ହୋଇ ଉଡ଼ିଗଲା। ଉଡ଼ି ଉଡ଼ି ନିଜ ଗାଁକୁ ଗଲା ସେଠି ମରୁଡ଼ି ପଡ଼ିଥିବାର ଦେଖିଲା। ସେଇଠୁ ଆକାଶକୁ ଉଡ଼ିଗଲା, ମେଘକୁ କହିଲା "ଲୋକେ ମରୁଛନ୍ତି, ଖାଇବାକୁ ପାଉ ନାହାନ୍ତି, ଆଜି ଗୋଟିଏ ଦିନ ଖାଲି ବର୍ଷା କରିଦିଅ।" ମେଘ କହିଲା- "ମଞ୍ଚପୁରରେ ପାପ ବଢିଗଲାଣି, ଏଣୁ ମୁଁ ବର୍ଷା କରୁନାହିଁ।" ବଗ କହିଲା- "ଆଜି ଗୋଟିଏ ଦିନ ହିଁ ବର୍ଷା କରିଦିଅ।" ତା' ପରେ ଦିନ ଦ୍ୱି ପହରରେ ବର୍ଷା ହେଲା। ବର୍ଷା ସରିଲା ପରେ ବଗଟି ବାଉଁଶ ଗଛମାନଙ୍କ ଉପରେ ପରଝାଡ଼ି ଉଡ଼ିଗଲା ଦେଖୁ ଦେଖୁ ବାଉଁଶ ଦେହରେ ଫୁଲ ଫୁଟିଲା। ଆରଦିନ ସକାଳେ ବର୍ଷା ହେତୁ ବାଉଁଶ ଗଜା ଅନ୍ୱେଷଣରେ ଯାଇ ଦେଖିଲେ ବାଉଁଶ ଫଳ ପାଚି ତଳେ ପଡ଼ିଛି। ଲୋକେ ତାହାକୁ ବାଞ୍ଜି ଚାଉଳ ବୋଲି କହିଲେ ଆଉ ତାକୁ ଆଣି ରୋଷେଇ କରି ଖାଇଲେ। ବାଉଁଶ ଫଳ ହେଲା ପରେ ବାଉଁଶ ଗଛଟି ମରିଯାଏ। ବଗଟି ନିଜ ବାସନ ମାଜୁଥିବା ନିଜ ମା' ପାଖକୁ ଯାଇ ସବୁକଥା କହି ମୁଁ ବୈକୁଣ୍ଠପୁର ଯାଉଛି କହି ଉଡ଼ିଗଲା। ସେହିଦିନଠାରୁ ହିଁ ମରୁଡ଼ି ସମୟରେ ବାଞ୍ଜି ଫଳ ଫଳେ ବୋଲି ବିଶ୍ୱାସ ରହିଛି। କାହାଣୀଟି ଯାହା ହେଉ, ମାତ୍ର ମରୁଡ଼ି ସମୟରେ ବାଞ୍ଜି ଫଳ ହେବା ଅନେକେ ଦେଖିଛନ୍ତି। ବାଞ୍ଜି ଚାଉଳ ଖାଇ ଜୀର୍ଣ୍ଣ ନହେବାରୁ ମୃତ୍ୟୁ ବରଣ ମଧ୍ୟ କରିଛନ୍ତି।

ଜାତି ଏକ ବିଷମ ବ୍ୟବସ୍ଥା ଆମ ସମାଜରେ। ମାତ୍ର

ଭୋକକୁ ଏ ଜାତି ପାତି ଜଣାନାହିଁ। ଜୈବିକ ଶରୀର ଅଛି ମାନେ ଭୋକ ହେବ। ଏ ମରୁଡ଼ିବେଳେ କଛନାମାଲରେ ଖୁଟଲୁ ତାଣ୍ଡି ଘରେ ଗଉଡ଼ ପଡ଼ାର ଉକିଆ ବୁଢି ଖାଇବା ହୁଏତ ଆମ ସମାଜପତିମାନଙ୍କୁ ଅଡୁଆ ଲାଗିଥାଇ ପାରେ। ମାତ୍ର "ଭୋକ୍ କାଏଁ ଜାନେ ଜାଏତ୍ ପାଏତ୍, ଭୋକ୍ କାଏଁ ଜାନେ କଷାପିତା" ଏ କଥା ପୃଥିବୀର ବାସ୍ତବ ସତ୍ୟ ତାକୁ ବୁଝିବାକୁ ପଡ଼ିବ। ଏ ସଂସାରରେ କେବଳ ଖାଦ୍ୟର ହିଁ ସଂଗ୍ରାମ ଚାଲିଛି ତାକୁ ଜାଣିବାକୁ ପଡ଼ିବ। ପେଟ ପୁରିଲେ ଆହୁରି ଅନେକ ନାଟ ଦିଶେ। ତେବେ ଏ ଜାତି ବଡ଼ କଥା ନୁହେଁ ମଣିଷ ବଡ଼ କଥା ତାହା ବୁଝିବାକୁ ଆହୁରି କେତେ ସମୟ ଲାଗିବ ତାହା ଈଶ୍ୱରଙ୍କୁ ଜଣା।

ଯେଉଁ ସ୍ଥାନର ନାଁ ମଧ୍ୟ ଜାଣି ନଥିଲେ ସେ ସ୍ଥାନକୁ ଅକାଳବେଳେ ବେପାରୀଙ୍କ ଧାର ଛୁଟେ। କେବଳ ଧୂଳିମାଟି ଦରରେ ସବୁ କିଣିନେବା ପାଇଁ। ଜମି, ସୁନା, ରୁପା, କଂସା, ପିତ୍ତଳ ଏପରିକି ମଣିଷ ଏସବୁ କିଣି ନେଇ ଯାଆନ୍ତି। ସରକାରୀ ପଦାଧିକାରୀ ମଧ୍ୟରେ ଆର.ଆଇ ମହୋଦୟ ଭଳି ଚରିତ୍ରମାନେ ନିଜ ସ୍ୱାର୍ଥ ପାଇଁ କେତେ ତଳକୁ ଖସି ପାରନ୍ତି ତାହାର ଏହା ନମୁନା ହେଲା ନିଜ ଝିଅର ବାହା ଘର ଅଛି ବୋଲି ଅଧିକ ଅର୍ଥ ଆଦାୟ କରିବା। ଦିବାକର ମାଝୀ ନାମରେ ହୋଇଥିବା ଏକ ଜବରଦଖଲ କେସ୍ ପ୍ରସଙ୍ଗରେ ଅମିନ କହନ୍ତି- "ଇଟା ତମର ଜବରଦଖଲ କେସ୍ ଅଛେ ବାବୁ। ଇ ଭିତରେ ସର୍ଭେ ହେଲା, ଜବର ଦଖଲ ଲିଷ୍ଟ ଆସିଛେ। ହେଲେ ଅସଲି କଥା ଆର.ଆଇର ଝିଅର୍ ବିହାଘର ଅଛେ ସମ୍ବଲପୁରରେ। ଇ ସବୁ ତା'ର ଟଙ୍କା ଅସୁଲ କରିବାର ବୁଦ୍ଧି। କାନୁନ୍ ଆଉ କାରସାଦି ଅଲଗା ଆଏ।" ସେହିପରି ରିଲିଫ କମିଶନର ଦେମତୀର କଞ୍ଚା ଶରୀର ଉପରେ ଦୃଷ୍ଟି ପକେଇବା ଓ ଧର୍ଷଣ ପାଇଁ ଜାବୁଡ଼ି ଧରିବା ଭଳି ଅନେକ ଅମାନବୀୟ ଯନ୍ତ୍ରଣା ମରୁଡ଼ି ପ୍ରପୀଡ଼ିତ ଲୋକଙ୍କ ଜୀବନରେ ଦେଖାଦିଏ। ମାତ୍ର ରାମଦେବୀ, ପାର୍ବତୀ ଗିରି ଭଳି ମହାମାନବୀମାନଙ୍କ ନିଃସ୍ୱାର୍ଥପର ସେବା ଜୀବନ ଛାଡୁଥିବା ପିଣ୍ଡରେ ଆଉଥରେ ଜୀବନ ସଂଚାର କରାଇ ଦିଏ ତାହା ଅନୁଭବୀ ହିଁ କହି ପାରିବ। କାଙ୍ଗାଲଖାନାମାନଙ୍କରେ ଚର୍ମ ବେଷ୍ଟିତ କଙ୍କାଳମାନଙ୍କର ହୃଦୟ ଥରା ଦୃଶ୍ୟ କେତେ ଯନ୍ତ୍ରଣା ଦାୟକ ହୋଇ ନଥିବ।

ଓଡ଼ିଆ ସାହିତ୍ୟରେ ମରୁଡ଼ି:୧୯୬୫-୬୬ ବିଷୟରେ ଅନେକ ରଚନା କରାଯାଇଥିବ ନିଶ୍ଚୟ। ଯେଉଁମାନେ ତତ୍କାଳୀନ ସମୟରେ ନିଜ ଆଖିରେ ମରୁଡ଼ିକୁ ଦେଖିଛନ୍ତି, ଯେଉଁମାନେ ନିଜେ ଦେଖି ନଥିଲେ ମଧ୍ୟ ଗବେଷଣା କରି ଅତି ମାର୍ମିକ ଭାବରେ ଉପସ୍ଥାପନା କରିଛନ୍ତି ସେମାନେ ଧନ୍ୟବାଦର ପାତ୍ର। ଏହି ଆଲୋଚନାରେ ଯେତିକି ଉପଲବ୍ଧ ହେଲା ତାହାକୁ ପରିସରଭୁକ୍ତ କରାଯାଇଛି। ଏ ମରୁଡ଼ିକୁ ନିଜେ ଅଙ୍ଗେ ନିଭେଇଥିବା ଖଡ଼ିଆଳ ନିକଟସ୍ଥ ନେହେନା ଗ୍ରାମର ବୈଦ୍ୟରାଜ କୈଳାସ ଚନ୍ଦ୍ର ଦଣ୍ଡସେନା ଛନ୍ଦୋବଦ୍ଧ ନିୟମରେ ବିଭିନ୍ନ ରାଗରାଗିଣୀ ଦେଇ 'ଦୁର୍ଭିକ୍ଷ ଦାନବ' ନାମରେ ଏକ କାବ୍ୟ ରଚନା କରିଛନ୍ତି। ମାତ୍ର ତାହା ଅପ୍ରକାଶିତ ହେତୁ ଏଠାରେ ତାହାକୁ ଆଲୋଚନା ପରିସରଭୁକ୍ତ କରାଯାଇନାହିଁ। ଆହୁରି ଅନେକ ବିଷୟ ଆଲୋଚନା ହୋଇପାରିନାହିଁ ଆଲୋଚନାର ଦୀର୍ଘତା ଭୟରେ।

ସହାୟକ ଗ୍ରନ୍ଥସୂଚୀ:


୧.Orissa District Gazetteer-Kalahandi, Editor-Nilamani Senapati,1st Publish-1980

୨. Orissa District Gazetteer-Balangir, Editor-Nilamani Senapati,1st Publish-1968

୩. ଚୌଧୁରୀ, ରମାଦେବୀ; ଜୀବନ ପଥେ; ବିନୋଦ ବିହାରୀ,କଟକ ଗ୍ରନ୍ଥ ମନ୍ଦିର; ପ୍ରଥମ ସଂସ୍କରଣ-୧୯୮୪।

୪. ଦାନୀ ସାମୁଏଲ; ମରୁଡ଼ି-୧୯୬୫; ଗ୍ୟାରେଜ ଛକ, ଲୁଇସ ରୋଡ଼, ଭୁବନେଶ୍ୱର, କାବ୍ୟଲୋକ; ପ୍ରଥମ ସଂସ୍କରଣ-୨୦୨୧।

୫. ଦାସ, ଜଗନ୍ନାଥ ପ୍ରସାଦ; କବିତା ସମଗ୍ର; ଆଚାର୍ଯ୍ୟ ବିହାର, ଭୁବନେଶ୍ୱର,ଇଙ୍କ ଓଡ଼ିଶ; ପ୍ରଥମ ସଂସ୍କରଣ-୨୦୧୧।

୬.ନନ୍ଦ, ଦାଶରଥି; (ସଂ) ଦାଶରଥି ଆଚାର୍ଯ୍ୟ; ଦାଶରଥି ନନ୍ଦ ରଚନା ସମଗ୍ର(ପ୍ରଥମ ଭାଗ); ପାଣିଗ୍ରାହୀ ସାହି, ଗୋସାଇଁ ନୂଆଁଗାଁ, ବ୍ରହ୍ମପୁର, ଅନ୍ନପୂର୍ଣ୍ଣା ପବ୍ଲିଶର୍ସ; ପ୍ରଥମ ସଂସ୍କରଣ-୨୦୧୬।

୭. ବେହେରା, ରାସବିହାରୀ; ମୂଲ୍ୟବୋଧର ସନ୍ଧାନ; ବିନୋଦ ବିହାରୀ, କଟକ, ଗ୍ରନ୍ଥ ମନ୍ଦିର; ପ୍ରଥମ ପ୍ରକାଶ-୨୦୧୬।

୮. ମିଶ୍ର ଶରତ ଚନ୍ଦ୍ର; କଳାହାଣ୍ଡି ଓ ଇନ୍ଦ୍ର ଦେବତା; ବାପୁଜି ନଗର, ଭୁବନେଶ୍ୱର, ନ୍ୟୁଏଜ ପବ୍ଲିକେଶନ; ପ୍ରଥମ ସଂସ୍କରଣ-୨୦୦୫।


●

ALOCHANA
ସମାଲୋଚନା
ନୂଆ ଫର୍ଦ୍ଦ
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୪
Volume No. 02 | Issue No. 02 | Mar-Apr 2024
Refereed Peer-Reviewed Jornal
BAGEESHA
ବାଗୀଶ
https://bageesha.in
OPEN ACCESS

# ବ୍ରହ୍ମାନନ୍ଦ ଦାସଙ୍କ ଚାହିଦା : ଏକ ସୂକ୍ଷ୍ମାନୁଶୀଳନ

■ ଡ. ରବୀନ୍ଦ୍ର କୁମାର ଦାସ
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ

“
କବି ବ୍ରହ୍ମାନନ୍ଦ ଦାସଙ୍କ 'ଚାହିଦା' କବିତାଟି ଆକାର ଦୃଷ୍ଟିରୁ କ୍ଷୁଦ୍ର ହୋଇଥିଲେ ମଧ୍ୟ ଗୁଣଗତ ଦୃଷ୍ଟିରୁ ଅତ୍ୟନ୍ତ ପ୍ରଭାବଶାଳୀ। ଏହି କବିତାରେ ମାତ୍ର କେଇଗୋଟି ଶବ୍ଦ ମାଧ୍ୟମରେ ସେ ମଣିଷକୁ କୃଷି ସଭ୍ୟତା ମଧ୍ୟରୁ ଉଠାଇଆଣି ବର୍ତ୍ତମାନ ପ୍ରଦୂଷଣମୁକ୍ତ ସଭ୍ୟତା ମଧ୍ୟରେ ଠିଆ କରାଇ ଦେଇ ତା'ର ଅତୀତ ଏବଂ ବର୍ତ୍ତମାନ ମଧ୍ୟରେ ଏକ ସତର୍କତାଯୁକ୍ତ ସୀମାରେଖା ଅଙ୍କନ କରିବାକୁ ଚେଷ୍ଟା କରିଛନ୍ତି। ଯାହା ସହଜ ଜଣାପଡୁଥିଲେ ମଧ୍ୟ ସହଜ ନୁହେଁ। ଏହା ଏକ ଅନିବାର୍ଯ୍ୟ ଚେତାବନୀ ବର୍ତ୍ତମାନର ମଣିଷଙ୍କ ପାଇଁ- ଆଗାମୀ କାଳର ମଣିଷ ଜାତିର ଅସ୍ମିତାକୁ ତଥା ଅସ୍ତିତ୍ୱକୁ ଅତୁଟ ରଖିବା ପାଇଁ।
”

କବିତାଟି ଏହିପରି "ଆମର ପ୍ରଥମ ଚାହିଦା ଥିଲା/ କିଛି ଶସ୍ୟ/ କିଛି ତୁଳା/ କିଛି ଗଛର ପତ୍ର/ ଏବେ ଆମର ଚାହିଦା/ କିଛି ଲୁହା, କିଛି ପେଟ୍ରୋଲ/ କିଛି ମଦ୍ୟ, ବାରୁଦ କିଛି/ ଅମାପ ସୁବର୍ଣ୍ଣ/ ଆମର ଆଗାମୀ ଚାହିଦା/ କଙ୍କଡ଼ାର ନୀଳରକ୍ତ/ ନିର୍ମଳ ପାଣି କିଛି/ ନିଃଶ୍ୱାସ ପାଇଁ କିଛି ସତେଜ ପବନ।" (ଜଣେ ପଦାତିକର କବିତା- ବ୍ରହ୍ମାନନ୍ଦ ଦାସ)।

କବି ବ୍ରହ୍ମାନନ୍ଦ ଦାସଙ୍କ 'ଚାହିଦା' କବିତାଟିକୁ ଏଠାରେ ମାଇକ୍ରୋଷ୍ଟଡ଼ି ବା ସୂକ୍ଷ୍ମାନୁଶୀଳନ ପଦ୍ଧତିରେ ଆଲୋଚନା କରାଯାଉ। ସୂକ୍ଷ୍ମାନୁଶୀଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେକୌଣସି ସାହିତ୍ୟ କୃତିର ଗଭୀରି ତଥା ଗମ୍ଭୀରୀ ଅଭିପ୍ରାୟିକତାକୁ ସମ୍ମୁଖକୁ ଆଣିବା। ଏହି ଅନୁଶୀଳନ ଯେତେବେଳେ କରାଯାଏ ସେତେବେଳେ ସାହିତ୍ୟ କୃତିରେ ଥିବା ସୂକ୍ଷ୍ମାତିସୂକ୍ଷ୍ମ ଉପାଦାନଗୁଡ଼ିକୁ ମୁଖ୍ୟତଃ କେନ୍ଦ୍ରୀୟ ଉପାଦାନ ଭାବରେ ଗ୍ରହଣ କରାଯାଇଥାଏ। ଗୋଟିଏ ସାହିତ୍ୟ କୃତିର ସର୍ବନିମ୍ନ ଅର୍ଥପୂର୍ଣ୍ଣ ଭାଷିକ ଏକକ ହେଉଛି ଶବ୍ଦ। ଏହି ଶବ୍ଦ ପୁଣି ସୂଚନାମୂଳକ ଶବ୍ଦ ଏବଂ ବିଷୟମୂଳକ ଶବ୍ଦ ଭାବରେ ସୂକ୍ଷ୍ମାନୁଶୀଳନର ପରିସରଭୁକ୍ତ ହୋଇଥାଏ। ବିଶେଷ କରି ସୂଚନା ମୂଳକ ଶବ୍ଦ ହିଁ ମାଇକ୍ରୋଷ୍ଟଡ଼ିର ମୁଖ୍ୟ ଉପାଦାନ ଭାବରେ ଗୃହୀତ ହୋଇଥାଏ। କାରଣ ଏଠାରେ ଯେହେତୁ ବିନ୍ଦୁରୁ ବିସ୍ତୃତି ଆଡ଼କୁ ଅନୁଶୀଳନ ଗତିଶୀଳ ହୋଇଥାଏ, ସେଥିପାଇଁ ଶବ୍ଦକୁ ହିଁ କେନ୍ଦ୍ରୀୟ ଉପାଦାନ ଭାବରେ ଗ୍ରହଣ କରି ସମାଲୋଚନା କାର୍ଯ୍ୟ ସମ୍ପାଦନ କରାଯାଏ।

ବ୍ରହ୍ମାନନ୍ଦ ଦାସଙ୍କର 'ଚାହିଦା' କବିତାଟି ମାତ୍ର ୧୨ ପାଦ ବିଶିଷ୍ଟ। ଏହି ୧୨ଟି ପାଦରେ ମାତ୍ର ୩୮ଟି ଶବ୍ଦ ରହିଛି। ତନ୍ମଧ୍ୟରୁ ସୂଚନାମୂଳକ ଶବ୍ଦଗୁଡ଼ିକ ହେଲେ- ଶସ୍ୟ, ତୁଳା, ପତ୍ର, ଲୁହା, ପେଟ୍ରୋଲ, ପବନ, ମଦ୍ୟ, ବାରୁଦ, ସୁବର୍ଣ୍ଣ, ନୀଳରକ୍ତ, ପାଣି। ଏହି ଏଗାର ଗୋଟି ଶବ୍ଦ ହିଁ ହେଉଛନ୍ତି ଏ କବିତାର ସୂଚନାମୂଳକ ଉପାଦାନ। ଏହି ଶବ୍ଦଗୁଡ଼ିକର ଗୋଟିଏ ଗୋଟିଏ ବିଶିଷ୍ଟ ପ୍ରାସଙ୍ଗିକ ପରିମଣ୍ଡଳ ରହିଅଛି।

ଏହି ପ୍ରାସଙ୍ଗିକ ପରିମଣ୍ଡଳରେ ଗୋଟିଏ ଗୋଟିଏ ସଭ୍ୟତାର କଥା କୁହାଯାଇଛି। ଏହି ସଭ୍ୟତା ଦେଇ ମଣିଷ ସମାଜ ଗତି କରି କରି ବର୍ତ୍ତମାନ ସମୟରେ ଆସି ପହଞ୍ଚିଛି। ଏହା ଏକ ବିବର୍ତ୍ତନଶୀଳ କ୍ରମବିକଶିତ ପ୍ରକ୍ରିୟା। ଏହି ପ୍ରକ୍ରିୟାରେ ବିଶ୍ୱମଣିଷ ସମାଜ କ୍ରମଶଃ ଶସ୍ୟ ସଭ୍ୟତା, ତୁଳା ସଭ୍ୟତା, ସୁବର୍ଣ୍ଣ ସଭ୍ୟତା ମଧ୍ୟ ଦେଇ ଗତି

କରି କରି ବର୍ତ୍ତମାନ ଏକ ସଂକଟାପନ୍ନ ସମୟ ଖଣ୍ଡରେ ପାଦ ଥାପିଛି। ଯେଉଁଠି ସବୁକିଛି ପ୍ରଦୂଷିତ। ଯେମିତିକି ପାଣି ପ୍ରଦୂଷିତ; ପବନ ପ୍ରଦୂଷିତ। ଅର୍ଥାତ୍ ବର୍ତ୍ତମାନ ସମୟରେ ବିଶୁଦ୍ଧ ପାଣି ଆଉ ମିଳୁନାହିଁ। ନିଃଶ୍ୱାସରେ ମଣିଷ ମୁକ୍ତ ଅମ୍ଳଜାନ ପୂର୍ଣ୍ଣବାୟୁ ସେବନ କରିପାରୁ ନାହିଁ। ଫଳରେ ସେ ବିଭିନ୍ନ ବ୍ୟାଧିର ଶିକାର ହେଉଛି। ଯୋଉ ବ୍ୟାଧିର ନିରାକରଣ ପାଇଁ କଙ୍କଡ଼ାର ନୀଳରକ୍ତ ଲୋଡ଼ା ହେଉଛି। ଏକଥା ସବିଶେଷ ଭାବରେ ଶସ୍ୟ ସଭ୍ୟତାରୁ ସୁବର୍ଣ୍ଣ ସଭ୍ୟତା ପର୍ଯ୍ୟନ୍ତ ପ୍ରାସଙ୍ଗିକତାଯୁକ୍ତ ବିଶ୍ଳେଷଣ କରାଯିବା ପରେ କୁହାଯିବ।

ଆଗରୁ କୁହାଯାଇଛି ଯେ ମାଇକ୍ରୋଷ୍ଟଡ଼ିରେ ଯେଉଁ ଶବ୍ଦଗୁଡ଼ିକ କେନ୍ଦ୍ରୀୟ ଉପାଦାନ ଭାବରେ ବ୍ୟବହୃତ ହୋଇଥାନ୍ତି ସେଗୁଡ଼ିକର ଗୋଟିଏ ଗୋଟିଏ ବ୍ୟାପକ ଉଦ୍ଦେଶ୍ୟମୂଳକ ପରିମଣ୍ଡଳ ଥାଏ। ଯେଉଁ ପରିମଣ୍ଡଳର ସୂଚନା ବ୍ରହ୍ମାନନ୍ଦଙ୍କ କବିତାରେ ସଂଯୁକ୍ତ ହୋଇଛି। ସେଗୁଡ଼ିକୁ ଯଥାସାଧ ବିଶ୍ଳେଷଣ କରାଯାଉ।

ବିବର୍ତ୍ତନବାଦ ଅନୁସାରେ ମଣିଷ ପ୍ରଥମେ ଅପୂର୍ଣ୍ଣାଙ୍ଗ ମଣିଷ ଥିଲା। ସେମାନଙ୍କୁ ବାନର ମଣିଷ ବୋଲି କୁହାଯାଉଥିଲା। ତା'ପରେ ଲକ୍ଷ ଲକ୍ଷ ବର୍ଷ ବିତିଯାଇଥିଲା। ସେହି ବିତିଯାଇଥିବା କାଳଖଣ୍ଡ ପରେ ଆନୁମାନିକ ପଚାଶ ହଜାର ବର୍ଷ ପୂର୍ବେ ନିଏଣ୍ଡେରଥାଲ ମନୁଷ୍ୟର ଆବିର୍ଭାବ ହେଲା। ଏମାନଙ୍କର ମସ୍ତିଷ୍କ ତଥା ବୁଦ୍ଧି କିଛି ମାତ୍ରାରେ ବାନର ମନୁଷ୍ୟମାନଙ୍କ ଠାରୁ ଉନ୍ନତ ଥିଲା। ଏମାନେ କ୍ରମେ ପ୍ରାକୃତିକ ଉତ୍ସମାନଙ୍କ ଠାରୁ ନିଜ ଖାଦ୍ୟ ଆହରଣ କରିପାରିଥିଲେ। ଏହିମାନଙ୍କୁ ନୃତତ୍ତ୍ୱବିଦ୍‌ମାନେ ପ୍ରକୃତ ମନୁଷ୍ୟ ବୋଲି କହନ୍ତି। ଏମାନେ ଘନଜଙ୍ଗଲ ମଧ୍ୟରେ ହିଂସ୍ରଜନ୍ତୁମାନଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଛୋଟ ଛୋଟ ଦଳ ହୋଇ ଏ ସ୍ଥାନରୁ ସେ ସ୍ଥାନକୁ ଯାଉଥିଲେ ଏବଂ ଏମାନେ ନିଆଁର ବ୍ୟବହାର ମଧ୍ୟ ଜାଣିଥିଲେ।

ତା'ପରେ ପ୍ରାୟ ପଚିଶ ହଜାର ବର୍ଷ ପୂର୍ବର ଦକ୍ଷିଣ ଏସିଆ ବା ଉତ୍ତର ଆଫ୍ରିକା ବା ଭୂମଧ୍ୟ ସାଗରୀୟ ଅଞ୍ଚଳରେ ଗୋଟିଏ ନୂତନ ଜାତିର ମଣିଷମାନଙ୍କର ଆବିର୍ଭାବ ହେଲା। ଏମାନେ ଶାରୀରିକ ଶକ୍ତି ଏବଂ ମାନସିକ ବୁଦ୍ଧିରେ ନିଏଣ୍ଡେରଥାଲ ମଣିଷମାନଙ୍କଠାରୁ ଉନ୍ନତ ଥିଲେ। ଏହା ମଧ୍ୟରେ ପ୍ରାଚୀନ ପ୍ରସ୍ତର ଯୁଗ ଏବଂ ନୂତନ ପ୍ରସ୍ତର ଯୁଗ ଦେଇ ମଣିଷ ସଭ୍ୟତାର ଅୟମାରମ୍ଭ ହୋଇଥିଲା।

ନୂତନ ପ୍ରସ୍ତର ଯୁଗର ମଣିଷମାନଙ୍କର ବିଶିଷ୍ଟ ଉଦ୍ଭାବନ ଥିଲା କୃଷି କାର୍ଯ୍ୟର ଉଦ୍ଭାବନ। ଏହା ଥିଲା ମଣିଷ ସଭ୍ୟତା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ। ଏଇଠି ମଣିଷ କୃଷିକାର୍ଯ୍ୟର ଉଦ୍ଭାବନ କଲା ଏବଂ ପୃଥିବୀକୁ ଶସ୍ୟ ସଭ୍ୟତାର ପ୍ରଥମ ନିଦର୍ଶନ ମିଳିଲା। ମଣିଷ ଯେଉଁ ସ୍ଥାନରେ ଶସ୍ୟ ଉତ୍ପାଦନ ପାଇଁ ଚାଷବାସ କଲା, ସେହି ସ୍ଥାନକୁ ଆଉ ପରିତ୍ୟାଗ କରି ଅନ୍ୟ ସ୍ଥାନକୁ ଯିବାପାଇଁ ଚାହିଁଲା ନାହିଁ। ଆସ୍ତେ ଆସ୍ତେ ମଣିଷ ସେଥିପାଇଁ ଗୃହ ନିର୍ମାଣ କରି ସ୍ଥାୟୀ ବସତି ସ୍ଥାପନ କଲା।

କୁହାଯାଏ ଯେ ମଣିଷ ପ୍ରଥମେ ଗଛର ପତ୍ର ଏବଂ ଛାଲିକୁ ନିଜ ଦେହରେ ଘୋଡ଼େଇ ହେଇ ଶୀତ, ଖରା କିମ୍ବା କୀଟପତଙ୍ଗ ପ୍ରଭୃତିଙ୍କ ଦାଉରୁ ନିଜକୁ ରକ୍ଷା କରୁଥିଲା। ଖ୍ରୀଷ୍ଟପୂର୍ବ ଛ'ହଜାର ବେଳକୁ ମଣିଷ ପ୍ରଥମେ ତୁଳାଚାଷ କରିବା ଆରମ୍ଭ କରିଥିଲା। ତା'ପରେ ସେଥିରୁ ସୂତା ବାହାର କରି ସେ ନିଶ୍ଚୟ ଅନୁନ୍ନତ ବସ୍ତ୍ର ଘୋଡ଼େଇ ହେଇ ନିଜକୁ ଶୀତ, ଖରା ତଥା କୀଟପତଙ୍ଗ ଦାଉରୁ ରକ୍ଷା କରିବା ପାଇଁ ଚେଷ୍ଟା କରିଥିବ।

ଯେଉଁଦିନ ମଣିଷ ପ୍ରଥମେ ଶସ୍ୟ ସଭ୍ୟତାରେ ପାଦ ଦେଇଥିବ ସେହିଦିନ ମଣିଷ ଭାବିଥିବ ତା ଜୀବନ ସାର୍ଥକ ହୋଇଗଲା। ତା'ପରେ ସେ ପ୍ରଚେଷ୍ଟା ଜାରି ରଖିଥିବ। ତା'ପରେ ସେ ତୁଳା ସଭ୍ୟତାରେ ପଦାର୍ପଣ କରିଥିବ। ସେ ଦିନ ବି ମଣିଷ ଭାବିଥିବ- "ମୁଁ ପୃଥିବୀର ସର୍ବଶ୍ରେଷ୍ଠ ସମ୍ପତ୍ତିର ଅଧିକାରୀ ହେଇଗଲି।" ସେ ଦିନ ମଣିଷ ଅନ୍ୟ ମଣିଷମାନଙ୍କର ଚାହିଦାକୁ ମେଣ୍ଟେଇବାକୁ ଯାଇ ଆହୁରି ଗଛର ପତ୍ରକୁ ଲୋଡ଼ିଥିବ; ଆହୁରି ଶସ୍ୟ ଉତ୍ପାଦନ କରିଥିବ ଏବଂ ଆହୁରି ତୁଳା ଉତ୍ପାଦନ କରିଥିବ। ସେଥିପାଇଁ ବ୍ରହ୍ମାନନ୍ଦ ଦାସ କହିଛନ୍ତି- "ଆମର ପ୍ରଥମ ଚାହିଦା ଥିଲା କିଛି ଶସ୍ୟ, କିଛି ତୁଳା, କିଛି ଗଛର ପତ୍ର।"

ପ୍ରକୃତରେ ପ୍ରାରମ୍ଭିକ ପର୍ଯ୍ୟାୟର ଏହି ଶସ୍ୟ, ତୁଳା ଏବଂ ଗଛର ପତ୍ର ମଣିଷର ମୌଳିକ ଆବଶ୍ୟକତା ଥିଲା। ମଣିଷ ଭାବିଥିଲା ଏହି ଚାହିଦା ପୂରଣ ହୋଇଗଲେ ତା'ର ସମସ୍ତ ଆବଶ୍ୟକତା ମେଣ୍ଟିଯିବ। କିନ୍ତୁ ମଣିଷର ଚାହିଦା ତ ସୀମାହୀନ। ଏହା ମେଣ୍ଟନ୍ତା କେମିତି? ସେଥିପାଇଁ ମଣିଷ ଶସ୍ୟ-ତୁଳା-ପତ୍ର ସଭ୍ୟତାକୁ ଅତିକ୍ରମ କରି ଲୌହ ସଭ୍ୟତା, ଖଣିଜ ତୈଳ ସଭ୍ୟତା, ମଦ୍ୟ ସଭ୍ୟତା, ବାରୁଦ ସଭ୍ୟତା ଏବଂ ଶେଷରେ ଅମାପ ସୁବର୍ଣ୍ଣ ସଭ୍ୟତା ଆଡ଼କୁ ଗତିଶୀଳ ହେଇ ହେଇ ସମଗ୍ର ବିଶ୍ୱକୁ ବିପର୍ଯ୍ୟସ୍ତ କରିଦେଇଛି।

କବି ବ୍ରହ୍ମାନନ୍ଦ ଦାସ ପ୍ରଥମ ଚାହିଦା ଭାବରେ ଯେଉଁ ତିନୋଟି ସଭ୍ୟତାର ସୂଚନା ଦେଇଛନ୍ତି ସେହି ସଭ୍ୟତାକୁ ଉପଯୋଗ କରିବା ପାଇଁ ମଣିଷ ପ୍ରାଚୀନ ପ୍ରସ୍ତର ଯୁଗ ଏବଂ ନୂତନ ପ୍ରସ୍ତର ଯୁଗରେ ପରିବେଶ ବିଧ୍ୱଂସୀ କାର୍ଯ୍ୟ କରିନାହିଁ। କିନ୍ତୁ ଯେତେବେଳେ ଲୌହ ଯୁଗ ଆସିଛି ସେତେବେଳେ ପୃଥିବୀରେ ବିଭିନ୍ନ ପ୍ରକାରର ପ୍ରକୃତି ବିରୋଧୀ ଘଟଣା ଘଟିଛି। ୟୁରୋପ, ଏସିଆ ଏବଂ ଆଫ୍ରିକାରେ ଏହି ଲୌହ ଯୁଗୀୟ ସଭ୍ୟତା ଖ୍ରୀ:ପୂ ୧୨୦୦ ରୁ ୬୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ନିଜର କାୟା ବିସ୍ତାର କରିଛି। ଫଳରେ ବିଭିନ୍ନ ପ୍ରକାରର ଯନ୍ତ୍ରପାତି ଏବଂ ଅସ୍ତ୍ରଶସ୍ତ୍ର ଏହି ଲୌହ ଯୁଗରେ ତିଆରି ହେଇଛି। ଏହି ଯୁଗରେ ଲୁହା ପ୍ରଭୃତିରୁ ଉତ୍ପନ୍ନ ମାରଣାସ୍ତ୍ର ସମଗ୍ର ମାନବ ସଭ୍ୟତାର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହି ଧାତୁ ଯୁଗର ଆରମ୍ଭ ହେବା ଦିନଠାରୁ ମନୁଷ୍ୟ ସଭ୍ୟତା ଦ୍ରୁତଗତିରେ ବଢ଼ିଚାଲିଛି। କ୍ରମଶଃ ବ୍ରୋଞ୍ଜ, ଷ୍ଟିଲ ଇତ୍ୟାଦି ଧାତୁର ଆବିଷ୍କାର ସହିତ ଲୁହାର ପ୍ରାପ୍ତିସ୍ଥାନ ଲୁହାଖଣି ମଧ୍ୟ ମଣିଷମାନଙ୍କ ଦ୍ୱାରା ଆବିଷ୍କୃତ ହୋଇଛି। ତା'ପରେ ବିଭିନ୍ନ ପ୍ରକାରର କଳକାରଖାନା ନିର୍ମାଣ କରିଛି ପୃଥିବୀର ମଣିଷ।

ଲୌହ-ଯୁଗର ଦାନବୀୟ ଅଭିଯାନ ସହିତ ମଣିଷ ଖଣିଜତୈଳ ସଭ୍ୟତାରେ ଉପସ୍ଥିତ ହୋଇଛି। ପେଟ୍ରୋଲିୟମ ସଭ୍ୟତାର ଗୋଟିଏ ଇତିହାସ ରହିଛି। ୧୮୫୯ ମସିହାରେ ଟିଟୁସଭିଲ, ପେନସିଲଭାନିଆ ଅଞ୍ଚଳରେ କଲୋନେଲ ଏଡ଼ୱିନ୍ ଡ୍ରେକ୍ (Colonel Edwin Drake) ପ୍ରଥମେ ତୈଳ କୂପ ଖନନ କରିବାରେ ସମର୍ଥ ହୋଇପାରିଥିଲେ। ଡ୍ରେକ୍ ପ୍ରକୃତରେ କିରୋସିନିର ଉତ୍ସ ଅନ୍ୱେଷଣ କରୁ କରୁ ପେଟ୍ରୋଲିୟମ ଖଣିର ସନ୍ଧାନ ପାଇଥିଲେ। ପେଟ୍ରୋଲିୟମର ଆବିଷ୍କାର ସହିତ ପୃଥିବୀରେ ଏକ ନୂତନ ସଭ୍ୟତାର ଆବିର୍ଭାବ

ଘଟିଲା। ଏହାଦ୍ୱାରା ବିଭିନ୍ନ ପ୍ରକାରର ଯାନବାହାନ ଚଳପ୍ରଚଳ କରିପାରିଲା। ଫଳରେ ପୃଥିବୀରେ ବୈପଣିକ ସଭ୍ୟତାର ଦ୍ରୁତ ବିକାଶ ସାଧିତ ହେଲା। ଲୌହ ସଭ୍ୟତାର ଆବିର୍ଭାବ ଦ୍ୱାରା ମଣିଷ ଭିତରେ ଯେତିକି ଲୋଭାତୁରତା ସୃଷ୍ଟି ହୋଇଥିଲା, ତା'ର ବହୁଗୁଣ ଲୋଭାତୁରତା ସୃଷ୍ଟି ହେଲା ପେଟ୍ରୋଲିୟମରୁ ପ୍ରସ୍ତୁତ ପେଟ୍ରୋଲର ସହଜ ପ୍ରାପ୍ତି ଦ୍ୱାରା। ଯେଉଁ ଦେଶଠାରେ ଯେତେ ପେଟ୍ରୋଲ ଅଧିକ ଲବ୍ଧ ହେଲା ସେ ଦେଶ ସେତିକି ପ୍ରତିପତ୍ତିଶାଳୀ ହୋଇଉଠିଲା। ଏହି ପେଟ୍ରୋଲ ମାଧ୍ୟମରେ ହୁ ହୁ ପ୍ରଦୂଷଣ ବୃଦ୍ଧି ପାଇଲା। ଏହାଦ୍ୱାରା ଦେଶ ଦେଶ ମଧ୍ୟରେ ସାମ୍ରାଜ୍ୟଖୋର ସାମ୍ରାଜ୍ୟବାଦୀ ମାନସିକତା ମଧ୍ୟ ସୃଷ୍ଟି ହେଲା। ପ୍ରାକୃତିକ ଭାରସାମ୍ୟ ନଷ୍ଟ ହେବାରେ ଏହି ପେଟ୍ରୋଲିୟମ ମୁଖ୍ୟତଃ ଦାୟୀ। ବର୍ତ୍ତମାନ ବିଭିନ୍ନ ଅନ୍ତର୍ଜାତୀୟ ପ୍ରଦୂଷଣ ସଂକଟ ଏହି ପେଟ୍ରୋଲିୟମ ଯୋଗୁଁ ହିଁ ଦେଖାଦେଇଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ଆସ୍ତରଣ ବୃଦ୍ଧିପାଇଛି ପ୍ରଧାନତଃ ଏହି ପେଟ୍ରୋଲିୟମ ଜାଳେଣି ପାଇଁ। ସେଥିପାଇଁ ବିଶ୍ୱତାପନ ବୃଦ୍ଧି ପାଉଛି। ମୁମ୍ବାଇ, ଦିଲ୍ଲୀ ଆଦି ନଗରୀଗୁଡ଼ିକରେ ଏହା କୁହୁଡ଼ି ସୃଷ୍ଟି (Smog) ହେଉଛି।

ସେଥିପାଇଁ କବି ବ୍ରହ୍ମାନନ୍ଦ ଦାସ ପେଟ୍ରୋଲ ଚାହିଦାକୁ ଏକ ସମ୍ବେଦନଶୀଳ ସମସ୍ୟା ଭାବରେ ତର୍ଜମା କରିଛନ୍ତି। ଲୁହା ଏବଂ ପେଟ୍ରୋଲ ତଥା ଏହି ଦୁଇ ଖଣିଜଦ୍ରବ୍ୟରୁ ଜାତ ହେଉଥିବା ବିଭିନ୍ନ ପଦାର୍ଥ ସହିତ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଜଡ଼ିତ ହୋଇ ପୃଥିବୀର ଅଧିକାଂଶ ମଣିଷ ବର୍ତ୍ତମାନ ସ୍ୱଚ୍ଛଳ ତଥା ବିଳାସ ଜୀବନ ଅତିବାହିତ କରୁଛନ୍ତି। ମଣିଷର ମୌଳିକ ଆବଶ୍ୟକତା ଏବେ ପ୍ରାୟତଃ ପୂରଣ ହୋଇସାରିଛି। ତେଣୁ ଅଜସ୍ର ପ୍ରତିପତ୍ତିର ଅଧିକାରୀ ମଣିଷ ବର୍ତ୍ତମାନ ନିଜ ଜୀବନରେ ସାମୟିକ ସ୍ଫୂର୍ତ୍ତି ଆଣିବା ପାଇଁ ମଦ୍ୟପାନ କରୁଛି। ବର୍ତ୍ତମାନ ସମଗ୍ର ପୃଥିବୀ ମଦ୍ୟପାନକୁ ଏକ ଫେସନ ଭାବରେ ଗ୍ରହଣ କରିସାରିଲାଣି। ଏହି ଧରଣର ଜୀବନ ପ୍ରଣାଳୀ ପୂର୍ବ ପରି ଆଉ ନିନ୍ଦନୀୟ ହୋଇ ରହିନାହିଁ। ପୁରାଣ ଯୁଗରେ ଦେବତା ପ୍ରମୁଖ ମଦ୍ୟପାନ କରୁଥିଲେ ଏବଂ ବର୍ତ୍ତମାନ ଯୁଗରେ ଅଧିକାଂଶ ମଣିଷ ମଦ୍ୟପାନରେ ଅଭ୍ୟସ୍ତ। ରାଜସ୍ୱ ଆୟ କ୍ଷେତ୍ରରେ ଏହି ମଦ୍ୟ ବ୍ୟବସାୟରୁ ଅଧିକ ଅର୍ଥ ମିଳୁଥିବାରୁ ସରକାର ମଧ୍ୟ ମଦ୍ୟ ବ୍ୟବସାୟକୁ ପ୍ରୋତ୍ସାହିତ କରୁଛନ୍ତି।

ପରବର୍ତ୍ତୀ ଚାହିଦାର ନାମ ହେଉଛି ବାରୁଦ ବା (Gun Powder)। ଏଇଠି ମଣିଷ କେତେ ଅସୁରକ୍ଷିତ ତାହା ବିଚାର କଲେ ଦୁଃଖ ପ୍ରକାଶ କରିବାକୁ ହୁଏ। ଏହି ବାରୁଦ ହିଁ ହେଉଛି ବର୍ତ୍ତମାନ ପୃଥିବୀରେ ଯୁଦ୍ଧବିପ୍ଳବର ମୂଳ କାରଣ। ପୂର୍ବେ ଯେଉଁ ଅଟୋମ୍ୟାନ୍ ସାମ୍ରାଜ୍ୟ, ସାମ୍ୟବାଦୀ ସାମ୍ରାଜ୍ୟ ଏବଂ ମୋଗଲ ସାମ୍ରାଜ୍ୟ ଯୁଦ୍ଧ କ୍ଷେତ୍ରରେ ଗୋଟିଏ ଗୋଟିଏ ବଳିଷ୍ଠ ଶକ୍ତି ଭାବରେ ନିଜକୁ ପରିଚିତ କରାଇପାରିଥିଲେ, ତାହାର ମୂଳରେ ଏହି ବାରୁଦ ସଂସ୍କୃତି ହିଁ ମୁଖ୍ୟ ଅବଲମ୍ବନ ଭାବରେ ସହଯୋଗ କରିଥିଲା। ପ୍ରକୃତରେ ବାରୁଦ ପ୍ରଥମେ ଚିକିତ୍ସା କ୍ଷେତ୍ରରେ ଉପଯୋଗ କରିବା ପାଇଁ ବ୍ୟବହୃତ ହେଉଥିଲା। କିନ୍ତୁ ଏହା ଆନୁମାନିକ ହଜାରେ ଖ୍ରୀଷ୍ଟାବ୍ଦରେ ପ୍ରଥମେ ଯୁଦ୍ଧକ୍ଷେତ୍ରରେ ପ୍ରୟୋଗ କରାଯାଇଥିଲା। ଏହି ବାରୁଦ ଦ୍ୱାରା ମଧ୍ୟ ପ୍ରାକୃତିକ ବ୍ୟବସ୍ଥାରେ ବିପର୍ଯ୍ୟୟ ସୃଷ୍ଟି ହେଇଥାଏ। କବି ବ୍ରହ୍ମାନନ୍ଦ ଦାସ ଆମର ଦ୍ୱିତୀୟ ଚାହିଦା ଭାବରେ ଯେଉଁ ଲୁହା, ପେଟ୍ରୋଲ, ମଦ୍ୟ, ବାରୁଦ ଏବଂ ଶେଷରେ ଅମାପ ସୁବର୍ଣ୍ଣର କଥା କହିଛନ୍ତି- ଏହି ଅମାପ ସୁବର୍ଣ୍ଣ ହିଁ ସାଂପ୍ରତିକ କାଳରେ ଜଣେ ଅନ୍ୟଜଣକୁ ଗିଳି ପକେଇବାର ସମସ୍ତ ମସୁଧା ଉପୁଜ୍ନ କରିଛି। ଫଳରେ ମଣିଷ ପୂର୍ବ ଅପେକ୍ଷା ଅଧିକ ବସ୍ତୁବାଦୀ ହୋଇ ବୁଦ୍ଧି ବିବେକ ହରେଇ ବସିଛି। କିନ୍ତୁ ମଣିଷ ବର୍ତ୍ତମାନ ଯେତେ ଅଧିକରୁ ଅଧିକ ପ୍ରାଚୁର୍ଯ୍ୟର ଅଧିକାରୀ ହେଉଛି- ସେଇ ପ୍ରାଚୁର୍ଯ୍ୟ ପ୍ରତି ତା'ର ଆହୁରି ଚାହିଦା ବଢ଼ିଯାଉଛି। ତେଣୁ ମଣିଷ ସମସ୍ତ ମାନବିକ ଗତି ବୃତ୍ତିକୁ ହରାଇ ଦିନକୁ ଦିନ ଅମଣିଷ ହୋଇଯାଉଛି। ତା ନିକଟରେ ବିଭିନ୍ନ ପ୍ରକାରର ନିମ୍ନ ଚେତନାଗତ ପ୍ରାଣିକ, ମାନସିକ ତଥା ଶାରୀରିକ ଲାଳସା ବୃଦ୍ଧି ପାଉଛି।

ଏହି ଦ୍ୱିତୀୟ ପର୍ଯ୍ୟାୟର ଚାହିଦା ପାଇ ବର୍ତ୍ତମାନ ଜୈବ ଦୁର୍ଭାଗ୍ୟ ବା ବିପତ୍ତି ଦେଖାଦେଇଛି। ଏସବୁ ହେଉଛି ସେହି ଲୁହା ସଭ୍ୟତା, ପେଟ୍ରୋଲ ସଭ୍ୟତା, ମଦ୍ୟ ସଭ୍ୟତା, ବାରୁଦ ସଭ୍ୟତା ତଥା ସୁବର୍ଣ୍ଣ ସଭ୍ୟତାର ଆତ୍ୟନ୍ତିକ ବୃଦ୍ଧି ଯୋଗୁଁ। ତେଣୁ ଆମେ ଯେଉଁ ପୃଥିବୀ ନାମକ ଗୋଟିଏ ଗ୍ରହରେ ବସବାସ କରୁଛୁ, ତାହା ବର୍ତ୍ତମାନ ଅତ୍ୟନ୍ତ ସଂକଟାପନ୍ନ। ଏଥିପାଇଁ ଜୈବ ସାମାଜିକ ସଚେତନତା ଲୋଡ଼ା। ବର୍ତ୍ତମାନ ସବୁଠି ଯୁଦ୍ଧ। ଏହି ଯୁଦ୍ଧର ଅନ୍ୟ ନାମ ମଧ୍ୟ ଦୌଡ଼ ହୋଇପାରେ। ଏଠି ଯୁଦ୍ଧ ନାଁରେ ଯୁଦ୍ଧ, ବିକାଶ ନାଆଁରେ ଯୁଦ୍ଧ, ପରିବାର ନାଁରେ ଯୁଦ୍ଧ, ଶିକ୍ଷା ନାଁରେ ଯୁଦ୍ଧ, ସ୍ୱାସ୍ଥ୍ୟ ନାଁରେ ଯୁଦ୍ଧ, ରୋଗ ନାଁରେ ଯୁଦ୍ଧ। ଜାତୀୟତା ନାଁରେ ଯୁଦ୍ଧ-ଯୁଦ୍ଧ-ଯୁଦ୍ଧ- ସବୁଠି ଯୁଦ୍ଧ। ପ୍ରତ୍ୟେକ ମଣିଷ ପରୋକ୍ଷ ହେଉ ବା ପ୍ରତ୍ୟକ୍ଷ ହେଉ ଏହି ଯୁଦ୍ଧ ସହିତ ସଂପୃକ୍ତ। ତେଣୁ ସମଗ୍ର ବିଶ୍ୱ ବର୍ତ୍ତମାନ ସାଂସ୍କୃତିକ ସଂକଟ, ସଭ୍ୟତାଗତ ସଂକଟ, ସାମାଜିକ ସଂକଟ, ପାରିବେଶିକ ସଂକଟ ପ୍ରଭୃତି ଶହଶହ ସଂକଟ ଦେଇ ଗତିକରୁଛି। କେତେବେଳେ ମହାପ୍ରଳୟ ଉପସ୍ଥିତ ହେବ କେହି କହିପାରିବେ ନାହିଁ। ସେଥିପାଇଁ ବ୍ରହ୍ମାନନ୍ଦ ଦାସ କହୁଛନ୍ତି- "ଆମର ଆଗାମୀ ଚାହିଦା: କଙ୍କଡ଼ାର ନୀଳରକ୍ତ/ ନିର୍ମଳପାଣି କିଛି/ ନିଃଶ୍ୱାସ ପାଇ କିଛି/ ସତେଜ ପବନ।"

ବାସ୍ତବରେ ସଂପ୍ରତି ନିର୍ମଳ ପାଣି ଦୁର୍ଲଭ। ଯାହା ବି ମିଳୁଛି ତାହା ମଧ୍ୟ ଭେଜାଲ। ବାୟୁମଣ୍ଡଳ ପ୍ରଦୂଷିତ। ଜଳମଣ୍ଡଳ ପ୍ରଦୂଷିତ। କାର୍ବନ ମନୋକ୍ସାଇଡ୍, ହାଇଡ୍ରୋଜେନ ସଲ୍‌ଫାଇଡ୍, ସଲଫର ଅକ୍ସାଇଡ୍, ନାଇଟ୍ରୋଜେନ ଅକ୍ସାଇଡ୍, ଏମୋନିଆ, ହାଇଡ୍ରୋଜେନ କ୍ଲୋରାଇଡ୍, ହାଇଡ୍ରୋଜେନ ଫ୍ଲୋରାଇଡ୍, ଫୋଟୋକେମିକାଲ ସ୍ମଗ୍, ଓଜୋନ, ଧୂଆଁପତ୍ର ଧୂମ, ଧୂଳିକଣା, ବାସା ପ୍ରଦୂଷକ, କୃଷି ସଂପୃକ୍ତ ରାସାୟନିକ ଦ୍ରବ୍ୟ, ହାଇଡ୍ରୋ କାର୍ବନ୍, ଏଇରୋସଲ, ବିସ୍ଫୋରକ ଦ୍ରବ୍ୟ, କ୍ଲୋରୋଫ୍ଲୋରୋ କାର୍ବନ, ବାୟୁଯାନ ପ୍ରଭାବ, ତାପଜ ବିଦ୍ୟୁତ୍ କେନ୍ଦ୍ରର ପ୍ରଭାବ ଇତ୍ୟାଦି ଦ୍ୱାରା ବାୟୁମଣ୍ଡଳ ବର୍ତ୍ତମାନ ସଂପୂର୍ଣ୍ଣ ଭାବରେ ପ୍ରଦୂଷଣଯୁକ୍ତ, ତେଣୁ ଏଠି ସତେଜ ପବନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି।

ତା'ପରେ ଆସିବା ଜଳ ପ୍ରସଙ୍ଗ ନିକଟକୁ। ବର୍ତ୍ତମାନ କଳକାରଖାନାରୁ ନିର୍ଗତ ଦୂଷିତ ଜଳ, କୀଟନାଶକ ରାସାୟନିକ ଦ୍ରବ୍ୟ, ବିଭିନ୍ନ ପ୍ରକାର ଖାଦ, ଭୌତିକ ପ୍ରଦୂଷଣ,

ଇୟୁଟ୍ରିଫିକେସନ, ପେଟ୍ରୋଲିୟମ ପ୍ରଦୂଷକ, ପାରଦ ପ୍ରଦୂଷକ, ସୀସା ଓ ଫ୍ଲୋରାଇଡ଼ ପ୍ରଦୂଷକ, ରବର ଏବଂ ପ୍ଲାଷ୍ଟିକ୍ କାରଖାନା ପ୍ରଦୂଷକ ପ୍ରଭୃତି ଭୂପୃଷ୍ଠରେ ଥିବା ଜଳ ଏବଂ ଭୂଗର୍ଭରେ ଥିବା ଜଳ ସହିତ ମିଶି ପୃଥିବୀର ବିଭିନ୍ନ ଜଳମଣ୍ଡଳକୁ ପ୍ରଦୂଷିତ କରିଦେଇଛି। ଏପରିକି ସମୁଦ୍ର ଜଳ ମଧ୍ୟ ପ୍ରଦୂଷିତ ହେବା ଯୋଗୁଁ ସମୁଦ୍ରରେ ପ୍ରାକୃତିକ ଜୀବଜନ୍ତୁ ଅକାଳ ମୃତ୍ୟୁବରଣ କରୁଛନ୍ତି। ସେଥିପାଇଁ ଆମର ଆଗାମୀ ଚାହିଦା- 'ନିର୍ମଳ ପାଣି କିଛି' ବୋଲି କବି କହୁଛନ୍ତି।

ଯେଉଁଠି ନିର୍ମଳ ପାଣି ନାହିଁ, ସତେଜ ପବନ ନାହିଁ ସେଠି ଜୀବଜଗତ ତିଷ୍ଠି ରହିବା ଅସମ୍ଭବ। ମଣିଷକୁ ବା ପଚାରେ କିଏ! ତେଣୁ ମଣିଷ ସଚେତନ ହେବା ଏକାନ୍ତ ଆବଶ୍ୟକ।

କାରଣ ଏହି ପ୍ରଦୂଷଣ ହେଉଛି ମଣିଷକୃତ ପ୍ରଦୂଷଣ। ସେଥିପାଇଁ କବି ଆଗାମୀ ଦିନରେ କର୍କଟ ରୋଗ ଭଳି ଦୂରାରୋଗ୍ୟ ବ୍ୟାଧି ପାଇଁ 'କଙ୍କଡ଼ା ନୀଳରକ୍ତ' ଅନିବାର୍ଯ୍ୟ ବୋଲି କହୁଛନ୍ତି। କାରଣ ଚିକିତ୍ସାବିଜ୍ଞାନୀମାନଙ୍କ ମତ ଅନୁସାରେ ସମସ୍ତ ପ୍ରକାରର ଖୋଳପା ଯୁକ୍ତ ଜଳଚର ଯଥା- ଶାମୁକା, କଙ୍କଡ଼ା ପ୍ରଭୃତି ଜୀବଙ୍କ ଦେହରେ ସିଲେନିୟମ (Selenium) ବା ଉପଗନ୍ଧକ ନାମକ ଏକ ପ୍ରକାର ପଦାର୍ଥ ପ୍ରଚୁର ପରିମାଣରେ ଥାଏ। ଏହି ପଦାର୍ଥଟି ଆଣ୍ଟି ଅକ୍ସିଡେଣ୍ଟ (Anti-oxidant) ଭାବରେ କାର୍ଯ୍ୟ କରେ ଏବଂ ଏହା କାଡ଼ମିୟମ ମର୍କ୍ୟୁରୀ, ଆର୍ସେନିକ୍‌ର ପ୍ରଭାବ ସୃଷ୍ଟି କରୁଥିବା କାର୍ସିନୋଜେନିକ୍ ପ୍ରକ୍ରିୟାକୁ ଶରୀର ମଧ୍ୟରୁ ସ୍ଥିର କରିଦେଇଥାଏ। କାରଣ ଏହି ପ୍ରକ୍ରିୟା ଟ୍ୟୁମର ସୃଷ୍ଟି କରିବାର ମୁଖ୍ୟ କାରଣ ହୋଇଥାଏ। ରକ୍ତରେ ସିଲେନିୟମର ସ୍ତର ଅଧିକ ହେଲେ କର୍କଟ ରୋଗର ପ୍ରଭାବ ହ୍ରାସ ପାଏ। ବାସ୍ତବରେ ଘୋଡ଼ା ଗୋଡ଼ିଆ କଙ୍କଡ଼ା ଦେହରୁ ଯେଉଁ ନୀଳରକ୍ତ ମିଳେ ତାହାକୁ ଲାୟିସେଟ (Lysate) କୁହାଯାଏ। ଏହି ନୀଳରକ୍ତ ହିଁ କର୍କଟରୋଗ ଆରୋଗ୍ୟ କରିବାରେ ସହାୟକ ହୋଇଥାଏ। ଯାହା ହେଉଛି ବର୍ତ୍ତମାନ ମଣିଷର ମୁଖ୍ୟ ଚାହିଦା। କାରଣ ଏବେକାର ମଣିଷମାନଙ୍କ ମଧ୍ୟରୁ ଅଧିକାଂଶ ଏହି ରୋଗର ବାହକ ସାଜିଛନ୍ତି।

କବି ବ୍ରହ୍ମାନନ୍ଦ ଦାସଙ୍କ 'ଚାହିଦା' କବିତାଟି ଆକାର ଦୃଷ୍ଟିରୁ କ୍ଷୁଦ୍ର ହୋଇଥିଲେ ମଧ୍ୟ ଗୁଣଗତ ଦୃଷ୍ଟିରୁ ଅତ୍ୟନ୍ତ ପ୍ରଭାବଶାଳୀ। ଏହି କବିତାରେ ମାତ୍ର କେଇଗୋଟି ଶବ୍ଦ ମାଧ୍ୟମରେ ସେ ମଣିଷକୁ କୃଷି ସଭ୍ୟତା ମଧ୍ୟରୁ ଉଠାଇଆଣି ବର୍ତ୍ତମାନ ପ୍ରଦୂଷଣମୁକ୍ତ ସଭ୍ୟତା ମଧ୍ୟରେ ଠିଆ କରାଇ ଦେଇ ତା'ର ଅତୀତ ଏବଂ ବର୍ତ୍ତମାନ ମଧ୍ୟରେ ଏକ ସତର୍କତାଯୁକ୍ତ ସୀମାରେଖା ଅଙ୍କନ କରିବାକୁ ଚେଷ୍ଟା କରିଛନ୍ତି। ଯାହା ସହଜ ଜଣାପଡୁଥିଲେ ମଧ୍ୟ ସହଜ ନୁହେଁ। ଏହା ଏକ ଅନିବାର୍ଯ୍ୟ ଚେତାବନୀ ବର୍ତ୍ତମାନର ମଣିଷଙ୍କ ପାଇଁ- ଆଗାମୀ କାଳର ମଣିଷ ଜାତିର ଅସ୍ମିତାକୁ ତଥା ଅସ୍ତିତ୍ୱକୁ ଅତୁଟ ରଖିବା ପାଇଁ।

ସହାୟକ ଗ୍ରନ୍ଥସୂଚୀ :

୧. ଜଣେ ପଦାତିକର କବିତା- ବ୍ରହ୍ମାନନ୍ଦ ଦାସ- ବହିଘର, ବାଲେଶ୍ୱର

୨. ପୃଥିବୀ ଇତିହାସ- ମନ୍ମଥନାଥ ଦାସ- ବିଦ୍ୟାପୁରୀ- ୨୦୧୪

୩. ପରିବେଶ ବିଜ୍ଞାନ- ରଙ୍ଗନାଥ ମିଶ୍ର- କିତାବ ମହଲ- ୨୦୧୩

୪. The Ecocriticism Reader Landmarks in Literary ecology- Edited by Cheryll Glotfelty of Harold from- the University of herogia press- 1996

●

ALOCHANA
ସମାଲୋଚନା
ପ୍ର ସ ଙ୍ଗ ନୂ ଆ
ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ଅପ୍ରେଲ୍ ୨୦୨୪
Volume No. 02 | Issue No. 02 | Mar-Apr 2024
Refereed Peer-Reviewed Jornal
BAGEESHA
ବାଗୀଶ
OPEN ACCESS
https://bageesha.in

# ଜୀବନାନୁଭୂତିର ପ୍ରଗାଢ଼ ଅଭିବ୍ୟକ୍ତି : ଗୁରୁପ୍ରସାଦ ମହାନ୍ତିଙ୍କ କବିତା

■ ଡ. ବିଜୟଲକ୍ଷ୍ମୀ ଦାଶ
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

“

ଗୁରୁପ୍ରସାଦଙ୍କ କବିତା ଜୀବନାନୁଭୂତିର ପ୍ରଗାଢ଼ତାକୁ ରୂପାୟିତ କରେ। ଯେଉଁଥିରେ ଯୌନ ଜୀବନ ବୃତ୍ତର କଥା ଅଛି। ନୀତି ସଚେତନତା ଓ ଆଦର୍ଶବାଦୀ ଦୃଷ୍ଟିଭଙ୍ଗୀ ଅଛି। ଜୀବନର ଗଭୀର ପ୍ରାଣ ପିପାସା ମଧ୍ୟ ଅଛି। ଏହାକୁ ପାଠକରି ପାଠକ ଆତ୍ମଲୀନ ହେବା ସହ ଜୀବନ ବିଷୟରେ ଧ୍ୟାନସ୍ଥ ହୋଇପାରିବ। ଗୁରୁପ୍ରସାଦଙ୍କ କବିତାରେ ସଂସ୍ଥାପିତ ଜୀବନ କଥା କୌତୁକପ୍ରଦ କାହାଣୀ ପରି ମନେ ନହୋଇ ନିଦା ଓ ଗମ୍ଭୀର ମନେହେବ। ଜଗତ ଓ ଜୀବନ ବିଷୟରେ ଲେଖିବାପାଇଁ କବି ଗୁରୁପ୍ରସାଦ ସତେଯେମିତି ନିଜକୁ ନିଜ ଭିତରୁ ଖୋଜିବାକୁ ଚେଷ୍ଟା କରିଛନ୍ତି। ନିଜକୁ ଏକ ବିମ୍ବ କରି ଦେଖିଛନ୍ତି। ହୋଇପାରେ ସେ ‘ଗୋବର ଗଣେଶ’ ଅବା ‘ହରେକୃଷ୍ଣ ଦାସ’।

”

୧. କୁହାଯାଏ କବିତା ସୌନ୍ଦର୍ଯ୍ୟର ବାହକ। ଏକ ବନ୍ଧନମୁକ୍ତ କଳା। ଯେଉଁଠି ଥାଏ ସମ୍ଭାବନାର ସ୍ୱପ୍ନ। କବିତା କେବେ ପୂର୍ଣ୍ଣ ନୁହେଁ; ପୂର୍ଣ୍ଣତା ପାଇଁ ବ୍ୟାକୁଳତା ମାତ୍ର। ଆତ୍ମାର ଅନନ୍ତ ଓ ସର୍ବୋତ୍ତମ ସାମର୍ଥ୍ୟରୁ ଏହାର ସୃଷ୍ଟି। କବିତା ଆବେଗୀୟ ସଂପର୍କର ସୂଚକ। ତେଣୁ କବିତା ଆତ୍ମାନୁଭୂତିର ଅଦ୍ୱିତୀୟ ସଂପଦ। ଏହାକୁ ଅନୁଭବ କରିବା ଅର୍ଥ ନିଜକୁ ଓ ବିଶ୍ୱକୁ ପାଇବା। ଏହା ଚିରନ୍ତନ ଆନନ୍ଦର ଉତ୍ସ। ଚିନ୍ତା, ଚେତନା, ଆବେଗ ପୁଣି ସ୍ୱପ୍ନ ଆଉ ବିସ୍ତାରିତ ଦିଗନ୍ତର ପ୍ରତୀକିତ ରୂପ। ଆତ୍ମ ପ୍ରକାଶର ଏହା ଶୁଭଶ୍ରୀ ମାଧ୍ୟମ। ଅମୃତ ପ୍ରଦାନକାରୀ। ଆଧୁନିକ ଜୀବନରେ ଏ ପ୍ରକାର କାବ୍ୟିକ ଉପଲବ୍ଧି ଓ ଉପସ୍ଥାପନାକୁ ବହନ କରେ କବି ଗୁରୁପ୍ରସାଦ ମହାନ୍ତି (୧୯୨୪-୨୦୦୪)ଙ୍କ କବିତା। ଗୁରୁପ୍ରସାଦଙ୍କ କାବ୍ୟ ସାଧନାର ସମୟ ଛଅ ଦଶନ୍ଧି। କିନ୍ତୁ କବିତା ସଂଖ୍ୟା ଶହେରୁ କମ୍। କବିଙ୍କର ସ୍ୱଳ୍ପ ସୃଷ୍ଟି ଭିତରେ ଥିବା ଅନୁଭବର ଅନନ୍ୟତା ପାଠକମାନଙ୍କୁ ବାନ୍ଧିରଖେ ସବୁଦିନ ପାଇଁ। ଗୁରୁପ୍ରସାଦଙ୍କ କବିତା ଗ୍ରନ୍ଥର ପ୍ରକାଶନ ଯାତ୍ରା ଏହିପରି। ନୂତନ କବିତା - ୧୯୫୫, ସମୁଦ୍ରସ୍ନାନ - ୧୯୭୦, ଆଶ୍ଚର୍ଯ୍ୟ ଅଭିସାର - ୧୯୮୮, କବିତା ସମଗ୍ର ଓ ଗୁରୁପ୍ରସାଦ କବିତା - ୨୦୦୫। ୧୯୮୮ରୁ ୨୦୦୪ ଭିତରେ ସର୍ବମୋଟ ୧୭ଟି କବିତା ଲେଖିଛନ୍ତି। ସେଥିମଧ୍ୟରୁ ୧୨ଟି କବିତା ‘କବିତା ସମଗ୍ର’ରେ ଓ ଶେଷ ପର୍ଯ୍ୟାୟରେ ଲେଖିଥିବା ୫ଟି କବିତା ‘ଗୁରୁପ୍ରସାଦ କବିତା’ରେ ସ୍ଥାନ ପାଇଛି।

୧.୧ ୧୯୫୫ ମସିହାରେ କବି ଗୁରୁପ୍ରସାଦ ‘ନୂତନ କବିତା’ ସଂକଳନରେ କବି ଭାନୁଜୀ ରାଓଙ୍କ ସହ ଆତ୍ମପ୍ରକାଶ କରି ପାଠକୀୟ ଦୃଷ୍ଟି ଆକର୍ଷଣ କରନ୍ତି। ‘ନୂତନ କବିତା’ ମାଧ୍ୟମରେ କିଛି ନୂଆ କଥା ସମକାଳୀନ କବିତାଧାରାରେ ପରିଲକ୍ଷିତ ହୁଏ। ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ ୟୁରୋପୀୟ କାବ୍ୟ ଚେତନାର ସ୍ୱପ୍ନହୀନ ଆଭିମୁଖ୍ୟଟି ଅତି ଉଜ୍ଜ୍ୱଳ ଭାବେ ଉପସ୍ଥାପିତ ହୋଇଛି। ଟି.ଏସ୍. ଇଲିୟଟ୍, ଡବ୍ଲୁ.ବି. ୟେଟ୍‌ସ୍‌ଙ୍କ କବିତାରେ ଯୁଦ୍ଧାହତ କାବ୍ୟମାନସର ପ୍ରତିକ୍ରିୟା, ମଣିଷର ବିଭକ୍ତ ସତ୍ତା, ଖଣ୍ଡିତ ଚେତନା, ପ୍ରେମର ମଳିନ ରୂପ ଭଳି କିଛି ମୌଳିକ ଆଙ୍ଗିକ ପରୀକ୍ଷା ରୂପକ ଆବିଷ୍କାର ମଧ୍ୟରେ ଗୁରୁପ୍ରସାଦଙ୍କ କବିତା ପୂର୍ଣ୍ଣତାର ପାହାନ୍ତି ସ୍ୱପ୍ନ ଦେଖିଛି।

ଆଦ୍ୟ ପର୍ଯ୍ୟାୟର କବିତାରେ ରୋମାଣ୍ଟିକ୍ କାବ୍ୟମାନସର ଗଭୀର ରୂପ ପିପାସୁ ସତ୍ତା ଅପେକ୍ଷା ବ୍ୟଞ୍ଜନାତ୍ମକ କଥିତଭଙ୍ଗୀ (Conversational Ironic)ର ମାତ୍ରା ଅଧିକ।[୧] ଏହି ନୂଆ ଧାରାଟି କବିତାର ପ୍ରଚଳିତ ଧାରାଠାରୁ ବିଚ୍ଛିନ୍ନ ହୋଇ ନିଜସ୍ୱ ସ୍ୱାକ୍ଷର ରଖିଦିଏ। ବହୁ ଭାବ ଓ ଅନୁଭାବ ବିବ୍ରତ କବି ଗୁରୁପ୍ରସାଦ ଧୀରେ ଧୀରେ ବ୍ୟକ୍ତିଗତ ନିଜସ୍ୱତା ବଳରେ ଋଦ୍ଧିମନ୍ତ ହୋଇ ରୂପାନ୍ତରିତ ହୋଇଛନ୍ତି। ଫଳରେ ତାଙ୍କ କବିତାର ଲେଣ୍ଡସ୍କେପ ସଦା ପରିବର୍ତ୍ତନଶୀଳ ମନେ ହୋଇଛି। ୧୯୭୦ ମସିହାରେ ଯେତେବେଳେ 'ସମୁଦ୍ରସ୍ନାନ' କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇବା, ଗୁରୁପ୍ରସାଦଙ୍କ କବିତା ଚର୍ଚ୍ଚାର ପରିସରକୁ ଆହୁରି ପରିବ୍ୟାପ୍ତ କରିଦିଏ। 'ସମୁଦ୍ରସ୍ନାନ' ତାଙ୍କ କାବ୍ୟ ସାଧନାର ଯୁଗାନ୍ତକାରୀ ଉଚ୍ଚାରଣ। ଏଠି ଜଗତ, ଜୀବନ, ସମୟ ଓ ସମକାଳକୁ ପରଖିବାର ଦୃଷ୍ଟିଭଙ୍ଗୀ ସ୍ୱତନ୍ତ୍ର। ଏହି ସ୍ୱାତନ୍ତ୍ର୍ୟ ହିଁ ଗୁରୁପ୍ରସାଦଙ୍କ ଅଲଗାପଣର ଅନ୍ୟ ନାମ। ଏହା ମାଧ୍ୟମରେ ଗୁରୁପ୍ରସାଦ ନିଜର ପରିଚିତ ପରିବେଶ ସହ ଆନ୍ତରିକ ସଂପର୍କ ସ୍ଥାପନ କରନ୍ତି। ଅନୁଭୂତି ପ୍ରତି ସଚେତନ ହୁଅନ୍ତି। ବର୍ତ୍ତମାନ ଭିତରେ ଅତୀତ ଓ ଭବିଷ୍ୟତକୁ ଏକାକାର କରିଦିଅନ୍ତି। ଗୁରୁପ୍ରସାଦଙ୍କ କବିତାର ବିଶେଷତ୍ୱ ସଂପର୍କରେ ସମୀକ୍ଷକ ଶତ୍ରୁଘ୍ନ ପାଣ୍ଡବ କହନ୍ତି; "ଗୁରୁପ୍ରସାଦଙ୍କ କବିତାରେ ମୁଖ୍ୟତଃ ଦେହବୋଧ ବଳୟିତ ପ୍ରେମାବେଗ ଓ ରୂପ ଚେତନା ପୁଣି ସୌନ୍ଦର୍ଯ୍ୟର ଅବକ୍ଷୟକୈନ୍ଦ୍ରିକ ଏକ ଆଣ୍ଟିରୋମାଣ୍ଟିକ ଚେତନା ପରିଦୃଷ୍ଟ ହୁଏ। ସର୍ବକାଳୀନ ସମୟର ସଂଜ୍ଞା, ସ୍ଥିତିର ଅନ୍ୱେଷଣ ସହିତ ସମକାଳକୁ ରୂପାୟନ କରିବାର ପ୍ରୟାସ ଓ ପାଶ୍ଚାତ୍ୟ ଜୀବନ ଶୈଳୀ ଉଦ୍‌ଭୂତ ଛିନ୍ନମୂଳ ମାନସିକତାକୁ ବିଶେଷ ପ୍ରାଧାନ୍ୟ ଆରୋପ ଗୁରୁପ୍ରସାଦଙ୍କ ଅନ୍ୟତମ ବିଶେଷତ୍ୱ।"[୨] ଏହି ଜ୍ୱଳନ ହୋଇପାରେ ଗୁରୁପ୍ରସାଦଙ୍କ ସୃଷ୍ଟିର ମୂଳ ଉତ୍ସ। କିନ୍ତୁ ତା'ରି ଭିତରେ ଜୀବନର ସୂକ୍ଷ୍ମ ପ୍ରଗଳ୍‌ଭ ଝରଣାକୁ କବି ଖୋଜି ବସିଛନ୍ତି। ଭାରତୀୟ ଐତିହ୍ୟ, ପରଂପରା, ଜୀବନବୋଧ ଉପରେ ଗୁରୁତ୍ୱ ଦେଇଛନ୍ତି। ତେଣୁ ଗୁରୁପ୍ରସାଦଙ୍କ କବିତାରେ ଏକ ଉତ୍ତରିତ ଅଚିହ୍ନା ସଂଭାବନାର ସ୍ୱର ସହିତ ପରଂପରା ରୂପକ ସଂପ୍ରୀତିବୋଧର ସୌନ୍ଦର୍ଯ୍ୟ ସମ୍ମୋହନର ସମ୍ମିଶ୍ରଣ ଦେଖିବାକୁ ମିଳିଥାଏ। 'ସମୁଦ୍ରସ୍ନାନ'ର ଆନ୍ତର୍ଜାତିକ ବିଷାଦବାଦୀ ମନୋଭୂମି 'ଆଶ୍ଚର୍ଯ୍ୟ ଅଭିସାର'ରେ ଅନେକ ସ୍ଥାନରେ ସ୍ୱଦେଶୀୟ ମନୋଭୂମିକୁ ଆଦରି ନେଇଛି। ଏ ପ୍ରସଙ୍ଗରେ ସମୀକ୍ଷକ ଶତ୍ରୁଘ୍ନ ପାଣ୍ଡବଙ୍କ ଉକ୍ତି ବେଶ୍ ଯୁକ୍ତିଯୁକ୍ତ ମନେହୁଏ।

"ପାଶ୍ଚାତ୍ୟ ମୋହରୁ ଗୁରୁପ୍ରସାଦଙ୍କ କାବ୍ୟନାୟକ ବହୁ ଭାବେ ମୁକୁଳିଯାଇଛି ଏବଂ ନିଜସ୍ୱ ମାଟି, ପାଣି, ପବନରେ ସ୍ୱାଦଗନ୍ଧ ଓ ଅଭିସାରର ମୂର୍ଚ୍ଛନା 'ଆଶ୍ଚର୍ଯ୍ୟ ଅଭିସାର'ରୁ ବାରିହୁଏ।"[୩] ସ୍ୱାଧୀନତା ପରବର୍ତ୍ତୀ ସମୟର ସ୍ୱପ୍ନଭଙ୍ଗର ଚିତ୍ର, ଆଞ୍ଚଳିକ ସ୍ଥାନ ଉପରେ ଗୁରୁତ୍ୱ, ଜଗନ୍ନାଥ ଚେତନା ଆଧାରିତ ଆଧ୍ୟାତ୍ମିକ ସ୍ୱର ସହିତ କବି ଗୁରୁପ୍ରସାଦ ଅନ୍ତରଙ୍ଗ ହୋଇଛନ୍ତି। କବି ଗୁରୁପ୍ରସାଦଙ୍କର ଅନ୍ୱେଷା ନିଜ ମୂଳ ସହ ସଂପର୍କ, ଆଶ୍ଚର୍ଯ୍ୟ ଅଭିସାରର କବିତାଗୁଡ଼ିକ ପ୍ରତି ଏକ ପରିବର୍ତ୍ତିତ ଦୃଷ୍ଟିଭଙ୍ଗୀ ସହ ଭିନ୍ନ ପ୍ରକାରର ସତେଜତା ଆଣି ଦେଇଛି।

୧.୨ 'ସମୁଦ୍ରସ୍ନାନ'ରେ କବିପ୍ରତିଭାର ଶ୍ରେଷ୍ଠତ୍ୱକୁ ଆମେ ଅନୁଭବ କରିପାରିବା। ସମୁଦ୍ରସ୍ନାନ ରୂପକ ବିକଳ୍ପ ପୃଥିବୀଟିଏ ଗଢ଼ି ସମ୍ଭାବନାର ସ୍ୱପ୍ନ ବୁଣି ଦେଇଛନ୍ତି। ଏହା ହେଉଛି ଗୁରୁପ୍ରସାଦଙ୍କ କାବ୍ୟିକ ଉତ୍ତରଣ ଓ ଅଭିବୃଦ୍ଧିର ଅବବୋଧ। ଏହାଦ୍ୱାରା ସାଧାରଣ 'ଚମ୍ପାଫୁଲ' ମଧ୍ୟ ଅସାଧାରଣ ପାଲଟିଯାଏ। ଜୀବନର ଚପଳ ଆବେଗ ସହ ସଂଶ୍ଲିଷ୍ଟ ଥିବା 'ସିଡୁଆ' ନଈ କବିଙ୍କ ଚେତନା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଯାଏ। ସମୟ କ୍ରମେ କବି ସିଡୁଆ ନଈ ପାଖରୁ ଦୂରେଇଯାଇଛନ୍ତି। କିନ୍ତୁ ସିଡୁଆକୁ ନେଇ ତାଙ୍କର ଆବେଗିକ ସ୍ଥିତି ଏକ ଭାବପ୍ରବଣତା ସୃଷ୍ଟି କରୁଛି। ସିଡୁଆ ନଈ ଓ କବି ଗୁରୁପ୍ରସାଦ ମଧ୍ୟରେ ଥିବା ବ୍ୟବଧାନର ପ୍ରତିଧ୍ୱନି କବିଙ୍କୁ ବାରମ୍ବାର ଅତୀତ ଭିତରେ ଛନ୍ଦି ପକାଉଛି। ସିଡୁଆ ନଈକୁ ନେଇ ବର୍ତ୍ତମାନର ଅନୁପସ୍ଥିତି ସିଡୁଆର ପ୍ରତିଧ୍ୱନି ନତୋଳି ଅନୁପସ୍ଥିତି ଜନିତ ଦୂରତାକୁ ଆହୁରି ଅନ୍ତରଙ୍ଗ, ଭାବମୟ କରି ଗଢ଼ି ତୋଳିଛି। କବି ଲେଖିଛନ୍ତି; "ଧାନ ସିଡ଼ି, ନଈ ସିନା ଏଠି ନାହିଁ, ଏଠି ଶୀର୍ଣ୍ଣ ସିଡୁଆ ନଈରେ / ରାତି ଭୋର ଅନ୍ଧାରରେ ତାରା ଭାସେ ବିବର୍ଣ୍ଣ ଶ୍ରୀହୀନ/ ଏଠି ବାଲି ଅପନ୍ତରା ଡେଇଁ ଘାସ ଗୁଗୁଚିଆ ଜଣ/ ରାତିରେ ପବନ ଆସେ ଖୋଜି ଖୋଜି ଝରକାରେ/ ଆଖିପତା ଡିବିରି ଆଲୁଅ।/ ଏଠି ମୁଗ କୋଳଥର କିଆରୀରେ ଜହ୍ନ ଆସେ ନିଛାଟିଆ/ ଅତଡ଼ା ଉପରେ/ ଏଠି ବି ଅନ୍ଧାର ଆସେ ଘୋଡ଼ି ହୋଇ କୁହୁଡ଼ିରେ/ ଏଠିବି ବାଦୁଡ଼ି ଡେଣା କାକର ଝଡ଼ାଇଯାଏ ତୋଟାରେ ନିଶୂନ୍/ ରାତି ଚୁପ୍‌ଚାପ୍ ହେଲେ/ ଏଠିବି ଏ ମାଟି କେତେ ଭଲପାଏ ମଣିଷକୁ ଅଗଣିତ କାମନାର କେତେ/ ଆଶା ନିରାଶା ଭିତରେ। XXX ମୋର କ୍ଷୁଦ୍ର ଚେତନାର ଦିଗନ୍ତ ସେପାଖେ ଏହି ପୃଥିବୀର ଋତୁ ଚକ୍ରଧରି/ ଧାନର ମହକ ଯେବେ ଫେରିବ ବା କୁହୁଡ଼ିରେ ଠିକ୍ ଆଜି ପରି।" (ସିଡୁଆ, ସମୁଦ୍ରସ୍ନାନ, ପୃ.୫୫)

ସମୟଚକ୍ରରେ ବେଦନା ଜର୍ଜରିତ ସ୍ମୃତି ନୂଆ ଅବବୋଧରେ ଉତ୍ତରିତ ହୁଏ। ସିଡୁଆ ଓ ତାର ପରିବେଶ କ୍ଷୟ ହୋଇଯାଇଥିବା କେତେ ଭଲପାଇବାର ହିସାବ ନିକାଶ କରନ୍ତି ନିଶବ୍ଦ ସମୟର ଚିରନ୍ତନ ପ୍ରବାହମାନତାରେ। ସିଡୁଆ ନଈର ସୁଅରେ ଝଡ଼ି ଭାସିଯାଏ କେତେ ଜୀର୍ଣ୍ଣ ପତ୍ର। କବି ଗୁରୁପ୍ରସାଦ ଯେତେବେଳେ ସିଡୁଆ ପାଖକୁ ଫେରନ୍ତି, ସିଡୁଆର ଅବର୍ତ୍ତମାନ ସିଡୁଆ ସହିତ ଜଡ଼ିତ ଅନେକ ବସ୍ତୁକୁ ଚେତନାରେ ରୂପାନ୍ତରିତ କରିଦିଏ। ତେଣୁ ଗୁରୁପ୍ରସାଦଙ୍କ କବିତା ବ୍ୟକ୍ତିଗତ ଭାବାବେଗର ପରିମଣ୍ଡଳ ଡେଇଁ ଗଭୀର ଚିନ୍ତାନୁଭବର ଦ୍ୟୋତକ ପାଲଟିଯାଏ। ଏହି ପାଲଟିବା ପଛରେ ମୁଖ୍ୟ ଭୂମିକା ଥାଏ ଭାଷା ଏବଂ ଶବ୍ଦର। ଭାଷା ଏବଂ ଶବ୍ଦକୁ ନେଇ ସୃଷ୍ଟି ହୋଇଥିବା ଅନୁଭବ କବିତାକୁ ନୂଆ ରୂପରେ ଉଦ୍‌ଭାସିତ କରେ ନାହିଁ ବରଂ ଶବ୍ଦ-କବିତା-ଅନୁଭବ ଏସବୁ ଏକାକାର ହୋଇ ଏକ ସଂଭାବନା ସୃଷ୍ଟି କରେ। ଶବ୍ଦଜନିତ ଏ ପ୍ରକାର ସଂଭାବନା ହେତୁ କବିତାକୁ ଏକ ନିର୍ଦ୍ଦିଷ୍ଟ ପରିସର ଭିତରେ ଆମେ ବାନ୍ଧିପାରିବା ନାହିଁ। ତେଣୁ କୁହାଯାଏ ସଫଳ

କବିତାର ନିର୍ଦ୍ଦିଷ୍ଟତା ପାଇବା କାଠିକର ପାଠ। ଶବ୍ଦଶକ୍ତିର ଆଧାରରେ ସଫଳ କବିତା ଦ୍ୱାରା କ୍ଷଣିକତ୍ୱ ଅମରତ୍ୱ ପ୍ରାପ୍ତ ହୁଏ। ଚମ୍ପାଫୁଲର ମହକରେ ସାଗରର ଢେଉ ମଧ୍ୟ ବାଟ ଭୁଲିଯାଏ। ରଜବତୀ କନ୍ୟା ପାଇଁ ଯୋଗୀ ମଦନରେ ମାତିଯାଏ। ରଜାପୁଅର ହାଡ଼ସବୁ ମୁକ୍ତାଫୁଲ ପାଲଟିଯାଏ। କବି ଲେଖିଛନ୍ତି; "ଚମ୍ପାଫୁଲ ମହକରେ ବାଟଭୁଲି ସମୁଦ୍ରର ଢେଉ/ ଆସିଥିଲା କୂଳ ଡେଇଁ ଶୁଖିଥିଲା ଭରାନଈ ଛାତି/ ପଥର ତରଳି ଥିଲା, ମଶାଣିର ଭୂତପ୍ରେତ ଛାଡ଼ି/ ରଜବତୀ କନ୍ୟା ଲାଗି ଯୋଗୀ ଥିଲା ମଦନରେ ମାତି।/ ଚମ୍ପାଫୁଲ ହାତେ ଧରି ମନାସିଲା ଯାଦୁକରୀ ଥରେ/ ପଥର ପାଲଟି ହେଲା ରଜାପୁଅ, ହାଡ଼ସବୁ ହେଲା ମୁକ୍ତାଫୁଲ/ ରଜାଝିଅ ବେଣୀ ଫୁଲ ଖସିଗଲା ସୁଏ ସୁଏ ଭାସି/ ଗୋଟିଏ ଫୁଲରେ ପୁଣି ହେଲା କୋଟି ମଣିଷର ମୂଳ।" (ଚମ୍ପାଫୁଲ, ସମୁଦ୍ରସ୍ନାନ, ପୃ.୬)

କବିତା ପଂକ୍ତିର ଚମତ୍କାର ଭାବାର୍ଥ କରିଛନ୍ତି ସମୀକ୍ଷକ ଦାଶରଥି ଦାସ। "ଫୁଲ, ନିଆଁ, ପାଣି ପରି ଆର୍କିଟାଇପାଲ୍ ଚିତ୍ରକଳ୍ପରେ ରଚିତ ଏକ ଚମତ୍କାର ସୃଷ୍ଟି 'ଚମ୍ପାଫୁଲ'। ଲୋକଗଳ୍ପରେ ଯାଦୁକରୀ ଫୁଲ ଶୁଙ୍ଘାଇ କଳାମେଣ୍ଢାକୁ ଭେଣ୍ଡା କରିବାର କଥା ଅଛି – ସ୍ୱପ୍ନ ଭାଷାରେ ସେ ଫୁଲ କୁମାରୀ ଯୋନିର ପ୍ରତୀକ, ରୂପସୀ ନାରୀ ତ ପୃଥିବୀର ଫୁଟିଲା ଫୁଲ। ମହକ ତାର ପଥର ତରଳାଏ, ଯୋଗୀକୁ ମଦନରେ ମତାଏ, ଗୋବର ଗଣେଶ ଦେହରେ ବି ନିଆଁ ଲଗାଏ – ସେ ନିଆଁ ଲାଗିଲେ ମାଂସ ଫୁଟେ ଫୁଲ ହୋଇ।"(୪) ଏଇ ରୂପସୀ ନାରୀ କେତେବେଳେ ପ୍ରିୟ ବାନ୍ଧବୀ ହୋଇ ଛିଡ଼ା ହୁଏ ଦେହରେ ହଳଦୀ ଲଗାଇ। ବନାରସୀ ସିଲ୍କ ପିନ୍ଧି, ବେଣୀ ମୂଳରେ ଚମ୍ପାଫୁଲ ମାଖି, ଛାତି ଉପରେ ଚିତ୍ର ଆଙ୍କି ମାଟିରୁ ବା ଆକାଶରୁ ଆସି ପହଞ୍ଚିଯାଏ। ଏହା ପରେ ଅନେକ ଭାବାନୁସଂଗ ହାଉଜାଉ ହୋଇଯାଆନ୍ତି। ଗୁରୁପ୍ରସାଦଙ୍କର ପ୍ରତିଟି ଶବ୍ଦ ଗତିଶୀଳତାର ଇତିହାସ ପାଲଟିଯାଏ। ଏ ଶବ୍ଦ ଏତେ ଶକ୍ତିଶାଳୀ ଯେ ଧାନକ୍ଷେତକୁ ନଇଁ ପକାଏ, ଶୀତଋତୁକୁ ବୁଢ଼ା କରିଦିଏ। ଆକାଶ ନିଛାଟିଆ ପାଲଟିଯାଏ। ପବନ ଗୁମୁରି ଗୁମୁରି କାନ୍ଦେ। ଆକାଶର ଜହ୍ନ କ୍ଳାନ୍ତ ହୋଇଯାଏ। ପ୍ରତ୍ୟେକ ଶବ୍ଦରେ ସମୟର ପରସ୍ତ ଗୁରୁପ୍ରସାଦୀୟ ଅନୁଭବର ଅନନ୍ୟତାକୁ ଚିରନ୍ତନତା ଦିଏ। ଏଇ ଚିରନ୍ତନ ଅନୁଭବକୁ ନେଇ ଗୁରୁପ୍ରସାଦ ସ୍ୱପ୍ନ ଦେଖନ୍ତି ଆଉ କୁହନ୍ତି; "ମୁଁ ତୁମକୁ ଭଲପାଏ ତୁମେ ଦେବ ଚିଠିର ଜବାବ/ ତୁମେ ପୁଣି ଫେରିବ ବା ଏହି ରେଳଲାଇନ୍ ବାଟରେ/ ତୁମେ ପୁଣି ଦେଖାଦେବ ନିଛାଟିଆ ବାଲି ଚରେ ଚରେ/ କେଉଁ ଅସ୍ତ ଜହ୍ନ ତଳେ ଅବା କେଉଁ ବିବର୍ଣ୍ଣ ସନ୍ଧ୍ୟାରେ।" (ପ୍ରିୟ ବାନ୍ଧବୀ, ସମୁଦ୍ରସ୍ନାନ, ପୃ.୧୨)

'ଜହ୍ନ' ଆଉ 'ତାରା' ଭିତରେ ଏକ ଆସକ୍ତିମୟ ପରିବେଶର ପରିକଳ୍ପନା କରିଥିବା କବି ଗୁରୁପ୍ରସାଦ ଏଇ ଜୀବନ ଭିତରେ ଦେହ ଓ ପ୍ରେମ ଦେଇ ସାର୍ଥକତା ଖୋଜନ୍ତି। କିନ୍ତୁ ନିରାଶ ହୁଅନ୍ତି। ସମୟ ଓ ମୃତ୍ୟୁର ହିମ ଶୀତଳ ସ୍ପର୍ଶ କାବ୍ୟନାୟକକୁ କବଳିତ କରିବା ପାଇଁ ଲମ୍ବିଆସେ। ବିଫଳତାର ବିସ୍ତୀର୍ଣ୍ଣ ବାଲୁଚର ଉପରେ ଠିଆହୋଇ କାବ୍ୟନାୟକ ବିଷାଦବାଦୀ ଜୀବନ ଜିଜ୍ଞାସାର ସ୍ୱରୂପ ଉନ୍ମୋଚନ କରେ। ଗୁରୁପ୍ରସାଦଙ୍କ ପାଇଁ ଦେହ ସବୁକିଛି। ତାଙ୍କ ଦୃଷ୍ଟିରେ ଦେହକୁ ନେଇ ଜୀବନ। ଦେହ ଭିତରେ 'ଜହ୍ନ' ଓ 'ତାରା'ର ଉପଲବ୍ଧି। ଦେହ ହିଁ ଯାବତୀୟ କାମନାବାସନାର କ୍ଷେତ୍ର। ଦେହ ଭିତରେ ଏସବୁ ଉପଲବ୍ଧି ପାଇବା ପାଇଁ ବାଟ ଖୋଜୁ ଖୋଜୁ ଗୁରୁପ୍ରସାଦ ପାଆନ୍ତି ଖାଲି ହତାଶା ରୂପକ ବାଲି ଆଉ ବାଲି। ଗୋଟିଏ ପାଖରେ ଜୀବନ ଜିଜ୍ଞାସାର ପ୍ରତିନିଧିତ୍ୱ କରୁଥିବା 'ଜହ୍ନ' ଓ 'ତାରା'। ଅପର ପାଖରେ ନିରାଶାର କଥା ଶୁଣାଉଥିବା ଶୁଖିଲା ବାଲି। ସେଥିପାଇଁ କବି 'ଶରତ ଋତୁରେ ଜହ୍ନ' କବିତାରେ ଲେଖନ୍ତି; "ସମୁଦ୍ର ବାଲିରେ ଜହ୍ନ ଆଜି ହୁଏ ଇତସ୍ତତ/ ଆକାଶରେ ମେଘ ଆଉ ମେଘ/ ଜହ୍ନ ଯାଏ ତା ଭିତରେ ମରି ହଜି ନିର୍ବିବାଦେ/ ସମୁଦ୍ର ବାଲିରେ ସ୍ୱପ୍ନ କାହାର ବା ଚେତନା କାହାର।"(ଶରତ ଋତୁରେ ଜହ୍ନ, ସମୁଦ୍ର ସ୍ନାନ, ପୃ.୧୪)

ଏକ ଅନ୍ତରଙ୍ଗ ସଂପର୍କର ଅନୁଭବ କରିବା, ବଂଚି ବଂଚି ଜୀବନକୁ ଅଧିକ ବୁଝିବାର ପ୍ରେରଣା ଯୋଗାଏ 'ଗୁରୁପ୍ରସାଦଙ୍କ କବିତା'। ଗୁରୁପ୍ରସାଦଙ୍କ କବିତା ସାଧାରଣ ଜୀବନର ଗଭୀର ଅନୁଭବକୁ ଅକୃତ୍ରିମ ଭାବରେ ପ୍ରକାଶ କରେ। ଜୀବନ ସହ ଅଙ୍ଗୀକାରବଦ୍ଧ ହୁଏ, ମାତ୍ର କବିତା କୃତ୍ରିମ କସରତର ଉପାଦାନ ପାଲଟେ ନାହିଁ। ଅନୁଭବର ଜଟିଳତାକୁ ଅନ୍ତରଙ୍ଗତାର ସରଳତାରେ କବି ପ୍ରକାଶ କରନ୍ତି।

୧.୩ କିନ୍ତୁ ଗୁରୁପ୍ରସାଦଙ୍କ 'କାଳପୁରୁଷ'ରେ ଭିନ୍ନ ସ୍ୱର ଦେଖିବାକୁ ମିଳେ। ପୂର୍ବରୁ ବହୁ ସମୀକ୍ଷକ 'କାଳପୁରୁଷ'କୁ ଏଲିୟଟ୍‌ଙ୍କ 'The Waste Land' କବିତାର କଟକୀ ସଂସ୍କରଣ ବୋଲି ମତାମତ ଦେଇ ଆଲୋଚନା କରିଛନ୍ତି। କିନ୍ତୁ ମହାଭାରତ ଦୃଷ୍ଟିକୋଣରୁ କାଳପୁରୁଷକୁ କାହିଁକି ଆମେ ଆଲୋଚନା କରିପାରିବା ନାହିଁ। 'କାଳପୁରୁଷ' ସଂପର୍କରେ ମହାଭାରତରେ ବର୍ଣ୍ଣନା କରାଯାଇଛି।

ମୂଷଳୀ ପର୍ବ ପ୍ରଥମ ଅଧ୍ୟାୟରେ ବୈଶମ୍ପାୟନ କହୁଛନ୍ତି - ଯୁଧିଷ୍ଠିର ରାଜ୍ୟପ୍ରାପ୍ତି ଉତ୍ତାରେ ଷଟ୍‌ତ୍ରିଂଶ ବର୍ଷର ପ୍ରାରମ୍ଭରେ ବହୁବିଧ ଦୁର୍ନିମିତ୍ତମାନ ଦର୍ଶନ କଲେ।(୫) ଚତୁର୍ଦ୍ଦିଗରେ ଶର୍କରା ମିଶ୍ରିତ ରୁକ୍ଷ ବାୟୁ ନିର୍ଘାତ ଶବ୍ଦରେ ପ୍ରବାହିତ ହେଲା ଏବଂ ବିହଙ୍ଗମଗଣ ଦକ୍ଷିଣାବର୍ତ୍ତ ମଣ୍ଡଳ ନିର୍ମାଣପୂର୍ବକ ଆକାଶରେ ପରିଭ୍ରମଣ କଲେ।(୬) ମହାନଦୀ ସମୂହ ଶୁଷ୍କ ଓ ଦିକ୍ ସମୂହ ନୀହାରରେ ଆବୃତ ହେଲେ ଏବଂ ଅଙ୍ଗାର ବର୍ଷୀ ଉଲ୍କା ସମୂହ ଗଗନ ମଣ୍ଡଳରୁ ଭୂତଳରେ ପତିତ ହେଲେ।(୭) ହେ ରାଜନ୍! ଆଦିତ୍ୟ ରଶ୍ମିବିହୀନ ହେଲେ ଏବଂ ତଦୀୟ ମଣ୍ଡଳ ଧୂଳି ଧୂସରିତ ଓ କବନ୍ଧଗଣରେ ପରିପୂର୍ଣ୍ଣ ହେବାର ଦୃଷ୍ଟ ହେଲା। ଚନ୍ଦ୍ର ଓ ସୂର୍ଯ୍ୟଙ୍କର ପରିଧି ମଣ୍ଡଳ ଶ୍ୟାମ, ଅରୁଣ ଓ ଧୂସର ଏହି ତ୍ରିବିଧ ବର୍ଣ୍ଣରେ ରଂଜିତ ହେବାରୁ ଅତି ଭୟାନକ ହେଲା।(୮) ହେ ରାଜନ୍! ହୃଦୟର ଉଦ୍‌ବେଗକାରୀ ଓ ଭୟସୂଚକ ଏ ପ୍ରକାର ଅନ୍ୟ ଅନେକ ଉତ୍ପାତ ଦୃଷ୍ଟ ହେଲା। ଦ୍ୱିତୀୟ ଅଧ୍ୟାୟରେ ବୈଶମ୍ପାୟନ କହୁଛନ୍ତି - ଅନ୍ଧକଗଣଙ୍କ ସହିତ ବୃଷ୍ଣିବଂଶୀୟଗଣ ଏହି ପ୍ରକାର ସାବଧାନ ହେବାରୁ କାଳପୁରୁଷ ନିରନ୍ତର ସମସ୍ତଙ୍କ ଗୃହରେ ପରିଭ୍ରମଣ କଲେ।(୯)

କୌଣସି କୌଣସି ଗୃହରେ ସେହି କାଳପୁରୁଷ ଦୃଷ୍ଟ ନ ହେଲେ ସୁଦ୍ଧା ମୁଣ୍ଡିତ ମସ୍ତକ କରାଳ ବଦନା ବିକଟ ଦର୍ଶନ କାଳପୁରୁଷ ବୃଷ୍ଣିବଂଶୀୟମାନଙ୍କ ସମସ୍ତ ଗୃହ ପର୍ଯ୍ୟବେକ୍ଷଣ କରୁଥିବାର ଦେଖାଯାଉଥିଲା।[୧୦] ଯାଦବଗଣ ତାହାକୁ ବଧ କରିବା ନିମିତ୍ତ ଅସଂଖ୍ୟ ଶର କ୍ଷେପଣ କଲେ କିନ୍ତୁ କୌଣସି ଶର ଦ୍ୱାରା ସେମାନେ ସେହି ସର୍ବଭୂତ କ୍ଷୟକାରୀକୁ ପୀଡ଼ା ଦେବା ନିମିତ୍ତ ସମର୍ଥ ହେଲେ ନାହିଁ।[୧୧] ବୃଷ୍ଣିବଂଶୀୟମାନଙ୍କ କଥା ବର୍ଣ୍ଣନା କଲାବେଳେ ବୈଶମ୍ପାୟନ ଓ ଜନ୍ମେଜୟଙ୍କ ମଧ୍ୟରେ କାଳପୁରୁଷର ଆଗମନ ସଂପର୍କରେ ବର୍ଣ୍ଣନା କରିବା ସହିତ ତତ୍ ସମୟରେ ପ୍ରତିଦିନ ବୃଷ୍ଣିଗଣ ଓ ଅନ୍ଧକ ବଂଶୀୟଙ୍କ ବିନାଶ ସୂଚକ ପ୍ରବଳତର ଲୋମହର୍ଷଣ ନିଦାରୁଣ ମହାବାତ ପ୍ରବାହିତ ହେଲା। ମାର୍ଗ ମଧ୍ୟରେ ଅସଂଖ୍ୟ ମୂଷିକ ଓ ଭଗ୍ନମୃତ୍ପାତ୍ର ସମୂହ ଦୃଷ୍ଟିଗୋଚର ହେଲା, ଏବଂ ଯଦୁବଂଶୀଗଣ ସୁପ୍ତ ହେବାରୁ ରଜନୀରେ ମୂଷିକଗଣ ସେମାନଙ୍କର ନଖ ଓ କେଶ ସମୂହ ଛେଦନ କଲେ। XXX। ଗୋ-ଯୋନିରେ ଗଦର୍ଭ, ଅଶ୍ୱତରୀମାନଙ୍କ ଗର୍ଭରେ କରଭ, ଶୂନୀମାନଙ୍କ ଗର୍ଭରୁ ବିଡ଼ାଳ ଏବଂ ନକୁଳୀଗଣଙ୍କ ଗର୍ଭରୁ ମୂଷିକ ସମୂହ ଉତ୍ପନ୍ନ ହେଲେ। XXX। ସିଦ୍ଧ ପାକଶାଳା ମଧ୍ୟରେ ସୁସଂବୃତ୍ତ ଅନ୍ନାଦି ଆହାରୀୟ ଦ୍ରବ୍ୟରେ ସହସ୍ର ସହସ୍ର କୃମି ଦୃଷ୍ଟ ହେଲେ।[୧୨]

ଗୁରୁପ୍ରସାଦଙ୍କ 'କାଳପୁରୁଷ' ଓ ମହାଭାରତର 'କାଳପୁରୁଷ'କୁ ତର୍ଜମା କଲାପରେ ମନେହୁଏ ସତେଯେମିତି ପାରଂପରିକ ମୁଖାଟିକୁ କବି ସଯତ୍ନରେ ଜାବୁଡ଼ି ଧରିଛନ୍ତି। ନୂଆ ଆଙ୍ଗିକ ଭିତରେ ଖଞ୍ଜି ଦେଇଛନ୍ତି ଚିନ୍ତାଧାରାକୁ। ପାରଂପରିକତାର ଆଧାର ଭୂମିରେ ନୂଆ ନୂଆ ହିସାବୀ ଆଙ୍ଗିକ ମାଧ୍ୟମରେ କେମିତି ନୂଆ ସଫଳ ମୁଖାଟିଏ ତିଆରି କରାଯାଇପାରିବ ଏଥିନିମନ୍ତେ ଗୁରୁପ୍ରସାଦ ଚେଷ୍ଟା କରିଛନ୍ତି। ଏହାକୁ ଆମେ ଗୁରୁପ୍ରସାଦୀୟ ଆତ୍ମ ସଚେତନତା ବୋଲି କହିପାରିବା। ଅତ୍ୟଧିକ ଆତ୍ମ ସଚେତନ କବି ଗୁରୁପ୍ରସାଦ 'କାଳପୁରୁଷ'ରେ କହୁଛନ୍ତି 'କାଳ' - 'ସମୟ' ସବୁଠାରୁ ଶକ୍ତିଶାଳୀ। ଧ୍ୱଂସ ଚିରନ୍ତନ। ସମୟରୂପୀ କାଳପୁରୁଷ ସବୁକିଛିକୁ ନିଜ ଅକ୍ତିଆର ଭିତରେ ରଖିପାରେ। ତେଣୁ କବି ଦୃଷ୍ଟିରେ 'କାଳ' – 'ସମୟ' ଏତେ ଶକ୍ତିଶାଳୀ ଯେ ଏହା ଭିନ୍ନ ଏକ ପୃଥିବୀର ସଂରଚନା କରେ। ସବୁ କାଳରେ ବ୍ୟକ୍ତି, କାଳ ଏବଂ ପରିସ୍ଥିତିକୁ ଉତ୍ତରିଯାଏ। ଏହା ଭିନ୍ନ ଏକ ସତ୍ୟ କହେ। ଏହି ସତ୍ୟକୁ ଗୁରୁପ୍ରସାଦଙ୍କ ଭଳି ଶିଳ୍ପୀପ୍ରାଣ ନିଜର ଅନ୍ତଃଜ୍ଞାନ ଦ୍ୱାରା ଅନୁଭବ କରିପାରନ୍ତି। କେବଳ ସେତିକି ନୁହେଁ ଏହା ବ୍ୟକ୍ତିକୁ ବିଶୃଙ୍ଖଳା ଓ ଅସଂଯମତାରୁ ମୁକ୍ତି ଦିଏ। ଉତ୍ତରିତ କରେ ଏକ ପ୍ରଶାନ୍ତିର ଜଗତକୁ। ବୃଷ୍ଣିଗଣ ଓ ଅନ୍ଧକ ବଂଶୀୟଙ୍କ ଗର୍ବ, ଅହଂଭାବ ଓ ନୃଶଂସତା ଜନିତ ବଂଶହାନି ସହ, ଯୌନ ପିପାସୁ, ସ୍ୱାର୍ଥାନ୍ଧ ଆଧୁନିକ ମଣିଷର ଅବକ୍ଷୟର ଚିତ୍ର ଦେଖାଇବା ସହ କାଳପୁରୁଷର ଅଗମନୀ ବାର୍ତ୍ତାକାଳୀନ ବିବିଧ ଦୁର୍ଲକ୍ଷଣ ସବୁର ଚିତ୍ର ଦେଖାଇଛନ୍ତି। କାଳପୁରୁଷ କବିତାରେ କବି ଗୁରୁପ୍ରସାଦଙ୍କ ବର୍ଣ୍ଣନାଟି ଏହିପରି – "ଏ କିରେ ଅନ୍ଧାର ଉଠେ ମିଳି ରେଖା ଆକର ପ୍ରକାର/ ସୀମିତ ମୋ ପୃଥିବୀର ଦିଗ ହଜେ, ହଜିଯାଏ ଉପର ଓ ତଳ।/ କ୍ଳାନ୍ତ ମୋର ଦେହ ଚାପି ମାଡ଼ିଆସେ ବାଲିରେ ମାଡ଼ିଆସେ ବାଲି ଓ ଅନ୍ଧାର।/ ପାଦ ଯେବେ ଛନ୍ଦି ଦିଏ ଅନ୍ଧାରରେ ଗୁଡ଼କଙ୍କ ନଟା/ ଦେହ ମୋର ବେଢ଼ିରଖେ ସ୍ତୁପ ସ୍ତୁପ କୂଢ଼ କୂଢ଼ ବାଲି ଓ ଅଙ୍ଗାର। XXX ମୁଁ ଆଜି ଖୋଜି ଚାଲିଚି ଖୋଜି ତାରା ଆଉ ଜହ୍ନରାତି ଚୁପ୍‌ଚୁପ୍ ପବନର କଥା।"(କାଳପୁରୁଷ, ପୃ.୩୯)

ଗୁରୁପ୍ରସାଦଙ୍କ ଜୀବନ ଦୃଷ୍ଟି ଅତି ନିମଜ୍ଜିତ ଦୃଷ୍ଟି। ଅତ୍ୟନ୍ତ ଗାଢ଼ ଓ ନିବିଡ଼। ବହୁ ତଳୁ ସେ ମଣିଷର ଜୀବନ ଆରମ୍ଭକୁ ଦେଖିଛନ୍ତି। 'କାଳପୁରୁଷ'ରେ ମଣିଷର ସାମାଜିକ ପରିଚୟ ବିପର୍ଯ୍ୟସ୍ତ। ଆଧୁନିକ ମଣିଷ ମୃତ୍ୟୁମୁଖୀ। ଭବିଷ୍ୟତ ସଂପୂର୍ଣ୍ଣ ଅନ୍ଧକାରମୟ। ହତାଶା ଓ ବ୍ୟର୍ଥତା ତା'ର ସ୍ୱଚ୍ଛଳ ମାନସିକତାକୁ ସତେ ଯେମିତି ଅବରୁଦ୍ଧ କରିଦେଇଛି। ଜୀବନର ସମସ୍ତ ମାଧୁର୍ଯ୍ୟ ଏଠାରେ ନଷ୍ଟଭ୍ରଷ୍ଟ। ନିଷ୍ଠୁର ବାସ୍ତବତା ଉପରେ ବସିରହି ମୃତ୍ୟୁରୂପୀ ସମୟକୁ କାଳପୁରୁଷର କାବ୍ୟନାୟକ ଅପେକ୍ଷା କରିଛି। ଯାଦବବଂଶୀମାନଙ୍କ ପାଖରେ ଯେମିତି ଆଦର୍ଶ, ଶୃଙ୍ଖଳା ହଜିଯାଇଥିଲା ଆଧୁନିକ ମଣିଷ ସେମିତି ଶୃଙ୍ଖଳାହୀନ ପାଲଟିଯାଇଛି। ମଣିଷ ପରିଚୟ ଶୂନ୍ୟ, ସ୍ଥିତି ଶୂନ୍ୟ, ଗୋତ୍ରହୀନ। ମଣିଷ କହିଲେ ନିର୍ଜନତାର ଗନ୍ତାଘର। ଆଖି ତାର ଉନ୍ମାଦଶୂନ୍ୟ। ବିଷାଦଗ୍ରସ୍ଥ। ତୀବ୍ର ଯୌନ କ୍ଷୁଧା ପରିତୃପ୍ତି ଜନିତ ବ୍ୟର୍ଥତା ହିଁ ତା'ର ହତାଶବୃଦ୍ଧିର କାରଣ ସାଜିଛି। କାରଣ ଏହା ପ୍ରତ୍ୟେକ ମଣିଷର ଆଦିମ ପ୍ରବୃତ୍ତି। ଏହାର ସମ୍ଭାବନା ପ୍ରବଳ ଭାବରେ ଆମ ସଭିଙ୍କ ଭିତରେ ଅଛି। ହରେକୃଷ୍ଣ ଦାସ, ସାର୍ତ୍ତ ଦାସଙ୍କ ପରି ଚରିତ୍ରମାନେ ଧୀରେ ଧୀରେ ଏ ଯନ୍ତ୍ରଣାର ବଳୟରୁ ନିଜକୁ ମୁକ୍ତ କରିବାକୁ ଚାହିଁଛନ୍ତି।

କାଳପୁରୁଷ ଯେପରି ମହାଭାରତରେ ଯାଦବମାନଙ୍କ ଘରେ ରାତିରେ ବିଚରଣ କରି ଏକ ଭୟାବହ ବାତାବରଣ ସୃଷ୍ଟି କରୁଥିଲା ଆଧୁନିକ ସମୟ ଖଣ୍ଡରେ ସେଇ କାଳ ବା ସମୟରୂପୀ ମୃତ୍ୟୁଚେତନା ପ୍ରତିମୁହୂର୍ତ୍ତରେ କାବ୍ୟନାୟକକୁ ଦଂଶନ କରିଚାଲିଛି। ଏ ପ୍ରକାର ଭୟଙ୍କର ପରିବେଶର ବର୍ଣ୍ଣନା କବି ଗୁରୁପ୍ରସାଦ ଏହିପରି କରିଛନ୍ତି – "ବାହାରେ କାହାର ଶବଦ? ନୁହେଁ ନୁହେଁ କେହି ନୁହେଁ।/ ପୁଣି କିଏ? କାଇଁ କିଏ?/ ଭୁଲ୍ ଭୁଲ୍ ଭୁଲ୍ ଖାଲି ବାହାରେ ତୋଫାନ୍ ବର୍ଷା ଶବ୍ଦ ପବନର/ ମୁଁ କିନ୍ତୁ ପାରୁଛି ଶୁଣି ଏଇ ବର୍ଷା ଝଡ଼ ତଳେ ହାଡ଼ ଆଉ ମାଂସ ତଳେ/ ଶବ୍ଦ ସମୟର / ଚୁପ୍ କିଆଁ ରହିଗଲ, କଥା କୁହ, କଥା କୁହ, ଆଜି ଭାରି ନିଛାଟିଆ/ ଡରମାଡ଼େ, ଜଲଦି କଥା କୁହ।/ ମୁଁ ଶୁଣେ କାନରେ ମୋର, ଠିକ୍ ମୋର ପଛ ଆଡ଼େ ପାଦ ଶବ୍ଦ ସମୟର,/ ଚୁପ୍‌ଚାପ୍ କଥା ସମୟର/ ମୁଁ କିନ୍ତୁ ପାରୁଚି ଦେଖି ତୁମର ଏ ପ୍ରେମ ତଳେ ଉତ୍ତେଜିତ ତୁମର ମୁହଁରେ/ ନଖ ଚିହ୍ନ ସମୟର ଗୋଲ୍ ଗୋଲ୍ ଆଖିର କୋରଡ଼।"(କାଳପୁରୁଷ, ପୃ.୪୨,୪୩)

କାଳପୁରୁଷର କାବ୍ୟନାୟକ ଓ ମହାଭାରତର କାଳପୁରୁଷ କବଳରେ ପୀଡ଼ିତ ଶ୍ରୀକୃଷ୍ଣଙ୍କ ବ୍ୟଥା ଏକରକମର। ବ୍ୟାସଙ୍କ ମହାଭାରତରେ ଏହା ବର୍ଣ୍ଣିତ ଯେ କାଳପୁରୁଷ କବଳରୁ ମୁକ୍ତି ଲଭିବା ପାଇଁ ଶ୍ରୀକୃଷ୍ଣ, ଯାଦବ ଓ ବୃଷ୍ଣି ବଂଶୀୟଙ୍କୁ ତୀର୍ଥଯାତ୍ରା

ନିମିତ୍ତ ପ୍ରଭାସ ତୀର୍ଥ ଗମନ ପାଇଁ ଆଦେଶ ଦେଇଛନ୍ତି। ପୂର୍ବରୁ ପ୍ରାପ୍ତ ଚକ୍ର, ତାଳଧ୍ୱଜ, ଗରୁଡ଼ ଧ୍ୱଜଧାରୀ ରଥକୁ ହରାଇ ବୃଷ୍ଣିବଂଶୀୟମାନଙ୍କ ସହ ପ୍ରଭାସ ତୀର୍ଥକୁ ଯାଉଛନ୍ତି। ସେ ସମୟରେ 'ମୋକ୍ଷ ବିଶାରଦ ଉଦ୍ଧବ' ଯୋଗ ବଳରେ ଏହା ଅବଗତ ହୋଇ ସେଠାକୁ ପ୍ରସ୍ଥାନ କରିଛନ୍ତି। ବିପଥଗାମୀ, ନୀତି ଆଦର୍ଶହୀନ ପାଲଟିଯାଇଥିବା ନିଜ ବଂଶଜମାନଙ୍କୁ ସତ୍ ମାର୍ଗକୁ ଫେରାଇ ଆଣିବା ପାଇଁ ଶ୍ରୀକୃଷ୍ଣଙ୍କୁ ଦ୍ୱାରକା ଛାଡ଼ି ପ୍ରଭାସ ଯିବାକୁ ପଡ଼ିଛି। ମୌଷଳ ପର୍ବରେ ଶ୍ରୀକୃଷ୍ଣ ମାନସିକ ସ୍ଥିତିର ଦୟନୀୟ ରୂପ ଦେଖିବାକୁ ମିଳେ। ଶ୍ରୀକୃଷ୍ଣଙ୍କର ପୂର୍ବ ଔଜଲ୍ୟ ନାହିଁ। ସେ ଆଉ ଜୀବନ ଲୋଡ଼ୁନାହାଁନ୍ତି। ସେ ଏଠାରେ ବିମର୍ଷ ଓ ହତାଶ। ଏହା ଏକ ସଂକେତ। ଜୀବନ ମରଣର ଏହାଠାରୁ ନିଦା ଓ ମୌଳ ବିଷୟ ଏ ଜଗତରେ କାହିଁ? ଗୁରୁପ୍ରସାଦ ଏଠାରେ ଦେଖାଇବାକୁ ଚାହାଁନ୍ତି ଏ ଜୀବନ ମୃତ୍ୟୁ ପର୍ଯ୍ୟନ୍ତ ଏକ ଚଳମାନ ବିସ୍ତାର। ଗୋଟେ ମଣିଷର ଜୀବନ ଜୀଇଁବା, ତା' ଭିତରର ସୁଖ, ଦୁଃଖ, ସ୍ନେହ, ପ୍ରେମକୁ ଫେଡ଼ି ଫିଟାଇବାରେ ତା'ର ପ୍ରବଣତା ବେଶୀ ଥାଏ। ଆଧୁନିକ ଉଦ୍‌ବିଗ୍ନ ମଣିଷର କାଳ-ମୃତ୍ୟୁ ସଚେତନତା ତାକୁ ଅଧିକ ଜୀବନବାଦୀ କରିଛି। ସେଥିପାଇଁ ଜୀବନ ପ୍ରତି ସେ ବଶମ୍ବଦ। ମରଣ ଆଗରେ ଅଛି ବୋଲି ଜୀବନ ଏତେ ମନଲୋଭା। ଜୀବନର ପ୍ରତିଟି ଅମୃତମୟ ଉପଲବ୍‌ଧିର ଭାବକେନ୍ଦ୍ର ହେଉଛି ମୃତ୍ୟୁ ବିଷୟକ ସଚେତନତା। କାଳପୁରୁଷ କବଳରୁ ଆତ୍ମୀୟସ୍ୱଜନଙ୍କ ସୁରକ୍ଷା ନିମିତ୍ତ ଶ୍ରୀକୃଷ୍ଣଙ୍କ ଆକୁଳ ଉଦ୍ୟମ ପରି ଆଧୁନିକ ମଣିଷ ମଧ୍ୟ ମୃତ୍ୟୁ ଭୟରୁ ନିଜକୁ ମୁକୁଳାଇ ଅମୃତପଥର ଯାତ୍ରୀ ହେବାକୁ ଚାହୁଁଛି। କବି ଗୁରୁପ୍ରସାଦ ସେଥିପାଇଁ ଲେଖୁଛନ୍ତି – "ଜରାମୃତ୍ୟୁ ବ୍ୟାଧି ପୁଣି ବ୍ୟାଧ ଆଉ ଘାତକର ଭୟ,/ ହେ ଅକ୍ରୁର ହେ ଉଦ୍ଧବ ସଖା ମୋର ପ୍ରାଣର ଦୋସର/ ରୁହ ରୁହ ଛିଡ଼ା ରୁହ ପିଠିରେ ମୋ ତୁମପରି ବୋଝ/ ଆଜି ଯେବେ ରାଜ୍ୟ ଯାଏ ରାଜା ଯାଏ ଛାରଖାର ପ୍ରଜା ଓ ପାଟକ/ ମୁଁ ତୁମର ଅନୁଗାମୀ ଆଜି ଅନ୍ତ ନାହିଁ ବା ବାଟର?"(କାଳପୁରୁଷ, ପୃ.୪୬, ୪୭)

ଗୁରୁପ୍ରସାଦ ମଣିଷର ଜୀବନ ବଞ୍ଚିବା ପ୍ରତି ଅଧିକ ଅନୁରକ୍ତି ଓ ସଶ୍ରଦ୍ଧ ହୋଇଥିବା କାରଣରୁ ସେ ମଣିଷ ଓ ତା'ର ଚାରିପାଖକୁ ଅତି ନିବିଡ଼ ଭାବେ ଦୂରରୁ ଓ ନିକଟରୁ ଲକ୍ଷ୍ୟ କରିଛନ୍ତି। ତେଣୁ ଗୁରୁପ୍ରସାଦ ମୃତ୍ୟୁକୁ ଯେତିକି ଗୁରୁତ୍ୱ ଦେଇଛନ୍ତି ଦେହ ଓ ଯୌନ କାମନାକୁ ମଧ୍ୟ ଅନୁରୂପ ଗୁରୁତ୍ୱ ଦେଇଛନ୍ତି।

କାରଣ ସେ ଜାଣନ୍ତି ଯୌନ ପ୍ରବୃତ୍ତି ଜୀବନର ସବୁଠାରୁ ଶକ୍ତିଶାଳୀ ପ୍ରବୃତ୍ତି ହୋଇଥିବାରୁ ତାହା ପାଠକର ରସ ଚେତନାକୁ ଅଧିକ ଉଷ୍ମ ଓ ଉତ୍ତେଜିତ କରିଥାଏ। ମହାଭାରତର ପଣ୍ଡୁ ଚରିତ୍ର ଭିତରେ ଏହି ଯୌନ ସଂକେତର ଉଦ୍‌ଭାସନ ଆମେ ଦେଖିବାକୁ ପାଇବା। କୁନ୍ତୀଙ୍କୁ ବିବାହ କରିଥିଲେ ମଧ୍ୟ ଯୌନ ଅପରିତୃପ୍ତି ହେତୁ ପଣ୍ଡୁ ମାଦ୍ରୀଙ୍କ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ ତାଙ୍କୁ ବିବାହ କରିଥିଲେ। ଖୁସି ମନରେ ଦୁଇ ସ୍ତ୍ରୀଙ୍କୁ ଧରି ପଣ୍ଡୁ ବନବିହାରକୁ ଗଲେ। ମୃଗ ଶିକାର କରିବା ସମୟରେ ଅମ୍ବିକା ଋଷି (ମୃଗ ରୂପଧାରଣ କରିଥିଲେ)ଙ୍କ ଦ୍ୱାରା ଶାପଗ୍ରସ୍ତ ହେଲେ। ସ୍ତ୍ରୀ ସମ୍ଭୋଗ ସମୟରେ ପଣ୍ଡୁଙ୍କର ଦେହ ତ୍ୟାଗ ଘଟିବ। ପୌରୁଷ ଥିବା ସତ୍ତ୍ୱେ ସମ୍ଭୋଗଠାରୁ ଦୂରରେ। ମୃତ୍ୟୁ ଭୟରେ କରୁଣ ନପୁଂସକ ଭଳି ବଞ୍ଚିବା କମ୍ କଷ୍ଟଦାୟକ ନଥିଲା। ସେଥିପାଇଁ ପଣ୍ଡୁ ଭିନ୍ନଭିନ୍ନ ପୁରୁଷଙ୍କ ସହ ସମ୍ଭୋଗରେ ସ୍ତ୍ରୀଦ୍ୱୟଙ୍କୁ ଗର୍ଭବତୀ କରାଇଥିଲେ। ମୃତ୍ୟୁକୁ ଅପେକ୍ଷା କରି ବଞ୍ଚିବା ଜୀବନ୍ତ ମରଣ ସହ ସମାନ। ପ୍ରତିଦିନ ନପୁଂସକର ଜୀବନ ବଞ୍ଚି ନିଜକୁ ତିଳତିଳ କରି ଯନ୍ତ୍ରଣା ଦେଇ ମାରିବା ଅପେକ୍ଷା ପୌରୁଷତ୍ୱକୁ ସମ୍ମାନ ଜଣାଇ ମୃତ୍ୟୁକୁ ଆଦରି ନେବା ଶ୍ରେୟସ୍କର ବୋଲି ପଣ୍ଡୁ ବିଚାରିଛନ୍ତି। ସେଥିପାଇଁ ମାଦ୍ରୀଙ୍କୁ ବଳପୂର୍ବକ ସମ୍ଭୋଗ କରିଛନ୍ତି ଏବଂ ଶେଷରେ ମୃତ୍ୟୁବରଣ କରିଛନ୍ତି।

ଗୁରୁପ୍ରସାଦଙ୍କ କବିତାରେ ନାୟକମାନେ ଠିକ୍ ପଣ୍ଡୁ ଚରିତ୍ର ପରି। ଜୀବନ ଓ ମୃତ୍ୟୁ ଉଭୟର ଅନୁଭୂତିରେ ଏମାନେ ଶାଣିତ। କବି ଗୁରୁପ୍ରସାଦ କାଳପୁରୁଷରେ 'ବର୍ଷାଋତୁ'କୁ ଗୁରୁତ୍ୱ ଦେଇଛନ୍ତି। ବର୍ଷାଋତୁ ସହ କାଳପୁରୁଷର ସଂପର୍କକୁ ମଧ୍ୟ ସ୍ପଷ୍ଟ କରିଛନ୍ତି। ସାଧାରଣତଃ ଆମ ସାହିତ୍ୟରେ ବିଶେଷକରି ବାଲ୍ମୀକିଙ୍କଠାରୁ ଆରମ୍ଭ କରି କାଳିଦାସ ଏପରିକି ରବୀନ୍ଦ୍ରନାଥ ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ଭଂଜ, ରାଧାନାଥଙ୍କ କବିସତ୍ତାକୁ ବର୍ଷାଋତୁ ପ୍ରେମ, ପ୍ରଣୟ, ସମ୍ଭୋଗ ଓ ସମ୍ଭାବନାର ଋତୁ ଭାବେ ଆକର୍ଷିତ କରିଛି। ଗୁରୁପ୍ରସାଦଙ୍କ ଦୃଷ୍ଟିରେ ମଧ୍ୟ ବର୍ଷାଋତୁ ଯେତେ ନିଷ୍ଠୁର ନିର୍ମମ ହେଲେ ମଧ୍ୟ ଏହା ପୁଣି ବିବିଧ ସମ୍ଭାବନା ନେଇ ଐତିହ୍ୟ, ପ୍ରକୃତି ସହ ବର୍ତ୍ତମାନର ଯୋଡ଼ଣ ସାଜିଛି। କବି ଗୁରୁପ୍ରସାଦଙ୍କ ବର୍ଷା ବର୍ଣ୍ଣନା ଏହିପରି – "ଏ ବର୍ଷାରେ ଆଶା ଅଛି, ଆଶୀର୍ବାଦ ଅଛି ସ୍ୱାସ୍ଥ୍ୟ, ନିରୋଗ ବିଶ୍ରାମ/ ନିଘୋଡ଼ ଅଂଧାର ତଳେ ଅଛି ବୁଢ଼ି ଅସୁରୁଣୀ, ଭୂତ କଥା ବାଘ/ କଥା ଅଛି ବୁଢ଼ି ମାଆ/ ଏ ବର୍ଷାର ଦେହ ତଳେ ଅଛି ଅଛି ଧାନକ୍ଷେତ ଅଛି ଅଛି ଆମ୍ବ ତୋଟା/ ଦୂର ନଈ ଆରପାରି ଗାଆଁ/ କାଗଜ ଫୁଲରେ ଛାଇ ଦେହ ଘଷି ଗାଢ଼ ହୁଏ.../ (ଝରକା ସେ ପାଖେ)/ ଆସୁଚି ବାହାରେ ବର୍ଷା ଡେଇଁ ଡେଇଁ ଛାତରୁ ଛାତକୁ/ ଟେବୁଲ ଉପରେ ଯେତେ ଛବି ବହି, ମ୍ୟାଗାଜିନ୍, ନାଲିନେଳି ଟିଣ ଡବା,/ ଚିକ୍‌ଚିକ୍ ବୋତଲ ଉପରେ।" (କାଳପୁରୁଷ, ପୃ.୪୧)

"ବର୍ଷା ଓ ମେଘର ଡାକ ଶବ୍ଦ ପବନର/ ତୁମେ ଆସି ଛିଡ଼ା ହୁଅ କେନ୍ଦ୍ର ଖୋଜି ଆଲୁଅର/ ମୁଁ ତୁମର ଦେହ ଆଡ଼େ ଖୋଜି ଯିବି, ଖୋଜିଯିବି ସତ୍ତା ମୋର ସ୍ଥିତି ମୋର/ ଭାର କେନ୍ଦ୍ର ମୋର ଏ ଦେହର।" (କାଳପୁରୁଷ, ପୃ.୪୨)

'କାଳପୁରୁଷ' କବିତାର ଶେଷ ପଂକ୍ତିରେ କବିଙ୍କର ଅମୃତ ସନ୍ଧାନୀ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ। ଆଧୁନିକ ମଣିଷର ମୃତ୍ୟୁରୁ ଅମୃତ ପଥର ଯାତ୍ରୀର ଆକାଂକ୍ଷାକୁ ସାବ୍ୟସ୍ତ କରେ। 'ଅକ୍ରୁର' ଓ 'ଉଦ୍ଧବ' ଚରିତ୍ର ମାଧ୍ୟମରେ ମଣିଷର ଏହି ଅମୃତ ଆସ୍ପୃହା କଥାକୁ କବି ବ୍ୟକ୍ତ କରିଛନ୍ତି। କବିଙ୍କର ଏକ ସାକ୍ଷାତକାରରୁ ଏହାର ପ୍ରମାଣ ମିଳେ।(୧୩) ଭାଗବତର ସେହି ଅମୃତମୟ ଦିବ୍ୟବାଣୀ "ଅସତୋମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମାଽମୃତଂଗମୟଂ" ହିଁ

ଗୁରୁପ୍ରସାଦଙ୍କ କାବ୍ୟନାୟକମାନଙ୍କ ପାଇଁ ପ୍ରକୃତ ପ୍ରେରଣାର ଉତ୍ସ। କାଳପୁରୁଷର ଚରିତ୍ରମାନେ - ଅକ୍ରୁର, ଉଦ୍ଧବ, ପରୀକ୍ଷିତ, ତକ୍ଷକ, ଏକପାଦଧାରୀ ବୃଷଭ (ଧର୍ମ), ଧଳା ପୋଷାକ ପିନ୍ଧା ଭଦ୍ରବ୍ୟକ୍ତି (କଳି), ସ୍ୱୟଂ କାବ୍ୟପୁରୁଷ, ଅରୁନ୍ଧତୀ ଏମାନେ ସମସ୍ତେ ଭାଗବତର ଚରିତ୍ର। ପ୍ରତ୍ୟେକେ ଗୋଟିଏ ଗୋଟିଏ ମିଥ୍। 'ସମୁଦ୍ରସ୍ନାନ'ରେ ଅକ୍ରୁରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସ୍ୱତନ୍ତ୍ର ମନେହୁଏ। ସେଥିପାଇଁ କବି କାଳପୁରୁଷ ଓ ଅକ୍ରୁର ଉବାଚ କବିତାରେ ଅକ୍ରୁର ମିଥ୍‌କୁ ଯଥାମାନ୍ୟ ପ୍ରଦାନ କରିଛନ୍ତି।

୧.୪ 'ଅକ୍ରୁର ଉବାଚ' କବିତାରେ 'ଅକ୍ରୁର' ଚରିତ୍ର ମାଧ୍ୟମରେ ଆଧୁନିକ ମଣିଷର ଯନ୍ତ୍ରଣା, ବେଦନାକୁ ପ୍ରକାଶିତ କରିଛନ୍ତି। କଂସର ଆଦେଶରେ ଅକ୍ରୁର ଯାଉଛନ୍ତି କୃଷ୍ଣଙ୍କୁ ଗୋପପୁରରୁ ଆଣିବାପାଇଁ। ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ଅକ୍ରୁରର ରଥରେ ବିରାଜମାନ କରି ମଥୁରା ଆସୁଛନ୍ତି ସେତେବେଳେ ଅକ୍ରୁରର ସାରଥି ଧର୍ମ ସାର୍ଥକ ହୋଇଯାଇଛି। ଗୁରୁପ୍ରସାଦ ଲେଖୁଛନ୍ତି;

"ସାରଥିର ସାର୍ଥକତା ହୁଏତ ଆଜିର ଏହି ଯାତ୍ରାରେ ମୋ ତୁମର ସହଜ/ ହୁଏତ ବା ସାର୍ଥକତା ତୁମର ହାତରେ ଶଙ୍ଖଚକ୍ର ଚିହ୍ନ ତଳେ।" (ସମୁଦ୍ରସ୍ନାନ, ପୃ.୫୩)

ଭାଗବତରେ ମଧ୍ୟ ଯେତେବେଳେ ଅକ୍ରୁର କୃଷ୍ଣଙ୍କୁ ରଥରେ ଆଣିବାକୁ ଯାଉଛନ୍ତି ଅନୁରୂପ ବ୍ୟାକୁଳତା ଦେଖିବାକୁ ମିଳିଛି।

"ପଥେ ସେ ବିଚାରଇ ମନେ। କୃଷ୍ଣଙ୍କୁ ଦେଖିବି କେସନେ।।/ ସତେ କି ଦେଖିବି ଶ୍ରୀମୁଖ। ଖଣ୍ଡିବି କୋଟି ଜନ୍ମ ଦୁଃଖ।।/ ମିଳିଲା ନିଜ ଘରେ ଯାଇ। ଗୋବିନ୍ଦ ପାଦେ ଚିତ୍ତ ଦେଇ।। XXX ଅକ୍ରୁର ରଥେ ମନ ଦିଅ। ସଂସାର ଜନେ ଦୁଃଖ ନୁହଁ।/ କହଇ ଦାସ ଜଗନ୍ନାଥ। ଅକ୍ରୁର ସଜ କଲା ରଥ।।"(୧୩)

କୃଷ୍ଣଙ୍କୁ ମଥୁରାକୁ ଆଣିବାପାଇଁ କଂସ ଅକ୍ରୁରଙ୍କୁ ପଠାଇଛନ୍ତି। କୃଷ୍ଣ ଆସିଛନ୍ତି, ଏବଂ ଶେଷରେ କଂସର ମୃତ୍ୟୁ ହୋଇଛି। ପ୍ରତ୍ୟେକ ମଣିଷ ଏଠାରେ ସମୟର (କାଳର) ଅଧୀନ। ସମୟଚକ୍ରରେ ମଣିଷ କାଳର ଅଧୀନ ହୁଏ। ଜନ୍ମ-ଶୈଶବ-ଯୌବନ-ପ୍ରୌଢ଼ତ୍ୱ ମଧ୍ୟଦେଇ ଜୀବନର ସୂର୍ଯ୍ୟାସ୍ତ ହୁଏ। ସମୟ ହିଁ ଜୀବନ ହାତରେ ମଣିଷକୁ ମୃତ୍ୟୁ ପାଖରେ ପହଞ୍ଚାଏ। ଏହି ସମୟ ହିଁ ଜୀବନର ଜୟଗାନ କରେ। ସେଥିପାଇଁ 'କାଳପୁରୁଷ' କବିତାରେ ଆଧୁନିକ ମଣିଷର ଆତ୍ମା ଅକ୍ରୁରକୁ ସ୍ମରଣ କରିଛି। 'ଅକ୍ରୁର' ଚରିତ୍ର ଏଠାରେ ଆଧୁନିକ ମଣିଷର ଯନ୍ତ୍ରଣା, ବେଦନାବୋଧର ପ୍ରତୀକ ସାଜିଛି। ତେଣୁ ଏ ଯନ୍ତ୍ରଣାକୁ ପୃଥିବୀ ଭିତରୁ ଆଧୁନିକ ମଣିଷ ମୁକ୍ତି ଚାହିଁଛି। ସେଥିପାଇଁ 'ଅକ୍ରୁର ଉବାଚ'ରେ କାବ୍ୟପୁରୁଷ ଅନୁଭବ କରୁଛି – "ମହାପ୍ରଭୁ ମୁକ୍ତି ଦିଅ - ଏହି ଯାତ୍ରା ଶୁଭ ହେଉ ତୁମରି ଦୟାରୁ/ ଏହି ଯାତ୍ରା ହେଉ ମୋର ଶେଷ ଯାତ୍ରା ଏ ଦେହରୁ/ ତୁମର ସଂହାର ଡେଇଁ/ ବହୁତ ବହୁତ କ୍ଲାନ୍ତି, ପୁନରୁକ୍ତ ଏ ଆତ୍ମାର/ ଆଉ ତୁମ ଦୟା, କ୍ଷମା କରୁଣାର ସମୁଦ୍ର କୂଳରୁ।"(ଅକ୍ରୁର ଉବାଚ, ପୃ.୫୪)

ଅକ୍ରୁରର ପ୍ରାର୍ଥନା ଭିତରେ ଆଧୁନିକ ମଣିଷର ଏ ଯନ୍ତ୍ରଣାକ୍ତ ପୃଥିବୀ ଭିତରୁ ମୁକୁଳିବାର ପ୍ରୟାସ ପରିଲକ୍ଷିତ ହୋଇଥାଏ। ଅନୁରୂପ ଭାବେ କବି ଗୁରୁପ୍ରସାଦ 'ଉଦ୍ଧବ' ମିଥ୍‌ର ମଧ୍ୟ ବ୍ୟବହାର କରିଛନ୍ତି। ଓଡ଼ିଆ ଭାଗବତର ତ୍ରୟୋଦଶ ସ୍କନ୍ଧରେ ଉଦ୍ଧବ ଶ୍ରୀକୃଷ୍ଣଙ୍କ ସହ ବୈକୁଣ୍ଠ ପୁରୀକୁ ଗମନ କରିଛନ୍ତି। ଉଦ୍ଧବ ମୋକ୍ଷପ୍ରାପ୍ତ ହୋଇଛନ୍ତି। ଭାଗବତରେ ଉଦ୍ଧବଙ୍କ ମୁକ୍ତି ପାଇବାର ଆକୁଳ ଭାବ ପ୍ରକାଶ ପାଇଛି।

"ତୋର ଚରିତ ସୁଧାପାନ। ଯେ କରେ ଶ୍ରବଣ କୀର୍ତ୍ତନ।।/ ଭାବେ ଅମୃତ ପାନ କରେ। ସକଳ କର୍ମ ସେ ପାସୋରେ।।/ ସଙ୍ଗୁ ନ ଛାଡ଼ ପ୍ରଭୁ ମୋତେ। ମୁଁ ଏବେ ନ ଦେଖିଲେ ତୋତେ।।/ ତୋର ନିର୍ମାଲ୍ୟ ନିତ୍ୟେ ଖାଇ। ତୋ ରୂପ ନୟନେ ଦେଖଇ।।/ ତୁ ଯେ ମୋହର ପ୍ରାଣବନ୍ଧୁ। ଉଦ୍ଧାର ତୋର ମାୟାସିନ୍ଧୁ।"(୧୪)

ଠିକ୍ ସେହିପରି କବି ଗୁରୁପ୍ରସାଦ ଅରୁନ୍ଧତୀ ଚରିତ୍ରକୁ ମଧ୍ୟ ସ୍ଥାନିତ କରିଛନ୍ତି। ସ୍ୱାମୀ ଋଷି ବଶିଷ୍ଠଙ୍କୁ ବିନା କାରଣରେ ସନ୍ଦେହ ବ୍ୟକ୍ତ କରିଥିଲେ। ସେଥିପାଇଁ ତାଙ୍କ ଜ୍ୟୋତି ଧୂମାୟିତ ହୋଇଥିଲା ଅର୍ଥାତ୍ ଅରୁନ୍ଧତୀ ତାରା ଏକ ସଂଶୟ ସଂକୁଳ ପରିସ୍ଥିତିକୁ ବୁଝାଇଥାଏ ମଣିଷର ସଂପର୍କ ମଧ୍ୟ ଏକ ଭାବାବେଗ ଉପରେ ପ୍ରତିଷ୍ଠିତ। ଏହି ଭାବାବେଗରେ ଯେତେବେଳେ ସନ୍ଦେହ, ଅବିଶ୍ୱାସ ଦେଖାଦିଏ ସେତେବେଳେ ସଂପର୍କ ଭାଙ୍ଗିଯାଏ। ଅନ୍ୟ ଅର୍ଥରେ କହିଲେ ସଂପର୍କର ଅପମୃତ୍ୟୁ ଘଟେ। ସେଥିପାଇଁ ଆମର ଜନସାଧାରଣରେ ଏକ ବିଶ୍ୱାସ ଅଛି ସପ୍ତର୍ଷି ମଣ୍ଡଳରେ ବଶିଷ୍ଠ ଋଷିଙ୍କ ପାଖରେ ଥିବା ଅରୁନ୍ଧତୀ ତାରାଟି ଯଦି ସ୍ପଷ୍ଟ ଦୃଶ୍ୟମାନ ହୁଏ ତା'ହେଲେ ସଂପର୍କ ଜୀବନ୍ତ ହୋଇରହେ। ଯଦି ତାରାଟି ଧୂମାୟିତ ହୋଇ ଦେଖାଯାଏ ତା'ହେଲେ ସଂପର୍କ ମଧ୍ୟ ନିଷ୍ପ୍ରଭ ପାଲଟିଯାଏ। ମୃତ୍ୟୁ ଆଶଙ୍କାରେ ମଣିଷ ଘାରିହୁଏ। ଅରୁନ୍ଧତୀ ତାରାର ଦର୍ଶନ ମାଧ୍ୟମରେ ମୃତ୍ୟୁ ଆଶଙ୍କା ଭିତରୁ ହରେଇବା ପାଇଁ କାଳପୁରୁଷରେ କାବ୍ୟନାୟକ ଆକୁଳ ପ୍ରୟାସ କରିଛି। ବିରାଟ ଅନିଶ୍ଚିତତା ଭିତରେ ଗତି କରୁଥିବା କାବ୍ୟନାୟକଟିର ଜୀବନରେ ଆଶା ଅଛି। ଆକାଂକ୍ଷା ଅଛି। ଜୀବନ ଭିତରେ ଆଉ ଏକ ଜୀବନ ଅଛି। ପୃଥିବୀ ଭିତରେ ଆଉ ଏକ ବୃହତ୍ତର ମହତ୍ତର ସ୍ଥିତିର ବିଶ୍ୱାସ ରହିଛି, ତାହା ମଧ୍ୟ ଗୁରୁପ୍ରସାଦ ଦୃଢ଼ତାର ସହ ସ୍ୱୀକାର କରିଛନ୍ତି। ପ୍ରତିକ୍ଷଣ ମରିମରି ବଞ୍ଚୁଥିବା ଏକ ତାମସା ଜାନ୍ତବ ସ୍ଥିତି ମଧ୍ୟରୁ ମୁକ୍ତି ପାଇବା ପାଇଁ ଏକମାତ୍ର ପନ୍ଥା ଭାବେ ଆଧ୍ୟାତ୍ମିକ ଉତ୍ତରଣକୁ ଚୟନ କରିଛନ୍ତି। ସେଥିପାଇଁ କାଳପୁରୁଷର କାବ୍ୟନାୟକ ଋଷି କଣ୍ଠ ସହ ତାଳଦେଇ ବ୍ୟାକୁଳ ଚିତ୍ତରେ ମଣିଷର ସଦ୍‌ଗତି କାମନା କରୁଛି - "ଅସତୋମା ସଦ୍‌ଗମୟଃ। ତମସୋମା ଜ୍ୟୋତିର୍ଗମୟ। ମୃତ୍ୟୋର୍ମାଽମୃତମ ଗମୟ।"

୧.୫ 'ସମୁଦ୍ରସ୍ନାନ' ସଂକଳନରେ ସ୍ଥାନିତ 'ଗୋବର ଗଣେଶ', ହରେକୃଷ୍ଣ ଦାସ (ଏକ), ହରେକୃଷ୍ଣ ଦାସ (ଦୁଇ) ଏକ ଏକ ବହୁ ପରିଚିତ କବିତା। 'ଗୋବର ଗଣେଶ'ର ନାୟକ ନପୁଂସକ। ତଥାପି ମଧ୍ୟ ପ୍ରେମିକ ପରି ସଂନ୍ଧ୍ୟାରେ ଲୁଚିଲୁଚି ଛପିଛପି ଝରକା ପାଖେ ବସେ। କାବ୍ୟନାୟକ ଭଲଭାବେ ଜାଣେ ତା' ପାଖରେ ଆକାଶଠାରୁ ବହୁ ଦୂର ବସନ୍ତ। ତଥାପି ମଧ୍ୟ ସେ ଅତର ଲଗାଏ ପଂଜାବୀରେ। ସାମ୍ନାରେ ଆରିଶି ରଖି ମୁଲାଏମ୍ ହସ ତାକୁ ହସିବାକୁ ପଡ଼େ। ସରେ ନାହିଁ

କଦାପି ଝରକା ପାଖରେ ଅପେକ୍ଷା। ଆଶା ବାନ୍ଧିବସେ ଝିକିମିକି କାନ ଦୁଲ୍ ପିନ୍ଧି ସେ (ନାୟିକା) ନିଶ୍ଚୟ ଆସିବ। ହୋଇପାରେ କାବ୍ୟନାୟକ ଏକ ଅପାଂକ୍ତେୟ ବସ୍ତୁରେ ତିଆରି ହୋଇଥିବା ଗଣେଶ ତା' ଭିତରେ ମଧ୍ୟ ଅଭାବବୋଧ ଅଛି। ଯୌନ ଆକାଂକ୍ଷା ମଧ୍ୟ ଅଛି। ମାତ୍ର ସେ ଏଥିପାଇଁ ଅକର୍ମଣ୍ୟ, ଅଯୋଗ୍ୟ, ଅନ୍ତଃସାରଶୂନ୍ୟ ସତ୍ତାଟିଏ। ଯାହାର ନାମ - 'ଗୋବର ଗଣେଶ' କବିତାରେ କବି 'କୁମ୍ଭୀପାକ ନର୍କ'ର କଥା କହିଛନ୍ତି। ଏ ପ୍ରସଙ୍ଗ ମାର୍କଣ୍ଡେୟ ପୁରାଣରେ ଅଛି। ଏକଦା ରାହୁଙ୍କର ପୁତ୍ର କୁମ୍ଭଃ ରାକ୍ଷସ ସୂର୍ଯ୍ୟଙ୍କର ପତ୍ନୀ ଛାୟାଦେବୀଙ୍କର ରୂପଲାବଣ୍ୟରେ ଆକର୍ଷିତ ହୋଇ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଉଥିବା ସମୟରେ ଛାୟା ତାଙ୍କ ପୁତ୍ର 'ଯମ'ଙ୍କୁ ସ୍ମରଣ କଲେ। ଯମଙ୍କୁ ଦେଖି କୁମ୍ଭୀ ରାକ୍ଷସ ଭୟଭୀତ ହୋଇପଡ଼ିଲା। କିନ୍ତୁ ଯମଙ୍କର କୋପରୁ ବର୍ତ୍ତି ପାରିଲା ନାହିଁ। ଛାୟା ଦେବୀଙ୍କର ଅପମାନର ପ୍ରତିଶୋଧ ଦେବାପାଇଁ ଯମ କୁମ୍ଭୀ ଦୈତ୍ୟକୁ ଭସ୍ମ କରିଦେଲେ ଓ ସେଇ ଭସ୍ମ କୁଣ୍ଡକୁ ମଳ, ମୂତ୍ର, ପୂଜ, ରକ୍ତ ଭଳି ସମାଗ୍ରୀର ସ୍ଥାନ କରାଇଲେ। ସେହିଦିନଠାରୁ ସେ ସ୍ଥାନ କୁମ୍ଭୀପାକ ନର୍କ ପାଲଟିଗଲା। ପରପୁରୁଷ ପ୍ରତି ଆସକ୍ତ ନାରୀ କୁମ୍ଭୀପାକ ନର୍କରେ ପଡ଼ନ୍ତି ବୋଲି ମାର୍କଣ୍ଡେୟ ପୁରାଣରେ କୁହାଯାଇଛି। ଅନୁରୂପ ବର୍ଣ୍ଣନା ଗୁରୁପ୍ରସାଦ 'ଗୋବର ଗଣେଶ' କବିତାରେ ନାୟକ ମୁଖରେ ମଧ୍ୟ କରାଇଛନ୍ତି।

"ଯେଉଁ ସ୍ତିରୀମାନେ ସ୍ୱାମୀଠାରେ ଅଭକତ/ ପର ପୁରୁଷକୁ ଦେଖି ବଳେ ଯାର ଚିତ୍ତ। XXX ଏ ମନ୍ତ୍ର ଯୁବତୀକି ଯେ ଉଗ୍ରସେନ ଦଣ୍ଡ/ କଣ୍ଟାରେ ତାହାର ଗୁନ୍ଥି ଦେଉଥାନ୍ତି ପିଣ୍ଡ।" (୧୫)

"ମୁଁ କହିବି ଶୁଣୁଚ ହୋ ଗୋଟେ କଥା ପଚାରିବି ଆଜି/ ଜାଣିଚଟି କୁମ୍ଭୀପାକ ନରକରେ ଅସତୀର ଦଶା/ ଜାଣିଚଟି ପରିଣାମ ରତ ହେଲେ ପରପୁରୁଷରେ/ ଜାତି ମୋର କଣ୍ଟାଳିଆ ଯଦିଚ ତା' ଫୋଡ଼ି ହୋଇଯାଏ।/ ଶିମିଳି ଗଛର କଣ୍ଟା ବେଶୀ କିନ୍ତୁ କାଟିବ ଗାଲକୁ/ ଛିନ୍ନ ଭିନ୍ନ ନାଭି କମଳକୁ।" (ଗୋବର ଗଣେଶ, ସମୁଦ୍ରସ୍ନାନ, ପୃ.୭)

କାବ୍ୟନାୟକର ଅଭାବବୋଧକୁ ସଫଳ ଭାବରେ ରୂପ ଦେଇଛନ୍ତି ହରେକୃଷ୍ଣ ଦାସ (ଏକ) ଓ ହରେକୃଷ୍ଣ ଦାସ (ଦୁଇ) କବିତାରେ। ଅସଂଖ୍ୟ ବ୍ୟର୍ଥ ଅବ୍ୟକ୍ତ ବିଷାଦ ଭିତରେ ହରେକୃଷ୍ଣ ଦାସ ମଧ୍ୟ ଗୋବର ଗଣେଶର ନାୟକ ପରି ଝରକା ପାଖରେ ବସି ସ୍ୱପ୍ନ ଦେଖେ। ହୋଇପାରେ ଜୀବନ ତା' ପାଇଁ ଏକ ବିରାଟ ବ୍ୟର୍ଥତା, ବିଫଳତା ଓ ସଂଯୋଗ ସାମର୍ଥ୍ୟହୀନ ବନ୍ଧ୍ୟାତ୍ୱର ସମାହାର। ତଥାପି ମଧ୍ୟ ସେ ଭଲପାଏ ସେପାଖ କୋଠାର ପ୍ରତିଦିନ ବୁଲିବାକୁ ଯାଉଥିବା ଝିଅଟିକୁ ଦେଖିବାପାଇଁ। ହରେକୃଷ୍ଣ ଦାସ (ଏକ)ର ଅନ୍ତିମ ପଦରେ ଏହି କାବ୍ୟିକ ଉପଲବ୍ଧି ପରିଲକ୍ଷିତ।

"ହରେକୃଷ୍ଣ ଦାସ ବସେ ସ୍ୱପ୍ନ ଦେଖି ଝରକା ପାଖରେ/ ସେପାଖ କୋଠାର ଝିଅ ପ୍ରତିଦିନ ବୁଲିବାକୁ ଯାଏ।/ ପ୍ରତିଦିନ ଏ ପୃଥିବୀ ଆକାଶର ଅପନ୍ତରା ଡେଇଁ? / ଅଜ୍ଞାତ ବା ଅବଜ୍ଞାତ କେଉଁ ଦୂର ଅଂଧାରକୁ ଥାଏଁ?" (ସମୁଦ୍ରସ୍ନାନ, ପୃ.୨୯)

ଜୀବନରେ ଆଜି ଆଧ୍ୟାତ୍ମିକ, ସାମାଜିକ କି ନୈତିକ ଆଦର୍ଶଗତ କୌଣସି ମୂଲ୍ୟ ବଞ୍ଚି ରହିନାହିଁ। ଗାନ୍ଧୀବାଦ, ମାର୍କସ୍‌ବାଦର ନୈତିକ ଆଦର୍ଶ ମଧ୍ୟ ଆଜି ଆମ ପାଇଁ ଅର୍ଥହୀନ। ଏସବୁ କେବଳ ସାମୟିକ ଉତ୍ତେଜନା ସୃଷ୍ଟିକରେ। ଆଜିର ଜୀବନଧାରାରେ ସବୁ କିଛି ଗତାନୁଗତିକ। ଚିରାଚରିତ। ଏଠି ସବୁ ନିୟମିତ ଚାଲିଛି। ଯୌନ, ପ୍ରଜନନ କ୍ରିୟା, ସ୍କୁଲ, କଲେଜ, କିଲଟରୀ ଅଫିସ, ବ୍ୟବସାୟ, ଖବରକାଗଜ ପଢ଼ା, ବିଦ୍ରୋହ ଓ ବିପ୍ଳବ ଇତ୍ୟାଦି। ନିୟମ ଓ ହାର୍ମୋନି ରକ୍ଷା କରି ସବୁ କିଛି ସଠିକ୍ ଢଙ୍ଗରେ ଚାଲିଛି। କିଛି ଉଜୁଡ଼ି ଯାଇନାହିଁ। ସମୟ ସହ ସମତାଳରେ ମଣିଷ ବଞ୍ଚିଛି। ଆଜିର ନାୟିକା କାଲିର ସିନେମାରେ ମାଆ ଭୂମିକାରେ ଅବତୀର୍ଣ୍ଣ ହେଉଛି। ପୃଥିବୀ ଠିକ୍ ଚାଲୁଛି। ସମୟ ଗତି କରୁଛି। ଜୀବନଧାରା ମଧ୍ୟ ଗତି କରୁଛି। ସବୁ ସଠିକ୍ ଭିତରେ ଠିକ୍ ଶବ୍ଦର ଠିକ୍ ଅର୍ଥଟା ବେଳେବେଳେ ଭୁଲ ହୋଇଯାଉଛି। "ପୃଥିବୀ ଆକାଶର ଅପନ୍ତରା ଡେଇଁ ଅଜ୍ଞାତ ବା ଅବଜ୍ଞାତ ଦୂର ଅନ୍ଧାର ପଛରେ ଧାଉଁଛି ତ ଆଶ୍ଚର୍ଯ୍ୟ ଅଭିଭୂତ ହୋଇଉଠୁଛି ଅଭିଭୂତ ସୂର୍ଯ୍ୟାସ୍ତ ଭିତରେ।" ସମକାଳୀନ ଜୀବନର ଧାରା ଘୋର ନୈରାଶ୍ୟାଚ୍ଛନ୍ନ। ଯେଉଁଥିରେ ଆଲୋକର ରେଖା ଦେଖାଯାଉ ନାହିଁ। ସବୁ କିଛି ଅନ୍ଧାରର। ନୈରାଶ୍ୟପୂର୍ଣ୍ଣ ଭବିଷ୍ୟତର କଥା କହିଛନ୍ତି କବି ଗୁରୁପ୍ରସାଦ ହରେକୃଷ୍ଣ ଦାସ (ଦୁଇ) କବିତାରେ।

"ମଣିଷର କେତେ ସ୍ୱପ୍ନ ଆଶା ଓ ନିରାଶା କେତେ/ ଯୋଜନା ତ କମିଟି ଭିତରେ/ ସୂର୍ଯ୍ୟ କେବେ ନିଭିଯାଏ ଆସ୍ତେ ଆସ୍ତେ ଛୋଟ ହୋଇ/ ବ୍ୟାଟେରୀ ନଥିବା ସାନ ଟର୍ଚ୍ଚ ଲାଇଟ୍ ପରି।" (ସମୁଦ୍ରସ୍ନାନ, ପୃ.୩୧)

ଉପରୋକ୍ତ ଆଲୋଚନାରୁ ସୁସ୍ପଷ୍ଟ ହୁଏ ଗୁରୁପ୍ରସାଦଙ୍କ କବିତା ଜୀବନାନୁଭୂତିର ପ୍ରଗାଢ଼ତାକୁ ରୂପାୟିତ କରେ। ଯେଉଁଥିରେ ଯୌନ ଜୀବନ ବୃତ୍ତର କଥା ଅଛି। ନୀତି ସଚେତନତା ଓ ଆଦର୍ଶବାଦୀ ଦୃଷ୍ଟିଭଙ୍ଗୀ ଅଛି। ଜୀବନର ଗଭୀର ପ୍ରାଣ ପିପାସା ମଧ୍ୟ ଅଛି। ଏହାକୁ ପାଠକରି ପାଠକ ଆତ୍ମଲୀନ ହେବା ସହ ଜୀବନ ବିଷୟରେ ଧ୍ୟାନସ୍ଥ ହୋଇପାରିବ। ଗୁରୁପ୍ରସାଦଙ୍କ କବିତାରେ ସଂସ୍ଥାପିତ ଜୀବନ କଥା କୌତୁକପ୍ରଦ କାହାଣୀ ପରି ମନେ ନହୋଇ ନିଦା ଓ ଗମ୍ଭୀର ମନେହେବ। ଜଗତ ଓ ଜୀବନ ବିଷୟରେ ଲେଖିବାପାଇଁ କବି ଗୁରୁପ୍ରସାଦ ସତେଯେମିତି ନିଜକୁ ନିଜ ଭିତରୁ ଖୋଜିବାକୁ ଚେଷ୍ଟା କରିଛନ୍ତି। ନିଜକୁ ଏକ ବିମ୍ବ କରି ଦେଖିଛନ୍ତି। ହୋଇପାରେ ସେ 'ଗୋବର ଗଣେଶ' ଅବା 'ହରେକୃଷ୍ଣ ଦାସ'।

ପରିଶେଷରେ କୁହାଯାଇପାରେ ଗୁରୁପ୍ରସାଦଙ୍କ କବିତା ମଣିଷ ଜୀବନ ଓ ତାର ବିରଳ ଅନୁଭବର ଶୁଦ୍ଧ ସଂଚରଣଶୀଳ ମନୋଜ୍ଞ ବିସ୍ତାର ହେବା ପରିପ୍ରେକ୍ଷୀରେ ପାଠକୀୟ ପରିଚିତ ଅନୁଭୂତିକୁ ପରିପ୍ରକାଶ କରିବା କ୍ଷେତ୍ରରେ ଅଧିକ କାବ୍ୟମୟ ହୋଇଛି।

ସହାୟକ ଗ୍ରନ୍ଥସୂଚୀ :

୧. C.G. Jung, "Archetypes of the collective unconscious", Twentieth century

criticism: The Major Statements, Ed. William, J. Handy and Max West Book, New York, 1974, P.205
୨. ଅସ୍ତରାଗର କବିତା, ଶତ୍ରୁଘ୍ନ ପାଣ୍ଡବ, ଆଧୁନିକ ଓଡ଼ିଆ କବିତା ସମୀକ୍ଷଣ, ୨୦୦୯
୩. ଗୁରୁପ୍ରସାଦଙ୍କ କବିତା ପ୍ରସଙ୍ଗ ଓ ଭାରତୀୟତା, ଶତ୍ରୁଘ୍ନ ପାଣ୍ଡବ, ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା, ୧୯୯୮
୪. ଆଧୁନିକ କାବ୍ୟ ଜିଜ୍ଞାସା ଓ ଚିତ୍ରକଳ୍ପ, ଦାଶରଥି ଦାସ, ପୃ.୧୩୩
୫. ୬, ୭, ୮, ୯, ୧୦, ୧୧, ୧୨

- ବ୍ୟାସ ମହାଭାରତ – ମୌଷଳ ପର୍ବ, ପ୍ରଥମ ଅଧ୍ୟାୟ, ୧-୫ ଶ୍ଳୋକ, ଅନୁବାଦକ- ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପୃ.୩୫୩, ଓଡ଼ିଶା ସାହିତ୍ୟ ଏକାଡ଼େମୀ
- ବ୍ୟାସ ମହାଭାରତ – ମୌଷଳ ପର୍ବ, ପ୍ରଥମ ଅଧ୍ୟାୟ, ୧୫-୨୧ ଶ୍ଳୋକ, ଅନୁବାଦକ- ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପ୍ରକାଶକ- ଓଡ଼ିଶା ସାହିତ୍ୟ ଏକାଡ଼େମୀ
- ବ୍ୟାସ ମହାଭାରତ – ମୌଷଳ ପର୍ବ, ଦ୍ୱିତୀୟ ଅଧ୍ୟାୟ, ୧-୧୫ ଶ୍ଳୋକ, ଅନୁବାଦକ- ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପ୍ରକାଶକ- ଓଡ଼ିଶା ସାହିତ୍ୟ ଏକାଡ଼େମୀ

୧୩. ଶ୍ରୀମଦ୍ ଭାଗବତ, ଦଶମ ସ୍କନ୍ଧ, ୩୯ ଅଧ୍ୟାୟ
୧୪. ଶ୍ରୀମଦ୍ ଭାଗବତ, ଜଗନ୍ନାଥ ଦାସ, ଦଶମ ସ୍କନ୍ଧ
୧୫. ମାର୍କଣ୍ଡେୟ ପୁରାଣ, ମହାଦେବ ଦାସ, କୁମ୍ଭୀପାକ ଓ ରୌରବ ନର୍କର ଉତ୍ପତ୍ତି ପ୍ରସଙ୍ଗ, ପୃ.୭୫

●

●●● ସା ।କ୍ଷା ।ତ କା ।ର

# ବାଗୀଶ ବରେଣ୍ୟ

ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବିଶିଷ୍ଟ ସମାଲୋଚକ, ଗବେଷକ ଓ ଭାଷାବିଦ୍ **ପ୍ରଫେସର୍ ଗିରୀଶ ଚନ୍ଦ୍ର ମିଶ୍ର**ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର। - ***ସଂପାଦନା ମଣ୍ଡଳୀ, ବାଗୀଶ***



ପ୍ରଫେସର୍ ଗିରୀଶ ଚନ୍ଦ୍ର ମିଶ୍ରଙ୍କ ସ୍ଥିରଚିତ୍ର

ପ୍ରଫେସର୍ ଗିରୀଶ ଚନ୍ଦ୍ର ମିଶ୍ରଙ୍କ (୧୭ ଜାନୁଆରୀ ୧୯୫୨) ଜନ୍ମସ୍ଥାନ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଗୋପୀନାଥ ସାହି, ଦଶପଲ୍ଲା। ବାପା ବିଶିଷ୍ଟ ନାଟ୍ୟକାର ସ୍ୱର୍ଗତ ରାମଚନ୍ଦ୍ର ମିଶ୍ର ଓ ଓ ମା' ମାତା ସ୍ୱର୍ଗତ ବିଷ୍ଣୁପ୍ରିୟା ଦେବୀ। ପ୍ରଥମ ଦୁଇବର୍ଷ ଡ. ମିଶ୍ର ବିଜ୍ଞାନର ଛାତ୍ର ଥିଲେ। ୧୯୭୧ରେ ଓଡ଼ିଆ ଅନର୍ସରେ ଓ ୧୯୭୩ରେ ସେ ପ୍ରଥମ ଶ୍ରେଣୀରେ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ୍.ଏ. ପାଶ୍ କରିଥିଲେ। ଭାଷାତତ୍ତ୍ୱ ତାଙ୍କର ବିଶେଷ ପତ୍ର ଥିଲା। ସେ ଆଧୁନିକ ଓଡ଼ିଆ କବିତା ଉପରେ ଗବେଷଣା କରି ୧୯୮୫ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍. ଉପାଧି ଲାଭ କରିଥିଲେ। ୧୯୭୪ ମସିହାରେ ସେ ଓଡ଼ିଆ ଅଧ୍ୟାପକ ଭାବେ ଯୋଗଦେଇ ୧୯୭୬ ମସିହାରେ ଓ.ପି.ଏସ୍.ସି ଦ୍ୱାରା ଯୋଗ୍ୟ ବିବେଚିତ ହୋଇ ଭଦ୍ରକ କଲେଜ(୧୯୭୬ ୯୭୬-୭୮), ରେଭେନ୍ସା କଲେଜ(୧୯୭୮-୧୯୯୦), ଜେ.କେ. ବି.କେ କଲେଜ (୧୯୯୧-୯୫), ଓ ପୁନଶ୍ଚ ରେଭେନ୍ସା କଲେଜ/ବିଶ୍ୱବିଦ୍ୟାଳୟ (୧୯୯୫-୨୦୦୮)ରେ ଅଧ୍ୟାପନା କରି ୨୦୦୮ ମସିହାରେ ପୁନଶ୍ଚ ଓ.ପି.ଏସ୍.ସି ଦ୍ୱାରା ଉଚ୍ଚଶିକ୍ଷା ବିଭାଗର 'ବରିଷ୍ଠ ପ୍ରାଶାସନିକ ସେବା' ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ। ସରକାରୀ କଲେଜରେ ଅଧକ୍ଷ ଭାବେ ଅବସ୍ଥାପିତ ହୋଇ ୨୦୧୦ ମସିହାରେ ଅବସର ଗ୍ରହଣ କରିଥିଲେ। ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟରେ ତାଙ୍କର ଅବଦାନ ଫଳରେ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ନବସ୍ଥାପିତ 'ଲାଙ୍ଗୁଏଜ୍ ଟେକ୍ନୋଲୋଜି ସେଣ୍ଟର୍'ର ନିର୍ଦ୍ଦେଶକ ଭାବରେ ପୁନଃ ଅବସ୍ଥାପିତ ହେବା ସହ ଓଡ଼ିଆ ବିଭାଗର ମୁଖ୍ୟ ଭାବେ ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ଏହାପରେ ମଧ ସେ ଭିଜିଟିଂ ପ୍ରଫେସର ଭାବେ ୨୦୧୩ରୁ ୨୦୧୪ ଯାଏ ରେଭେନ୍ସା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରିଥିଲେ। ୨୦୧୪ରେ ସେ ମାଇକ୍ରୋସଫ୍ଟର ଲାଙ୍ଗୁଏଜ୍ ଟେକ୍ନୋଲୋଜି ସଂପର୍କୀୟ ପ୍ରକଳ୍ପରେ କାର୍ଯ୍ୟ କରିବା ପାଇଁ ଆମେରିକା ଯାଇଥିଲେ। ଏକା ଧାରାରେ ସେ ଜଣେ ଭାଷାବିଦ୍, କବି, ଔପନ୍ୟାସିକ ଓ ସାହିତ୍ୟ ସମାଲୋଚକ। ତାଙ୍କ ଜୀବନର ଦୀର୍ଘ ସମୟ ବିତିଛି ଅଧ୍ୟାପନା ଓ ସାହିତ୍ୟ ଆଲୋଚନା। ଓଡ଼ିଆ ଭାଷାବିଜ୍ଞାନର ଆଲୋଚନା ଓ ଗବେଷଣା କ୍ଷେତ୍ରରେ ମଧ ତାଙ୍କ ଅବଦାନ ସ୍ମରଣୀୟ।

ଓଡ଼ିଆ ଭାଷାକୋଷ (10 Volumes, 1000 Pages Each) Multilingual Encyclopaedic Dictionary (Odia-Eng.-Hindi-Bengali), ଓଡ଼ିଆ ଅଭିଧାନ (Odia Abhidhan : Odia Dictionary of 21st Century), ଗବେଷଣା ପୁସ୍ତକ- ଆଧୁନିକ ଓଡ଼ିଆ କବିତା ଓ ମିଥ୍ ପ୍ରସଙ୍ଗ, ଓଡ଼ିଆ ଏକାଙ୍କିକା : ଧାରା ଓ ଧାରା, ସଂକଳନ ଓ ସଂପାଦନା - ନାଟ୍ୟକାର ରାମଚନ୍ଦ୍ର ରଚନା ସମଗ୍ର (ଛ' ଖଣ୍ଡ), ଗୋବିନ୍ଦ ଚନ୍ଦ୍ର ରଚନା ସମଗ୍ର (ଦୁଇ ଖଣ୍ଡ), ମହାପାତ୍ର ନୀଳମଣି ସାହୁ ରଚନାସମଗ୍ର (ପାଞ୍ଚ ଖଣ୍ଡ), ଅନନ୍ତ ପଟ୍ଟନାୟକ ରଚନା ସମଗ୍ର (ପାଞ୍ଚ ଖଣ୍ଡ), ନାଟ୍ୟକାର ରତି ମିଶ୍ର ରଚନା ସମଗ୍ର (ଛ' ଖଣ୍ଡ), କବିତା ସଂକଳନ - ଲବଣଚଉଁରୀ, ଉପନ୍ୟାସ - ଦଧୀଚି, ପୁରୁଷସୂକ୍ତ, ମତ୍ସ୍ୟଗନ୍ଧା, କାଳକାଣ୍ଡାରୀ, କନ୍ୟାପଞ୍ଚକ, ଶୂନ୍ୟ ମୁହୂର୍ତ୍ତ (ଗାଳ୍ପିକ କହ୍ନେୟାଲାଲ ଦାସଙ୍କ ଜୀବନୀ ଆଧାରିତ ନାଟକ) ଆଦି ତାଙ୍କ ସମୁଜ୍ଜ୍ୱଳ ସାରସ୍ୱତ କୀର୍ତ୍ତିମାନ ଓଡ଼ିଆ ଭାଷା ଓ ସାହିତ୍ୟ ଭଣ୍ଡାରକୁ କରିଛି ପରିପୁଷ୍ଟ।

---

**୧. ସାହିତ୍ୟରେ ଆଲୋଚନା ବା ସମାଲୋଚନା କହିଲେ ଆପଣ କ'ଣ ବୁଝନ୍ତି ?**

ଉ : ସାହିତ୍ୟରେ 'ଆଲୋଚନା' ଓ 'ସମାଲୋଚନା' ଆଦୌ ଏକାକଥା ନୁହେଁ। ଉଭୟ ମଧ୍ୟରେ 'ଭାବଗତ' ଓ 'ବୁଦ୍ଧିଗତ' ଫରକ ରହିଚି। ଓଡ଼ିଆ ସାହିତ୍ୟର ବହୁ ପ୍ରାଚୀନ କାଳରୁ ଏଭଳି ଭିନ୍ନ ବ୍ୟବହାର ଦେଖାଯାଏ। ଉଭୟ 'ଆଲୋଚନା' ଓ 'ସମାଲୋଚନା'ର ଗୋଟିଏ ଲକ୍ଷ୍ୟ ହେଲା – ମୂଳ ସାହିତ୍ୟ / କଳାକୃତିର ବ୍ୟାପକ ତଥା ବିଭିନ୍ନ ଦୃଷ୍ଟିକୋଣରୁ ବିଶ୍ଳେଷଣ, ଯଥା:- 'ସାମାଜିକ, ସାଂସ୍କୃତିକ, ବୌଦ୍ଧିକ ବା ମୂଲ୍ୟବୋଧ-ଭିତ୍ତିକ। ସଂପ୍ରତି 'ସମାଲୋଚନା' ବା 'ଆଲୋଚନା'କୁ 'ମୂଲ୍ୟାଙ୍କନ' ଭାବେ ବିଚାର କରାଯିବାରୁ, ପ୍ରକୃତ ସମାଲୋଚନା ଠାରୁ ଆମେ ଦୂରେଇ ଯାଉଛେ।

**୨. ଆପଣ ଏକାଧାରରେ ଜଣେ ସମାଲୋଚକ ଓ ଭାଷାବିତ୍। ଅଦ୍ୟାବଧି ଆପଣଙ୍କର ଆଲୋଚନାତ୍ମକ ଲେଖା ଓଡ଼ିଶା ଓ ଓଡ଼ିଶା ବାହାରେ ଅନେକ ପ୍ରସିଦ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ଦଶଖଣ୍ଡ ବିଶିଷ୍ଟ 'ଓଡ଼ିଆ ଭାଷାକୋଷ'ର ଆପଣ ସଂକଳକ। ଅନେକ ଆଲୋଚନାତ୍ମକ ପୁସ୍ତକ ମଧ୍ୟ ଆପଣଙ୍କର ପ୍ରକାଶିତ। ତେବେ ଆପଣ ନିଜର ଆଲୋଚନାରେ କେଉଁ ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦେଇଥାନ୍ତି ଓ କାହିଁକି ?**

ଉ : ସମାଲୋଚନାକୁ ମୁଁ ଯଥାସାଧ୍ୟ ଏକ 'ସୃଜନ-କର୍ମ' ଭାବେ ବିଚାର କରିଥାଏ। ପାଠକ ଯେଉଁପରି ସାହିତ୍ୟକୁ ଉପଭୋଗ କରିଥାନ୍ତି; ଅନୁରୂପ ଭାବେ ସମାଲୋଚନା ପାଠକଙ୍କ ପାଇଁ ଗ୍ରହଣଯୋଗ୍ୟ ହେଲେ, ସମାଲୋଚନା କର୍ମ ଓ ମୂଳ ସାହିତ୍ୟକୃତି – ଏ ଉଭୟର ମହନୀୟ ତଥା ଗୁଣାତ୍ମକ ମୂଲ୍ୟର ଅଭିବୃଦ୍ଧି ଘଟିବ। ସମାଲୋଚନା ରୋଚକ ଓ ଜୀବନ୍ତ ହେଲେ, ପାଠକ ମୂଳ ସାହିତ୍ୟକୃତି ପଢ଼ିବାପାଇଁ ଆଗ୍ରହୀ ହେବେ।

**୩. ଆପଣ ଜଣେ ଲବ୍ଧପ୍ରତିଷ୍ଠ ଭାଷାବିଜ୍ଞାନୀ। ସାହିତ୍ୟର ଅନ୍ୟାନ୍ୟ ଦିଗ ଅପେକ୍ଷା ଭାଷା ବିଜ୍ଞାନ କ୍ଷେତ୍ରରେ ଗବେଷଣା କରିବା ସେତିକି ସହଜ ସାଧ୍ୟ ନୁହେଁ। ତଥାପି ଭାଷା ବିଜ୍ଞାନର ଗବେଷଣା ଓ ଅଧ୍ୟାପନା କ୍ଷେତ୍ରରେ ଆପଣଙ୍କ ଅବଦାନ ପ୍ରସଂଶନୀୟ। ଭାଷା ବିଜ୍ଞାନ ପ୍ରତି ଏ ସ୍ପୃହା କେବେଠୁ ଓ କାହିଁକି ଆପଣଙ୍କ ଭିତରେ ସୃଷ୍ଟି ହେଲା?**

ଉ : ଭାଷା ବିଜ୍ଞାନ ପ୍ରତି ଆଗ୍ରହ ଅନର୍ସ ପଢିବାଦିନୁ। ମୁଁ ଜଣେ ବିଜ୍ଞାନ ଛାତ୍ର ଥିଲି। 'ଭାଷା' ଯେ ଏକ ବିଜ୍ଞାନ – ଏ କଥା ବି.ଏ. ପଢିଲାବେଳୁ ଉପଲବ୍ଧ କରିଥିଲି। ରେଭେନ୍ସାରେ ସେତେବେଳେ ଓଡ଼ିଆ ପ୍ରଫେସର ଗୋଲକ ବିହାରୀ ଧଳ। ଭାରତର ଜଣେ ବିଶିଷ୍ଟ ଧ୍ୱନିବିତ୍ ଭାବେ ସେ ସୁନାମ ଅର୍ଜନ କରିଥିଲେ। ତାଙ୍କ ଅଧ୍ୟାପନା ମୋତେ ଭାଷାତତ୍ତ୍ୱ ଓ ଧ୍ୱନିତତ୍ତ୍ୱ ପ୍ରତି ବିଶେଷ ଆକୃଷ୍ଟ କରିଥିଲା। ଭାଷାତତ୍ତ୍ୱକୁ ବିଶେଷ ପତ୍ର ଭାବେ ଏମ୍.ଏ.ରେ ମୁଁ ନିର୍ବାଚନ କରିଥିଲି। ଯଦି ମୋର ପ୍ରଫେସର ସେତେବେଳେ ଗୋଲକ ବିହାରୀ ଧଳ ନଥାନ୍ତେ, ତେବେ ମୁଁ ଭାଷାତତ୍ତ୍ୱ ପ୍ରତି ଅନୁରାଗୀ ହୋଇପାରି ନଥାନ୍ତି। ୧୯୭୩ରେ ଏମ୍.ଏ. ପାଶ୍ କରି ଅଧ୍ୟାପନା କରିବାର ମାତ୍ର ବର୍ଷକ ଭିତରେ ଧଳ ସାର୍‌ଙ୍କର ଅକାଳ ବିୟୋଗ ମୋ ଭାଷା ଉପରେ ଗବେଷଣା କରିବାର ସ୍ୱପ୍ନକୁ ଧୂଳିସାତ୍ କରିଦେଇ ଥିଲା। ଗବେଷଣା ପାଇଁ ଉପଯୁକ୍ତ ଦିଗ୍‌ଦର୍ଶକ ଏକାନ୍ତ ଆବଶ୍ୟକ।

ପରବର୍ତ୍ତୀ ସମୟରେ ଓଡ଼ିଆ ଧ୍ୱନିବିଜ୍ଞାନ ଉପରେ ଦୁଇ ଗବେଷକଙ୍କ ଦିଗ୍‌ଦର୍ଶକ ଭାବେ କାର୍ଯ୍ୟ କରିଛି। 'କଟକ ଜିଲ୍ଲା ଅଧିବାସୀଙ୍କ ଉଚ୍ଚାରଣଗତ ବୈଶିଷ୍ଟ୍ୟ' ଓ 'ଢେଙ୍କାନାଳ ଜିଲ୍ଲା ଅଧିବାସୀଙ୍କ ଉଚ୍ଚାରଣଗତ ବୈଶିଷ୍ଟ୍ୟ'। ଏ ଦୁଇଟି ଗବେଷଣା ପ୍ରକଳ୍ପ ମୋ ଜାଣିବାରେ ଧ୍ୱନି ବିଜ୍ଞାନ ଭିତ୍ତିକ ଓଡ଼ିଆ ଭାଷାର ପ୍ରଥମ ପି.ଏଚ୍.ଡ଼ି, ଯାହା ୧୯୯୫ ମସିହା ବେଳକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ସମ୍ପାଦିତ ହୋଇଥିଲା। ଏଥିପାଇଁ ଏ ଉଭୟ ଗବେଷିକା ନିଜ ନିଜ ଜିଲ୍ଲା ସାରା ବର୍ଷାଧିକ କାଳ ବୁଲି ଟେପ୍‌ରେକଡର୍‌ରେ ଡାଟା ରେକର୍ଡ଼ିଂ କରିଥିଲେ। ଏ ସବୁ ଡାଟାକୁ ଫୋନେଟିକ୍ ଲ୍ୟାବ୍‌ରେ ବିଶ୍ଳେଷଣ କରାଯାଇଥିଲା; ଭାରତରେ ନୁହେଁ, ଆମେରିକାର ଇଲିନୟ ବିଶ୍ୱବିଦ୍ୟାଳୟରେ। ସେ ବିଶ୍ଳେଷଣ-ଲବ୍ଧ ତଥ୍ୟକୁ ଭିତ୍ତିକରି ସେମାନଙ୍କର ସନ୍ଦର୍ଭ ଲେଖାଯାଇଥିଲା। ସେବେଠାରୁ ଓଡ଼ିଶାର କୌଣସି ଏକ ବିଶ୍ୱବିଦ୍ୟାଳୟରେ ଫୋନେଟିକ୍ ଲ୍ୟାବ୍ ଖୋଲିବାପାଇଁ ମୁଁ ଉଦ୍ୟମ କରିଛି; ଏ ଯାଏ ସଫଳ ହୋଇନାହିଁ।

ଓଡ଼ିଆ ଭାଷାର ଧ୍ୱନିତାତ୍ତ୍ୱିକ ଅଧ୍ୟୟନ ଓ କମ୍ପ୍ୟୁଟର ଉପଯୋଗୀ କରିବାର ପ୍ରଥମ ପ୍ରୟାସ ୨୦୦୬ ମସିହାରେ ମୋ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଏ ପ୍ରକଳ୍ପରେ

ସେତେବେଳେ ରେଭେନ୍ସାରେ ଓଡ଼ିଆ ଏମ୍.ଏ ପଢୁଥିବା ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରି ମାଇକ୍ରୋସଫ୍ଟ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରମାଣପତ୍ର ଓ ପାରିଶ୍ରମିକ ଲାଭ କରିଥିଲେ। ଓଡ଼ିଆ ୟୁନିକୋର୍ଡ଼ ଅକ୍ଷର ପ୍ରସ୍ତୁତି ଓ କମ୍ପ୍ୟୁଟରରେ ବ୍ୟବହାର ପାଇଁ ସ୍ୱତନ୍ତ୍ର କୀ ବୋର୍ଡ଼ ପ୍ରସ୍ତୁତି ଥିଲା ଏ ପ୍ରକଳ୍ପର ପ୍ରାଥମିକ ପର୍ଯ୍ୟାୟ। ଏ ପ୍ରକଳ୍ପ ରାଜ୍ୟ ସରକାର ମାଇକ୍ରୋସଫ୍ଟ କମ୍ପାନୀ ଓ ରେଭେନ୍ସା ଓଡ଼ିଆ ବିଭାଗର ମିଳିତ ଉଦ୍ୟମରେ ହୋଇଥିଲା। ୨୦୦୬ ମସିହାରେ ଓଡ଼ିଆ ୟୁନିକୋର୍ଡ଼ ଫଣ୍ଟ ପ୍ରସ୍ତୁତି ଓ ନିର୍ଭୁଲ୍ ଯୁକ୍ତାକ୍ଷର ଗଠନ କାର୍ଯ୍ୟ ସମାପ୍ତ ହେଲାପରେ ଏହି ୟୁନିକୋର୍ଡ଼ ଓଡ଼ିଆକୁ ବ୍ୟବହାର କରି ପାଞ୍ଚୋଟି ବିଶ୍ୱସ୍ତରୀୟ ପ୍ରକଳ୍ପ ମୋ ତତ୍ତ୍ୱାବଧାନର ସମ୍ପାଦିତ ହୋଇଥିଲା। ଏ ସମୟରେ ଓଡ଼ିଆ ଭାଷାର କମ୍ପ୍ୟୁଟର ପ୍ରଯୁକ୍ତି ବିଦ୍ୟା ଭିତ୍ତିକ ୪ ଜଣ ପି.ଏଚ୍.ଡ଼ି ଗବେଷକ ସେମାନଙ୍କର ପି.ଏଚ୍.ଡ଼ି ଡିଗ୍ରୀ ଲାଭ କରିଥିଲେ। ଓଡ଼ିଆ ଭାଷା ବିଜ୍ଞାନର ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ନୂଆ ଦିଗ ଏହିଠାରୁ ଉନ୍ମୋଚିତ ହୋଇଥିଲା।

**୪. ଆପଣ ଦୀର୍ଘ ସମୟ ଧରି ସମାଲୋଚନା ସାହିତ୍ୟ କ୍ଷେତ୍ରରେ ସକ୍ରିୟ ଅଛନ୍ତି। ଏମିତିକି ଆପଣ ଓଡ଼ିଆ ସମାଲୋଚନା ସାହିତ୍ୟର ବଦଳୁଥିବା ଗତିଧାରାକୁ ଦେଖିଛନ୍ତି। ତେବେ ଆମେ ଜାଣିବାକୁ ଚାହିଁବୁ, ବିଗତ ଦଶନ୍ଧିର ସମାଲୋଚନା ସାହିତ୍ୟ ଓ ବର୍ତ୍ତମାନର ସମାଲୋଚନା ସାହିତ୍ୟ ମଧ୍ୟରେ କେଉଁ ସବୁ ପରିବର୍ତ୍ତନ ଲକ୍ଷ୍ୟ କରନ୍ତି?**

ଉ: ସମାଲୋଚନା ସାହିତ୍ୟର ମୁଖ୍ୟତଃ ଦୁଇଟି ସ୍ରୋତ। ପ୍ରଥମଟି ହେଲା– ଆଲୋଚିତ ସାହିତ୍ୟ କୃତି/ ଧାରାର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ ଓ ଦ୍ୱିତୀୟଟି ହେଲା– ସମାଲୋଚକଙ୍କ ନିଜସ୍ୱ ଜ୍ଞାନ ଓ ଗବେଷଣାରୁ ପାଇଥିବା ଉପଲବ୍ଧିର ବହୁମୁଖୀ ବିନିଯୋଗ।

ଏ ଉଭୟ ସ୍ରୋତ ମନ୍ଦାକିନୀ ଓ ଅଳକାନନ୍ଦା; ସମାଲୋଚନାର ଦୁଇ ସହୃଦୟ ଆଭିମୁଖ୍ୟ। ଏ ଉଭୟ ସ୍ରୋତର କଳାତ୍ମକ ନିମଜ୍ଜିତ ସତ୍ତା– ଏହିଠାରୁ ସେ 'ଗଙ୍ଗା'। ସାହିତ୍ୟର ଅପୂର୍ବ ନୈସର୍ଗିକ ଓ ମାନବୀୟ ଗୁଣାବଳିକୁ ଉନ୍ମୋଚିତ କରି ପାଠକମାନଙ୍କ ପିପାସୁ ମନରେ ସନ୍ତୋଷ ବିଧାନ କରିବାରେ ସେ ସହାୟକ ହୋଇଥାଏ। ସେଥିପାଇଁ 'ସମାଲୋଚନା'ର ସ୍ୱୀକୃତି 'ସାହିତ୍ୟ'କୁ ଯୋଗ୍ୟ ଆସନ ପ୍ରଦାନ କରିଥାଏ।

ମୁଁ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ୧୯୮୦ ମସିହାରୁ ସଂପୃକ୍ତ। ସାହିତ୍ୟର, ବିଶେଷ କରି ସମସାମୟିକ ସାହିତ୍ୟର ଅନାଲୋଚିତ ଦିଗ ପ୍ରତି ଅଧିକ ଧ୍ୟାନଦେବା ମୋ ସମାଲୋଚନା ସୃଷ୍ଟିର ଆଭିମୁଖ୍ୟ। ସାହିତ୍ୟର ଇତିହାସ ରଚନାକୁ 'ସମାଲୋଚନା ସାହିତ୍ୟ' ଅନ୍ତର୍ଭୁକ୍ତ କରିବା ସପକ୍ଷରେ ମୁଁ ନୁହେଁ। ସାହିତ୍ୟର ଇତିହାସ ରଚନା ଏକ ବିଧିବଦ୍ଧ ସୂତ୍ରାବଳୀ; ଯେଉଁଥିରେ ତଥ୍ୟକୁ ସଠିକ୍ ଭାବେ ଓ ବୈଜ୍ଞାନିକ ଶୈଳୀରେ ଉପସ୍ଥାପନ କରାଯାଇଥାଏ। ନୂତନ ତଥ୍ୟକୁ ବିଭିନ୍ନ ଯୁକ୍ତି ଓ ପ୍ରମାଣ ଦ୍ୱାରା ଏହାର ରଚନାକାଳ ସାହିତ୍ୟିକ, ସାଂସ୍କୃତିକ ତଥା ସମସାମୟିକ ସାମାଜିକ ପରିବେଷ୍ଟନୀକୁ ଭିତ୍ତିକରି ଏହାର କିଂଚିତ୍ ମୂଲ୍ୟାଙ୍କନ କରାଯାଇ ଶ୍ରେଣୀଭୁକ୍ତ କରିବାର ପ୍ରୟାସ କରାଯାଇଥାଏ। ସମାଲୋଚନା ଭଳି ଗଭୀର ତାତ୍ତ୍ୱିକ ବିଶ୍ଳେଷଣର ଅବକାଶ ନଥାଏ।

ପାଞ୍ଚ ଦଶକ ପୂର୍ବରୁ କେତେକ କବିତା ସଂକଳନ ଓ ନାଟକ ବହିରେ 'ପୃଷ୍ଠବନ୍ଧ', 'ମୁଖବନ୍ଧ' ସଂଯୋଜିତ ହୋଇ ସେହି ସଂକଳନର କବିତା ସଂପର୍କରେ ବା ସେହି ନାଟକ ସଂପର୍କରେ ଲେଖକ ନିଜେ କେତେକ ଆଲୋଚନାଧର୍ମୀ ବକ୍ତବ୍ୟ ସଂଯୋଜନ କରି 'ସମାଲୋଚକ ବାଟବଣା ନ ହେବାର ନିରାପତ୍ତା' ପ୍ରଦାନ କରିଥିବା ମନେହୁଏ। ପ୍ରତ୍ୟେକ ସମାଲୋଚକ ଏହି ଗୋଲକଧନ୍ଦାରେ ଛନ୍ଦି ହୋଇ କବି/ ନାଟ୍ୟକାରଙ୍କ ଉକ୍ତିକୁ ବେଦଜ୍ଞାନ କରି ସେହି ଆଲୋଚନା–ଗୁଳାରେ ନିଜର ଲେଖନୀ ଚାଳନା କରିଛନ୍ତି। କବି/ ନାଟ୍ୟକାରଙ୍କ ବକ୍ତବ୍ୟ କବିତା/ ନାଟକରେ ପ୍ରକାଶିତ ହୋଇଛି। କେତେଦୂର ସଫଳ ହୋଇଛନ୍ତି, ତାହା ବିଭିନ୍ନ ଦିଗରୁ ଆଲୋଚନା କରିବା ସମାଲୋଚକର ବୌଦ୍ଧିକ ଦାୟିତ୍ୱ। ମୋ ମତରେ, ଏଭଳି ପୃଷ୍ଠବନ୍ଧ ବା ମୁଖବନ୍ଧର ଲେଖକ ନିଜେ କଣ ଲେଖିଛନ୍ତି, କେଉଁ ନୂତନ ତତ୍ତ୍ୱ ଦର୍ଶନ ଏଥିରେ ସ୍ଥାନିତ ହୋଇଛି ଇତ୍ୟାଦି ସଂପର୍କରେ କହି ସମାଲୋଚନାର ମୁକ୍ତ ପରିଧିକୁ ସଂକୁଚିତ ଓ ସୀମିତ କରି ଦେଇଛନ୍ତି। ଏହାର ପାର୍ଶ୍ୱ ପ୍ରତିକ୍ରିୟା ଏ ଯାଏଁ ଯୁବ ଗବେଷକ ଓ ଅଧ୍ୟାପକମାନଙ୍କ ଚିନ୍ତାଧାରାକୁ ସ୍ୱାଧୀନ ଭାବେ କିଛି ନୂଆ ଚିନ୍ତା କରିବାକୁ ବାରମ୍ବାର ବାରଣ କରୁଛି। ସେ କ୍ଷେତ୍ରରେ ମୁଖବନ୍ଧ/ପୃଷ୍ଠବନ୍ଧ ସେ ସାହିତ୍ୟକୃତି ମୂଲ୍ୟାଙ୍କନର ସାକ୍ଷୀ, ଗୁହା ଓ ପ୍ରମାଣ ଭାବେ ଉଭା ହୋଇଛି। କ୍ୱଚିତ୍ ସମାଲୋଚକଙ୍କର ଏ ପାରାବାରକୁ ଲଂଘିବାର ସାମର୍ଥ୍ୟ ବା ଧୈର୍ଯ୍ୟ ରହିଛି।

ସାଂପ୍ରତିକ ଗବେଷକ ଓ ଦିଗ୍‌ଦର୍ଶକ, ଏଭଳି ଲେଖକଙ୍କ ସ୍ୱ ରଚିତ ମୁଖବନ୍ଧ/ ପୃଷ୍ଠବନ୍ଧ ବକ୍ତବ୍ୟର ପ୍ରଲୋଭନ ଠାରୁ ମୁକ୍ତ ହୁଅନ୍ତୁ। ତେବେ ସେମାନଙ୍କର ଗବେଷଣା ନିର୍ଦ୍ଦିଷ୍ଟ ସାହିତ୍ୟକୃତି ବା ସାହିତ୍ୟିକ ଧାରା ଭିତରେ ଥିବା ମୂଲ୍ୟବାନ ରତ୍ନର ସନ୍ଧାନ ପାଇପାରିବେ। 'ନୂତନ' କିଛି ଅନ୍ୱେଷଣର ଅର୍ଥ ନୁହେଁ ଯେ, "ଘରର ଦାଣ୍ଡବାଟେ ନ ଯାଇ ବାଡ଼ିବାଟେ ଯିବା। ଯେଉଁ ବାଟେ ଗଲେ ବି ସେ ତ ଆଗରୁ ବହୁବାର ଆଲୋଚିତ ହୋଇଥିବା ପୁରୁଣା ଘର।"

ବିଗତ ଦଶନ୍ଧିରେ, ଓଡ଼ିଆ ସମାଲୋଚନା କ୍ଷେତ୍ରରେ ସେପରି କିଛି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ। କାଁ ଭାଁ ଉଦ୍ୟମ ଯେ ନହୋଇଛି; ତା' ନୁହେଁ। ମୋଟ ଉପରେ ଗତ ପଚାଶବର୍ଷ ଧରି ଓଡ଼ିଆ 'ସମାଲୋଚନା' ସାହିତ୍ୟର ଗୁଣାତ୍ମକ ମୂଲ୍ୟାଙ୍କନ ପ୍ରକ୍ରିୟା, ପାରମ୍ପରିକ ପଦ୍ଧତିକୁ ନିର୍ଭର କରି ଆସିଛି। ନୂତନ ସାହିତ୍ୟର ଦୃଷ୍ଟିଭଙ୍ଗୀ ଅନୁରୂପ 'ସମାଲୋଚନା' ସମତାଳରେ ଗତି ନକଲେ 'ନୂତନ ସାହିତ୍ୟ' ଯଥାଯଥ ସାହିତ୍ୟିକ ମର୍ଯ୍ୟାଦା ଲାଭ କରିବା ଅସମ୍ଭବ ହେବ।

**୫. ବର୍ତ୍ତମାନ ସମୟକୁ ଲକ୍ଷ୍ୟ କଲେ ଲାଗେ ଆଲୋଚନାତ୍ମକ ଲେଖା ଓ ପୁସ୍ତକ ପ୍ରକାଶ କରିବାର ଏକ ଦୌଡ଼ରେ ଆମେ ସମସ୍ତେ। ଏହି ଦୌଡ଼ରେ ଆମେ ସମସ୍ତେ କୋଉଠି ନା**

**କୋଉଠି ଗୁଣାତ୍ମକତାକୁ ଛାଡ଼ି ପରିମାଣାତ୍ମକ ଦିଗକୁ ଗୁରୁତ୍ୱ ଦେଲାଭଳି ମନେହୁଏ ଆପଣ କ'ଣ କହିବେ ଏ ସମ୍ପର୍କରେ?**

ଉ : ଆଲୋଚନାଧର୍ମୀ ପୁସ୍ତକ ବର୍ତ୍ତମାନ ଅଧିକ ପ୍ରକାଶ ପାଉଛି। ଏହା ଅନେକାଂଶରେ ବୃତ୍ତିଗତ ଆବଶ୍ୟକତା। ପିଏଚ୍.ଡି. ପାଇଲେ ୨୫ ମାର୍କ- ଚାକିରି ପାଇବା ପାଇଁ ନିଶ୍ଚୟ ସହାୟକ। ଅନ୍ୟ ଦିଗରେ- 'ସମାଲୋଚନା' ଲେଖା ମୁଖ୍ୟତଃ ବିଶ୍ୱବିଦ୍ୟାଳୟ ମାନଙ୍କରେ ପିଏଚ୍.ଡି. କୋର୍ସ ଭିତରେ ସୀମିତ, ଯାହାକି ୟୁଜିସି ପ୍ରଦତ୍ତ ଫେଲୋସିପ୍ ଦ୍ୱାରା ପ୍ରୋତ୍ସାହିତ। ନିର୍ଦ୍ଦିଷ୍ଟ ସମୟରେ ଗବେଷକ ତା' ନିବନ୍ଧ ଦାଖଲ କଲେ, ଦିଗ୍‌ଦର୍ଶକ ସବୁଆଡୁ ଦାୟିତ୍ୱମୁକ୍ତ ହେବେ। ଏଭଳି ସର୍ତ୍ତମୂଳକ ଗବେଷଣା ଅନେକ ସମୟରେ 'ବାପ ରାଣ, ଡିଙ୍କି ଗିଳିବା' ଅବସ୍ଥା ସୃଷ୍ଟି କରିଥାଏ। ଏଭଳି ମାନସିକତା ତଥା ଅଗଭୀର ଗବେଷଣା ପ୍ରସ୍ତୁତି 'ରାତିର ପ୍ରସୂତି କଷ୍ଟ, ସକାଳକୁ ରଗ୍‌ଣ ଜନ୍ମ ନେବା' ବ୍ୟତୀତ ଅଧିକ କ'ଣ ହୋଇପାରିବ? ଏଥିରେ କେବଳ ଗବେଷକ ବା ଦିଗ୍‌ଦର୍ଶକଙ୍କୁ ଦୋଷଦେବା କ'ଣ ଠିକ୍ ହେବ? ଆମ ବିଶ୍ୱବିଦ୍ୟାଳୟଗୁଡ଼ିକର ଅବସ୍ଥା ଅଳ୍ପେ ବହୁତେ ଏଭଳି ଚାପର ସମ୍ମୁଖୀନ। ମନେକର ଅଧ୍ୟାପକ ପୋଷ୍ଟ ସଂଖ୍ୟା ୮, ଅଛନ୍ତି ୪। ବାକି ଚାରୋଟି ଅତିଥି ଅଧ୍ୟାପକ କାମ ଚଳଉଚନ୍ତି କ୍ଲାସ ନେବାରେ। ଯେଉଁ ଚାରିଜଣ ରେଗୁଲାର ଅଧ୍ୟାପକ, ସେମାନଙ୍କ ଉପରେ କ୍ଲାସ ନେବା, ସେମିନାର କରିବା, ବେଠି କାମର ଚାପ ଯୋଗୁଁ ନୟାନ୍ତ। ପୁଣି ସେମାନେ ଦିଗ୍‌ଦର୍ଶକ ହେବାକୁ ବାଧ; ନହେଲେ ତାଙ୍କ ଭବିଷ୍ୟତ ଅନ୍ଧାର ହେଇଯିବ। ଏମିତି ପରିସ୍ଥିତିରେ କାହାର ଗୁଣ, ସାମର୍ଥ୍ୟ, ଯୋଗ୍ୟତା ବା ପ୍ରକଳ୍ପର ମୌଳିକତାକୁ ଖୋଜିବା? ଏ ଅବସ୍ଥାରୁ ମୁକ୍ତ ହେବାଯାଏ 'ସମାଲୋଚନା' ସାହିତ୍ୟର 'ମାନ'କୁ ଅପେକ୍ଷା କରିବାକୁ ପଡ଼ିବ। ଏବେ ଅକ୍ଷୟ ମହାନ୍ତିଙ୍କ ଜନପ୍ରିୟ ଗୀତଟି ଗାଇହେବ- 'ଯାଆ ରେ ଭାସି ଭାସି ଯା.. ନଉକା ମୋର ଭାସି ଯା...'। କାଗଜ ଡଙ୍ଗା ଏମିତି ଶହଶହ ଭାସିଯାଉଚି..ସେମାନଙ୍କ ଭିତରୁ ବହୁତ କମ୍ ଡଙ୍ଗା ଓଡ଼ିଆ ସାହିତ୍ୟର 'ମହାନଦୀ'ରେ ପ୍ରକୃତ ଡଙ୍ଗାର କାର୍ଯ୍ୟ ସମ୍ପାଦନ କରିପାରୁଛନ୍ତି।

ଏସବୁ ସତ୍ତ୍ୱେ ଗୁଣାତ୍ମକ 'ଆଲୋଚନା'କୁ ସଂଖ୍ୟାରେ ବିଚାର କରିବା ଅନୁଚିତ୍। ତିରିଶ ବର୍ଷ ହେଲା ପୁସ୍ତକ ପ୍ରକାଶ କରିବା ବେଶ୍ ସହଜ ହୋଇଚି। ଓଡ଼ିଆ ଭାଷାରେ ଟେକ୍ନୋଲଜି ବ୍ୟବହାର ଯୋଗୁଁ ଏହା ସମ୍ଭବ ହୋଇଛି। ଆଜି ୨୪ ଘଣ୍ଟାରେ ଖଣ୍ଡେ ସମାଲୋଚନା ବହି ଛାପିହେଉଛି। ପରିମାଣ ବୃଦ୍ଧି ପାଇବା ଏକ ଅଶୁଭ ସଙ୍କେତ ନୁହେଁ। ଏ 'ପରିମାଣ' ଭିତରେ 'ଗୁଣାତ୍ମକ ମୂଲ୍ୟ' ବୃଦ୍ଧି କରିବାର ଦାୟିତ୍ୱ ଆମର; ଗାଇଡ୍‌ମାନଙ୍କର, ପୁସ୍ତକ ପ୍ରକାଶକ ତଥା ପତ୍ରିକା ସମ୍ପାଦକଙ୍କର। ଏ ସ୍ତରରେ 'ମାନ'ରକ୍ଷା ପାଇଁ ନିଷ୍ଠାପର ଉଦ୍ୟମ ଯଦି ହୁଏ, ତେବେ ତୋଷାମତି ସମାଲୋଚନା, ପ୍ରମାଦପୂର୍ଣ୍ଣ ନିବନ୍ଧ ରଚନା, ଉପର ଠଉରିଆ ପିଏଚ୍.ଡି ଗବେଷଣା ଓ 'ପରୀକ୍ଷକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ' ଭଳି ବହୁ ବଦନାମରୁ ମୁକ୍ତ ହୋଇପାରନ୍ତା।

**୬. ବର୍ତ୍ତମାନ ବିଶ୍ୱବିଦ୍ୟାଳୟମାନଙ୍କରେ ହେଉଥିବା ଗବେଷଣାକୁ ଯଦି ମୂଲ୍ୟାଙ୍କନ କରାଯାଏ ମୋ ମତରେ ଅନେକାଂଶରେ ଏହା ଉପାଧି ସର୍ବସ୍ୱ ମନେହୁଏ। ଧୀରେ ଧୀରେ ଗବେଷଣା କ୍ଷେତ୍ରଟି ଏହାର ଗୌରବ ଓ ଗୁଣାତ୍ମକତା ହରାଉଛି? ଏହା ପଛରେ କ'ଣ କାରଣ ରହିଛି ବୋଲି ଆପଣ ଭାବନ୍ତି? ଏହାର ସାମାଧାନ ସମ୍ପର୍କରେ କ'ଣେ କହିବେ?**

ଉ : ଏ ସମ୍ପର୍କରେ ପୂର୍ବ ପ୍ରଶ୍ନର ଉତ୍ତରରେ ଉଲ୍ଲେଖ କରିଚି। ବିଶ୍ୱବିଦ୍ୟାଳୟମାନଙ୍କରେ ହେଉଥିବା ଗବେଷଣାର ମୂଲ୍ୟ ଅନେକ କ୍ଷେତ୍ରରେ ହ୍ରାସ ପାଇବାରେ ଲାଗିଛି। ଏଥିପାଇଁ ୧) ବିଷୟ ନିର୍ବାଚନ ୨) ଥେସିସ୍‌ର ସଂକ୍ଷିପ୍ତ-ସାରକୁ ଗୁରୁତ୍ୱର ସହ ସଂପୃକ୍ତ ଗବେଷଣା କମିଟିର ଅନୁଧ୍ୟାନ ଓ ଆବଶ୍ୟକମତେ ପରିବର୍ତ୍ତନ/ସଂଶୋଧନ/ପ୍ରତ୍ୟାଖ୍ୟାନ କରିବାର ନିଷ୍ଠାପର ଦାୟିତ୍ୱ ସମ୍ପାଦନ ୩) ସେହି ବିଷୟପାଇଁ ଦିଗ୍‌ଦର୍ଶକ ଉପଯୁକ୍ତ କି ନାହିଁ; ସେ ସମ୍ପର୍କରେ ଗବେଷଣା କମିଟିର ଅନୁଧ୍ୟାନ ୪) ତଥ୍ୟ ସଂଗ୍ରହ ପର୍ଯ୍ୟାୟରେ ଗବେଷକ କେବଳ ସହାୟକ ପୁସ୍ତକ ଉପରେ ନିର୍ଭର ନକରି ମୂଳ ତଥ୍ୟ/ପାଠର ଅଧ୍ୟୟନ ଓ ବିଶ୍ଳେଷଣ ଉପରେ ଗୁରୁତ୍ୱ ୫) ଗବେଷଣା ଅବଧି ମଧ୍ୟରେ ନିୟମିତ ବ୍ୟବଧାନରେ ଗବେଷଣା କମିଟିର ସମ୍ମୁଖୀନ ହୋଇ ଗବେଷଣା ଅଗ୍ରଗତି ସଂପର୍କରେ ତଥ୍ୟ ଉପସ୍ଥାପନ ୬) ଥେସିସ୍ ଦାଖଲ ପୂର୍ବରୁ ଗବେଷଣା କାର୍ଯ୍ୟଟି ଯେ ମୌଳିକ, ସେ ସଂପର୍କରେ ମୌଖିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ୭) ଦିଗ୍‌ଦର୍ଶକ ପ୍ରଦତ୍ତ ପରୀକ୍ଷକ ତାଲିକା ନିର୍ବିଶେଷରେ, ବିଷୟ ଉପରେ ଦଖଲ ଥିବା ପରୀକ୍ଷକମାନଙ୍କୁ ଏହାର ମୂଲ୍ୟାଙ୍କନ କରିବାର ଦାୟିତ୍ୱ ପ୍ରଦାନ ପ୍ରତି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ତଥା କୁଳପତିଙ୍କ ନିଷ୍ଠାପର ପଦକ୍ଷେପ ଗ୍ରହଣ। ସଂପ୍ରତି ମୂଲ୍ୟାଙ୍କନକୁ ନେଇ ଅସାଧୁ ମେଣ୍ଟ ମାଧ୍ୟମରେ ଯେଉଁସବୁ ଅନୈତିକ କାର୍ଯ୍ୟ ହେଉଛି; ତାହା ସମସ୍ତେ ଜାଣନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟର ଆମ ବିଭାଗରେ ଗାଇଡ୍ ମନୋନୟନ, ବିଷୟ ନିର୍ବାଚନ, ଆମ ଆମ ଭିତରେ ପରୀକ୍ଷକ ନିର୍ବାଚନ ଓ ସୁଚାରୁରୂପେ ସ୍ୱଳ୍ପ ଦିନ ମଧ୍ୟରେ 'ଉଚ୍ଚକୋଟିର ମନ୍ତବ୍ୟ ସଂଗ୍ରହ' ନିମନ୍ତେ ଯେଉଁସବୁ ବିଦ୍ୟାର ପ୍ରଚଳନ ହେଉଛି; ତା' ଉପରେ ସୁନ୍ଦର ପିଏଚ୍.ଡି ଥେସିସ୍ କରିହୁଅନ୍ତା। କେବେ ଏମ୍.ଏ ପାଠ ପଢ଼ାଇନଥିବା, ସେ ବିଷୟରେ ଧାଡ଼ିଏ ଲେଖିନଥିବା ଓ ଗାଇଡ୍ ହେବାର ସର୍ବନିମ୍ନ ଯୋଗ୍ୟତା ନଥିବା ଅଧ୍ୟାପକଙ୍କୁ ବାରମ୍ବାର ପରୀକ୍ଷକ କରାଇବାର ଉଦାହରଣ ଖୋଜିଲେ ଅତି ସହଜରେ ମିଳିଯିବେ। ଏ ଭଳି ଅଦୃଶ୍ୟ ଅଥଚ ଭୀଷଣ ସ୍ୱାର୍ଥସର୍ବସ୍ୱ 'ଗବେଷଣା ଚକ୍ର' ଯେ ପର୍ଯ୍ୟନ୍ତ ସକ୍ରିୟ ରହିବ, ସେ ଯାଏ ଗବେଷଣାର ଗୌରବ ଓ ଗୁଣାତ୍ମକ ମୂଲ୍ୟ କିପରି ବା ବୃଦ୍ଧି ପାଇବ? 'ଆପଣା ହସ୍ତେ ଜିହ୍ୱା ଛେଦି....।

**୭. ଓଡ଼ିଆ ଭାଷା ବିଜ୍ଞାନ ଗବେଷଣା ଓ ଅଧ୍ୟାପନା ଦିଗଟି ବର୍ତ୍ତମାନ ଦୁର୍ବଳ। ଏ ସମ୍ପର୍କରେ ଆପଣଙ୍କ କକ୍ଷଣ ମତ ରହିବ?**

ଉ : ଭାଷା ବିଜ୍ଞାନ ଆଜି ଛୋଟ ପରିସର ଭିତରେ ଆବଦ୍ଧ ହୋଇ ରହିନାହିଁ। ଭାଷା ବିଜ୍ଞାନର ପ୍ରତିଟି ମୁଖ୍ୟ ବିଭାଗ, ଯଥା-

ଧ୍ୱନି ବିଜ୍ଞାନ, ଧ୍ୱନିଗ୍ରାମ ବିଜ୍ଞାନ, ଶୈଳୀ ବିଜ୍ଞାନ, ଧ୍ୱନିତାତ୍ତ୍ୱିକ ପ୍ରାୟୋଗିକ ବିଜ୍ଞାନ, ଭାଷା ଓ ଧ୍ୱନିଭିତ୍ତିକ କୃତ୍ରିମ ବୁଦ୍ଧିମତ୍ତା ଓ ଏହାର ପ୍ରାୟୋଗିକ ଦିଗ, ବିଭିନ୍ନ ମାରାତ୍ମକ ରୋଗର ଚିକିତ୍ସାରେ ଧ୍ୱନିର ସୂକ୍ଷ୍ମତମ ଅତ୍ୟାଧୁନିକ ବ୍ୟବହାର ଇତ୍ୟାଦି। ଏ ସବୁ ଦିଗକୁ ଦେଖିଲେ 'ଶାସ୍ତ୍ରୀୟ ମାନ୍ୟତାରେ ସନ୍ତୁଷ୍ଟ' ଆମ ଓଡ଼ିଆ ଭାଷାର ଗବେଷଣା କେଉଁଠି; ତାହା ସମସ୍ତେ ବୁଝିପାରୁଥିବେ। ସଂପ୍ରତି ବିଶ୍ୱବିଦ୍ୟାଳୟମାନଙ୍କରେ 'ଶିକ୍ଷକ-ଜ୍ଞାନଭିତ୍ତିକ-ପାଠ୍ୟକ୍ରମ ପ୍ରସ୍ତୁତ ହେଉଛି। ଅର୍ଥାତ୍, ଆମକୁ ଯେଉଁ ପାଠ ପଢ଼ାଇବାରେ ପରିଶ୍ରମ କରିବାକୁ ପଡ଼ିବନି, ତାହା ସିଲାବସ୍‌ରେ ରଖାଯାଉଛି। ସିଲାବସ୍ ଯେ ଛାତ୍ରଛାତ୍ରୀଙ୍କ ପାଇଁ; ଏ କଥା ଆମେ ଭୁଲିଯାଉଛେ। ଭାଷା ବିଜ୍ଞାନ ତ କଷ୍ଟ ବିଷୟ। ସେଥିପାଇଁ ଶିକ୍ଷକର ଘୋର ଅଭାବ। ତେଣୁ ଭାଷା ଅଧ୍ୟୟନ ଯଥାସାଧ୍ୟ ସଂକ୍ଷିପ୍ତ କରି ବିଧିରକ୍ଷା କରୁଛେ। ଏ କଥା ଆଜିର ନୁହେଁ; ପ୍ରଫେସର୍ ଗୋଲକବିହାରୀ ଧଳଙ୍କର ଆକସ୍ମିକ ଦେହାନ୍ତ ପରେ ରେଭେନ୍‌ସାରୁ ୧୯୭୫-୭୬ରେ ଭାଷାବିଜ୍ଞାନ ବିଶେଷପତ୍ର ଉଠିଯାଇଥିଲା, ପଢ଼ାଇବା ପାଇଁ କେହି ନଥିଲେ। ମୁଁ ୧୯୭୮ରେ ବିଭାଗରେ ଯୋଗଦେବା ପରେ, ବହୁ ସଂଘର୍ଷକରି ଭାଷାତତ୍ତ୍ୱକୁ ପୁଣି ବିଶେଷପତ୍ର ଭାବେ ଅଧ୍ୟୟନ କରାଗଲା। ସେତେବେଳେ ପ୍ରଫେସର୍ ଜାନକୀବଲ୍ଲଭ ମହାନ୍ତି। ମୋ ସହ ସର୍ତ୍ତ ଥିଲା, ମୋତେ ଭାଷାତତ୍ତ୍ୱ ବିଶେଷପତ୍ରକୁ ଏକାକୀ ପଢ଼ାଇବାକୁ ପଡ଼ିବ। ସେୟା ହେଇଥିଲା। ସେବେଠୁ ଆଜିଯାଏ ଭାଷାତତ୍ତ୍ୱ ବିଶେଷପତ୍ର ଭାବେ ପଢ଼ାଯାଉଛି। କାଲିର ଛାତ୍ର ଆଜି ଭାଷାତତ୍ତ୍ୱର ଶିକ୍ଷକ। ନୂଆ ପିଲାଙ୍କୁ ଓଡ଼ିଆ ଭାଷାବିଜ୍ଞାନ ଉପରେ ଗବେଷଣା କରିବା ପାଇଁ ପ୍ରୋତ୍ସାହନ ଦେବା; ଆଧୁନିକ ଭାଷାବିଜ୍ଞାନର ବିଭିନ୍ନ ଅନାଲୋଚିତ ଦିଗ ଉପରେ କାମ କରିବାର ଗୁରୁତ୍ୱ ବୃଦ୍ଧି ପାଇଛି। ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ବାଦ୍ ଦେଲେ, ଅନ୍ୟାନ୍ୟ ବିଭିନ୍ନ ସରକାରୀ ଭାଷା-ଗବେଷଣା ଅନୁଷ୍ଠାନ ଅନୁରୂପ ଭାବେ ଏ ବିଷୟରେ ଚିନ୍ତା କରିବା ଆବଶ୍ୟକ।

**୮. ମୋତେ ଲାଗେ ଆଜି ପୂର୍ବପିଢି –ଉତ୍ତର ପିଢି ଭିତରେ ବର୍ତ୍ତମାନ ଏକ ବିରାଟ ଦୂରତା ? ଏ ପରିପ୍ରେକ୍ଷୀରେ ବର୍ତ୍ତମାନର ଯୁବପିଢି ଗବେଷଣା କ୍ଷେତ୍ରରେ ଉପଯୁକ୍ତ ମାର୍ଗଦର୍ଶନ ପାଇବା କଳ୍ପନା କରାଯାଇ ପାରେ। ଯାହାର ଅନେକ ନଜିର ଆମେ ଦେଖିବାକୁ ମଧ ପାଉଛେ। ଆପଣ ଏ କଥା ସହ  ଏକମତ ହେବେ କି? ଏହା ପଛର କାରଣ କ'ଣ ହୋଇପାରେ?**

ଉ : ଏ ପ୍ରଶ୍ନର ଉତ୍ତର ପୂର୍ବରୁ ଦେଇସାରିଛି।

**୯. ଜଣେ ବରିଷ୍ଠ ଆଲୋଚକ ଭାବେ ବର୍ତ୍ତମାନର ନୂଆ ପିଢିର ଆଲୋଚକମାନଙ୍କୁ ଆପଣ କ'ଣ ବାର୍ତ୍ତା ଦେବେ?**

ଉ : ନୂଆପିଢ଼ିର ଗବେଷକମାନଙ୍କ ଆଗରେ ପ୍ରଚୁର ସମ୍ଭାବନା ରହିଛି। ଉପଯୁକ୍ତ ଦିଗ୍‌ଦର୍ଶନ ପାଇଲେ, ଏମାନେ ଆମ ସମସ୍ତଙ୍କ ଅହଙ୍କାରକୁ ଅବିଳମ୍ବେ ମାଟିରେ ମିଶେଇଦେଇ ପାରିବେ। 'ଦିଗ୍‌ଦର୍ଶନ' ଆଉ କେବଳ ଶ୍ରେଣୀ/ବିଭାଗର ପ୍ରକୋଷ୍ଠ ଭିତରେ ସୀମାବଦ୍ଧ ନାହିଁ। ନିଜକୁ ଏଥିପାଇଁ ସଂଘର୍ଷ କରିବାକୁ ପଡ଼ିବ। ନୂତନ କିଛି କରି ଦେଖେଇବାର ଝୁଙ୍କ୍ ମନରେ ଆଣିଲେ, ଅସମ୍ଭବ ବୋଲି କିଛି ନାହିଁ।

**୧୦. ବାଗୀଶ ପାଇଁ ଆପଣଙ୍କ ଆଶୀର୍ବାଦ ଓ ଉପଦେଶ ସୂଚକ ଦୁଇଟି ବାକ୍ୟ?**

ଉ : 'ବାଗୀଶ' ଓଡ଼ିଆ ଭାଷା ସାହିତ୍ୟର ଗବେଷଣା ନିମନ୍ତେ ନିଜକୁ ଉତ୍ସର୍ଗ କଲେ ନିଶ୍ଚୟ ଦୀର୍ଘଜୀବୀ ହେବ। ଗବେଷଣା ଆଗ୍ରହୀ ଛାତ୍ରଛାତ୍ରୀଙ୍କ ପଥପ୍ରଦର୍ଶକ ହେବ।

ଉପସ୍ଥାପନା


- ମୁଖ୍ୟ ସଂପାଦକ, ବାଗୀଶ

●

## ଘୋ ଷ ଣା

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର । ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ ।
- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି । ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ । ଆମେ ଯଥାସାଧ୍ୟ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ ।
- ଲେଖକ/ଲେଖିକାମାନଙ୍କୁ ଅନୁରୋଧ - ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ । ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ ।

- ସଂପାଦକ




# ଏକାୟନ

## ପ୍ରକ୍ରିୟାନିଷ୍ଠ ସାହିତ୍ୟ-ବିଦ୍ୟା

ଲେଖକ : ଶୈଳଜ ରବି
ପ୍ରକାଶକ : ଗ୍ରନ୍ଥ ମନ୍ଦିର
ପ୍ରଥମ ପ୍ରକାଶ : ୨୦୨୩
ପୃଷ୍ଠା - ୩୨୪, ମୂଲ୍ୟ - ୩୮୫ ଟଙ୍କା

ଓଡ଼ିଆ ସାହିତ୍ୟ ଆଲୋଚନା ଓ ସର୍ଜନଶୀଳତା ଉଭୟ ଏକା କଥା ନୁହେଁ। ଅନୁରୂପଭାବେ ଜଣେବ୍ୟକ୍ତି ପାଇଁ ଏ ଦୁଇକୁ ସମତାଳରେ ଆୟତ୍ତ କରିବା ସେତେ ସହଜସାଧ ମଧ ନୁହେଁ। ଏଥିପାଇଁ କେତେଯେ ସାଧନା ଓ ଅଧ୍ୟୟନର ଆବଶ୍ୟକତା ସେକଥା ସେଇମାନେ ହିଁ ଜାଣନ୍ତି ଯେଉଁମାନେ ଏ ଉଭୟ କ୍ଷେତ୍ରରେ ନିଜର ସ୍ୱତନ୍ତ୍ରତାକୁ ପ୍ରକ୍ଷ୍ୟପିତ କରିଛନ୍ତି। ସେଇ ବ୍ୟକ୍ତିସତ୍ତାମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି କବି ଶୈଳଜ ରବି। ତାଙ୍କ ପରିଚୟ ଦେବାର ଧୃଷ୍ଟତା ମୁଁ କରିବି ନାହିଁ। ବରଂ ତାଙ୍କ ସମ୍ବନ୍ଧରେ ଡ. ଗୌରାଙ୍ଗ ଚରଣ ଦାଶଙ୍କ ଅଭିବ୍ୟକ୍ତି ପାଠକଙ୍କପାଇଁ ଉଲ୍ଲେଖ କରିବା ଯଥାର୍ଥ ମନେକଲି।

ଶୈଳଜ ରବି (କାର୍ତ୍ତିକ ପୂର୍ଣିମା, ୧୯୪୨) : ପ୍ରକୃତ ନାମ ରବୀନ୍ଦ୍ର ନାଥ ସାହୁ। ପିତା : ବିବାକର, ମାତା : ଶୈଳବାଳା। କବି, ପ୍ରାବନ୍ଧିକ ଓ ସାହିତ୍ୟ-ସମାଲୋଚକ। ଦୀର୍ଘ ପଚାଶ ବର୍ଷରୁ ଅଧିକ କାଳ ଧରି ଓଡ଼ିଶାର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପରିମଣ୍ଡଳରେ ଜଣେ କ୍ରାନ୍ତିକାରୀ ଅଭିଯାତ୍ରୀ। ବାଣୀବିହାରରେ ମାନବବିଦ୍ୟା (ନୃତତ୍ତ୍ୱ)ର ଛାତ୍ର ଥିବାବେଳେ ଅଧାରୁ ପାଠ ଛାଡ଼ି ବିନୋବା-ଜୟପ୍ରକାଶ ପ୍ରଦର୍ଶିତ ସର୍ବୋଦୟ ଆନ୍ଦୋଳନରେ ଯୋଗଦାନ ଏବଂ କର୍ମୀ ଭାବେ ଆନ୍ଦୋଳନରେ କିଛି .ମାସ ସମ୍ପୃକ୍ତି। ୧୯୭୫ ଜରୁରୀକାଳୀନ ପରିସ୍ଥିତି ସମୟରେ ଛଅ ମାସ ପାଇଁ ପ୍ରଥମେ ଡି.ଆଇ.ଆର୍ ଓ ପରେ 'ମିସା'ରେ କାରାବାସ। ବିଭିନ୍ନ ସମୟରେ ସାମ୍ପ୍ରଦାୟିକତା ବିରୋଧୀ, ମଦ ବିରୋଧୀ ଓ ନବ-ସାମ୍ରାଜ୍ୟବାଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ। ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀଙ୍କ କ୍ରାନ୍ତିକାରୀ ଜୀବନଚର୍ଯ୍ୟାର ଅନୁଗାମୀ ଏକ ବିଧୀନଚେତା ଓ ମୌଳିକ ଚିନ୍ତକ। ତାଙ୍କ ସାହିତ୍ୟ, ଜୀବନଚର୍ଯ୍ୟାର ଅଛନ୍ଦ୍ମ ଉଚ୍ଚାରଣ ।

ଗ୍ରନ୍ଥଗୁଡ଼ିକ ମଧ୍ୟରେ ରହିଛି – ' ମିଛୁଆ ଗାଈଆଳ ଟୋକା ମଲା ପୂର୍ବରୁ ଗାଇଥିବା ଗୀତ', 'ଶୈଳନ ରବି : ନିର୍ବାଚିତ କବିତା', 'ପାଠକ ନିର୍ବାଚିତ ଚାଳିଶଟି କବିତା', 'ପାଷାଣ୍ଡ ସତୀ' 'ଦାରୁ' (କବିତା ସଂକଳନ), 'ଧାର୍ମିକ ଅବୋଲକରା କାହାଣୀ' (ପୌଢ଼ଶିକ୍ଷା), 'ଏ ଷ୍ଟେଞ୍ଜୀ ବେଗର' (ଶିଶୁ ସାହିତ୍ୟ), 'ମାଳତୀ ଦେବୀ : ଚଉଦଟି ଚିତ୍ରପଟ ( ସମ୍ପାଦନା)। ଏତଦ୍‌ବ୍ୟତୀତ ସେ ଏନ୍.ବି.ଟି. ପାଇଁ ପାଞ୍ଚଖଣ୍ଡ ବହି ଅନୁବାଦ ସହିତ ଗତ ଶତାବ୍ଦୀର ୬ଷ୍ଠ ଦଶଳରେ, କଲେଜରେ ପଢୁଥିବାବେଳେ ବନ୍ଧୁ ମନୋରଞ୍ଜନ ମହାରିଙ୍କ ସହ ମିଶି 'ଯୁଗପ୍ରଭା', ୭ମ ଦଶକରେ ପ୍ରଫୁଲ୍ଲ ସେନାପତିଙ୍କ ସହ ବିଶ୍ୱ ଯୁବ ଆନ୍ଦୋଳନ ସମ୍ପର୍କରେ 'ସବୁଜ ବିପ୍ଲବ' ଏବଂ ୮ମ ଦଶକରେ 'ପ୍ୟାରେଣ୍ଟସ୍ ଆଶ୍ର ପେଡ଼ାଗସ' ପରି କିଶୋରଙ୍କ ଶିକ୍ଷାମୂଳକ ଇଂରାଜୀ ପତ୍ରିକା ସମ୍ପାଦନା କରିଛନ୍ତି। ଜଣେ ଚିତ୍ରଶିଳ୍ପୀ ଏବଂ ସାହିତ୍ୟ ସଂଗଠକ। ଓଡ଼ିଆ ଗବେଷଣା ପରିଷଦ ଓ ତାହାର ମୁଖପତ୍ର 'ଏଷଣା ସହ

ସେ ବହୁବର୍ଷ ଧରି ସକ୍ରିୟ ଭାବେ ସମ୍ପୃକ୍ତ। ଏତଦ୍‌ବ୍ୟତୀତ, ବିଂଶାଧିକ ସାହିତ୍ୟ ଓ ସଂସ୍କୃତି ସଂକ୍ରାନ୍ତ ଗବେଷଣା ନିବନ୍ଧ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ।

ଶୈଳଳଙ୍କ କବିତାସକଳ ରାଜନୀତିକ ଓ ସାମାଜିକ ସ୍ଥାଣୁତା ବିରୋଧରେ ପ୍ରତିବାଦ, ଆଧ୍ୟାତ୍ମିକତା ଓ ମାନବବାଦର କଳାତ୍ମକ ସମବାୟ। ପ୍ରକାଶଭଙ୍ଗୀ ଶ୍ଳେଷାତ୍ମକ, ଶବ୍ଦଗୁଂଫନ ଶୈଳୀ ମାର୍ଗୀ, ଦେଶୀ ଓ ବୈଦେଶିକୀର ଭାବସାନ୍ଦ୍ର ଗୁଂଫନ। ସେ ଯେପରି ମିଛୁଆ ଗାଈଆଳ ଟୋକା ଭିତରେ ବଞ୍ଚୁଥିବା ଜଣେ ଅନାସକ୍ତ ଋଷି। ପୁନଶ୍ଚ ସେ ବହୁପାଠୀ ଓ ଚହୁବିଦ୍ୟାବିତ୍। ବିଶେଷତଃ, ବହୁବିଦ୍ୟାର ତତ୍ତ୍ୱଅବଗାହୀ। ତାଙ୍କ ପ୍ରବନ୍ଧଗୁଡ଼ିକ ଏହାର ଉଦାହରଣ। ମାତ୍ର ତାଙ୍କର ବିଶେଷତ୍ୱ, ସେ ତତ୍ତ୍ୱର ବ୍ୟାଖ୍ୟା କାଳରେ ପ୍ରୟୋଗାତ୍ମକ ଦିଗ ଉପରେ ପ୍ରାଧାନ୍ୟ ଦେଇଥାନ୍ତି। ନିଜ ବିଚାରର ମଧ୍ୟ ପ୍ରତିଷ୍ଠାପ୍ରୟାସୀ ହୋଇଥାନ୍ତି। ଫଳତଃ ଓଡ଼ିଆ ପାଠକ, ପ୍ରବନ୍ଧର ତନ୍ତ୍ର ଭିତରେ ନିଜର ଜ୍ଞାନସ୍ଥିତିକୁ ବୁଝି ପାରେ। ଜଟିଳବିଦ୍ୟା ସହଜ ହୋଇଥାଏ। ତାଙ୍କୁ ଓଡ଼ିଶାର ସହଜା ଓ ଉପାଦ୍ୟା ପ୍ରତିଭାର ଏକ ସମୀକରଣ କୁହାଯିବା ସମୀଚିନ। (ସାହିତ୍ୟକୋଷ)

ବର୍ତ୍ତମାନ ଆସିବା ପୁସ୍ତକ ପାଖକୁ। ମୁଁ ଆଗରୁ କହି ରଖେ ଯେ ପୁସ୍ତକଟି ସମ୍ବନ୍ଧରେ ସବିଶେଷ ଆଲୋଚନା କିମ୍ବା ସମାଲୋଚନା କରିବାର ପରିସର ଏ ନୁହେଁ। ଅବଶ୍ୟ ସେ ଶକ୍ତି ବି ମୋର ନାହିଁ। କେବଳ ଜଣେ ମୁଗ୍ଧପାଠକ ଭାବେ ପୁସ୍ତକଟି ସମ୍ବନ୍ଧରେ ପାଠକମାନଙ୍କ ଦୃଷ୍ଟିଆକର୍ଷଣ ହିଁ ମୋର ଲକ୍ଷ୍ୟ। ଓଡ଼ିଆ ସାହିତ୍ୟରେ ଭାରତୀୟ ଦର୍ଶନ ଓ ପାଶ୍ଚାତ୍ୟ ଦର୍ଶନକୁ ନେଇ ହାତଗଣତି ଗ୍ରନ୍ଥ ଲେଖାଯାଇଛି। ଆଉ ସେଇ ସବୁ ମଧ୍ୟରେ ଏକ ଉପାଦେୟ ଓ ଶିକ୍ଷଣୀୟ ଗ୍ରନ୍ଥ ଭାବେ ଏକାୟନର ସ୍ଥାନ ସ୍ୱତନ୍ତ୍ର। ଯଦି ଏହାର ବିଷୟ ବିନ୍ୟାସ କଥା ବିଚାର କରାଯାଏ ତେବେ ଲେଖକ ଏହାକୁ ସମୁଦାୟ ଦୁଇଟି ଭାଗରେ ବିଭକ୍ତ କରିଛନ୍ତି। ଯାହାର ସୂଚନା ପ୍ରସ୍ତାବନାରେ ଉଲ୍ଲେଖ କରାଯାଇଛି। ଯାହା ଏହିପରି - ଏ ପ୍ରବନ୍ଧ ସଂକଳନଟି ଦୁଇଭାଗରେ ବିଭକ୍ତ। ପ୍ରଥମ ଭାଗରେ ରହିଛି କଳା- ସାହିତ୍ୟ ସଂପର୍କରେ କିଛି ତାତ୍ତ୍ୱିକ ଆଲୋଚନା ଓ ଦ୍ୱିତୀୟ ଭାଗରେ ରହିଛି କେତେକ ଆଧୁନିକ ମୁର୍ଦ୍ଧନ୍ୟ କବି-କଥାକାର-ପ୍ରାବନ୍ଧିକଙ୍କ ସାହିତ୍ୟର ଆଲୋଚନା। ସନ୍ନିବିଷ୍ଟ ପ୍ରବନ୍ଧଗୁଡ଼ିକୁ ଗୋଟିଏ ମାଳରେ ଗୁନ୍ଥି ରଖୁଥିବା ସୂତ୍ରଟି ହେଲା, ସର୍ଜନ ପ୍ରକ୍ରିୟାର ଅଧ୍ୟୟନ ଏବଂ ବିଶ୍ଳେଷଣ ତଥା ସଂଶ୍ଳେଷଣ ମାଧ୍ୟମରେ ଏକାୟନ।" ବାସ୍ତବରେ ସାହିତ୍ୟ ବିଦ୍ୟାର ଏକ ତତ୍ତ୍ୱିକ ଆଲୋଚନା ଏକାୟନକୁ ସ୍ୱତନ୍ତ୍ର କରେ। ଗ୍ରନ୍ଥଟିର ଉପୋଦଘାତ ପଢି ଯେକେହି ପାଠକ ଏହା ହୃଦବୋଧ କରି ପାରିବ। ଲେଖକଙ୍କ ପ୍ରକାଶଭଙ୍ଗୀ ଓ ବିଷୟକ ଦୃଷ୍ଟାନ୍ତ ପାଠକର ଅବବୋଧକୁ ଆହୁରି ସ୍ପଷ୍ଟ ଓ ବୋଧଗମ୍ୟ କରିଥାଏ। ଯଦି ବିଷୟସୂଚୀ କଥା କୁହାଯାଏ - ପ୍ରଥମ ଭାଗରେ - କବିତ୍ୱର ବ୍ରହ୍ମପିଣ୍ଡ : କବିତାର ଆତ୍ମିକ, କଳା ଦୃଷ୍ଟି : ବାସ୍ତବ, ବିମୂର୍ତ୍ତ, ବିଭଙ୍ଗ, ଚିତ୍ର-କବିତ୍ୱ : ଦୃଶ୍ୟଭାଷା ଓ ଲିଖିତ ଭାଷାର କବି, ଆସୁଛି ମାନେ ଯାଉଛି: ସ୍ୱବିରୋଧର ଦର୍ଶନ ଓ ନନ୍ଦନତତ୍ତ୍ୱ, କଳା ଓ ସାହିତ୍ୟରେ ପ୍ରତିରୂପ ଭୂମିର ଭୂମିକା, ଅତିବାସ୍ତବବାଦ: ଭଣ୍ଡାମି ଓ ଭାଣ୍ଡାମି, 'ଲୋକ ସାହିତ୍ୟ'ର ପାରଂପରିକ ସଂଜ୍ଞା ଲୋକ-ବିରୋଧୀ କି? ଧନୁଯାତ୍ରାର 'ଅଦେଖା ଭୂଇଁ'। ସେହିପରି ଦ୍ୱିତୀୟ ଭାଗରେ - ଫକୀରମୋହନ: "ଐତିହାସିକ ମହାନତା" ଅଥବା ଆଙ୍ଗିକଗତ ଅନନ୍ୟତା?, 'କବିତା ଦେବୀ' ଓ କର୍ମୀ-କବି ଗୋପବନ୍ଧୁ ଓଡ଼ିଶାରେ ପ୍ରଗତିଶୀଳ ଭାବଧାରାର ପତିକାବାହୀ: ଭଗବତୀ ଚରଣ ପାଣିଗ୍ରାହୀ, ଦଶାର୍ଣ୍ଣରୁ ମେଲ୍‌ବୋର୍ଣ୍ଣ : କବି ସଚ୍ଚିରାଉତରାୟ ଏବଂ ଓଡ଼ିଆ ଆଧୁନିକତାବାଦ, ଚିତ୍ତ-ରଞ୍ଜନ ବନାମ ଚିତ୍ତ-ବିସ୍ତାର : ଚିତ୍ତରଞ୍ଜନୀୟ ନନ୍ଦନତତ୍ତ୍ୱ, ଆଲୋଚକ ଅନନ୍ତ – ଅନନ୍ତ ଅନ୍ୱେଷଣ : ସାହିତ୍ୟରେ, ଜୀବନରେ ଆଦି ବହୁ ତାତ୍ତ୍ୱିକ ସିଦ୍ଧାନ୍ତର ଆଲୋଚନାରେ ପରିପୁଷ୍ଟ ଏକାୟନ। ମୋର ବିଶ୍ୱାସ ପାଠକ ପାଇଁ ଏହା ନିଶ୍ଚୟ ଉପାଦେୟ ଓ ସୁଖପାଠ୍ୟ ହେବ ।

---

ଉପସ୍ଥାପନା

- ମୁଖ୍ୟ ସଂପାଦକ, ବାଗୀଶ

●





ନିକଟରେ ପ୍ରକାଶିତ ରିତମ୍ ମିଶ୍ରଙ୍କ ଚତୁର୍ଥ ସମାଲୋଚନା ପୁସ୍ତକ

**ଓଡ଼ିଆ ଭ୍ରମଣ ସାହିତ୍ୟ : ଏକ ଅଧ୍ୟୟନ**

ପ୍ରକାଶକ : ବିଜୟିନୀ ପବ୍ଲିକେଶନ୍ସ

ଆଗ୍ରହୀ ପାଠକ-ପାଠିକା ପୁସ୍ତକଟି ସଂଗ୍ରହ କରିପାରିବେ ।

BAGEESHA | VOLUME N0. 02 | ISSUE N0. 02 | MARCH - APRIL 2024




B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU | RS: 100/-